# ଉତ୍କଳ ପ୍ରସଙ୍ଗ

ଅଗଷ୍ଟ, ୧୯୭୭



# ଉତ୍କଳ ପ୍ରସଙ୍ଗ

୧୯୬୭ ଅଗଷ୍ଟ : ଶ୍ରାବଣ
୧୮୮୯ ଶକାବ୍ଦ
୨୪ ଭାଗ : ପ୍ରଥମ ସଂଖ୍ୟା

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟ ସମ୍ବନ୍ଧ ବିଷୟରେ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇ-ଥାଏ । ଏହା ବ୍ୟତୀତ ଅନେକ ବିଷୟ ସମ୍ବନ୍ଧ ଆଲୋଚନା ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରା-ଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁ-ମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ୍ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକ ସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଅଭିପ୍ରାୟ ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

ମୁଖ୍ୟ ସମ୍ପାଦକ:
ଶ୍ରୀ ଅଉଧ ନାରାୟଣ ଭଣ୍ଡାରୀ
ଆଇ. ଏ. ଏସ୍.

ସମ୍ପାଦକ:
ମହାପାତ୍ର ନୀଳମଣି ସାହୁ

ସହକାରୀ ସମ୍ପାଦକ:
କବିରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ:
ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେବର୍ତ୍ତା

ପ୍ରଚ୍ଛଦପଟ:
ଶ୍ରୀ ଅସିତ ମୁଖାର୍ଜୀ

ଅଙ୍ଗ ସଜ୍ଜା:
ଶ୍ରୀରାମଚନ୍ଦ୍ର ରାଉତ

ମୁଦ୍ରଣ:
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ—ଟ ୧୦·୦୦ ପ୍ରତିଖଣ୍ଡ—ଟ୧·୦୦

## ସୂଚୀପତ୍ର

ଆସନ୍ତାମାସରେ :

ସ୍ୱାଧୀନତାର ନୂତନ ସ୍ୱାଦ ଓ ନୂତନ ଦାୟିତ୍ୱ .. ୧
ଭାରତର ସ୍ୱାଧୀନତା ଦିବସରେ ଶ୍ରୀ ଅରବିନ୍ଦଙ୍କ ବାର୍ତ୍ତା .. ୪
ଜାତିର ପିତା ଗାନ୍ଧିଜୀଙ୍କ 'ଭାରତ' .. ୭
ନୂତନ ଭାରତର ଭୂମିକାରେ ସ୍ୱାମୀ ବିବେକାନନ୍ଦ .. ୧୦
ଉତ୍କଳମଣି ଗୋପବନ୍ଧୁଙ୍କ ସ୍ୱାଧୀନ ଭାରତ ସ୍ୱପ୍ନ .. ୧୪
ବନ୍ଦେ ମାତରମ୍ ସ୍ମରଣେ .. ୧୬
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଦିଗରେ ନୂତନ ଦୃଷ୍ଟିକୋଣ ୧୮
ଆଦିବାସୀ ଅଞ୍ଚଳ ପାଇଁ କୃଷି ଉନ୍ନୟନ ଯୋଜନା .. ୨୨
ଅମର ସହିଦ ବାଘାଯତୀନ୍ .. ୨୮
ଜାତୀୟ ସେବାସଂସ୍ଥା ଓ ଯୁବଶକ୍ତି .. ୩୧
ପ୍ରଗତିର ନୂତନ ରୂପରେଖ .. ୩୫
ମଣିଷହିଁ ସବୁଠୁଁ ବଡ଼ .. ୩୭
ବନ୍ଦୀର ଅନୁତାପ .. ୩୯
ଗାଁଟିର ନାଁ ରୂପଦେଈ ପୁର .. ୪୦
ଉତ୍କଳ ଗୌରବ ମଧୁସୂଦନ .. ୪୪
ନିପାରିଲା ଅନୁଭୂତିରୁ ରକ୍ଷା ପାଇବାର ଉପାୟ .. ୪୮
ଉତ୍ପାଦନ .. ୫୨
ଗାଁ ଗହଳରେ ପୁଷ୍ଟିସାର ଖାଦ୍ୟ ଯୋଗାଣ .. ୫୩
ଗାଁ ଗହଳ ପାଇଁ ସ୍ୱଳ୍ପ ସଞ୍ଚୟ .. ୫୬
ଜିଲ୍ଲା ସ୍ତରୀୟ ଶିକ୍ଷା ରିପୋର୍ଟ ପ୍ରଭୃତି .. ୫୯

ବେକାର ସମସ୍ୟାର ସମାଧାନ ପାଇଁ ଯୋଜନାର ପୁନର୍ବିନ୍ୟାସ .. ୬୭
କମ୍ପାନୀ ଶାସନ ଯେବେ ଦେଶରୁ ଅବସାନ .. ୭୦
ଏ ଉକ୍ତିଟି .. ୭୭
ଓଡ଼ିଶା ବିଧାନ ସଭାରେ ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ଦ୍ୱାରା ଅଭିଭାଷଣ .. ୭୯
ସାକ୍ଷାତକାର .. ୮୩
ଘଟଣା ପ୍ରବାହ .. ୮୯


## ନବନିର୍ବାଚିତ ରାଷ୍ଟ୍ରପତି

# ଶ୍ରୀ ଏନ୍. ସଞ୍ଜୀବ ରେଡ୍ଡି

( ସଂକ୍ଷିପ୍ତ ଜୀବନୀ )

ଭାରତର ଷଷ୍ଠ ରାଷ୍ଟ୍ରପତି ରୂପେ ନିର୍ବାଚିତ ଶ୍ରୀ ନୀଲମ ସଞ୍ଜୀବ ରେଡ୍ଡି ଜଣେ ଅଭିଜ୍ଞ ଯୋଦ୍ଧା, ରାଜନୀତିଜ୍ଞ ଓ ପ୍ରଶାସକ । ସ୍ୱାଧୀନତା ପୂର୍ବରୁ ଓ ପରେ ସାଧାରଣ ଜୀବନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ ରହିଥିଲେ । ଆନ୍ଧ୍ର ପ୍ରଦେଶର ଅନନ୍ତପୁର ଜିଲ୍ଲାର ଇଲୁରୁ ଗ୍ରାମରେ ୧୯୧୩ ମସିହା ମଇ ୧୯ ତାରିଖରେ ଶ୍ରୀ ରେଡ୍ଡି ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ମାନ୍ଦ୍ରାଜର ଅଡ଼ିୟାରଠାରେ ଥିଓସୋଫିକାଲ ଉଚ୍ଚ ବିଦ୍ୟାଳୟରେ ତାଙ୍କର ପ୍ରାଥମିକ ସ୍କୁଲ ଶିକ୍ଷା ସମାପ୍ତ ପରେ ସେ ଅନନ୍ତପୁର କଳା ମହାବିଦ୍ୟାଳୟରେ ଯୋଗ ଦେଇଥିଲେ ।

ଅଠର ବର୍ଷର ଯୁବକ ଶ୍ରୀ ସଞ୍ଜୀବ ରେଡ୍ଡି ୧୯୩୧ ମସିହାରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାକୁ ତାଙ୍କ ପାଠପଢ଼ାରେ ଡୋରି ବାନ୍ଧି ଦେଇଥିଲେ । ଛାତ୍ରାବସ୍ଥାରୁ ସେ ବିଭିନ୍ନ ଯୁବ ସଂଗଠନ ଓ ଜାତୀୟତାବାଦୀ କାର୍ଯ୍ୟକଳାପରେ ଜଡ଼ିତ ହେବା ଲକ୍ଷ୍ୟ କରାଯାଇଥିଲା । ପ୍ରକୃତରେ ସେ ପ୍ରଥମେ ଏକ ଛାତ୍ର ଆନ୍ଦୋଳନରେ ଅଂଶ ଗ୍ରହଣକରି ଲୋକଲୋଚନକୁ ଆସିଥିଲେ ।



ନବନିର୍ବାଚିତ ରାଷ୍ଟ୍ରପତି ଶ୍ରୀ ଏନ୍. ସଞ୍ଜୀବ ରେଡ୍ଡିଙ୍କ ଶପଥ ଗ୍ରହଣ

ମାତ୍ର ୨୫ ବର୍ଷ ବୟସରେ ସେ ଆନ୍ଧ୍ର ପ୍ରଦେଶ ରାଜ୍ୟ କଂଗ୍ରେସ କମିଟିର ସେକ୍ରେଟାରୀ ରୂପେ ନିର୍ବାଚିତ ହୋଇ ଦୀର୍ଘ ୧୦ ବର୍ଷ ଧରି ସେହି ପଦରେ ରହିଥିଲେ । ୧୯୪୦ ରୁ ୧୯୪୫ ମସିହା ଏହି ପାଞ୍ଚବର୍ଷ ମଧ୍ୟରେ ସେ ବହୁସମୟ ଜେଲରେ ବନ୍ଦୀ ଅବସ୍ଥାରେ କଟାଇଥିଲେ । ୧୯୪୨ ମସିହା ମାର୍ଚ୍ଚ ମାସରେ ଜେଲରୁ ଖଲାସ ହେବାର ଅଳ୍ପଦିନ ପରେ ଅର୍ଥାତ୍ ସେହିବର୍ଷ ଅଗଷ୍ଟ ମାସରେ ତାଙ୍କୁ ପୁଣି ଥରେ ଗିରଫ କରାଯାଇ ଅମ୍ରାଓତି ଜେଲକୁ ନିଆଯାଇଥିଲା । ଏହି ଜେଲରେ ସେ ୧୯୪୫ ମସିହା ପର୍ଯ୍ୟନ୍ତ ଶ୍ରୀ ପ୍ରକାଶମ, ଶ୍ରୀ ସତ୍ୟମୂର୍ତ୍ତି, ଶ୍ରୀ କାମରାଜ, ଶ୍ରୀ ଗିରି ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ବନ୍ଦୀ ହୋଇଥିଲେ ।

୧୯୪୬ ରେ ସେ ମାନ୍ଦ୍ରାଜ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇ ତତ୍ପରବର୍ତ୍ତୀ ମାନ୍ଦ୍ରାଜ କଂଗ୍ରେସ ବିଧାନସଭା ଦଳର ସେକ୍ରେଟାରୀ ନିର୍ବାଚିତ ହୋଇଥିଲେ ଏବଂ ଭାରତୀୟ ବିଧାୟକ ସଭାର ସଦସ୍ୟ ହେଲେ । ୧୯୪୯ ଅପ୍ରେଲରୁ ୧୯୫୧ ଏପ୍ରେଲ ପର୍ଯ୍ୟନ୍ତ ସେ ତତ୍କାଳୀନ ସଂଯୁକ୍ତ ମାନ୍ଦ୍ରାଜ

ସ୍ୱତ୍ୱର ନିଶାନିବାରଣ, ଗୃହନିର୍ମାଣ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଥିଲେ । ୧୯୫୧ ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଆନ୍ଧ୍ରପ୍ରଦେଶ କଂଗ୍ରେସ କମିଟି ସଭାପତି ପଦଲାଗି ପ୍ରତିଦ୍ୱନ୍ଦିତା କରି ସେଥିରେ ନିଯୁକ୍ତ ହୋଇଥିଲେ । ଏହି ସମୟରେ ଶ୍ରୀ ରେଡ୍ଡିଙ୍କର ପାଞ୍ଚବର୍ଷର ପୁତ୍ର ଏକ ମୋଟର ଦୁର୍ଘଟଣାରେ ପ୍ରାଣ ହରାଇବାରୁ ତାଙ୍କୁ ଦାରୁଣ ଶୋକ ଭୋଗକରିବାକୁ ପଡ଼ିଥିଲା । ଏଥିରେ ସେ ଏଭଳି ଗଭୀର ଆଘାତ ପାଇଥିଲେ ଯେ ସେ ଆନ୍ଧ୍ରପ୍ରଦେଶ କଂଗ୍ରେସ କମିଟି ସଭାପତି ପଦରୁ ଇସ୍ତଫା ଦେଇଥିଲେ । କିନ୍ତୁ ପରେ ତାଙ୍କୁ ଏହି ଇସ୍ତଫାପତ୍ର ପ୍ରତ୍ୟାହାର କରିନେବାଲାଗି ବାଧ୍ୟ କରାଯାଇଥିଲା ।

୧୯୫୨ ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୩ ମସିହାରେ କଂଗ୍ରେସ ବିଧାନସଭା ଦଳର ନେତା ଭାବେ ମଧ୍ୟ ତାଙ୍କୁ ଶ୍ରୀ ଟି. ପ୍ରକାଶମଙ୍କ ମନ୍ତ୍ରୀମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା । ୧୯୫୫ ମସିହାରେ ପୁଣିଥରେ ବିଧାନସଭାକୁ ନିର୍ବାଚିତ ହୋଇ ଶ୍ରୀ ବି. ଗୋପାଳ ରେଡ୍ଡିଙ୍କ ମନ୍ତ୍ରୀମଣ୍ଡଳର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ।

୧୯୫୬ ରେ ରାଜ୍ୟ ପୁନର୍ଗଠନ ନୀତି ଅନୁସୃତ ହେବାଦ୍ୱାରା ନୂତନ ଭାବେ ଗଠିତ ହୋଇଥିବା ଆନ୍ଧ୍ରପ୍ରଦେଶ ରାଜ୍ୟର ସେ ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୫୯ ରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତୀୟ କଂଗ୍ରେସ ଦଳର ସଭାପତି ପଦରେ ଅଧିଷ୍ଠିତ ହୋଇଥିଲେ । ୧୯୬୨ ରେ ତାଙ୍କର ସଭାପତି କାର୍ଯ୍ୟକାଳ ପୂରିଯିବାରୁ ସେ ପୁଣିଥରେ ସେହିବର୍ଷ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ । କିନ୍ତୁ ସେ ସାଧାରଣ ଜୀବନରେ ଏକ ଉଚ୍ଚମାନ ବିଶିଷ୍ଟ ନେତୃତ୍ୱ ପ୍ରତିଷ୍ଠା ଲାଗି ସେ ସ୍ୱେଚ୍ଛାକୃତ ଭାବେ ୧୯୬୪ ରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦେଇଥିଲେ । ତଥାପି ତାଙ୍କୁ ପୁଣିଥରେ କଂଗ୍ରେସ ବିଧାୟକ ଦଳର ନେତା ରୂପେ ନିର୍ବାଚିତ କରାଗଲା । କିନ୍ତୁ ନୂତନ ମନ୍ତ୍ରୀମଣ୍ଡଳ ଗଠନ ଲାଗି ସେ ତାଙ୍କର ଅନ୍ୟତମ ସହକର୍ମୀ ଶ୍ରୀ ବ୍ରହ୍ମାନନ୍ଦ ରେଡ୍ଡିଙ୍କୁ ନିମନ୍ତ୍ରଣ କରିବା ଲାଗି ରାଜ୍ୟପାଳଙ୍କୁ ସୁପାରିଶ କରିଥିଲେ ।

୧୯୬୪ ଜୁନ ୯ ତାରିଖ ଦିନ ଶ୍ରୀ ରେଡ୍ଡି କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଭାବେ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ମନ୍ତ୍ରୀ ମଣ୍ଡଳରେ ଯୋଗ ଦେଇଥିଲେ । ସେହି ବର୍ଷ ନଭେମ୍ବର ମାସରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୬ ଜାନୁଆରୀରୁ ୧୯୬୭ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ପରିବହନ, ବୈସାମରିକ ଜାହାଜ ଚଳାଚଳ ଓ ପର୍ଯ୍ୟଟନ ମନ୍ତ୍ରୀ ଭାବେ ଦାୟିତ୍ୱ ବହନ କରିଥିଲେ । ୧୯୬୭ ସାଧାରଣ ନିର୍ବାଚନରେ ସେ ଆନ୍ଧ୍ରପ୍ରଦେଶ ହିନ୍ଦୁପୁର ନିର୍ବାଚନମଣ୍ଡଳୀରୁ ପୁନଃ ନିର୍ବାଚିତ ହୋଇଥିଲେ । ସେହି ବର୍ଷ ମାର୍ଚ୍ଚ ୧୭ ତାରିଖ ଦିନ ଲୋକସଭା ବାଚସ୍ପତି ଭାବେ ନିର୍ବାଚିତ ହୋଇ ସେ ଅଭୂତପୂର୍ବ ଖ୍ୟାତି ଅର୍ଜନ କରିଥିଲେ । ୧୯୬୯ ରାଷ୍ଟ୍ରପତି ନିର୍ବାଚନ ଲାଗି କଂଗ୍ରେସ ମନୋନୀତ ପ୍ରାର୍ଥୀଭାବେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ଲାଗି ମନୋନୟନ ପତ୍ର ଦାଖଲ କରିବାରୁ ଶ୍ରୀ ରେଡ୍ଡି ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ନିମନ୍ତେ ସେହିବର୍ଷ ଜୁଲାଇ ୧୯ ତାରିଖ ଦିନ ବାଚସ୍ପତି ପଦରୁ ଇସ୍ତଫା ଦେଲେ । କିନ୍ତୁ ଏହି ପରିପ୍ରେକ୍ଷୀରେ ତା ପରେ ଯାହା ସବୁ ଘଟିଲା ତାହା ପ୍ରାୟ ସମସ୍ତେ ଜାଣନ୍ତି ।

୧୯୬୯ରୁ ୧୯୭୫ ପର୍ଯ୍ୟନ୍ତ ଶ୍ରୀ ରେଡ୍ଡି ତାଙ୍କର ପ୍ରିୟତମ କୃଷି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । କିନ୍ତୁ ୧୯୭୫ ମଇ ପହିଲା ଦିନ ସେ ପୁଣି ଥରେ ସକ୍ରିୟ ରାଜନୀତିରେ ପ୍ରବେଶ କରି ଶ୍ରୀ ଜୟପ୍ରକାଶ ନାରାୟଣଙ୍କ ସହିତ ହାଇଦ୍ରାବାଦଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । ଗତ ମାର୍ଚ୍ଚ ମାସ ଲୋକସଭା ନିର୍ବାଚନରେ ଜନତା ଦଳ ପ୍ରାର୍ଥୀଭାବେ ସେ ଆନ୍ଧ୍ର ପ୍ରଦେଶର ନନ୍ଦିଆଲ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ସମଗ୍ର ଆନ୍ଧ୍ର ପ୍ରଦେଶରୁ ସେ ଏକମାତ୍ର ଅଣକଂଗ୍ରେସ ଲୋକସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ ।

୧୯୭୭ ମାର୍ଚ୍ଚ ୨୬ ତାରିଖ ଦିନ ସେ ସର୍ବସମ୍ମତିକ୍ରମେ ଲୋକସଭାର ବାଚସ୍ପତି ନିର୍ବାଚିତ ହୋଇଥିଲେ । ରାଷ୍ଟ୍ରପତି ପଦଲାଗି ମନୋନୟନ ପତ୍ର ଦାଖଲ କରିବାପାଇଁ ଶ୍ରୀ ରେଡ୍ଡି ଜୁଲାଇ ୧୩ ତାରିଖ ଦିନ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ । ସବୁ ଦଳର ସର୍ବ ସମ୍ମତ ସମର୍ଥନ ଦିଆଯାଇ ତାଙ୍କୁ ରାଷ୍ଟ୍ରପତି ପଦଲାଗି ଠିଆ କରାଯାଇଛି । ଏଭଳି ଅଭୂତପୂର୍ବ ଘଟଣା ଦେଶର ନିକଟ ଅତୀତ ରାଜନୈତିକ ଇତିହାସରେ ବିରଳ । ଜୁଲାଇ ୨୧ ତାରିଖ ଦିନ ତାଙ୍କୁ ଅପ୍ରତିଦ୍ୱନ୍ଦୀ ରାଷ୍ଟ୍ରପତି ନିର୍ବାଚିତ ବୋଲି ଘୋଷଣା କରାଯାଇଛି ।

ଶ୍ରୀ ସଂଜୀବ ରେଡ୍ଡି ଶ୍ରୀମତୀ ନାଗରତ୍ନାମାଂକୁ ବିବାହ କରିଛନ୍ତି ଓ ତାଙ୍କର ଗୋଟିଏ ପୁତ୍ର ଓ ତିନୋଟି କନ୍ୟା ଅଛନ୍ତି । ଶ୍ରୀ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟ ତାଂକୁ ସମ୍ମାନସୂଚକ ଡକ୍ଟର-ଅଫ୍-ଲ ଉପାଧି ପ୍ରଦାନ କରିଛନ୍ତି ।

## ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର୍‌ଙ୍କ ବାଣୀ ।



"ଆମ ଦେଶ ସ୍ୱାଧୀନତା ହାସଲ କରିବାର ତିରିଶ ବର୍ଷ ଅତିବାହିତ ହୋଇଯାଇଛି ଏବଂ ୧୯୭୭ ଅଗଷ୍ଟ ୧୫ ତାରିଖରେ ଆମେ ଆମ ସ୍ୱାଧୀନତାର ତ୍ରିଂଶତିତମ ବାର୍ଷିକୀ ପାଳନକରିବାକୁ ଯାଉଛୁ । ବିଗତ ତିନି ଦଶନ୍ଧି ଭଳି ଆଜିର ଏହି ଦିବସରେ ଆମର ଜାତିର ଜନକ ଓ ତାଙ୍କର ବହୁ ଅନୁରକ୍ତ ଅନୁଗାମୀଙ୍କ ମହତ୍ ତଥା ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ହଜାର ହଜାର ଜାତୀୟ ଦେଶପ୍ରେମୀଙ୍କ ତ୍ୟାଗ, ଯାହାକି ଆମ ଦେଶର ସ୍ୱାଧୀନତା ଆଣିବା ଦିଗରେ ସହାୟକ ହୋଇଥିଲା, ସେହିମାନଙ୍କ ପବିତ୍ର ସ୍ମୃତି ପ୍ରତ୍ୟେକ ନାଗରିକ ମନରେ ସ୍ୱତଃ ଜାଗ୍ରତ ହୋଇଥାଏ । ତେଣୁ, ଆଜିର ଏହି ପବିତ୍ର ଦିବସରେ ଆମେ ସମସ୍ତେ ପୁଣି ନିଜକୁ ଉତ୍ସର୍ଗ କରି ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ମହାନ୍ ଆଦର୍ଶକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରତି ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ।

"ସମାଜର କଲ୍ୟାଣ ଦିଗରେ କାର୍ଯ୍ୟକାରୀ ହେଲେହିଁ ସ୍ୱାଧୀନତା ଅର୍ଥପୂର୍ଣ୍ଣ ହୋଇଥାଏ । ଏ ଦିଗରେ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ହେବ । ତେଣୁ, ସମାଜ କଲ୍ୟାଣ କାର୍ଯ୍ୟକ୍ରମ ବିଶେଷତଃ, ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ଅଥବା ସ୍ୱଳ୍ପ ଆୟ ସଂପନ୍ନ ଶ୍ରେଣୀଙ୍କ କଲ୍ୟାଣ ପାଇଁ ଲକ୍ଷ୍ୟ ରଖି, ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ଆମ ଉପରେ ଯେଉଁ ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ତା'କୁ ତୁଲାଇବା ସକାଶେ ଆମେ ବଦ୍ଧପରିକର ହେବା ଆବଶ୍ୟକ ।

"ପ୍ରାକୃତିକ ସଂପଦ ଯଥା:—ଖଣିଜଦ୍ରବ୍ୟ, ନଦନଦୀ, ଜଙ୍ଗଲ, ଉର୍ବର ମୃତ୍ତିକା ଏବଂ ସାମୁଦ୍ରିକ ସଂପଦରେ ଓଡ଼ିଶା ସମୃଦ୍ଧିଶାଳୀ । ସର୍ବୋପରି, ଲୋକଶକ୍ତିର ମଧ୍ୟ ଅଭାବ ନାହିଁ । ମାତ୍ର, ଅତୀତରେ ଏ ସବୁ ସମ୍ବଳର ଉପଯୋଗ ଯେଉଁଭଳି ଉତ୍ସାହ ଉଦ୍ଦୀପନା ସହକାରେ କରାଯିବା କଥା, ମୋ ମତରେ ତାହା ସେଭଳି କରାଯାଇନାହିଁ । ରାଜ୍ୟର ଅର୍ଥନୈତିକ ଅନଗ୍ରସରତା ପୂର୍ବଭଳି ରହିଛି । ୧୯୬୦ ମସିହା ପ୍ରାକ୍‌କାଳର କେତେକ ସମୟକୁ ବାଦ୍‌ଦେଲେ, ଗତ ତିନି ଦଶନ୍ଧି ଧରି ଓଡ଼ିଶାରେ ରାଜନୈତିକ ଅସ୍ଥିରତା ଆମର ବିକାଶକୁ ବ୍ୟାହତ କରିବା ଦିଗରେ କେତେକ ପରିମାଣରେ ଦାୟୀ । ନିକଟରେ ହୋଇଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଆମର ଜନସାଧାରଣ ସତ୍ୟ ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ ଆକାଂକ୍ଷିତ ସ୍ୱପ୍ନ ଦେଖିଥିଲେ, ତାହାର ବାସ୍ତବ ରୂପାୟନ ନିମନ୍ତେ ଏକ ଦୃଢ଼

ସରକାର ଗଠନ ପକ୍ଷରେ ରାୟ ଦେଇଛନ୍ତି । ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପ୍ରତି ଲକ୍ଷ୍ୟ ରଖି ବିବେକ ଓ ବାସ୍ତବ ଅଭିମୁଖ୍ୟ ନେଇ ଆମର ନୂତନ ସରକାରଙ୍କ ଉତ୍ସର୍ଗୀକୃତ ପ୍ରଗତିଶୀଳ ଉଦ୍ୟମ ଫଳରେ ଆମ ଲୋକଙ୍କର ଆଶା-ଆକାଂକ୍ଷା ପୂରଣ ହୋଇପାରିବ ବୋଲି ମୋର ଗଭୀର ବିଶ୍ୱାସ ରହିଛି । ଆନନ୍ଦର ବିଷୟ ଯେ ଏହି ସ୍ୱଳ୍ପ ସମୟ ମଧ୍ୟରେ ସରକାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ କେତେକ ପୂରଣ କରିବା ଦିଗରେ ପଦକ୍ଷେପ ନେଇଛନ୍ତି । ତନ୍ମଧ୍ୟରେ ଭୂ-ସ୍ୱତ୍ୱ ଛେଦ, ରାଜନୈତିକ କାରଣରୁ ଦିଆଯାଇଥିବା ଦଣ୍ଡ ପ୍ରତ୍ୟାହାର, କେତେକ ଆଦେଶନାମାରେ ବିଭିନ୍ନ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ରୁଜୁ କରାଯାଇଥିବା ମାମଲାଗୁଡ଼ିକର ପ୍ରତ୍ୟାହାର, ଆଭ୍ୟନ୍ତରୀଣ ନିରାପତ୍ତା ଆଇନ ବଳରେ ଅଟକ ରହିଥିବା ପରିବାରବର୍ଗଙ୍କ ଭରଣ ପୋଷଣ, ଭତ୍ତା ପ୍ରଦାନ ବ୍ୟବସ୍ଥା ଓ ଦୋଷୀ ସାବ୍ୟସ୍ତ ହୋଇଥିବା ରାଜନୈତିକ ବନ୍ଦୀମାନଙ୍କର ମାମଲାଗୁଡ଼ିକର ପୁନର୍ବିଚାର କରିବା ପ୍ରଭୃତି ଅନ୍ତର୍ଭୁକ୍ତ । ମୋର ବିଶ୍ୱାସ, ଜନସାଧାରଣଙ୍କ ସ୍ୱେଚ୍ଛାକୃତ ସାହାଯ୍ୟ ସହଯୋଗ ଓ କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ସହାୟତା କ୍ରମେ ଉପରୋକ୍ତ ସଂପଦଗୁଡ଼ିକର ପୂର୍ଣ୍ଣ ସଦୁପଯୋଗ କରିବା ନିମନ୍ତେ ମୋ ସରକାର ଦ୍ରୁତ ପଦକ୍ଷେପ ନେବା ସମ୍ଭବ ହେବ ।

"ବେକାରୀ ସମସ୍ୟାର ସମାଧାନ, ଉଚିତ ଦରଦାମ ନିର୍ଦ୍ଧାରଣ, କୃଷି ତଥା ଶିଳ୍ପ ଉଦ୍ୟୋଗରୁ ସର୍ବାଧିକ ଉତ୍ପାଦନ, ଗ୍ରାମାଞ୍ଚଳର ବିକାଶ ସାଧନ, ଜଳସେଚନର ସୁବିଧା ସୁଯୋଗ, ସଂପ୍ରତି ରହିଥିବା ଜଳସେଚନ ସଂପଦର ପୂର୍ଣ୍ଣ ପ୍ରୟୋଗ, ଭୂ-ସଂସ୍କାର ତଥା ଚକବନ୍ଦୀ ପ୍ରଭୃତି ବିଭିନ୍ନ ଧରଣର କାର୍ଯ୍ୟକ୍ରମ ରହିଛି । ଆମର ଜନସାଧାରଣଙ୍କ ସକ୍ରିୟ ସହଯୋଗ, ବିଚାରଶୀଳ ତଥା ଦୃଢ଼ ସଂକଳ୍ପ ମନୋଭାବ ଦ୍ୱାରା ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ପାରିବ । ଜିଲ୍ଲା ପରିଷଦଗୁଡ଼ିକୁ ପୁଣି କାର୍ଯ୍ୟକାରୀ କରାଯିବା ବିଷୟ ବର୍ତ୍ତମାନ ସ୍ଥିର କରାଯାଇଛି । ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ସେମାନେ ସକ୍ରିୟ ଅଂଶ ଗ୍ରହଣ କରିବା ଦ୍ୱାରା ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ । କାରଣ, ଜିଲ୍ଲା ପରିଷଦଗୁଡ଼ିକରେ ଲୋକପ୍ରତିନିଧି ଏବଂ କ୍ଷେତ୍ର କର୍ମଚାରୀଙ୍କ ମଧ୍ୟରେ ମତ ବିନିମୟ କରିବା ଦିଗରେ ଯଥେଷ୍ଟ ସୁଯୋଗ ମିଳିଥାଏ । ସେହିଭଳି, ଭାଙ୍ଗି ଦିଆଯାଇଥିବା ପୌର ସ୍ୱାୟତ୍ତ ସଂସ୍ଥାଗୁଡ଼ିକରେ ନିର୍ବାଚନ କରାଗଲେ, ସେଗୁଡ଼ିକରେ ଯେଉଁ ଲୋକପ୍ରତିନିଧି ଅଂଶ ଗ୍ରହଣ କରିବେ, ସେମାନେ ପୌର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ବିଶେଷ ସହାୟକ ହେବେ ।

"ମୁଁ ଓଡ଼ିଶାର ଜନସାଧାରଣଙ୍କୁ ନିବେଦନ କରୁଛି ଯେ ଉପରୋକ୍ତ ଦାୟିତ୍ୱ ସଂପାଦନ କରିବା ଦିଗରେ ସେମାନେ ନିଜକୁ ପୁନର୍ବାର ଉତ୍ସର୍ଗ କରିବେ, ଯାହା ଫଳରେ ସ୍ୱାଧୀନତାର ଆଶୀଷ ଲାଭ କରି ସାମାଜିକ ନ୍ୟାୟ ତଥା ଅର୍ଥନୈତିକ ବିକାଶ ସମ୍ଭବ ହେବ ଏବଂ ଆମ ରାଜ୍ୟ ସୁଖୀ ନରନାରୀଙ୍କ ନିବାସସ୍ଥଳୀରେ ପରିଣତ ହେବ ।"

ଜୟ ହିନ୍ଦ୍

# ସ୍ୱାଧୀନତା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ବାର୍ତ୍ତା



ରାଜ୍ୟବାସୀ ବନ୍ଧୁଗଣ,

ବହୁ କାରଣରୁ ଏ ବର୍ଷ ଅଗଷ୍ଟ ପନ୍ଦର ଦିବସଟି ଆମ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଛି । ମନେ ହେଉଛି—ଯେପରିକି ଦେଶ ପୁଣି ଥରେ ନୂଆ କରି ସ୍ୱାଧୀନତା ଲାଭ କଲା । ବହୁ ଆତଙ୍କ, ପ୍ରଭୁତ୍ୱବାଦ ଓ ସ୍ୱେଚ୍ଛାଚାର ଉପରେ ପ୍ରତିଷ୍ଠିତ ଏକ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ରୀତିରେ ଆମ୍ଭେମାନେ ହଟାଇ ଦେଇଛୁ ଏବଂ ସମଗ୍ର ଦେଶରେ ତଥା ଆମ ରାଜ୍ୟରେ ଆଜି ଜନତାସରକାର ପ୍ରତିଷ୍ଠିତ ହୋଇଛି । ଆଜି ଆମେ ଅନୁଭବ କରୁଛୁ—ଆମେଇ ଆମର ପ୍ରଭୁ—ଆମେଇ ଆମର ଦାସ । ବର୍ତ୍ତମାନ ସରକାର ଓ ଜନସାଧାରଣଙ୍କ ଭିତରେ ଆଉ ସେହି ଦୁର୍ଭେଦ୍ୟ ପ୍ରାଚୀର ନାହିଁ । ବରଂ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଜନମଙ୍ଗଳ ସାଧନକାରୀ ଜନ ନିୟନ୍ତ୍ରିତ ଏକ ଅନୁଷ୍ଠାନ ମାତ୍ର । ବ୍ୟକ୍ତିର ବ୍ୟକ୍ତିତ୍ୱ ବିନିମୟରେ ସମାଜବାଦ ପ୍ରତିଷ୍ଠା କରିବାର ପ୍ରଚେଷ୍ଟା ଯେ ଏ ଦେଶରେ ଏକ ବାତୁଳ ପ୍ରୟାସ—ତାହା ପ୍ରମାଣିତ ହୋଇଗଲା ଗତ ଦୁଇ ମାସ ତଳେ । ଜୟପ୍ରକାଶଜୀ ଯେଉଁ ସମ୍ପୂର୍ଣ୍ଣ ବିପ୍ଳବର ଆହ୍ୱାନ ଦେଇଥିଲେ, ତା'ର ପୂର୍ଣ୍ଣାଙ୍ଗ ସଫଳତା ହୁଏତ ବହୁଦୂରରେ ରହିଛି—ମାତ୍ର ଆମେ ଆଜି ବ୍ୟକ୍ତି ଓ ସମାଜର ସର୍ବାଙ୍ଗ ବିକାଶ ସାଧନ ଦିଗରେ ନିଶ୍ଚୟ ଦ୍ରୁତ ପଦକ୍ଷେପରେ ଅଗ୍ରସର ହେଉଛୁ । ଆଜି ସମଗ୍ର ଜଗତ ଭାରତବର୍ଷର ଏହି ସଦ୍ୟ-ଉପସ୍ଥିତ ସିଦ୍ଧାନ୍ତ ଓ ଭବିଷ୍ୟତର ସମ୍ଭାବନା ପ୍ରତି ଆଶାପୂର୍ଣ୍ଣ ସଜାଗ ଦୃଷ୍ଟିରେ ଚାହିଁ ରହିଛି । ଏହି ଭାରତ-ବର୍ଷରେ ହିଁ ଯଥାର୍ଥ ଗଣତନ୍ତ୍ରର ପ୍ରତିଷ୍ଠା ହେବ । ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରଦର୍ଶିତ ମାର୍ଗରେ ଆମ୍ଭେ-ମାନେ ଗତି କରିବୁ ଓ ଦେଶର ଦାରିଦ୍ର୍ୟ ଓ ଅଜ୍ଞତା ଦୂର କରି ସମାଜରେ ଭ୍ରାତୃତ୍ୱ, ଐକ୍ୟ, ସଂହତି, ସହାନୁଭୂତି ଓ ସହଯୋଗର ଭାବ ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ନିଜ ନିଜ କ୍ଷେତ୍ରରେ ପ୍ରାଣପଣେ ଉଦ୍ୟମ କରିବୁ ।

ଓଡ଼ିଶାର ଶାସନ ଦାୟିତ୍ୱ ଆଜି ଆପଣମାନେ ଆମ ଉପରେ ନ୍ୟସ୍ତ କରିଛନ୍ତି । ଏ ଦାୟିତ୍ୱ ଅତୀବ ଗୁରୁତର । ଦୁର୍ଭାଗ୍ୟର କଥା, ସ୍ୱାଧୀନତା ପାଇବା ପରଠାରୁ ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ସରକାର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମଧ୍ୟ ତିଷ୍ଠି ରହିପାରି ନାହିଁ । ଫଳରେ ରାଜ୍ୟରେ ଲୋକହିତକର ଯୋଜନା-ଗୁଡ଼ିକର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ପ୍ରଚୁର ଅରଣ୍ୟ, ଜଳ ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଏ ରାଜ୍ୟରେ ଆଜି ପର୍ଯ୍ୟନ୍ତ ଦାରିଦ୍ର୍ୟ ଏକ ଦୁର୍ଲଂଘ୍ୟ ସମସ୍ୟା ହୋଇ ରହିଛି—ଏହା ଠିକ୍ 'କୁବେରର ରାଜ୍ୟରେ ଦୁର୍ଭିକ୍ଷ' ଭଳି ଏକ ବିରୋଧାଭାସୀ ସତ୍ୟ ବୋଲି ମନେ ହୁଏ । ଆମେ ଆଶା କରୁଛୁ—ଆମ ସରକାର ଆପଣମାନଙ୍କ ସହଯୋଗରେ ଏପରି ସବୁ ବାସ୍ତବ ଓ କ୍ରାନ୍ତିକାରୀ ଯୋଜନାମାନ କାର୍ଯ୍ୟକାରୀ କରିବ, ଯାହା ଫଳରେ କି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆମ ସମ୍ବଳଗୁଡ଼ିକର ଉପଯୁକ୍ତ ଉପଯୋଗ କରି ଏହି ଦାରିଦ୍ର୍ୟ କବଳରୁ ରାଜ୍ୟକୁ

ବହୁ ପରିମାଣରେ ମୁକ୍ତ କରିବ । କୃଷି ଓ ଶିଳ୍ପର ଯଥାଯଥ ଉନ୍ନତି ବିଧାନ ସଙ୍ଗେ ସଙ୍ଗେ ଆମେ ଗ୍ରାମାଞ୍ଚଳର ଉନ୍ନତି ଉପରେ ପ୍ରଥମେ ଯଥେଷ୍ଟ ଗୁରୁତ୍ୱ ଦେବୁ । କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ଯୋଜନା-ଗୁଡ଼ିକ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଭୂ-ସଂସ୍କାର ଏବଂ ସମବାୟ ଯୋଜନାଗୁଡ଼ିକୁ ମଧ୍ୟ ଅତିଶୀଘ୍ର ସଫଳ କରାଯିବ । ଦରିଦ୍ର ଓ ଆଦିବାସୀ ହରିଜନମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ସକାଶେ ଆମେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବୁ । ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋରାରଜୀ ଦେଶାଇ ଅନଗ୍ରସର ରାଜ୍ୟ-ମାନଙ୍କୁ ଅଧିକ କେନ୍ଦ୍ରୀୟ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ରରେ ଶିଳ୍ପ ଓ ଖଣି ମନ୍ତ୍ରୀ ଆମର ପ୍ରିୟ ନେତା ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହାୟତା ଓ ସହଯୋଗରେ ଆମେ ଆମ ଅଞ୍ଚଳର ସଦୁପଯୋଗ କରି ରାଜ୍ୟର ବିକାଶ ତ୍ୱରାନ୍ୱିତ କରି ପାରିବୁ । ମାତ୍ର ଏ କଥା ମଧ୍ୟ ସତ୍ୟ ଯେ ଜନସାଧାରଣଙ୍କ ସକ୍ରିୟ ଓ ହାର୍ଦ୍ଦିକ ସହଯୋଗ, କର୍ତ୍ତବ୍ୟପରାୟଣତା, ନିଷ୍ଠା ଓ ଶୃଙ୍ଖଳା ବିନା ଏବଂ ସରକାରୀ ବେସର-କାରୀ କର୍ମଚାରୀମାନଙ୍କ ଲୋକ କଲ୍ୟାଣକାମୀ ଆନ୍ତରିକ କର୍ତ୍ତବ୍ୟନିଷ୍ଠା ବିନା, କୌଣସି ସରକାର ତା'ର ଲକ୍ଷ୍ୟ ପୂରଣ ଦିଗରେ ସମର୍ଥ ହୋଇପାରେ ନାହିଁ । ତେଣୁ ସମାଜର ସବୁ ଶ୍ରେଣୀର ବ୍ୟକ୍ତିଙ୍କୁ ମୁଁ ଏହି ଶୁଭ ଦିବସରେ ଅନୁରୋଧ କରିବି—ସେମାନେ ଯେପରି ରାଜ୍ୟର ମଙ୍ଗଳକୁ ଆଖି ଆଗରେ ରଖି ନିଜ ନିଜ କର୍ମ-କ୍ଷେତ୍ରରେ ନିୟୋଜିତ ହେବେ । ରାଜ୍ୟର ସମୂହ ସ୍ୱାର୍ଥକୁ ହାନୀ କରୁଥିବା କୌଣସି କର୍ମପନ୍ଥା ଜନ-କଲ୍ୟାଣକାମୀ ଗଣତାନ୍ତ୍ରିକ ରାଷ୍ଟ୍ର ପକ୍ଷରେ ସହଣୀୟ ବା ଗ୍ରହଣୀୟ ହୋଇପାରେ ନା ।

ଆଜି ଏହି ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ମୁଁ ରାଜ୍ୟବାସୀ ଜନସାଧାରଣଙ୍କୁ ଅନ୍ତରର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ, ଏତିକି ନିବେଦନ କରୁଛି କି, ଆପଣମାନେ ସମସ୍ତେ ଯେପରି ଆମର ଏହି ପୁନର୍ଲବ୍ଧ ସ୍ୱାଧୀନତାର ମୂଲ୍ୟ ରକ୍ଷା କରିବା ଦିଗରେ ଏବଂ ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବା ଦିଗରେ, ଆମ ସଙ୍ଗେ ଆନ୍ତରିକ ସହଯୋଗ କରିବେ—ସମସ୍ତେ ଯେପରି ନିର୍ଭୀକ ଭାବେ ନିଜ ନିଜର ସ୍ୱାଧୀନତା ରକ୍ଷା କରିବା ସଙ୍ଗେ ସଙ୍ଗେ ଅପରର ସ୍ୱାଧୀନତା ସୁରକ୍ଷା ଲାଗି ସଚେତନ ରହିବେ ଏବଂ ବାପୁଜୀଙ୍କ ପରିକଳ୍ପିତ "ରାମରାଜ୍ୟ"ର ପ୍ରତିଷ୍ଠା ଦିଗରେ ଆଶାନୁରୂପ ପଦକ୍ଷେପ ଗ୍ରହଣ କରିବେ ।

ଜୟହିନ୍ଦ୍




# ସ୍ୱାଧୀନତାର ନୂତନ ସ୍ୱାଦ ଓ ନୂତନ ଦାୟିତ୍ୱ

୧୯୪୭ ମସିହାଠାରୁ ଏହି ଅଗଷ୍ଟ ପନ୍ଦର ଦିବସଟି ଆମପାଖକୁ ବାରଂବାର ଆସିଛି—ତିରିଶିଥର ଆସଛି । ...ନ୍ତୁ ଏ ବର୍ଷଟ, ଅର୍ଥାତ୍ ଏହି ୧୯୭୭ ମସିହା ଅଗଷ୍ଟ ପନ୍ଦର ତାରିଖଟି ଆସିଛି ତାର ସ୍ୱତନ୍ତ୍ର ବ୍ୟଞ୍ଜନା ...—ତାର୍ଯ୍ୟ ନେଇ । ଏ ବର୍ଷର ଏହି ଦିବସଟିର ମହତ୍ତ୍ୱ ହେଲା—ଭାରତବାସୀ ସତେକି ବହୁକଷ୍ଟଲବ୍ଧ ... ହଠାତ୍ ଅପହୃତ ଓ ବିସ୍ମୃତ ସ୍ୱାଧୀନତାବୋଧକୁ ପୁଣିଥରେ ସ୍ମରଣ କରିବାର ଅବକାଶ ପାଇଲେ । ... ଦୁଇବର୍ଷ ଧରି ସମଗ୍ର ଦେଶରେ ଯେଉଁ ଶ୍ୱାସରୁଦ୍ଧ ଅବସ୍ଥା ଦେଖା ଦେଇଥିଲା, ସେହି ମହାକଷ୍ଟରୁ ଦେଶ-... ଏ ବର୍ଷ ରକ୍ଷା ପାଇଛନ୍ତି । ଅନ୍ତତଃ ପ୍ରତ୍ୟେକ ବର୍ତ୍ତମାନ ସତେକି ସ୍ୱଚ୍ଛ ସତେଜ ପ୍ରାଣପ୍ରଦାୟିନୀ ଅମ୍ଳଜାନ ...ହଣ କରି ସୁସ୍ଥ ବୋଧ କରୁଛନ୍ତି । ଦେଶର ମୁଣ୍ଡରୁ ଭୟ, ଆଶଙ୍କା ଓ ଆତଙ୍କବାଦର ଭୂତ ଓହ୍ଲାଇ ଯାଇଛି । ...କଥାରେ କହିଲେ, ଆମେ ବର୍ତ୍ତମାନ ଗଣତନ୍ତ୍ରର ଯଥାର୍ଥ ସ୍ୱାଦ ଉପଭୋଗ କଲୁ । ମତ ପ୍ରକାଶ ...ବାର ସ୍ୱାଧୀନତା, ସମାଲୋଚନା କରିବାର ସ୍ୱାଧୀନତା, ଆପଣା କର୍ମ ଆପେ ବାଛି ତାକୁ କାର୍ଯ୍ୟକାରୀ ...ବାର ସ୍ୱାଧୀନତା, ଦେଶ ଭିତରେ ସର୍ବତ୍ର ସ୍ୱଚ୍ଛନ୍ଦରେ ଗତି କରିବାର ସ୍ୱାଧୀନତା, ଆପଣା ବିଶ୍ୱାସରେ ...ର୍ମ ପାଳନ କରିବାର ସ୍ୱାଧୀନତା, ନିଜ ସମ୍ପତ୍ତି ରକ୍ଷା ବା ହସ୍ତାନ୍ତର କରିବାର ସ୍ୱାଧୀନତା, ଗୋଷ୍ଠୀଗଠନର ...ଧୀନତା, ଏବଂ ସରକାରଙ୍କ କାର୍ଯ୍ୟକଳାପ ଦେଶ ପକ୍ଷରେ ଅହିତକର ମନେ ହେଲେ ତା' ବିରୁଦ୍ଧରେ ମତ ...ଟ କରିବାର ବା ସତ୍ୟାଗ୍ରହ କରିବାର ସ୍ୱାଧୀନତ, ଏବଂ ଭୋଟ ଜରିଆରେ ସେ ସରକାରଙ୍କୁ ଗାଦୀଚ୍ୟୁତ ...ବାର ସ୍ୱାଧୀନତା, ଏବଂ ସର୍ବୋପରି ନିର୍ଭୀକ ଜୀବନଯାପନ କରିବାର ସ୍ୱାଧୀନତା ଯେଉଁ ଦେଶରେ ...ହିଁ ସେ ଦେଶରେ ଯଥାର୍ଥ ଗଣତନ୍ତ୍ର ନାହିଁ—ଏବଂ ସେ ଜାତି ମଧ୍ୟ ସେହିପରି ସ୍ୱାଧୀନ ବୋଲି କହି ...ବ ନାହିଁ ।

କହିବା ବାହୁଲ୍ୟ, ଯେଉଁ କାରଣରୁ ହେଉ ପଛେ, ଗତ କେତେ ଦିନଧରି ଆମ୍ଭେମାନେ ଏଇ ସବୁ ଗଣ-...ନ୍ତ୍ରିକ ଅଧିକାର ହରାଇ ବସିଥିଲୁ ବୋଲି ମନେ ହେଉଥିଲା । ଫଳରେ ସମସ୍ତ ଦେଶରେ ଏକ ଅସ୍ୱସ୍ତିକର ...ସରୁଦ୍ଧ ଅବସ୍ଥା ଘୋଟି ଯାଇଥିଲା । କିନ୍ତୁ ଏ ବର୍ଷର ସ୍ୱାଧୀନତା ଦିବସରେ ଆମେ ସମସ୍ତେ ସ୍ୱାଧୀନତାର ... ଉଜ୍ଜ୍ୱଳ ଜୀବନୀଶକ୍ତି ପ୍ରଦାୟକ ସୂର୍ଯ୍ୟାଲୋକ ଉପଭୋଗ କରି ପାରିଲୁ । ଭାରତବର୍ଷ ପାଇଁ ଏହା ଭାଗ୍ୟ-...ବିଧାତାଙ୍କର ପରମ ଆଶୀର୍ବାଦ ବୋଲି ମନେ କରିବାକୁ ହେବ । ଆମେ ଏଥିଲାଗି ସେହି ଦେଶ ଭାଗ୍ୟ-...ବିଧାତା ନିକଟରେ ନତଜାନୁ ହୋଇ ଅନ୍ତରର କୃତଜ୍ଞତା ଅର୍ପଣ କରୁଛୁ ।

କିନ୍ତୁ ଆଜି ଏହି ଶୁଭ ଦିବସରେ ଏହି ନବଲବ୍ଧ ମୁକ୍ତିର ଆନନ୍ଦ ଉଲ୍ଲାସ ଉପଭୋଗ କଲାବେଳେ ଆମକୁ ...ଟିଏ କଥା ଉପରେ ଖୁବ୍ ସଚେତନ ହେବାକୁ ପଡିବ । ତା' ହେଉଛି—ଏହି ପରମ ଆକାଂକ୍ଷିତ ଏବଂ ...ମେ କଷ୍ଟଲବ୍ଧ ସ୍ୱାଧୀନତାକୁ ରକ୍ଷାକରିବାର ଯୋଗ୍ୟତା ଆମର କେତେଦୂର ଅଛି ଓ ଥିଲେ କେତେପର୍ଯ୍ୟନ୍ତ ...ହା ଆମକୁ ବ୍ୟକ୍ତିଗତ ଭାବେ ଓ ସାମାଜିକ ଭାବେ ଅର୍ଜନ କରିବାକୁ ପଡିବ । ଆମେ ବୁଝିବା ...ଚିତ—କାଳର ଗତି କେବେହେଲେ ନିରୁଦ୍ଦେଶ୍ୟ, ଲକ୍ଷ୍ୟହୀନ, ସ୍ୱେଚ୍ଛାଚାରୀ ନୁହେଁ । କାଳର ଗତି ମଧ୍ୟ ଖୁବ୍

ବ୍ୟଞ୍ଜନା ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଇତିହାସ ବିନାକାରଣରେ ଘଟେ ନାହିଁ । ନିକଟ ଅତୀତରେ ଦେଶରେ ଯେଉଁ ସବୁ ଦୁର୍ଘଟଣା ଘଟିଗଲା ତା'ମଧ୍ୟ ବିନାକାରଣରେ ଘଟିନାହିଁ । ଭବିଷ୍ୟତ ଲାଗି ସେସବୁ ଆମକୁ ଚେତାବନୀ ଶୁଣାଇ ଦେଇଛି ।

ଯେଉଁ ସ୍ୱାଧୀନତାକୁ ବହୁ ସଂଗ୍ରାମକରି ଅର୍ଜନ କରିବାକୁ ହୁଏ—ତାକୁ ମଧ୍ୟ ବହୁ ତପସ୍ୟା, ତ୍ୟାଗ ଓ ସଂଯମ ବଳରେ ରକ୍ଷାକରିବାକୁ ହୁଏ । କେବଳ ଅଧିକାର (Rights) ଭୋଗ କରିବାଲାଗି, କେବଳ ଆପଣାର ସ୍ୱାଧୀନତାକୁ ଉପଭୋଗ କରିବାଲାଗି, ଦେଶର ବ୍ୟକ୍ତିମାନେ ଯଦି ଅନ୍ଧଭାବରେ ଅପରର ଅଧିକାରକୁ ତା' ହାତରୁ ଛଡ଼ାଇ ନିଅନ୍ତି, ଅପରର ସ୍ୱାର୍ଥକୁ ଦଳିମକଚି ପରୋକ୍ଷ ବା ପ୍ରତ୍ୟକ୍ଷରେ ଆପଣାର ସ୍ୱାର୍ଥ ବୃଦ୍ଧି କରି ଚାଲନ୍ତି—ଯଦି ଦେଶର ସାମୂହିକ ସ୍ୱାର୍ଥ ଅପେକ୍ଷା ନିଜନିଜର ବା ନିଜ ଦଳର ସ୍ୱାର୍ଥକୁ ବଡ଼ ବୋଲି ଟେକି ଧରନ୍ତି—ଜାତିଗତ ପ୍ରତିପତ୍ତି, ତେବେ ସେ ଦେଶଉପରେ ଯେଉଁ ରୂପରେ ହେଲେ ବି ସଙ୍କଟର ଅପଛାୟା ଅକସ୍ମାତ୍ ଘୋଟିଆସେ କେତେ ସମୟ ଲାଗି ସମଗ୍ର ଦେଶ ବା ଜାତିର ସ୍ୱାଧୀନତା ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଅପହୃତ ହୋଇଯାଏ । ବହୁଦୂର ଅତୀତରେ ଭାରତବର୍ଷ କେତେଥର ଏ ଦୁର୍ଦ୍ଦଶା ଭୋଗିସାରିଛି । ପୁଣି ନିକଟ ଅତୀତରେ ମଧ୍ୟ ବହୁ ଦୁଃସ୍ୱପ୍ନ ଦେଶ ଅନୁଭବ କରିସାରିଛି ଏବଂ ଏବେ ମଧ୍ୟ ଯଦି ଆମେ—ଅର୍ଥାତ୍ ଦେଶବାସୀ ଜନସାଧାରଣ ଏବଂ ରାଜନୈତିକ ନେତୃବୃନ୍ଦ, ସରକାରୀ କର୍ମକର୍ତ୍ତାଗଣ, ଶିକ୍ଷକ, ଡାକ୍ତର, ଇଞ୍ଜିନିଅର, ସାମ୍ବାଦିକ, ଛାତ୍ର, ଶ୍ରମିକବୃନ୍ଦ, ବ୍ୟବସାୟୀବୃନ୍ଦ ଓ ସମାଜର ଦାୟିତ୍ୱ ମୁଣ୍ଡାଇଥିବା ଯେତେ ସବୁ ବ୍ୟକ୍ତି, ଗୋଷ୍ଠୀ, ଅନୁଷ୍ଠାନମାନେ ଆପଣାର କର୍ତ୍ତବ୍ୟାକର୍ତ୍ତବ୍ୟ ଉପରେ ସଚେତନ ନହେଉ ଏବଂ ତତ୍ପର ନ ହେଉ—ତେବେ ସ୍ୱାଧୀନତା ପୁଣି କେଉଁ ମୁହୂର୍ତ୍ତରେ ଯେ କେତେ ବିପନ୍ନ ହୋଇଯିବ ତାହା କଳନା ବା କଳ୍ପନା କରିବା ସର୍ବଥା ଅସମ୍ଭବ । ସ୍ୱାଧୀନତା ବିଷୟଟି ପାରଦ ସଦୃଶ ଉଜ୍ଜ୍ୱଳ, ସ୍ୱଚ୍ଛ ଓ ପ୍ରଭାବଶାଳୀ—ମାତ୍ର ସର୍ବଦା ଢଳ ଢଳ ଓ ହାତରୁ ଖସି ପଡ଼ିବା ପ୍ରବୃତ୍ତି ଚଳଚଞ୍ଚଳ ।

ସୁଖର କଥା, ଦେଶରେ ଓ ଆମ ରାଜ୍ୟରେ ବର୍ତ୍ତମାନ ଜନତାସରକାର ପ୍ରତିଷ୍ଠିତ ହୋଇଛି । ରାଜ୍ୟର ଜନସାଧାରଣ ଗଭୀର ବିଶ୍ୱାସର ସହିତ ଉତ୍କଣ୍ଠିତ ହୋଇ ରହିଛନ୍ତି—ଏ ସରକାର ନିଶ୍ଚୟ ଅଭୂତପୂର୍ବ କିଛି ନୂତନ କାର୍ଯ୍ୟ ଖୁବ୍ ଶୀଘ୍ର ସଂପାଦନ କରିବ । ଅତୀତର ଭୁଲ ତ୍ରୁଟି ଆଉ ପୁନରାବୃତ୍ତି ହେବନାହିଁ । ଦେଶର ଜନତା ଆଜି ଯଥାର୍ଥରେ ଜନାର୍ଦ୍ଦନ । ଦେଶବାସୀ ଆଜି ଜାଗ୍ରତ—ସ୍ୱାଧିକାର ସଚେତନ ଓ ଭଲମନ୍ଦର ଠିକଣା ବିଚାରକ ।

ମାତ୍ର ଜନତା କେବଳ ନିଜର ଅଧିକାର ଉପରେ ସଚେତନ ହେଲେ ଚଳିବ ନାହିଁ । ନିଜର ଲକ୍ଷ୍ୟ ଓ ତାକୁ ସାଧନ କରିବା ପ୍ରକୃଷ୍ଟ ମାର୍ଗ କ'ଣ, ତାହାମଧ୍ୟ ତାକୁ ନିରୂପଣ କରିବାକୁ ପଡ଼ିବ । ସେହି ଲକ୍ଷ୍ୟ ଦିଗରେ ତେବେ ନିଜ ଅଧିକାରକୁ ନିୟନ୍ତ୍ରିତ କରିବାକୁ ପଡ଼ିବ । କିନ୍ତୁ ଦୁଃଖର କଥା, ସ୍ୱାଧୀନତା ପାଇବାର ୩୦ ବର୍ଷ ଅତିକ୍ରମ ହୋଇଗଲାଣି । ଅର୍ଥନୈତିକ ଦୃଷ୍ଟିରୁ, ଶିକ୍ଷା ସ୍ୱାସ୍ଥ୍ୟ ଦୃଷ୍ଟିରୁ ହୁଏତ ଆମର କିଛି କିଛି ଉନ୍ନତି ହୋଇଛି । ଦେଶରେ ବହୁ ସ୍କୁଲ କଲେଜ, ଡାକ୍ତରଖାନା, କଳକାରଖାନା, ରାସ୍ତାଘାଟ, ପୋଲ, କୋଠାବାଡ଼ି ନିର୍ମିତ ହୋଇଛି । ଦେଶରେ ଅପେକ୍ଷାକୃତ ଅଧିକ ଫସଲ ମଧ୍ୟ ଉତ୍ପାଦନ ହୋଇଛି । ବହୁ ବୈଦେଶିକ ମୁଦ୍ରା ଆମେ ହୁଏତ ଅର୍ଜନ କରୁଛୁ । ମାତ୍ର ତତଃ କିମ୍ ? ଆମେ ଏପର୍ଯ୍ୟନ୍ତ ଆମଲାଗି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ପଥ ସ୍ଥିର କରି ପାରିଲୁଣି କି ? ସେଥିଯୋଗୁଁ ଗାଡ଼ି ଯେତେ ଜୋର୍‌ରେ ଯାଉ ବା ନ ଯାଉ—ଗାଡ଼ି କୁଆଡ଼େ ଯିବ ଓ ଗାଡ଼ି ଠିକ୍ ବାଟରେ ଚାଲିଛି କି ନାହିଁ—ତାହା ଗାଡ଼ିଆଳମାନଙ୍କୁ ବା ଗାଡ଼ିରେ ବସିଥିବା ଲୋକଙ୍କୁ ସ୍ପଷ୍ଟଭାବେ ଜଣାପଡ଼ିନାହିଁ ।

ଅଥଚ ଜନଗଣ ମନଅଧିନାୟକ ଭାରତ ଭାଗ୍ୟ ବିଧାତା ସେ ଲକ୍ଷ୍ୟ ଓ ତାର ସାଧନ ପଥର ନିର୍ଦ୍ଦେଶ ଦେଇ ଚଳି ଏକୋଇଶା ଦିନଠାରୁ ସ୍ଥିର କରି ସାରିଛନ୍ତି । ସେ ଲକ୍ଷ୍ୟ ଓ ପଥର ନିର୍ଦ୍ଦେଶ ଦେଶବାସୀର ଆକାଶରେ ତାର ହଜୁରି ଧ୍ରୁବତାରା ଭଳି । ଆମେ କେବଳ ତାକୁ ଖୋଜିଁ ସେହି ଦିଗରେ ଜାତୀୟ ରଥକୁ ଚଳାଇବେ ସେହି ଲକ୍ଷ୍ୟ— ଯାହାକୁ ଜାତିର ପିତା ଗାନ୍ଧିଜୀ କହୁଥିଲେ "ରାମରାଜ୍ୟ" ବୋଲି— ଯାହା ଲବ୍ଧ କରିବାକୁ ସର୍ବୋଦୟ ପଥରେ ପୂର୍ଣ୍ଣାଙ୍ଗ ବିପ୍ଳବ ସାଧନ କରି ନେତା ଓ ନୀତ, ଆମ ସମସ୍ତଙ୍କୁ ଗତି କରିବାକୁ ହେବ । ଗାନ୍ଧିଜୀ ବିନୋବାଜୀ ଓ ଜୟପ୍ରକାଶଜୀଙ୍କ ପ୍ରଦର୍ଶିତ ମାର୍ଗ ଓ ଲକ୍ଷ୍ୟ ବ୍ୟତୀତ ଭାରତବର୍ଷ ଲାଗି 'ନାନ୍ୟପନ୍ଥା ଅୟନାୟ' । ତେଣୁ ଆଜି ଏହି ସର୍ବମାନ୍ୟ ଶୁଭଦିବସରେ ଆମେ କାମନା କରୁଛୁ—ଆଜିଠାରୁ ସେହି

...ରେ ଦେଶଗଠନ କର୍ମ ଆରମ୍ଭ ହେବ । ସେହି ଉଜ୍ଜ୍ୱଳ ମାର୍ଗରେ ଆମର ରାଜନୀତି, ଶିକ୍ଷାନୀତି, ଅର୍ଥନୀତି, ସମାଜନୀତି, ଶିଳ୍ପନୀତି ଆଦି ସର୍ବନୀତି ପ୍ରଚଳିତ ଓ ଅଗ୍ରସର ହେବ । ଗାନ୍ଧୀବାଦର ପ୍ରସ୍ତୁତ, ପ୍ରକାଶ ଓ ପ୍ରସାର ...ଷ୍ଟି ଓ ତତ୍ପରତା ସଂଗଠିତ ହେଉ । ଦେଶବାସୀଙ୍କ ଚେତନାରେ ତାହା ପ୍ରବେଶ କରୁ । ଆମ ନେତୃବୃନ୍ଦ ମଧ୍ୟ ସେହି ଆଦର୍ଶରେ ଅନୁପ୍ରାଣିତ ଓ କର୍ତ୍ତବ୍ୟରତ ହୁଅନ୍ତୁ । ଆମର ସମସ୍ତ ପ୍ରଗତିଶୀଳ ଯୋଜନା ସେହି ଭିତ୍ତିରେ ହେଉ ।

ଯେହେତୁ ଜନତା ସରକାର କର୍ତ୍ତାଗଣ ପ୍ରଥମ କରି ଜୟପ୍ରକାଶଙ୍କ ପୌରୋହିତ୍ୟରେ ଗାନ୍ଧିଜୀଙ୍କ ମହା-ସମାଧି ପାର୍ଶ୍ୱରେ ବସି ସଂପ୍ରାର୍ଥନାମୟୀ ଏକ ସଙ୍କଳ୍ପ ଓ ଶପଥ ଗ୍ରହଣ କରିଥିଲେ । ଏହା ନିଶ୍ଚୟ ଏକ ଶୁଭ ସୂଚନା । କିନ୍ତୁ ଗାନ୍ଧିଜୀଙ୍କ କର୍ମଧାରା ଗ୍ରହଣ କରିବା ପୂର୍ବରୁ ଆମର ନେତୃବୃନ୍ଦ ଓ ରାଜନୈତିକ କର୍ମୀବୃନ୍ଦ ପ୍ରଥମେ ଗାନ୍ଧିଜୀଙ୍କ ଚିନ୍ତାଧାରା ସଂପର୍କରେ ଅବହିତ ହେବା ଉଚିତ । କେବଳ ଗାନ୍ଧିଜୀ ନୁହନ୍ତି—ତାଙ୍କ ପୂର୍ବରୁ ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ଅରବିନ୍ଦ, ଯେଉଁମାନଙ୍କୁ ଆଧୁନିକ ଭାରତର ନିର୍ମାତାଗଣ କହିଲେ ଅତ୍ୟୁକ୍ତି ହେବନାହିଁ—ସେମାନେ ଭାରତବର୍ଷର ଆତ୍ମାକୁ ଚିହ୍ନି ଚିହ୍ନାଇ ଦେଇଛନ୍ତି—ତାର ଭବିନିୟତିକୁ ଦେଖି ଦେଖାଇ ଦେଇଛନ୍ତି—ତାର କର୍ତ୍ତବ୍ୟାକର୍ତ୍ତବ୍ୟ ବୁଝି ବୁଝାଇ ଦେଇଛନ୍ତି, ସେମାନଙ୍କର ଚିନ୍ତାଧାରା ମଧ୍ୟ ଭାରତବର୍ଷର ପ୍ରତିଆଡେ ପ୍ରତି କୋଣରେ ଆଲୋଚିତ ହେଉ—ଅନୁଶୀଳିତ ହେଉ । ତା'ହେଲେ ଯାଇ ସମଗ୍ର ବିଶ୍ୱରେ ଭାରତବର୍ଷ ତାର ଯଥାର୍ଥ ସ୍ୱରୂପ ଧରି, ତାର ଯଥାର୍ଥ ଆତ୍ମିକ ବିଭବରେ ଶ୍ରୀମଣ୍ଡିତହୋଇ ସଗୌରବେ ଦଣ୍ଡାୟମାନ ହେବ । ପ୍ରଭୁ ! ଆମକୁ ସେହି ଦିଗରେ ପରିଚାଳିତ କର ।

## ଶ୍ରୀ ଅରବିନ୍ଦଙ୍କ ଜନ୍ମଦିବସ


୧୯୭୨ ମସିହା ଏହି ଅଗଷ୍ଟପନ୍ଦର ତାରିଖ ଥିଲା ଯୋଗେଶ୍ୱର, ମହାନ୍ ବିପ୍ଳବୀ, ଦେଶପ୍ରାଣ ସ୍ୱାଧୀନତା ସଂଗ୍ରାମୀ ତାପପୁରୁଷ ଶ୍ରୀ ଅରବିନ୍ଦଙ୍କ ଶୁଭଜନ୍ମତିଥି । ଶ୍ରୀ ଅରବିନ୍ଦ ନିଜମୁଖରେ କହିଛନ୍ତି ତାଙ୍କର ଜନ୍ମତାରିଖରେ ଭାରତରେ ସ୍ୱାଧୀନତାଲାଭ ଏକ ଆକସ୍ମିକ ଯୋଗାଯୋଗ ମାତ୍ର ନୁହେଁ ତା' ପଛରେ ଏକ ସୂକ୍ଷ୍ମକାରଣଭିତ୍ତିକ ଦୈବୀ ପ୍ରେରଣା ସଂପ୍ରେରିତ ପ୍ରଚ୍ଛନ୍ନ ରହିଛି । ଭାରତମାତା ଯେଉଁ ବୀର ମହାପୁରୁଷମାନଙ୍କୁ ଜନ୍ମଦେଇ ନିଜେ କୃତାର୍ଥ ପୁଲକିତା ହୋଇ ଅଛନ୍ତି ଓ ଆମ୍ଭମାନଙ୍କୁ ଗୌରବବୋଧ କରିବାର ଶୁଭ ସୁଯୋଗ ଦେଇଛନ୍ତି ସେମାନଙ୍କ ମଧ୍ୟରେ ଶ୍ରୀଅରବିନ୍ଦ ଅନ୍ୟତମ । ତତ୍‌କାଳୀନ ସ୍ୱାଧୀନତା ସଂଗ୍ରାମ ଓ ତହିଁରେ ଶ୍ରୀ ଅରବିନ୍ଦଙ୍କ ସ୍ଥାନ କଣ ଥିଲା ଓ ତାଙ୍କର ସ୍ୱାଧୀନ ଭାରତର ଭବିଷ୍ୟତ ସମ୍ପର୍କରେ କଣ ଧାରଣା ଓ ଯୋଜନା ଥିଲା, ସେ ସମ୍ବନ୍ଧେ ବହୁ ପ୍ରାମାଣିକ ତଥ୍ୟ ବର୍ତ୍ତମାନ ଉଦ୍‌ଘାଟିତ ହେଲାଣି । ସେଥିରୁ ଜଣାଯାଏ ଜାତିର ପିତା ଗାନ୍ଧିଜୀ ଯେଉଁ କାର୍ଯ୍ୟକ୍ରମ ଅନ୍ୱେଷଣ କରି ଭାରତ ପାଇଁ ବାଛି ଦେଇଥିଲେ, ତାର ମୂଳ ସୂଚନା ଓ ପ୍ରେରଣା ସେ ଶ୍ରୀ ଅରବିନ୍ଦଙ୍କ ଠାରୁ ଲାଭ କରିଥିଲେ । ଆମ୍ଭେମାନେ ଏହି ମହାନ୍ ପୁରୁଷଙ୍କ ନିକଟରେ ଆଜି ସେଥିପାଇଁ ହୃଦୟର କୃତଜ୍ଞ ଅର୍ଘ୍ୟ ଅର୍ପଣ କରୁଅଛୁ ।

## ଭକ୍ତ ଦାସିଆଙ୍କ ଜନ୍ମପୀଠ

ଗତ ନବକଳେବର ସଂଖ୍ୟା ଉତ୍କଳପ୍ରସଙ୍ଗରେ "ଦାସିଆ ବାଉରୀ ସଂପାଦ" ଲେଖାଟି ଭିତରେ ଦାସିଆଙ୍କ ଜନ୍ମପୀଠ ବାଳିଙ୍ଗା ବା ବାଲିଗାଁ, ଚିଲିକାଉପକୂଳସ୍ଥ ବାଲୁଗାଁ ବୋଲି ଉଲ୍ଲେଖିତ ହୋଇଛି । ଉକ୍ତ ଲେଖାଟି ଦାର୍ଢ୍ୟତା-ଭକ୍ତି ଜଣିତ କଥାବସ୍ତୁ ଉପରେ ଆଧାରିତ ହୋଇଛି । ସେଥିରେ ତାଙ୍କ ଜନ୍ମସ୍ଥାନର ଭୌଗଳିକ ନିର୍ଦ୍ଦେଶ ନାହିଁ । ମାତ୍ର ଏବେ ପଣ୍ଡିତ ଗବେଷକମାନେ , ବିଶେଷ କରି ଓଡ଼ିଶା ମିଉଜିଅମର ସୁନାମ ଧନ୍ୟ ଗବେଷକ ଶ୍ରୀଯୁକ୍ତ ନୀଳମଣି-ମିଶ୍ର ତାଙ୍କ ସମ୍ପର୍କରେ ଗବେଷଣା କରି ଜାଣିପାରିଛନ୍ତି ଯେ ଉକ୍ତ ବାଲିଗାଁ ପୁରୁଷୋତ୍ତମକ୍ଷେତ୍ର ସନ୍ନିକଟସ୍ଥ ଚନ୍ଦନାପ ବନ୍ଧୋଧାରରେ ହାଉଣ୍ଟି ଓ ଦେଉଳିପୁର ଗ୍ରାମପାଖେ ଅବସ୍ଥିତ । ଏବେ ସେଠାରେ ତାଙ୍କ ନାମରେ ଗୋଟିଏ ସାଂସ୍କୃତିକ ସଂସଦ ଗଠିତ ହୋଇଛି ଏବଂ ସେଠାରେ ତାଙ୍କର ଗାଦୀ ପୂଜିତ ହେଉଛନ୍ତି । ଦାସିଆଙ୍କ ରଚିତ କେତେକ ପଦାବଳୀ ଭକ୍ତିରସ ସମ୍ବଳିତ ଲେଖାମଧ୍ୟ ବର୍ତ୍ତମାନ ଆବିଷ୍କୃତ ହୋଇଛି । ହୁଏତ ତାଙ୍କ ରଚିତ ଅହୁରି ଲେଖାସବୁ ଆବିଷ୍କୃତ ହେବ ଏବଂ ତାଙ୍କ ସମ୍ପର୍କରେ ଅହୁରି ହୃଦୟଗ୍ରାହୀ କିମ୍ବଦନ୍ତୀମାନ ସଂଗୃହୀତ ହେବ । ଏହା ଅତ୍ୟନ୍ତ ଆନନ୍ଦର କଥା ।

ମହାପାତ୍ର ନୀଳମଣି ସାହୁ

# ଭାରତର ସ୍ୱାଧୀନତା ଦିବସରେ ଶ୍ରୀ ଅରବିନ୍ଦଙ୍କ ବାର୍ତ୍ତା



୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ସ୍ୱାଧୀନ ଭାରତର ଜନ୍ମଦିବସ । ଏହି ଦିବସ ଭାରତବର୍ଷ ପାଇଁ ଏକ ପ୍ରାଚୀନ ଯୁଗର ଅବସାନ ଏବଂ ଏକ ନବୀନ ଯୁଗର ଅଭ୍ୟୁତ୍ଥାନର ସୀମା ନିର୍ଦ୍ଧାରଣ କରିଛି । ବିଶ୍ୱରେ ମାନବ-ସମାଜର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭବିଷ୍ୟତ ନିର୍ମାଣରେ ଏହି ଯେଉଁ ନୂତନ ଯୁଗ ଆସିଛି, ତାହାମଧ୍ୟରେ ଏହି ଦିବସର ଗୁରୁତ୍ୱ, ଏକ ସ୍ୱାଧୀନ ଜାତିଭାବେ ଆମେ ନିଜ ଜୀବନ ଓ କର୍ମଦ୍ୱାରା ବଜାୟ ରଖିପାରିବା ।

ଅଗଷ୍ଟ ୧୫ ତାରିଖ ମୋର ଜନ୍ମଦିନ । ସ୍ୱାଭାବିକ-ଭାବେ ମୋ ପକ୍ଷରେ ଏହା ଆନନ୍ଦର ଦିନ । କାରଣ ଏହି ଦିବସଟି ଅର୍ଜନ କରିଛି ଏକ ଗୂଢ଼ତର ଅର୍ଥ । ଏହି ଯୋଗାଯୋଗକୁ ମୁଁ ଏକ କାକତାଳିକ ଘଟଣା ବୋଲି ଗ୍ରହଣ କରେ ନାହିଁ, ବରଂ ମନେ କରେ ଯେଉଁ ଭଗବତ୍ ଶକ୍ତିଙ୍କର ପରିଚାଳନାରେ ମୋର କର୍ମଜୀବନ ଆରମ୍ଭ ହୋଇଥିଲା, ଯାହାର ପୂର୍ଣ୍ଣ ଫଳୋତ୍ପାଦନର ସମୟ ସମାଗତ, ତାହା ଆଜି ତାଙ୍କର ସ୍ୱୀକୃତି ଓ ସମର୍ଥନ ଲାଭ କରିଛି । ବାସ୍ତବରେ ଏହି ଦିବସରେ ମୁଁ ବିଶ୍ୱ-କ୍ରିୟାବଳୀକୁ ଲକ୍ଷ୍ୟ କରୁଛି ଏବଂ ଯାହାସବୁ ମୋ ଜୀବନକାଳ ମଧ୍ୟରେ ସଫଳ ହେବ ବୋଲି ଚିନ୍ତା କରିଥିଲି ସେଗୁଡ଼ିକ ଯଦିଓ ସେତେବେଳେ ଦିବାସ୍ୱପ୍ନ ବୋଧ ହେଉଥିଲା, ଆଜି କିନ୍ତୁ ଲକ୍ଷ୍ୟ କରୁଛି ସେ ସବୁ ସଫଳ ହେବାକୁ ଯାଉଛି ଅଥବା ସଫଳତାର ପଥରେ । ଏହି ସବୁ କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ବିଶାଳ ଭୂମିକା ଗ୍ରହଣ କରିପାରେ କିମ୍ବା ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇପାରେ ।

ମୋର ପ୍ରଥମ ସ୍ୱପ୍ନ ହେଲା ଏକ ବୈପ୍ଳବିକ ଆନ୍ଦୋଳନ ଯାହାଦ୍ୱାରା ଏକ ଅଖଣ୍ଡ ଏବଂ ସ୍ୱାଧୀନ ଭାରତ ଆତ୍ମ-ପ୍ରକାଶ କରିବ । ଭାରତ ଆଜି ସ୍ୱାଧୀନତା ପାଇଛି ସତ୍ୟ କିନ୍ତୁ ସେ ଅଖଣ୍ଡତା ଲାଭ କରି ନାହିଁ । ବ୍ରିଟିଶ ଶାସନର ଅବ୍ୟବହିତ ପୂର୍ବେ ଭାରତ ଯେପରି କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇ ପଡ଼ିଥିଲା, ଏକ ସମୟରେ ମନେ ହେଉଥିଲା, ସ୍ୱାଧୀନତା ଦ୍ୱାରା ପୁଣି ସେହି ସ୍ତରକୁ ଭାରତ ଖସିପଡ଼ିବ । କିନ୍ତୁ ସୌଭାଗ୍ୟର କଥା ବର୍ତ୍ତମାନ ବୋଧ ହେଉଛି ଏହି ବିପଦକୁ ଦୂର କରାଯାଇ ପାରିବ ଏବଂ ପରିପୂର୍ଣ୍ଣ ଐକ୍ୟ ପ୍ରତିଷ୍ଠିତ ନ ହୋଇ ପାରିଲେ ମଧ୍ୟ ଏକ ସୁଦୃଢ଼ ଏକତା ପ୍ରତିଷ୍ଠା କରାଯାଇ ପାରିବ । ପୁନଶ୍ଚ ଶାସନ-ବିଧାନ ସଭାର କୌଶଳପୂର୍ଣ୍ଣ ସୁଦୃଢ଼ ନୀତି ସମସ୍ତ ମତାନୈକ୍ୟ ଏବଂ ସଂକୀର୍ଣ୍ଣତା ଦୂର କରି ଦଳିତ ଜାତିମାନଙ୍କ ସମସ୍ୟା ସମାଧାନ କରି ପାରିବ ବୋଲି ଧାରଣା ଜନ୍ମିଛି । କିନ୍ତୁ ମନେହୁଏ ଯେପରି ହିନ୍ଦୁ ମୁସଲମାନଙ୍କ ପ୍ରାଚୀନ ଧର୍ମଗତ ଦ୍ୱନ୍ଦ୍ୱ ଆଜି ଅତ୍ୟନ୍ତ ତୀବ୍ର (ଭୟଙ୍କର) ହୋଇ ଦେଶର ସ୍ଥାୟୀ ରାଜନୀତିକ ବିଭକ୍ତିକରଣ ଘଟୁଛି । କିନ୍ତୁ ଏହାକୁ ଏକ ମୀମାଂସିତ ଘଟଣା ବୋଲି ଚିରକାଳ ଗ୍ରହଣ କରାଯାଇ ନ ପାରେ । ବରଂ ବିଶ୍ୱାସ ରଖିବା ଉଚିତ୍, ଏହା ଏକ ସାମୟିକ ଅସ୍ଥାୟୀ ବ୍ୟବସ୍ଥାମାତ୍ର

ଅଧିକ କିଛି ନୁହେଁ । କାରଣ ଯଦି ଏହି ଅବସ୍ଥା ରହେ, ଭାରତ ହୁଏତ ଶୋଚନୀୟଭାବେ ଦୁର୍ବଳ ହୋଇ ପଡ଼ିବ, ଏପରିକି ପଙ୍ଗୁ ହୋଇ ଯାଇପାରେ । ଗୃହ-ବିବାଦର ସମ୍ଭାବନା ହୁଏତ ସର୍ବଦା ରହିପାରେ । ଏପରିକି ଭାରତ ଉପରେ ବିଦେଶର ନୂତନ ଆକ୍ରମଣ ଓ ଅଧିକାର ସମ୍ଭବପର ହୋଇପାରେ । ଭାରତର ଆଭ୍ୟନ୍ତରୀଣ ଉନ୍ନତି ଏବଂ ବିକାଶ ବାଧାପ୍ରାପ୍ତ ହୋଇପାରେ । ଅନ୍ୟ ଦେଶମାନଙ୍କ ପାଖରେ ତାର ଆସନ ଦୁର୍ବଳ ହୋଇଯାଇ ପାରେ ଏପରିକି ତାର ଭବିତବ୍ୟ ବି ନୈରାଶ୍ୟଜନକ ହୋଇଯାଇ ପାରେ । କିନ୍ତୁ ଏହା ଯେପରି ନ ଘଟୁ—ଏ ବିଭକ୍ତିକରଣ ନିଶ୍ଚୟ ଦୂର ହେଉ । ବିଶ୍ୱାସ ରଖିବା, ଏହି ଏକତ୍ୱ ଯେପରି ସ୍ୱାଭାବିକରୂପେ ଆସିପାରେ କେବଳ ଶାନ୍ତି ଓ ଐକ୍ୟପାଇଁ ବିବର୍ଦ୍ଧମାନ ଆବଶ୍ୟକତା ଅନୁଭବଦ୍ୱାରା ନୁହେଁ ବରଂ ମିଳିତ କର୍ମଧାରାର ଅଭ୍ୟାସଦ୍ୱାରା ତଥା ଲକ୍ଷ୍ୟଲାଭର ଉପାୟ ପ୍ରସ୍ତୁତିଦ୍ୱାରା । ଏହିପରି ଭାବେ ପରିଶେଷରେ ଏକତ୍ୱ ପ୍ରତିଷ୍ଠିତ ହେବ, ଯେକୌଣସି ଉପାୟରେ ହେଉନା କାହିଁକି, ସେହି ଉପାୟର ମୂଲ୍ୟ କେବଳ ବ୍ୟବହାରିକ, ମୌଳିକ ପ୍ରୟୋଜନ କର୍ମ ନୁହେଁ । ଯେକୌଣସି ଉପାୟରେ ହେଉ, ଯେକୌଣସି ପନ୍ଥାରେ ହେଉ ଏ ଦେଶ-ବିଭାଗ ନିଶ୍ଚୟହିଁ ଲୋପ ପାଇବ, ଯେକୌଣସିମତେ ଐକ୍ୟ ପ୍ରତିଷ୍ଠା କରିବାକୁହି ହେବ, କାରଣ ଭାରତର ଭାବୀ-ମହାନତା ପାଇଁ ଏହା ପ୍ରୟୋଜନ ।

ଅନ୍ୟ ଏକ ସ୍ୱପ୍ନ ହେଲା, ଏସିଆର ରାଷ୍ଟ୍ରମାନଙ୍କର ପୁନରୁତ୍‌ଥାନ ତଥା ସ୍ୱାଧୀନତା ଏବଂ ମାନବ ସଭ୍ୟତାର ବିକାଶରେ ମହାନ ଏସିଆର ଅଂଶ ଗ୍ରହଣ ।

ଏସିଆ ଆଜି ଜାଗ୍ରତ । ତାର ଅଧିକାଂଶ ରାଷ୍ଟ୍ର ଅଛି ସ୍ୱାଧୀନ କିମ୍ବା ସ୍ୱାଧୀନତା ପଥର ଯାତ୍ରୀ । ଯେଉଁ ରାଷ୍ଟ୍ରମାନେ ପୂର୍ଣ୍ଣ ବା ଆଂଶିକ ଭାବେ ପରାଧୀନ, ସେମାନେ କୌଣସି ନା କୌଣସି ପ୍ରକାରରେ ସ୍ୱାଧୀନତା ସଂଗ୍ରାମ ଚଳାଇଛନ୍ତି । କେବଳ ଅତିସାମାନ୍ୟ ମାତ୍ର କରିବାକୁ ବାକି ଅଛି, ଆଜି ହେଉ ବା କାଲି ହେଉ, ସେତକ ହେବହିଁ ହେବ । ସେଥିରେ ଭାରତର କିଛି କର୍ତ୍ତବ୍ୟ ରହିଛି ଏବଂ ସେହି କର୍ମ ସେ ଅତି ସାମର୍ଥ୍ୟ ଓ ଦକ୍ଷତାର ସହ ଆରମ୍ଭ କରିଛି । ଏଥିରୁ ସୂଚିତ ହେଉଛି ତାର ଭବିଷ୍ୟତ ସମ୍ଭାବନା ଏବଂ ଜାତି-ଗୋଷ୍ଠୀରେ ସେ କେଉଁ ସ୍ଥାନ ଅଧିକାର କରିବ ।

ତୃତୀୟ ସ୍ୱପ୍ନ ହେଲା ମାନବ-ସମାଜର ବାହ୍ୟ ଜୀବନକୁ ଅଧିକ ସୁନ୍ଦର, ଉଜ୍ଜ୍ୱଳ ଓ ଆଦର୍ଶ ସ୍ଥାନୀୟ କରିବାପାଇଁ ଜାତିସଂଘ ପ୍ରତିଷ୍ଠା । ମାନବ ସମାଜର ଐକ୍ୟ ବର୍ତ୍ତମାନ ପ୍ରସ୍ତୁତି ପଥରେ । ଆରମ୍ଭରେ ତ୍ରୁଟି-ବହୁଳ ହେଲେ ମଧ୍ୟ, ବିପୁଳ ବିଘ୍ନ ବିରୁଦ୍ଧରେ ତାକୁ ଅଗ୍ରସର ହେବାକୁ ପଡୁଛି । କିନ୍ତୁ ତା ମଧ୍ୟରେ ରହିଛି ଏକ ପ୍ରବେଗ । ଏହା କ୍ରମଶଃ ବୃଦ୍ଧିପ୍ରାପ୍ତ ହୋଇ ବିଜୟବିମଣ୍ଡିତ ହେବ ।

ଏ କ୍ଷେତ୍ରରେ ମଧ୍ୟ ଭାରତ ଏକ ପ୍ରଧାନ ଅଂଶ ଗ୍ରହଣ କରିଛି । ଯେଉଁ ଉଦାରତର ରାଷ୍ଟ୍ରନୀତି ଉପସ୍ଥିତ ଘଟଣାବଳୀ ଏବଂ ଆଶୁ ସମ୍ଭାବନା ମଧ୍ୟରେ ଆବଦ୍ଧ ନୁହେଁ, ଯାହାର ଦୃଷ୍ଟି ଭବିଷ୍ୟତମୁଖୀ ଏବଂ ଯାହା ଭବିଷ୍ୟତକୁ ନିକଟତର କରିପାରେ ; ଭାରତ ଯଦି ସେହି ନୀତି ଅନୁଶୀଳନ କରେ ତେବେ ତାର ଉପସ୍ଥିତିର ପ୍ରଭାବରେ ମନ୍ଥର ଓ ଶଙ୍କିତ ବିକାଶ କ୍ଷିପ୍ର ଓ ନିର୍ଭୀକ ହୋଇ ଉଠିବ । ଦୈବଦୁର୍ବିପାକ ହୁଏତ ବାଧା ସୃଷ୍ଟି କରିପାରେ ଏପରିକି ଯେଉଁ କାର୍ଯ୍ୟ ହୋଇ ଯାଇଛି ତାର ବିଧ୍ୱଂସ ସାଧନ କରିପାରେ କିନ୍ତୁ ତଥାପି ମଧ୍ୟ ବାଂଛିତ ଲକ୍ଷ୍ୟ ସାଧିତ ହେବହିଁ ହେବ । କାରଣ ପ୍ରକୃତିଧାରାରେ ଏହା ଏକ ପ୍ରୟୋଜନୀୟ ତଥା ଅପରିହାର୍ଯ୍ୟ ପ୍ରକ୍ରିୟା । ରାଷ୍ଟ୍ରମାନଙ୍କ ପାଇଁ ତାର ଆବଶ୍ୟକତା ସୁସ୍ପଷ୍ଟ, କାରଣ ଏହା ବ୍ୟତୀତ କ୍ଷୁଦ୍ରତର ରାଷ୍ଟ୍ରସବୁ ହୁଏତ ଯେକୌଣସି ମୁହୂର୍ତ୍ତରେ ବିପଦର ସମ୍ମୁଖୀନ ହୋଇ ପାରନ୍ତି, ଏପରିକି ବଡ଼ ବଡ଼ ରାଷ୍ଟ୍ରମାନେ ମଧ୍ୟ ନିରାପଦ ରହି ପାରିବେ ନାହିଁ । ଏଣୁ ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ଐକ୍ୟ ଆବଶ୍ୟକ । କେବଳ ମାନବୀୟ ଦୁର୍ବଳତା ତଥା ମୂଢ଼ ସ୍ୱାର୍ଥପରତା ଏହାକୁ ଦୂଷିତ କରିପାରେ । କିନ୍ତୁ ଏହା କେବେହେଁ ଚିରକାଳ ପାଇଁ ପ୍ରକୃତିର ଆବଶ୍ୟକତା ଓ ଭଗବତ୍ ଇଚ୍ଛା ବିରୁଦ୍ଧରେ ତିଷ୍ଠି ପାରିବ ନାହିଁ । କିନ୍ତୁ ଏକ ବାହ୍ୟ ଭିତ୍ତି ଯଥେଷ୍ଟ ନୁହେଁ : ଏକ ଅନ୍ତର୍ଜାତୀୟ ମନୋଭାବ ଓ ଦୃଷ୍ଟିର ବିକାଶ, ଅନ୍ତର୍ଜାତୀୟ ଅନୁଷ୍ଠାନର ପ୍ରତିଷ୍ଠା ହେବା ନିତାନ୍ତ ପ୍ରୟୋଜନ । ଆଉମଧ୍ୟ, ଏପରି ବିକାଶ ଯଥା : ଦ୍ୱୈତ ବା ବହୁ ନାଗରିକତ୍ୱର ପ୍ରତିଷ୍ଠା ଅଥବା ବିଭିନ୍ନ ସଂସ୍କୃତିର ସ୍ୱେଚ୍ଛାକୃତ ବା ସମ୍ମତିଯୁକ୍ତ ପରସ୍ପର ଆଦାନ ପ୍ରଦାନ ବା ଅନ୍ତର୍ମିଳନ ଏହି କାର୍ଯ୍ୟରେ ସହାୟକ ହେବ । ଜାତୀୟତାର କଥା ସମାପ୍ତ ହୋଇଥିବ, ତାହା ନିଜର ଯୋଦ୍ଧୃଭାବ ହରାଇଥିବ । ଆଉ ଏହି ଅନ୍ତର୍ଜାତୀୟ ମନୋଭାବ ସହ ତା'ର ଆତ୍ମ-ସଂରକ୍ଷଣ ବା ପୂର୍ଣ୍ଣାଙ୍ଗ ଦୃଷ୍ଟିର କୌଣସି ବିରୋଧ ଘଟିବ ନାହିଁ ।

ଅନ୍ୟ ଏକ ସ୍ୱପ୍ନ ହେଲା, ବିଶ୍ୱକୁ ଭାରତର ଆଧ୍ୟାତ୍ମିକ ଦାନ—ଇତିମଧ୍ୟରେ ତାହା ଆରମ୍ଭ ହୋଇ-ଯାଇଛି । ୟୁରୋପ ଓ ଆମେରିକାରେ ଭାରତର ଆଧ୍ୟାତ୍ମିକତା ଅଧିକରୁ ଅଧିକଭାବେ ପ୍ରବେଶ କରୁଛି । ଏ ଏହି ଗତିଧାରାର କ୍ରମଶଃ ପ୍ରସାର ହେଉଛି । ଏ ଯୁଗର ବିପର୍ଯ୍ୟୟ ଓ ଅଶାନ୍ତି ମଧ୍ୟରେ ଅଧିକରୁ ଅଧିକ ବ୍ୟକ୍ତି ଭାରତ ପ୍ରତି ଆଶା ଓ ଭରସା ସହ ଦୃଷ୍ଟିପାତ କରୁଛନ୍ତି, ସେମାନେ କେବଳ ତାର ଶାସ୍ତ୍ର ପ୍ରତି ନୁହେଁ, ବରଂ ତାର ଅନ୍ତରାତ୍ମିକ ଓ ଆଧ୍ୟାତ୍ମିକ ସାଧନର ଆଶ୍ରୟ ଖୋଜୁଛନ୍ତି ।

ସର୍ବଶେଷ ସ୍ୱପ୍ନ ହେଲା ବିବର୍ତ୍ତନର ଧାରାରେ ଏପରି ଏକ ପଦକ୍ଷେପ ନେବା ଯାହା ମନୁଷ୍ୟକୁ ଏକ ଉଚ୍ଚତର ଓ ବିଶାଳତର ଚେତନାକୁ ଉନ୍ନୀତ କରିବ ଏବଂ ସେହିସବୁ ସମସ୍ୟାର ସମାଧାନ ଆଣିବ ଯେଉଁ ସମସ୍ୟା- ସକଳ ମନୁଷ୍ୟକୁ ବ୍ୟସ୍ତ ଓ ବିଚଳିତ କରିଛି, ଯେବେଠୁ ସେ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର କଥା ଚିନ୍ତାକରିଛି ଓ ସ୍ୱପ୍ନ ଦେଖିଛି । ଅବଶ୍ୟ ଏହା ଏବେବି ଏକ ବ୍ୟକ୍ତିଗତ ଆଦର୍ଶ ଓ ବିଶ୍ୱାସ, ଯଦିଓ ଏହା ଭାରତ ଓ ପ୍ରାଚ୍ୟର ଅଗ୍ରଗାମୀ ଚିନ୍ତାଶୀଳ ବ୍ୟକ୍ତିଙ୍କ ହୃଦୟରେ କ୍ରମଶଃ ପ୍ରବେଶ କରୁଛି । ମନୁଷ୍ୟର ଅନ୍ୟାନ୍ୟ ଉଦ୍ୟୋଗ-କ୍ଷେତ୍ର ଅପେକ୍ଷା ଏକ୍ଷେତ୍ରରେ ବାଧା-ବିପତ୍ତି ଅଧିକ ଦୁର୍ଜୟ, କିନ୍ତୁ ବାଧା-ବିପତ୍ତିର ଅର୍ଥ ତାକୁ ଅତିକ୍ରମ କରାଯିବା, ଆଉ ଯଦି ଭଗବାନଙ୍କର ଇଚ୍ଛାଥାଏ, ତେବେ ଏହି ବାଧାବିପତ୍ତିକୁ ଅତିକ୍ରମ କରାଯାଇପାରେ, ପୁନଶ୍ଚ ଯଦି ବିବର୍ତ୍ତନରେ ଏହି ପଦକ୍ଷେପକୁ ଗ୍ରହଣ କରିବାକୁ ହୁଏ ଏବଂ ଯେହେତୁ ଏହା ସଙ୍ଘଟିତ ହେବ କେବଳ ଅନ୍ତର୍ଚେତନା ଓ ଅନ୍ତରାତ୍ମାର ବିକାଶ ଦ୍ୱାରା, ତେଣୁ ଏ କ୍ଷେତ୍ରରେ ମଧ୍ୟ ଭାରତ ପ୍ରଥମେ ଉଦ୍ୟମ ଆରମ୍ଭ କରିବ । ଯଦିଓ ଏହାର ପରିସର ବିଶ୍ୱବ୍ୟାପକ, ତଥାପି କେନ୍ଦ୍ରୀୟ ଗତିଟି ଭାରତରୁ ଆରମ୍ଭ ହେବା ନିଶ୍ଚିତ ।


ଆଜି ଭାରତର ଏହି ସ୍ୱାଧୀନତା ଦିବସରୁ ମୁଁ ଏହି ସକଳ ସୂଚନା ପ୍ରଦାନ କରୁଛି । ମୋର ଏହି ଆଶା ସଫଳ ହେବକି ନାହିଁ, ଏବଂ କେତେ ପରିମାଣରେ ହେବ ତାହା ନିର୍ଭର କରେ ନୂତନ ଓ ସ୍ୱାଧୀନଭାରତ ଉପରେ ।

## ଆବାହନ

ଆମର ଜନନୀ, ହେ ଭାରତର ଆତ୍ମା, ମାତଃ ! ତୋର ସନ୍ତାନମାନଙ୍କୁ ତୁ କେବେହେଲେ ପରିତ୍ୟାଗ କରିନାହୁଁ । ଏପରିକି ଗାଢ଼ତମ ଅନ୍ଧକାର ଓ ହତାଶାର ଯୁଗରେ ମଧ୍ୟ ନୁହେଁ—ଏପରିକି ଯେତେବେଳେ ସେମାନେ ତୋର ଆଦେଶପ୍ରତି କର୍ଣ୍ଣପାତ ନକରି ଅନ୍ୟାନ୍ୟ ପ୍ରଭୁଙ୍କର ସେବା କରିଛନ୍ତି ଓ ତୋତେ ଅସ୍ୱୀକାର କରିଛନ୍ତି, ସେତେବେଳେ ମଧ୍ୟ ନୁହେଁ । ଆଜି ଯେତେବେଳେ ସେମାନେ ଉତ୍ଥିତ ଓ ଜାଗ୍ରତ ଏବଂ ମୁକ୍ତିର ଏହି ପ୍ରଭାତରେ ତୋର, ବଦନମଣ୍ଡଳ ଅପରୂପ ଜ୍ୟୋତିରେ ଉଦ୍ଭାସିତ, ଏହି ମହାନ୍ ମୁହୂର୍ତ୍ତରେ ତୋତେ ଆମେ ପ୍ରଣାମ କରୁଛୁ । ତୋର ନିର୍ଦ୍ଦେଶରେ ଆମକୁ ପରିଚାଳିତ କର, ଯେପରିକି ଆମ ଆଗରେ ଉନ୍ମୋଚିତ ହୋଇଯାଇଥିବା ସ୍ୱାଧୀନତାର ଏହି ଦିଗ୍‌ବଳୟ, ଦେଶ ଓ ଜାତିମାନଙ୍କ ଭିତରେ ତୋର ଯଥାର୍ଥ ଜୀବନ ଏବଂ ଯଥାର୍ଥ ମହାନତାର ଏକ ଦିଗ୍‌ବଳୟ ହେଉ । ତୋର ନିର୍ଦ୍ଦେଶରେ ଆମକୁ ପରିଚାଳିତ କର ଯେପରିକି ଆମେ ସର୍ବଦା ମହାନ୍ ଆଦର୍ଶରାଜିର ପକ୍ଷ ଗ୍ରହଣ କରିବୁ— ଏବଂ ଆତ୍ମାର ମାର୍ଗରେ ନେତାରୂପେ ଓ ସମଗ୍ର ମାନବ-ଜାତିର ସହାୟକ ଓ ବନ୍ଧୁ ରୂପେ ତୋର ସ୍ୱରୂପକୁ ଜନସମାଜରେ ଉଦ୍‌ଘାଟିତ କରିବୁ ।

ଭାରତ ଏହି ଦେଶର ଭୂମି, ନଦୀ, ପାହାଡ଼ ନୁହେଁ— ଅଥବା ଏଥିରେ ବସବାସ କରୁଥିବା ସାମୂହିକ ବ୍ୟକ୍ତିଙ୍କର କାମ ନୁହେଁ । ଭାରତ ଗୋଟିଏ ଜୀବିତ ସତ୍ତା । ଶିବ ଆଦି ଦେବତା ଯେପରି ଜୀବିତ, ଭାରତ ମଧ୍ୟ ସେହିପରି ଜୀବିତ । ପ୍ରତ୍ୟେକ ଦେଶର ସ୍ୱୀୟ ଆତ୍ମା ଅଛି, ଆଉ ଯଦି ରାଜନୈତିକ ବ୍ୟାପାରରେ ତାହାର ସୀମାର ପରିବର୍ତ୍ତନ କରି ଦିଆହୁଏ, ତେବେ ତାହା ଅବାସ୍ତବ ହୋଇ ପଡ଼େ । ଉଦାହରଣ ସ୍ୱରୂପ, ଯଦିଓ ଅଷ୍ଟ୍ରିୟା ଜର୍ମାନୀର ଅଂଶବିଶେଷ ହୋଇଯାଇଛି, ତଥାପି ତାହା ଜର୍ମାନୀଠାରୁ ଏକ୍‌ବାର ପୃଥକ୍ ଓ ତାହାର ଆତ୍ମା ବିକ୍ଷୁବ୍‌ଧ । ଭାରତ ଶିବଙ୍କ ତୁଲ୍ୟ ଅଧିମାନସସ୍ତରର ଦେବୀ ଏବଂ ଯଦି ସେ ଇଚ୍ଛେ, ତେବେ ମାନବ ଶରୀରରେ ପ୍ରକଟ ହୋଇପାରେ ।

—ଶ୍ରୀମା



# ଜାତିର ପିତା ଗାନ୍ଧିଜୀଙ୍କ 'ଭାରତ'



ମୁଁ ଭାରତକୁ ସ୍ୱାଧୀନ ଓ ଶକ୍ତିଶାଳୀ ଦେଶ ଭାବେ ଦେଖିବାକୁ ଚାହେଁ; କାରଣ ଏହି ଦେଶ ବିଶ୍ୱର ମଙ୍ଗଳ ନିମନ୍ତେ ସମସ୍ତ ତ୍ୟାଗ କରି ପାରିବ ଏବଂ ଏହାର ମୂର୍ତ୍ତି ବିଶ୍ୱବାସୀଙ୍କ ପାଇଁ ନୂତନ ଆଲୋକ ବିକିରଣ କରିବ । ମୁଖ୍ୟତଃ ଶାନ୍ତି ଓ ସଦିଚ୍ଛାର ମହାନ ମନ୍ତ୍ରରେ ବିଶ୍ୱକୁ ଅଭିମନ୍ତ୍ରିତ କରିବା ହେବ ଭାରତର ଚରମ ଲକ୍ଷ୍ୟ । ମୁଁ ଦୃଢ଼ତା ସହିତ ଘୋଷଣା କରିପାରେ —ଭାରତ ତାର ସଭ୍ୟତା ଓ ସଂସ୍କୃତିର ମୌଳିକତା ରକ୍ଷା କରିବା ପାଇଁ ଯେ କୌଣସି ଦୁଃଖ ଓ ନିର୍ଯାତନାର ଅଗ୍ନି-ପରୀକ୍ଷା ଭିତରେ ଗତି କରିବା ପାଇଁ ପଶ୍ଚାତ୍‌ପଦ ହେବ ନାହିଁ......ବିଶ୍ୱଶାନ୍ତି ଓ ପ୍ରଗତି ପାଇଁ ଭାରତ ଯେଉଁ ଅବଦାନ ଦେବ ତାହା ନିଶ୍ଚୟ ଅନବଦ୍ୟ ହେବ ।

**ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ:**

ଭାରତର ପ୍ରତ୍ୟେକ ବସ୍ତୁ ପ୍ରତି ମୋର ଆକର୍ଷଣ ରହିଛି । ବିଶ୍ୱରେ ମନୁଷ୍ୟ ଯାହା ସବୁ ଚାହିଁଥାଏ, ସେ ସବୁ ଭାରତରେ ମିଳିଥାଏ । ଭାରତ ଆମର କର୍ମଭୂମି, ଉପଭୋଗ କ୍ଷେତ୍ର ନୁହେଁ । ଅନ୍ୟଦେଶ ତୁଳନାରେ ଭାରତର ଲକ୍ଷ୍ୟ ସଂମ୍ପୂର୍ଣ୍ଣ ଭିନ୍ନ । ଧର୍ମଗତ ପରମ୍ପରା ଯୋଗୁଁ ଏ ଦେଶର ସୁଖ୍ୟାତି ସର୍ବତ୍ର ସ୍ୱୀକୃତ ହୋଇଛି । ଭାରତର ଅମୋଘ ଅସ୍ତ୍ର ହେଲା ନୈତିକତା । ଏହି ଅତୁଳନୀୟ ଅସ୍ତ୍ର ସାହାଯ୍ୟରେ ବିଜୟ ସୁନିଶ୍ଚିତ ।

ମୁଁ ସେହି ଭାରତ ବର୍ଷରେ କାମ କରିବି, ଯେଉଁଠିକି ସର୍ବହରାମାନେ ମଧ୍ୟ ଅନୁଭବ କରିପାରିବେ ଯେ, ଏହା ସେମାନଙ୍କର ଦେଶ ଏବଂ ଏହାର ନିର୍ମାଣ ପାଇଁ ସେମାନଙ୍କର ବିଶେଷ କର୍ତ୍ତବ୍ୟ ରହିଛି । ଏହି ଦେଶରେ ଉଚ୍ଚ ନୀଚ ଭେଦଭାବ ରହିବ ନାହିଁ, ଜୀବିକା ନିର୍ବାହ କ୍ଷେତ୍ରରେ ବ୍ୟବଧାନ ରହିବ ନାହିଁ, ଅସ୍ପୃଶ୍ୟତା ଲୋପ ପାଇବ, ନିଶା ନିବାରଣ କାର୍ଯ୍ୟକାରୀ ହେବ, ନାରୀ ସ୍ୱାଧୀନତା ସ୍ୱୀକୃତ ହେବ, ସମସ୍ତେ ଶାନ୍ତି ଓ ସୁଖରେ ଜୀବନ ନିର୍ବାହ କରିବେ, ଅତ୍ୟାଚାରିତ ଓ ଅତ୍ୟାଚାରୀ ଲୋପ ପାଇବେ, ସ୍ୱଦେଶୀ ଓ ବିଦେଶୀ ଭିତରେ ବ୍ୟବଧାନ ରହିବ ନାହିଁ, ସତ୍‌କାର୍ଯ୍ୟ ପାଇଁ ଉତ୍ସାହ ମିଳିବ, ଶ୍ରେଣୀଗତ ବୈଷମ୍ୟ ଲୋପ ପାଇବ ।

ଭାରତର ଉତ୍ପାଦନ ବିଶ୍ୱର ମଙ୍ଗଳ ପାଇଁ ଉପଯୋଗୀ ହେବ । ଏହାର ସୁଖ ଓ ଶୁଭେଚ୍ଛା ବିନିମୟରେ ବିଶ୍ୱଶାନ୍ତି ଚିରନ୍ତନ ସନ୍ତୋଷର ଅଧିକାରୀ ହେବ; ଏହାହିଁ ମୋର ଏକାନ୍ତ ଆକାଂକ୍ଷା । ଆମ ଜାତୀୟତାରେ ଅନ୍ୟ ଦେଶ ପ୍ରତି ବିଦ୍ୱେଷଭାବର ସ୍ଥାନ ନାହିଁ । କାରଣ ଭାରତର ଆତ୍ମା ସଂକୀର୍ଣ୍ଣ ବା ସୀମାବଦ୍ଧ ନୁହେଁ । ଯଦି ଭାରତ ଅସ୍ପୃଶ୍ୟର ମହତ୍ତ୍ୱ ଅସ୍ୱୀକାର

ନ କରେ, ତା ହେଲେ ବିଜୟଜନିତ ଆନନ୍ଦ କ୍ଷଣିକ ହୋଇ ପଡିବ ଏବଂ ଏଥିପାଇଁ ମୁଁ ଗର୍ବ ଅନୁଭବ କରି ପାରିବି ନାହିଁ । ମୁଁ ଭାରତ ପାଇଁ ସର୍ବସ୍ୱ ଦେଇଛି ଏବଂ ଆଶା ରଖିଛି ଯେ, ସମଗ୍ର ବିଶ୍ୱ ପାଇଁ ଭାରତର ବିଶେଷ କର୍ତ୍ତବ୍ୟ ରହିଛି । ଭାରତ ପାଶ୍ଚାତ୍ୟର ଅନ୍ଧ ଅନୁସରଣ କରିବ ନାହିଁ । ତା ପରେ ମୋ ଧର୍ମର କୌଣସି ଭୌଗୋଳିକ ସୀମା ନାହିଁ । ଧର୍ମ ପ୍ରତି ଏକନିଷ୍ଠ ଅନୁରକ୍ତି ଥିଲେ ମାତୃଭୂମି ପ୍ରତି ତାହା ଶ୍ରଦ୍ଧା ଜନ୍ମାଇ ପାରିବ । ଅହିଂସପନ୍ଥାରେ ଭାରତର ସେବାରେ ମୁଁ ମୋ ଜୀବନ ଉତ୍ସର୍ଗ କରିଛି ।

### ସବାପେକ୍ଷା ଶକ୍ତିଶାଳୀ ଓ ଦୁର୍ବଳତମ ଲୋକପାଇଁ ସମାନ ସୁଯୋଗ ରହିବ;

ନୂଆ ସାମାଜିକ ବ୍ୟବସ୍ଥା ସଂପର୍କରେ ମୋର ମତ ହେଉଛି ଯେ, ଆମ୍ଭେ ଜନ୍ମତଃ ସମସ୍ତେ ସମାନ; ଅର୍ଥାତ୍ ଆମ ସମସ୍ତଙ୍କର ସମାନ ସୁବିଧା ସୁଯୋଗ ପାଇବାର ଅଧିକାର ଅଛି ମାତ୍ର ସମସ୍ତଙ୍କର ଶକ୍ତି କଦାପି ସମାନ ହୋଇ ନ ପାରେ । ଦୃଷ୍ଟାନ୍ତ ସ୍ୱରୂପ ସମସ୍ତଙ୍କର ଉଚ୍ଚତା ସମାନ ହେବ ନାହିଁ କିମ୍ବା ବର୍ଣ୍ଣ ଓ ବୁଦ୍ଧି ସମାନ ହୋଇ ପାରେନା; ତେଣୁ କେତେକଙ୍କର ଅଧିକ ଉପାର୍ଜନ କଲାଭଳି କ୍ଷମତା ରହିବ ଓ ଅନ୍ୟ-ମାନଙ୍କର ଅଳ୍ପ ଉପାର୍ଜନର କ୍ଷମତା ରହିବ । ଯେଉଁ-ମାନଙ୍କର ବୁଦ୍ଧି ତୀକ୍ଷ୍ଣ ହୋଇଥିବ, ସେମାନେ ଅଧିକ ଉପାର୍ଜନ କରିବେ । ସେମାନେ ଯଦି ନିଜର ତୀକ୍ଷ୍ଣ ବୁଦ୍ଧିକୁ ଠିକ୍ ଭାବରେ ନିୟୋଜିତ କରନ୍ତି; ତା ହେଲେ ରାଷ୍ଟ୍ରର ବହୁକାର୍ଯ୍ୟ ସାଧନ କରିପାରିବେ । ଜଣେ ତୀକ୍ଷ୍ଣ ବୁଦ୍ଧି ସଂପନ୍ନ ଲୋକ ଅଧିକ ଅର୍ଥୋପାର୍ଜନ କରିବାରେ ମୋର ସମର୍ଥନ ରହିଛି, ମାତ୍ର ସେ ଯାହା ଉପାର୍ଜନ କରିବ ତାର ଅଧିକାଂଶ ଭାଗ ଲୋକଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ ହେବ । ସର୍ବାପେକ୍ଷା ଶକ୍ତିଶାଳୀ ଗଣତନ୍ତ୍ର ଶାସନରେ ସର୍ବାପେକ୍ଷା ଶକ୍ତିଶାଳୀ ଲୋକ ପାଇଁ ଯେଉଁ ସୁବିଧା ସୁଯୋଗ ରହିବ, ଦୁର୍ବଳତମ ଲୋକପାଇଁ ସେହି ସୁଯୋଗ ରହିବ ।

### ସ୍ୱାଧୀନ ରାଷ୍ଟ୍ରରେ ବ୍ୟକ୍ତି ଓ ସମାଜ:

ବ୍ୟକ୍ତି-ସ୍ୱାଧୀନତାର ମୂଲ୍ୟ ମୁଁ ସ୍ୱୀକାର କରେ; ମାତ୍ର ଏହା ଭୁଲିଯିବାର ନୁହେଁ ଯେ, ମନୁଷ୍ୟ ମୁଖ୍ୟତଃ ଗୋଟିଏ ସାମାଜିକ ଜୀବ । ମନୁଷ୍ୟ ସାମାଜିକ ଅଗ୍ରଗତିର ଆବଶ୍ୟକତା ସହିତ ବ୍ୟକ୍ତିଗତ ଆବଶ୍ୟକତାକୁ ଖାପଖୁଆଇ ଚଳିବାପାଇଁ ଶିଖିଥିବା ଯୋଗୁଁ ବର୍ତ୍ତମାନ ଅବସ୍ଥାକୁ ଆସିପାରିଛି । ଅନିୟନ୍ତ୍ରିତ ବ୍ୟକ୍ତି-ସ୍ୱାଧୀନତା କେବଳ ପଶୁଜଗତରେ ଦେଖାଯାଏ । ସାମାଜିକ ଅଗ୍ରଗତି ଓ ବ୍ୟକ୍ତି-ସ୍ୱାଧୀନତା ଏ ଦୁଇଟି ଭିତରେ ଆମକୁ ଗୋଟିଏ ମଧ୍ୟମ ପନ୍ଥା ବାଛିନେବାକୁ ହେବ । ସମଗ୍ର ସମାଜର ଉନ୍ନତି ନିମନ୍ତେ ଆମେ ସ୍ୱେଚ୍ଛାକୃତ ଭାବରେ ସାମାଜିକ ସଂଯମ ମାନିନେଲେ ତଦ୍ୱାରା ବ୍ୟକ୍ତି ଓ ସେହି ବ୍ୟକ୍ତି ଯେଉଁ ସମାଜର ସଭ୍ୟ, ସେହି ସମାଜ ସମୃଦ୍ଧ ହୋଇଥାଏ । ଯେଉଁ ଦେଶରେ ସର୍ବାପେକ୍ଷା ଅଧିକ ସୁଂଖଳିତ ଓ ସୁଖୀଲୋକ ଥାଆନ୍ତି ; ସେହି ଦେଶ ସର୍ବାପେକ୍ଷା ସମୃଦ୍ଧିଶାଳୀ ଦେଶ । ସେହି ଲୋକ ସର୍ବାପେକ୍ଷା ଅଧିକ ସମୃଦ୍ଧିଶାଳୀ, ଯେ କି ନିଜ ଜୀବନକୁ ସୁନିୟନ୍ତ୍ରିତ କରି ତାର ବ୍ୟକ୍ତିଗତ ପ୍ରଭାବ ଓ ନିଜର ସଂପତ୍ତିକୁ ସମାଜର ଅନ୍ୟଲୋକଙ୍କ ସାହାଯ୍ୟରେ ବିନିଯୋଗ କରିଥାଏ । କେବଳ ଅହିଂସା ଉପରେ ପ୍ରତିଷ୍ଠିତ ଶାସନରେ ବ୍ୟକ୍ତି-ସ୍ୱାଧୀନତାର ପୂର୍ଣ୍ଣବିକାଶ ଘଟିଥାଏ । ପ୍ରକୃତ ଗଣତନ୍ତ୍ର ବା ସ୍ୱରାଜ୍ୟ ମିଥ୍ୟା ଓ ହିଂସାତ୍ମକ ଉପାୟରେ କଦାପି ହାସଲ କରାଯାଇ ନ ପାରେ; କାରଣ ଏହି ଉପାୟରେ ସ୍ୱାଧୀନତା ହାସଲ କରାଗଲେ ବିରୋଧୀଦଳଙ୍କୁ ଏକାବେଳକେ ମୂଳପୋଛ କରିଦେବା ବା ଚପେଇ ରଖିବା ତାର ହେବ ସ୍ୱାଭାବିକ ପରିଣତି । ବ୍ୟକ୍ତି-ସ୍ୱାଧୀନତା ପାଇଁ ତାହା ଅନୁକୂଳ ହେବ ନାହିଁ । ସବୁ ବିଷୟରେ ବହୁ ମତକୁ ମାନି ନେବା ଦାସତ୍ୱ ଛଡ଼ା ଅନ୍ୟ କିଛି ନୁହେଁ । ଗଣତନ୍ତ୍ରରେ ବ୍ୟକ୍ତି-ସ୍ୱାଧୀନତା, ବିଭିନ୍ନ ମତାମତ ଓ କାର୍ଯ୍ୟ ପ୍ରତି ସଜାଗ ଦୃଷ୍ଟି ରହିଥିବା ଆବଶ୍ୟକ ।

### ସ୍ୱାଧୀନ ଭାରତରେ ଗ୍ରାମଶାସନର ରୂପରେଖ:

ତଳଆଡୁ ହିଁ ସ୍ୱାଧୀନତା ଆରମ୍ଭ ହେବ । ଏଥିରେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଗଣତାନ୍ତ୍ରିକ ଅନୁଷ୍ଠାନ ବା ପଞ୍ଚାୟତ ବ୍ୟବସ୍ଥା କରାଯିବ ଏବଂ ସେମାନଙ୍କୁ ଯଥେଷ୍ଟ କ୍ଷମତା ଦିଆଯିବ । ତେଣୁ ପ୍ରତ୍ୟେକ ଗ୍ରାମକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ ଏବଂ ସମଗ୍ର ପୃଥିବୀ ବିରୁଦ୍ଧରେ ଛିଡ଼ା ହୋଇ ମଧ୍ୟ ନିଜ କାମ ନିଜକୁ କରିବାକୁ ହେବ । ବାହାରୁ କୌଣସି ଆକ୍ରମଣ ହେଲେ ତା ବିରୁଦ୍ଧରେ ନିଜକୁ ରକ୍ଷା କରିବା ଉଦ୍ୟମରେ ଜୀବନ ଦେବାପାଇଁ ଗ୍ରାମବାସୀ-ମାନେ ପ୍ରସ୍ତୁତ ହେବେ ଏବଂ ସେଥିପାଇଁ ତାଲିମ ପାଇବେ । ଗୋଟିଏ ଗ୍ରାମ ଅନ୍ୟଗ୍ରାମ ଉପରେ ନିର୍ଭର କରିପାରେ ବା ପଡ଼ୋଶୀର ସ୍ୱେଚ୍ଛାକୃତ ସାହାଯ୍ୟ ଗ୍ରହଣ କରିପାରେ । ସ୍ୱାଧୀନ ଓ ସ୍ୱେଚ୍ଛାକୃତ ଶକ୍ତିର ଏହା ହେବ ଏକ ମିଳନ କ୍ଷେତ୍ର । ଗ୍ରାମର ଲୋକଙ୍କ ଭିତରେ ପରସ୍ପର ସହଯୋଗ ରହିବ । ଏହିଭଳି ଏକ ସମାଜରେ ପ୍ରତ୍ୟେକ ନିଜ ନିଜର ଆବଶ୍ୟକତା ବୁଝିପାରିବେ ଏବଂ କେହି ଅଯଥା ଅଧିକ ଚାହିଁବେ ନାହିଁ । ଏ ପ୍ରକାର ସମାଜରେ ଲୋକେ ତ୍ୟାଗ ନମ୍ରତା ଓ ଅଧ୍ୟବସାୟ ବଳରେ ଏକତାବଦ୍ଧ ହେବେ ।

ଆଜି ପର୍ଯ୍ୟନ୍ତ ସହର ନିଜର କର୍ତ୍ତୃତ୍ୱ ବିସ୍ତାର କରି ଗ୍ରାମଗୁଡ଼ିକୁ ଶୋଷଣ କରୁଛି, ଫଳରେ ଗ୍ରାମ ଗୁଡ଼ିକ ଗୋଟି ଗୋଟି ହୋଇ ଭାଙ୍ଗି ପଡ଼ୁଛି । ଗ୍ରାମ ଗୁଡ଼ିକର ଶୋଷଣ ସଙ୍ଗଠିତ ହିଂସାଛଡ଼ା ଆଉ କ'ଣ ହୋଇପାରେ ? ଆମେ ଯଦି ଅହିଂସା ଉପରେ ପ୍ରତିଷ୍ଠିତ ସମାଜ ଗ୍ରହୁଁ, ତା'ହେଲେ ଗ୍ରାମଗୁଡ଼ିକୁ ତାର ଯଥାର୍ଥ ସ୍ଥାନ ଦେବାକୁ ହେବ । ଗଣତାନ୍ତ୍ରିକ ଭାରତରେ ଗ୍ରାମଗୁଡ଼ିକ ଗୋଟିଏ ଗୋଟିଏ ଇଉନିଟ୍ ବା ଏକକ ହିଁ । ଗଣତନ୍ତ୍ର ପ୍ରତ୍ୟେକ ଗ୍ରାମବାସୀଙ୍କ ଦ୍ୱାରା ନେଖୋବୁଝି କାର୍ଯ୍ୟକାରୀ ହେବ । ଭାରତ ଅସଂଖ୍ୟ ଗ୍ରାମକୁ ନେଇ ଗଠିତ ହୋଇଥିବାରୁ ଗ୍ରାମ ସଙ୍ଗଠନ କହିଲେ ସମଗ୍ର ଭାରତର ସଙ୍ଗଠନ ବୋଲି ବୁଝାଏ । ଗ୍ରାମ ସ୍ତରରେ ବ୍ୟକ୍ତି-ସ୍ୱାଧୀନତା ଉପରେ ପ୍ରତିଷ୍ଠିତ ପୂର୍ଣ୍ଣ ଗଣତନ୍ତ୍ର ଶାସନର ନମୁନା ରହିବ । ବ୍ୟକ୍ତି ନିଜ ଶାସନର ନିର୍ମାତା । ଅହିଂସା ନୀତି ଦ୍ୱାରା ସେ ଓ ତାର ଶାସନ ପରିଚାଳିତ ହେବ ।

ଗ୍ରାମ-ସ୍ୱରାଜ ବିଷୟରେ ମୋର ଧାରଣା ଏଇଆ ଯେ, ଏହା ହେବ ଗୋଟିଏ ସଂପୂର୍ଣ୍ଣ ଗଣତାନ୍ତ୍ରିକ ବ୍ୟବସ୍ଥା । ଆତ୍ମନିର୍ଭରଶୀଳତା, ସହଯୋଗିତା ଦ୍ୱୟାଦି ହେବ ଏହାର ପ୍ରଧାନ ଅଙ୍ଗ । ନିଜର ଅତ୍ୟାବଶ୍ୟକୀୟ ଜିନିଷ ନିମନ୍ତେ ଏହା ପଡ଼ୋଶୀଙ୍କ ଉପରେ ନିର୍ଭର କରିବ ନାହିଁ, ତଥାପି କେତେକ ବିଷୟରେ ପଡ଼ୋଶୀଙ୍କ ଉପରେ ନିର୍ଭର କରିବା ଦରକାର ହେବ । ସେଥିରେ ସେମାନେ ହେବେ ପରସ୍ପର ପ୍ରତି ନିର୍ଭରଶୀଳ । ଏଣୁହିଁ ପ୍ରତ୍ୟେକ ଗ୍ରାମର ପ୍ରଥମ କର୍ତ୍ତବ୍ୟ ହେଲା ନିଜପାଇଁ ଖାଦ୍ୟପଦାର୍ଥ ଓ ପିନ୍ଧିବାପାଇଁ ତୁଳା ଉତ୍ପାଦନ କରିବା । ଗ୍ରାମବାସୀଙ୍କ ପାଇଁ ଅବସର ବିନୋଦନ ଗୃହ ଏବଂ ଗୋରୁଗାଈଙ୍କ ନିମନ୍ତେ ଖେଳ ପଡ଼ିଆ ରହିବା ଆବଶ୍ୟକ । ଯଦି ଗ୍ରାମରେ ଅଧିକା ଜମିଥାଏ, ତା ହେଲେ ସେଥିରେ ଗଞ୍ଜେଇ ଓ ଅଫିମ ଆଦି ଛଡ଼ା ଅନ୍ୟାନ୍ୟ ଦରକାରୀ ଅର୍ଥକରୀ ଫସଲ ଉତ୍ପାଦନ କରାଯିବ । ପ୍ରତ୍ୟେକ ଗ୍ରାମ ଗୋଟିଏ ଗୋଟିଏ ନାଟ୍ୟମଞ୍ଚ, ସ୍କୁଲ ଓ ସାଧାରଣ ସଭାଗୃହ ନିର୍ମାଣ କରିବା ଉଚିତ । ନିର୍ମଳ ପାନୀୟଜଳ ଯୋଗାଣ ନିମନ୍ତେ ପ୍ରତ୍ୟେକ ଗ୍ରାମ ବ୍ୟବସ୍ଥା କରିବେ । ନିୟନ୍ତ୍ରିତ କୂଅ ବା ପୋଖରୀ ସାହାଯ୍ୟରେ ଏହା କରାଯାଇ ପାରିବ । ଶେଷ ସୋପାନ ପର୍ଯ୍ୟନ୍ତ ମୌଳିକ ଶିକ୍ଷା ବାଧ୍ୟତାମୂଳକ ହେବ । ଜାତି ପ୍ରଥା କିମ୍ବା ଅସ୍ପୃଶ୍ୟତା ରହିବ ନାହିଁ । ଗ୍ରାମର ପ୍ରତ୍ୟେକ ବିଭାଗ ଯେତେଦୂର ସମ୍ଭବ ସମବାୟ ସଂସ୍ଥା ଦ୍ୱାରା ପରିଚାଳିତ ହେବ ।

## ଶ୍ରେଣୀ ସଂଘର୍ଷ ଅନିବାର୍ଯ୍ୟ ନୁହେଁ

ଆମେ ଯଦି ଶ୍ରେଣୀ ସଂଘର୍ଷର ତାତପର୍ଯ୍ୟ ହୃଦୟଙ୍ଗମ କରିଥାଉ, ତା ହେଲେ ବୁଝିପାରିବା ଯେ, ଭାରତ ବର୍ଷରେ ଶ୍ରେଣୀ ସଂଘର୍ଷ ଅନିବାର୍ଯ୍ୟ ନୁହେଁ । ଏହା ଅତି ସହଜରେ ଏଡ଼େଇ ଦିଆଯାଇ ପାରିବ । ଯେଉଁମାନେ ଶ୍ରେଣୀ ସଂଘର୍ଷ କଥା କହନ୍ତି, ସେମାନେ ଅହିଂସାର ତାତ୍ପର୍ଯ୍ୟ ବୁଝି ନାହାନ୍ତି । ଶ୍ରେଣୀ ସଂଘର୍ଷ ଭାରତର ମୌଳିକ ପରମ୍ପରାର ବିରୋଧୀ । ଭାରତୀୟ ସଂସ୍କୃତି ସମସ୍ତଙ୍କ ପ୍ରତି ସମାନ ନ୍ୟାୟ ପ୍ରଦର୍ଶନ ମୂଳକ ମୌଳିକ ଅଧିକାର ଉପରେ ପ୍ରତିଷ୍ଠିତ । ମୁଁ ଯେଉଁ ରାମରାଜ୍ୟର ପରିକଳ୍ପନା କରୁଛି, ସେଥିରେ ରାଜା ଓ ନିଃସ୍ୱ ବ୍ୟକ୍ତିର ସମାନ ଅଧିକାର ରହିବ । ସମସ୍ତ ପୁଞ୍ଜିପତି ଓ ଜମିଦାର ଯେ ଶୋଷଣକାରୀ, ଏହା ମୁଁ ବିଶ୍ୱାସ କରେ ନାହିଁ । ସ୍ୱେଚ୍ଛାରେ ହେଉ ବା ଜବରଦସ୍ତି ହେଉ, ସମସ୍ତ ଶୋଷଣ ଶୋଷିତଙ୍କ ସହଯୋଗ ଉପରେ ତିଷ୍ଠି ରହିଛି । ଶୋଷିତ ଲୋକେ ଯଦି ଶୋଷଣକାରୀଙ୍କ କଥାରେ ଏକମତ ନ ହୁଅନ୍ତି, ତା' ହେଲେ ଶୋଷଣ ସମ୍ଭବ ହୋଇ ପାରିବ ନାହିଁ । ତେଣୁ ସମସ୍ତ ପୁଞ୍ଜିପତି ଓ ଜମିଦାରଙ୍କୁ ଲୋପ କରିଦେଲେ ଯେ ଆମର ଉଦ୍ଦେଶ୍ୟ ସାଧିତ ହୋଇଯିବ, ତା' ନୁହେଁ । ବର୍ତ୍ତମାନ ପୁଞ୍ଜିପତି ଓ ଶ୍ରମିକ, ଜମିଦାର ଓ ପ୍ରଜାଙ୍କ ଭିତରେ ଯେଉଁ ସଂପର୍କ ରହିଛି ତାକୁ ପରିବର୍ତ୍ତନ କରି ଅଧିକ ସ୍ୱାସ୍ଥ୍ୟକର ଓ ଶୁଦ୍ଧ କରାଯିବା ଦରକାର । ଆମ ଦେଶରେ ଯେଉଁ ବର୍ଣ୍ଣାଶ୍ରମ ବ୍ୟବସ୍ଥା ଥିଲା, ତାହା ଉଚ୍ଚ, ନୀଚ ଏବଂ ସେହିପରି ଶ୍ରମିକ ଓ ମାଲିକ ଭିତରେ ଥିବା ବ୍ୟବଧାନ ଦୂର କରିବା ଉପାୟ ଛଡ଼ା ଆଉ କ'ଣ ହୋଇପାରେ ?



# ନୂତନ ଭାରତର ଭୂମିକାରେ ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ଭକ୍ତିରୂପାନନ୍ଦ



ମହାନିର୍ବାଣରେ ଅଳ୍ପ କେତେଦିନ ପୂର୍ବେ ଦିନେ ବୁଦ୍ଧଦେବ ତାଙ୍କ ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ ଡାକି କହିଲେ ଯେ ସେ ଶୀଘ୍ର ଏହି ନଶ୍ୱର ଦେହ ତ୍ୟାଗ କରିବେ । ଆନନ୍ଦ ଅତି ବ୍ୟଥିତ ହୋଇ କହିଲେ, "ପ୍ରଭୁ, ଆପଣ ନ ଥିଲେ ଆମର କ'ଣ ଦଶା ହେବ ?" ବୁଦ୍ଧ ଉତ୍ତର ଦେଲେ, "ଆନନ୍ଦ, ମୁଁ ତୁମ୍ଭମାନଙ୍କୁ ବାରମ୍ବାର କହିଛି, ମୋ ଦିଗକୁ ଦୃଷ୍ଟି ନ ଦେଇ ସେହି ମୋର ବାଣୀ ଓ ଉପଦେଶ ଅନୁସାରେ ତୁମ୍ଭ ଜୀବନ ପରିଚାଳିତ କରିବ । ମୋର ଅବର୍ତ୍ତମାନରେ ମୋର ବାଣୀ ଯେପରି ତୁମ୍ଭକୁ ପରିଚାଳିତ କରେ—ଏହା ମୋର ଆନ୍ତରିକ ଇଚ୍ଛା ଓ ଆଶୀର୍ବାଦ ।"

ସ୍ୱାମୀ ବିବେକାନନ୍ଦଙ୍କ ବିଷୟରେ କିଛି କହିବାକୁ ହେଲେ ଏହି କଥାର ସ୍ମରଣ ହୁଏ। ତାଙ୍କର ନଶ୍ୱର ଦେହ ଏହି ଜଗତରେ ନାହିଁ। କିନ୍ତୁ ତାଙ୍କର ବାଣୀ ଓ ଉପଦେଶ ରହିଛି । ଆମେରିକା ଯାତ୍ରା କରିବା ପରେ ସେ ମାତ୍ର ନ'ବର୍ଷ ଏହି ପୃଥିବୀରେ ଥିଲେ । କିନ୍ତୁ ଏହି ସମୟରେ ସେ ଯାହା କହିଛନ୍ତି ତା କେତେକାଂଶ ତାହା ଲିପିବଦ୍ଧ ହୋଇ ରହିଛି । ପୁସ୍ତକାକାରରେ ତାଙ୍କର ଯେଉଁ ଅସଂଖ୍ୟ ବାଣୀ ଓ ଉପଦେଶ ସନ୍ନିହିତ ଅଛି, ତାହା ଆମ୍ଭମାନଙ୍କୁ ବର୍ତ୍ତମାନ ପରିସ୍ଥିତିରେ ପଥ ନିର୍ଦ୍ଦେଶ କରିବ । ଏକାଳର ଶ୍ରେଷ୍ଠ ମନିଷୀଙ୍କ ମତରେ ଆମ ବ୍ୟକ୍ତିଗତ ଜୀବନର ଅଥବା ଦେଶ ଓ ସମାଜର ଯେ କୌଣସି ସମସ୍ୟାର ସମାଧାନ ତାଙ୍କ ବାଣୀରୁ ଆମେ ଖୋଜି ପାଇବୁ । ଶ୍ରଦ୍ଧା ଓ ଭକ୍ତି ସହକାରେ ତାଙ୍କ ବାଣୀ ଓ ଉପଦେଶ ଅନୁଧାବନ କଲେ ଦୁଃଖ ଓ ବିପଦରେ ଶାନ୍ତିର ପଥ ଖୋଜି ପାଇବୁ; ଦେଶର ଓ ସମାଜର ସଂକଟପୂର୍ଣ୍ଣ ଅବସ୍ଥାରେ—ତାହା ଯେତେ ଭୟଙ୍କର ହେଉ ନା କାହିଁକି—ତାଙ୍କ ନିର୍ଦ୍ଦେଶ ଅନୁସାରେ ଚାଲିଲେ ଆମେ ସକଳ ବିପଦ ଅତିକ୍ରମ କରି ପାରିବୁ ।

ମହାତ୍ମା ଗାନ୍ଧୀ କହିଛନ୍ତି—I have gone through his works very thoroughly, and after having gone through them, the love that of I had for my country became a thousand-fold. I ask you, young man, not to go away empty handed without imbibing something of the spirit of the place where Swami Vivekananda lived and died.

ଅରବିନ୍ଦଙ୍କ ମତରେ—"The going forth of Vivekananda marked out by the Master (meaning Shri Ramakṛishna) as the heroic soul destined to take the work between his two hands and change it, was the first visible sign to the world that India was awake not only to survive but to conquer. Swami Vivekananda was a soul of puissance if ever there was one, a very lion among men. We perceive his influence still working gigantically, we know not well how, we know not well where, in something that is not yet formed, something leonine, grand, intuitive, upheaving, that has entered the soul of India, and we say, Behold ! Vivekananda still lives in the soul of his Mother, and in the soul of her children."

ସ୍ୱାମୀଜୀଙ୍କ ବାଣୀ ଓ ଉପଦେଶ ଅସଂଖ୍ୟ ହେଲେ ହେଁ ସେଗୁଡ଼ିକ କେତୋଟି ମୂଳ ଶାଶ୍ୱତ ସତ୍ୟ ଉପରେ ପ୍ରତିଷ୍ଠିତ । ଏଗୁଡ଼ିକ ନୂତନ ନୁହେଁ, ପ୍ରାଚୀନ ଭାରତର ଋଷିମାନେ ଏହି ବାଣୀର ଉଦ୍‌ଗାତା । କିନ୍ତୁ କାଳକ୍ରମେ ଆମେ ଏହି ସତ୍ୟଗୁଡ଼ିକୁ ଭୁଲି ଯାଇଥିଲୁ ଏବଂ ଫଳରେ ଅଧଃପତନର ଚରମ ସୀମାରେ ଆସି ପହଞ୍ଚିଥିଲୁ । ସ୍ୱାମୀଜୀ ତାଙ୍କର ଉଦାତ୍ତ ସ୍ୱରରେ ସେହି ସତ୍ୟର ବାଣୀ ଘୋଷଣା କରି ଆମ୍ଭମାନଙ୍କ ନିକଟରେ ନବଯୁଗର ପଥ ନିର୍ଦ୍ଦେଶ କରିଛନ୍ତି । ବଜ୍ର ଗମ୍ଭୀର କଣ୍ଠରେ ଦେଶବାସୀଙ୍କୁ ଆହ୍ୱାନ କରି କହିଛନ୍ତି—ଉଠ, ଜାଗ୍ରତ ହୁଅ । ମୁମୂର୍ଷୁ ଜାତିକୁ ସେ ସଞ୍ଜୀବିତ କରିଛନ୍ତି ।

ପାଶ୍ଚାତ୍ୟ ସଭ୍ୟତାର ବାହ୍ୟ ଆଡ଼ମ୍ବରରେ ଅଭିଭୂତ ଭାରତବାସୀ ଯେତେବେଳେ ନିଜର ଅତୀତ ଗୌରବକୁ ଭୁଲି ଯାଇଥିଲା ଓ ଭବିଷ୍ୟତ ସମ୍ବନ୍ଧରେ ଆଶାହୀନ, ଉଦ୍ୟମହୀନ ହୋଇ ନିଜକୁ ଘୃଣିତ ମନେ କରି ତମୋଗୁଣରେ ଆଚ୍ଛନ୍ନ ହୋଇଥିଲା, ସେତେବେଳେ ସ୍ୱାମୀଜୀ ତାହାକୁ ପ୍ରାଚୀନ ଶାଶ୍ୱତ ସତ୍ୟର ବାଣୀ ଶୁଣାଇ ଆତ୍ମପ୍ରତିଷ୍ଠ ହେବାକୁ ଆହ୍ୱାନ କରିଥିଲେ । ସମଗ୍ର ଜଗତ ସମ୍ମୁଖରେ ସେହି ଶାଶ୍ୱତ ବାଣୀକୁ ଘୋଷଣା କରି ଯେତେବେଳେ ହିନ୍ଦୁଧର୍ମର ମହିମା ପ୍ରଚାର ଦ୍ୱାରା ବିଶ୍ୱବାସୀଙ୍କୁ ମୁଗ୍ଧ କରିଥିଲେ, ସେତେବେଳେ ଏହି ଆତ୍ମବିସ୍ମୃତି ହିନ୍ଦୁଜାତିର ମନରେ ଆତ୍ମପ୍ରତ୍ୟୟ ଜାଗ୍ରତ କରି ସେ ଏକ ନବଯୁଗର ସୂଚନା ଦେଇଥିଲେ । ପାଶ୍ଚାତ୍ୟର ଜଡ଼ଶକ୍ତି ଅପେକ୍ଷା ଭାରତର ଆଧ୍ୟାତ୍ମିକ ଶକ୍ତି ଯେ ଅନେକ ଶ୍ରେଷ୍ଠ ଏବଂ ଭାରତବାସୀମାନଙ୍କୁ ବଞ୍ଚିରହିବାକୁ ହେଲେ ଯେ ପୁଣି ସେହି ଆଧ୍ୟାତ୍ମିକ ଶକ୍ତିର ଉଦ୍‌ବୋଧନ ଆବଶ୍ୟକ—ଏହି ସତ୍ୟ ବିବେକାନନ୍ଦ ବାରମ୍ବାର ବିଭିନ୍ନ ଭାବରେ ଘୋଷଣା କରିଛନ୍ତି । ଆଧ୍ୟାତ୍ମିକତାର ପୀଠଭୂମି ଭାରତବର୍ଷ ଜାଗ୍ରତ ନ ହେଲେ ଜଗତରେ ଧର୍ମର ଉନ୍ନତି ସମ୍ଭବ ନୁହେଁ ।

ପାଶ୍ଚାତ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ସାଫଲ୍ୟ ହେତୁ ଯେଉଁ ଅଭିନନ୍ଦନ ବାର୍ତ୍ତା ତାଙ୍କ ନିକଟକୁ ପ୍ରେରଣ କରାହୋଇଥିଲା; ତାହାର ଉତ୍ତରରେ ସ୍ୱାମୀଜୀ ଲେଖିଥିଲେ—Shall India die ? Then from the world all spirituality will be extinct, all moral perfection will be extinct, all sweet souled sympathy for religion will be extinct, all ideality will be extinct; and in its place will reign the duality of lust and luxury as the male and female deities, with money as its priest, fraud, force, and competition its ceremonies, and the human soul its sacrifice such a thing can never be.

ଆଧ୍ୟାତ୍ମିକତାରୁ ସ୍ୱଦେଶପ୍ରେମର ଉଦ୍ଭବ । ଭାରତର ପ୍ରାକ୍ତନ ରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ୍ ସ୍ୱାମୀଜୀଙ୍କ ସମ୍ବନ୍ଧରେ କହିଛନ୍ତି; "He inculcated a religion of Patriotism—not patriotism in the narrow sense of the term, Patriotism as the religion of humanity. His was a religion which called upon us to look

upon all human beings as kindred, as belonging to one family. He said 'it is a man-making religion'. It is a humanistic religion. There is no divorce between contemplative life and social service.'' ପଦଦଳିତ ପରାଧୀନ ଭାରତ-ବାସୀଙ୍କୁ ପୁଣି ଉଚ୍ଚ ଆସନରେ ପ୍ରତିଷ୍ଠିତ କରିବାକୁ ହେବ । କିନ୍ତୁ ଭାରତବାସୀ କହିଲେ କେବଳ ମୁଷ୍ଟିମେୟ ଶିକ୍ଷିତ ଶ୍ରେଣୀକୁ ବୁଝାଏ ନାହିଁ । ଆମ ଦେଶର କୋଟି କୋଟି ଅଶିକ୍ଷିତ ଦରିଦ୍ର ଅତ୍ୟନ୍ତ ଘୃଣିତ ଅବହେଳିତ ଅପମାନିତ ନିମ୍ନ ଅଧିବାସୀମାନେ ସମସ୍ତେ ଭାରତବାସୀ । ଏମାନଙ୍କ ଭିତରେ ଦୈହିକ, ମାନସିକ, ନୈତିକ ଶକ୍ତି ଜାଗ୍ରତ କରିବାକୁ ହେବ, କିନ୍ତୁ ତାହା ପୂର୍ବରୁ ଏମାନଙ୍କର ଅନ୍ନ ଓ ସ୍ୱାସ୍ଥ୍ୟର ବ୍ୟବସ୍ଥା ପ୍ରୟୋଜନ । ଶାଶ୍ୱତ ସତ୍ୟ ଅନୁଯାୟୀ ଆମେ ସମସ୍ତେ ଭାଇ ଭାଇ, କାରଣ ଆମେ ସମସ୍ତେ ଈଶ୍ୱରଙ୍କର ଅଂଶ; ସୁତରାଂ ଏମାନଙ୍କର ସେବାହିଁ ହେଉଛି ଭଗବାନଙ୍କର ସେବା । ଏହି ଦରିଦ୍ର ନାରାୟଣଙ୍କ ପୂଜା ନିମିତ୍ତ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । 'ଶିବଜ୍ଞାନେ ଜୀବସେବା'ର ସୁଦୃଢ଼ ଭିତ୍ତି ଉପରେ ସ୍ୱାମୀଜୀଙ୍କ ସ୍ୱଦେଶପ୍ରେମ ପ୍ରତିଷ୍ଠିତ—'ଶିବମାତ୍ମନି ପଶ୍ୟନ୍ତି' ।

ବିଭିନ୍ନ ଭାଷା, ଧର୍ମ-ସମ୍ପ୍ରଦାୟ ଓ ପ୍ରାଦେଶିକ ମନୋବୃତ୍ତି ଆମ ଜାତୀୟ ସଂଗଠନର ପ୍ରଧାନ ଅନ୍ତରାୟ—ଏହା ଉପଲବ୍ଧି କରି ଆମ ନେତାମାନେ ଐକ୍ୟ ସାଧନର ପଥ ଖୋଜୁଛନ୍ତି । ଏହି ବିଷୟରେ କିନ୍ତୁ ସ୍ୱାମୀଜୀଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି—ଭାରତର ଐକ୍ୟ ଆଧ୍ୟାତ୍ମିକତାର ଭିତ୍ତି ଉପରେ ପ୍ରତିଷ୍ଠିତ କରିବାକୁ ହେବ । ଯେଉଁମାନେ ପରଧର୍ମ-ସହିଷ୍ଣୁ ଏବଂ ଆଧ୍ୟାତ୍ମିକ ଶକ୍ତିରେ ବିଶ୍ୱାସ କରନ୍ତି, ସେମାନଙ୍କ ସମବାୟରେ ଏହି ଜାତି ସଙ୍ଗଠିତ ହେବ—ଧର୍ମ ସମ୍ପ୍ରଦାୟ ଦୃଷ୍ଟିରୁ ସେମାନେ ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିୟାନ୍ ଯାହା ହୁଅନ୍ତୁ ନା କାହିଁକି । ଭାରତରେ ଆଧ୍ୟାତ୍ମିକତାର ଭିତ୍ତି ଉପରେ ଆମ ଜାତୀୟତା ପ୍ରତିଷ୍ଠିତ ହେଲେ ଯାଇ ଭାରତୀୟ ଆଦର୍ଶ ଓ ଉପଦେଶ ସମଗ୍ର ବିଶ୍ୱ ଗ୍ରହଣ କରିବ ଓ ତ୍ରାଣ ପାଇବ । ନଚେତ୍ କେହିହେଲେ ଭାରତର ବାଣୀକୁ କର୍ଣ୍ଣପାତ କରିବେ ନାହିଁ ।

ସ୍ୱାମୀ ବିବେକାନନ୍ଦ ଯେ ଭାରତକୁ ନବଯୁଗର ବାର୍ତ୍ତା ଆଣିଛନ୍ତି ଓ ପଥ ନିର୍ଦ୍ଦେଶ କରିଛନ୍ତି, ତାହାର ପ୍ରଭାବ ଆମେ ସର୍ବତ୍ର ଦେଖିବାକୁ ପାଉ । ବିଂଶ ଶତାବ୍ଦୀର ଭାରତର ତିନିଜଣ ସର୍ବଶ୍ରେଷ୍ଠ ମନିଷୀ—ଅରବିନ୍ଦ, ରବୀନ୍ଦ୍ରନାଥ ଓ ଗାନ୍ଧୀଜୀ—ଯେ ସ୍ୱାମୀଜୀଙ୍କ ବାଣୀଦ୍ୱାରା ଅନୁପ୍ରାଣିତ, ଏଥିରେ କୌଣସି ସନ୍ଦେହ ନାହିଁ । ଅରବିନ୍ଦ ଓ ଗାନ୍ଧୀଜୀ ଏହା ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି । ରବୀନ୍ଦ୍ରନାଥ ମଧ୍ୟ କହିଛନ୍ତି—Vivekananda has said that there is the power of Brahman in every human being, also that it is through the poor and the disposessed that Narayana seeks and awaits our service, What a grand message । ''ଜାତୀୟ ଆନ୍ଦୋଳନରେ ସ୍ୱାମୀଜୀଙ୍କ ଅବଦାନ ଯେ କେତେ ସୁଦୂରପ୍ରସାରୀ ସେହି ବିଷୟରେ କହିବାକୁ ଯାଇ ନେତାଜୀ ସୁଭାଷଚନ୍ଦ୍ର ବୋଷ୍ କହିଛନ୍ତି, "I can not write about Vivekananda without going into raptures. Few, indeed could comprehend or fathom him. His personality was rich, profound and complex, and it was this personality which accounts for the wonderful influence he has exerted on his countrymen. Swamiji was a full-blooded masculine personality—and a fighter to the care of his being. He was consequently a worshipper of sakti and gave a practical interpretation to the Vedanta for the uplift of his countrymen. Strength, strength is what the Upanishads, say—that was a frequent cry of his. I can go on for hours and get fail to do the slightest justice to that great man. He was so great, so profound, so complex....If he had been alive, I would have been at his feet. Mordern India is his creation —if I err not" ନେହେରୁ ମଧ୍ୟ ଏହା ସ୍ୱୀକାର କରିଛନ୍ତି—" Rooted in the past and full of pride in India's heritage, Vivekananda was yet mordern in his approach to life's problems and was a kind of bridge between the past of India and her present.....Vivekananda came as a tonic to the depressed and demoralised Hindu mind and gave it self-reliance


and some roots in the past. He was no politician in the ordinary sense of the term and yet he was, I think, one of the great founders of the national movement of India····Directly or indirectly, he has powerfully influenced the India of today.

ଦେଶବାସୀଙ୍କୁ ଆହ୍ୱାନ କରି ସ୍ୱାମୀଜୀ କହିଛନ୍ତି "ଆତ୍ମବିଶ୍ୱାସୀ ହୁଅ—ଆଳସ୍ୟ ପରିତ୍ୟାଗ କର । ଏବଂ ଈପ୍ସିତ ଭାରତର ଗଠନପାଇଁ କଠିନ ପରିଶ୍ରମ କର । ସେ କହିଥିଲେ—"ନିଦ୍ରିତ ଆତ୍ମାକୁ ଆହ୍ୱାନ କର, ଦେଖ—କିପରି ଏହା ଜାଗ୍ରତ ହୁଏ । ଶକ୍ତି ଆସିବ, ଗୌରବ ଆସିବ" ତ୍ୟାଗ ବିନା କୌଣସି ମହତକାର୍ଯ୍ୟ ହୁଏନାହିଁ । ସୁଖ ସୁବିଧା, ନାମଯଶ, ପଦ ମର୍ଯ୍ୟାଦା, ଏପରିକି ଜୀବନ ପର୍ଯ୍ୟନ୍ତ ବିସର୍ଜନ ଦିଅ"............. ଆଜି ଆମଦେଶର ପ୍ରୟୋଜନ ଲୌହଦୃଢ଼ ପେଶୀ, ଇସ୍ପାତ ସଦୃଶ ସ୍ନାୟୁ, ଏବଂ ପ୍ରବଳ ଇଚ୍ଛାଶକ୍ତି—ଯାହା ଯେକୌଣସି ଉପାୟରେ ହେଉ, କାର୍ଯ୍ୟସିଦ୍ଧି କରିବ । ଏଥିପାଇଁ ଯଦି ମୃତ୍ୟୁର ସମ୍ମୁଖୀନ ହେବାକୁ ହୁଏ, ସେଥିପାଇଁ ମଧ୍ୟ ପ୍ରସ୍ତୁତ । "..............."ହେ ବୀର ! ଦର୍ପର ସହିତ କୁହ, ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ, ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ । ପ୍ରାର୍ଥନା କର—ହେ ଗୌରୀନାଥ ! ହେ ଜଗଦମ୍ବେ । ମୋତେ ମନୁଷ୍ୟତ୍ୱ ଦିଅ । ମା ! ମୋତେ ମଣିଷ କର । ଭାରତର ଭବିଷ୍ୟତ ସଂପର୍କରେ ସ୍ୱାମୀଜୀ କହିଛନ୍ତି—

There She is walking with her own majestic steps—my mother land, to fulfil her glorious destiny, which no power on earth can check. "Up, up, the long night is passing away, and the day is approaching, the wave has risen, nothing will be able to resist its tidal fury"; never is she going to sleep any more; no outward powers can hold her back any more, for the infinite grant is rising to her feet.


ସ୍ୱାମୀଜୀଙ୍କର ସେହି ମହାନ୍ ଆଦର୍ଶ ଭାରତକୁ ଜାଗ୍ରତ କରିଥିଲା ଏବଂ ପ୍ରାଚ୍ୟ ଓ ପାଶ୍ଚାତ୍ୟକୁ ମୋହିତ କରିଥିଲା, ସେହି ଆଦର୍ଶ ଯେପରି ଆମ୍ଭମାନଙ୍କୁ ଅନୁପ୍ରାଣିତ କରେ—"ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟଚ"—ନିଜର ମୁକ୍ତିପାଇଁ ଓ ଜଗତର କଲ୍ୟାଣ ପାଇଁ ଏହି ଜୀବନପ୍ରଦ ନୀତିକୁ ଚରିତାର୍ଥ କରିବା ପାଇଁ ଆମେ ଯେପରି ଆମରଣ ସଂଗ୍ରାମ କରିଯାଉ ।

ଶ୍ରୀ ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର—୭୫୧୦୦୨



# ଉତ୍କଳମଣି ଗୋପବନ୍ଧୁଙ୍କ ସ୍ୱାଧୀନ ଭାରତ ଭାବନା

❁ ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ସ୍ୱାଧୀନ ଭକ୍ଷଣ ଆଉ ସ୍ୱାଧୀନ ବିହାର
ଭିତ୍ତିସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।



❁ ସ୍ୱରାଜ୍ୟ ଧରମେ ନାହିଁ ଭେଦ ଜ୍ଞାନ
ଏକାକୋଳେ ଜନ୍ମ ଏକାକୋଳେ ଖେଳ
ଗୃହରେ ଅଛନ୍ତି ଗ୍ରାମେ ପଞ୍ଚାୟତ
ସ୍ୱରାଜ୍ୟ ସାଧନେ ଏହି ତିନିପଦ
ସମସ୍ତେ ଯେ ଏକ ମାତାର ସନ୍ତାନ
ଏକାକୋଳେ ଶଯ୍ୟା ହେଲେ ଶେଷଦିନ
ଗ୍ରାମବାସୀଗଣ ମଧ୍ୟେ ଏକ ମତ
ପାଳିଲେ ଖଣ୍ଡିବ ଦେଶର ବିପଦ ।

❋ ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ
ଯେତେ ଧର୍ମ ଯେତେ ବର୍ଣ୍ଣ ଜାତିକୁଳ
ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ
ଏକ କର୍ମ ଖେଳ ଏକ ମାତୃ ପଦେ
ଏକତା ମନ୍ତ୍ରରେ ରଖ ସଦା ମତି
ଶିଖ, ଜୈନ, ଯେତେ ଭାରତ-ସନ୍ତାନ
ଭାରତ ଜନନୀ ସମସ୍ତଙ୍କ ମୂଳ
ଏକତ୍ର ଅନୁଭୂତି, ଏକତ୍ର ଶ୍ମଶାନ
କରି ଏକ ପ୍ରାଣ ସଂପଦ ବିପଦେ
ହେବ ଏହିଭାବେ ସ୍ୱରାଜ୍ୟ ପ୍ରାପତି ।

❋ ପ୍ରଜା ଲାଗି କଲେ ପ୍ରଜାପତି ସୃଷ୍ଟି
ପ୍ରଜା ଲାଗି ଉଦେ ରବି ଶଶି ତାରା
ପ୍ରଜା ଲାଗି ରାଜ୍ୟ ପ୍ରକାର ଶାସନ
ପ୍ରଜା ଲାଗି ଇନ୍ଦ୍ର କରେ ଜଳବୃଷ୍ଟି
ପ୍ରଜା ଲାଗି ବହେ ଶତ ନଦୀ ଧାର
ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।

❋ ଜଗତ ସରସେ ଭାରତ କମଳ
ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।

❋ ଉଡ଼ିବ ଅମ୍ବରେ ସ୍ୱରାଜ୍ୟ କେତନ
ହେବ ପ୍ରତିଷ୍ଠିତ ମହର୍ଷି ମହତ
ବିସ୍ତାରିବ ବିଶ୍ୱେ ଏକତା ସମତା
ପ୍ରତିଷ୍ଠିତ ହେବ ସ୍ୱରାଜ୍ୟ ଶାସନ
ଜାଗିବ ଭାରତ, ଦେଖିବ ଜଗତ
ଶାନ୍ତି ଉଚ୍ଚାରିବେ ସ୍ୱରରେ ଦେବତା ।

❋ ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶର ସ୍ୱରାଜ୍ୟ ପଥେ ଯେତେଗାଡ଼
ସ୍ୱାଧୀନତା ପଥେ ତିଳେ ହେଲେ ନର
ମଙ୍ଗଳମୟଙ୍କ ସୁମଙ୍ଗଳ ଇଚ୍ଛା
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼
ମୋ ଜୀବନ ଦାନେ ହେଉ ଅଗ୍ରସର
ପୂରୁ ଏ ପରାଣେ ଏହି ଶେଷ ଭିକ୍ଷା ।



# ବନ୍ଦେ ମାତରମ୍ ସ୍ମରଣେ

ଶ୍ରୀ ବୈକୁଣ୍ଠ ସାମଲ

ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ

ଏ'ତ ଶୋଇବା ଲୋକକୁ ଚେତାଏ
ଏ'ତ ପଡ଼ିତ ଲୋକକୁ ଉଠାଏ
ଏ'ତ ବସିବା ଲୋକକୁ ଚଲାଏ
ଏ'ତ ରକ୍ତରେ ତାତି ଲଗାଏ
ତେବେ ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ ।।

ଏ'ତ ନୋହେଁ ମନ୍ଦିର ପାଇଁରେ
ଏ'ତ ନୋହେଁ ଗିର୍ଜାର ପାଇଁରେ
ଏ'ତ ନୋହେଁ ମସ୍‌ଜିଦ୍ ପାଇଁରେ
ଅର୍ଘ୍ୟ ଭାରତ ମାତାର ଏହିରେ
ତେବେ ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ ।।

ଏ'ତ ନୋହେ ବିଜ୍ଞାନ ଯନ୍ତର
ଏ'ତ ଗଣଦେବତାର ମନ୍ତର
ଏ'ତ ଟାଳିପାରେ ଗିରି କନ୍ଦର
ଏ'ତ ଭରେ ଅମୃତର ଅନ୍ତର
ତେବେ ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ

ଦେଲା ବନ୍ଧୁକ ଗୁଳି ଟାଳିରେ
ଦେଲା ତୀକ୍ଷଣ କଟାରୀ ମୋଡ଼ିରେ
ଦେଲା କମାଣ ମୁହଁକୁ ମାଡ଼ିରେ
ଦେଲା ଶୃଙ୍ଖଳ ଆମ ଖୋଲିରେ
ତେବେ ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ ।।

ବାହେ ଜାତୀୟ ଜୀବନ ବୋଇତ
କରେ ହିଂସା ଅସୂୟା ରହିତ
ଚୂରେ ଅଛ ନୀତିର ପର୍ବତ
ଭରେ ଘରେ ଘରେ ତାର ପୁଲକ
ତେବେ ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ ॥

ଏ'ତ ସୁଜଳା ସୁଫଳା ପ୍ଲାବନ
ଏ'ତ ଶସ୍ୟ ଶାମଳା ବାହନ
ଏ'ତ କୁସୁମିତ କରେ ଭୁବନ
ଏ'ତ ସୁଖଦା ବରଦା ସ୍ମରଣ
ତେବେ ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ ॥

ଆଜି ନୂତନ ରବିର କିରଣ
ମାତା କରିଛିରେ ତାକୁ ଧାରଣ
ନବ ଚେତନାରେ ଭରେ ଜୀବନ
କର୍ମ ସାଧନାର ଆଜି ଆହ୍ୱାନ
ତେବେ ଏ ଗୀତକୁ ଥରେ ଶୁଣ
ବାରେ ଘେନ
ମନେ ଗୁଣ ॥

ସ୍ୱସ୍ତି ବିଶ୍ୱର
ଡ଼ିଶା ଶଚିବାଳୟ, ଭୁବନେଶ୍ୱର

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଦିଗରେ ନୂତନ ଦୃଷ୍ଟିକୋଣ

**ପ୍ରଧାନ ମନ୍ତ୍ରୀ**



ପରିବାର ନିୟନ୍ତ୍ରଣ ଯୋଜନାକୁ ବଦଳାଇ ଆମେ ଯେ ପରିବାର କଲ୍ୟାଣ ଯୋଜନା କଲୁ, ସେଥିରେ ମୋର ଆଶଙ୍କା ହେବା ସ୍ୱାଭାବିକ ଯେ ଏହା ବହୁ ମହଲରେ ଗୋଟିଏ ଭୁଲ ବୁଝାମଣା ସୃଷ୍ଟି କରି ଥାଇପାରେ । ପ୍ରଥମରୁ ମୁଁ ସେ ବିଷୟଟିକୁ ସ୍ପଷ୍ଟ ବୁଝାଇ ଦେବାକୁ ଚାହେଁ ଅସଲ କଥା ହେଉଛି—ଏହି ନୂତନ ନାମ କରଣଟି ଅଧିକ ଯଥାର୍ଥ ଏବଂ ସଙ୍ଗତ । ପରିବାର ନିୟନ୍ତ୍ରଣ ପାରିବାରିକ ସମସ୍ୟାର ଗୋଟିଏ ମାତ୍ର ଦିଗକୁ ସ୍ପର୍ଶ କରେ । ମାତ୍ର ଲୋକଙ୍କ ସ୍ୱାର୍ଥ ଏବଂ ସମଗ୍ର ଦେଶ କେବଳ ଜନ ସଂଖ୍ୟା ନିୟନ୍ତ୍ରଣ ଉପରେ ନିର୍ଭର କରେ ନାହିଁ ।

ଅବଶ୍ୟ ଜନସଂଖ୍ୟା ନିୟନ୍ତ୍ରଣ ଖୁବ୍ ଅବଶ୍ୟ ... ମାତ୍ର କେବଳ ସେତିକି ଦ୍ୱାରା କଣ ଆମେ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତି କରି ପାରିବା ? ସ୍ୱାସ୍ଥ୍ୟ ମଧ୍ୟ ... ଗୋଟିଏ ବିଶେଷ ଲକ୍ଷ୍ୟ ହାସଲ କରିବା ଦିଗରେ ... ଉପାୟ ମାତ୍ର । ତା' ହେଉଛି ସମସ୍ତ ଦେଶବାସୀଙ୍କ ... ସୁଖ ସମୃଦ୍ଧି । ସ୍ୱାସ୍ଥ୍ୟ ନଥିଲେ କେହି ସୁଖ ... ଆଶା କରି ପାରେନା । ତେଣୁ ଲୋକଙ୍କୁ ସୁସ୍ଥ ... ଯଥାର୍ଥ ପରିବେଶ ସୃଷ୍ଟି ହେବା ଆଗ ଉଚିତ । ... ମଧ୍ୟ ଅନ୍ୟର ସହଯୋଗ ନପାଇଲେ ଏବଂ ... ସକ୍ରିୟ ନହେଲେ ସ୍ୱାସ୍ଥ୍ୟ ଲାଗି ଏହି ସୁସ୍ଥ ପରିବେଶ ... ସୃଷ୍ଟି କରାଯାଇ ନପାରେ । ତେଣୁ ଲୋକଙ୍କୁ ... ସୁସ୍ଥ ରହିବାକୁ ହେବ ତାହା ଶିକ୍ଷା ଦେବା ଓ ... ଦିଗରେ ସେମାନଙ୍କୁ କିପରି ସାହାଯ୍ୟ କରାଯିବ ... ଦେଖିବା ଆମର କର୍ତ୍ତବ୍ୟ ।

ଅବଶ୍ୟ ଏ ଦେଶରେ ଜନ ସଂଖ୍ୟା ବୃଦ୍ଧି ... ବିଷମ ସମସ୍ୟା ହୋଇ ଉଠିଲାଣି । କାରଣ ... ଦରିଦ୍ର ଓ ଉତ୍ପାଦନର ଉପାୟ ସମସ୍ତଙ୍କୁ ମିଳୁନାହିଁ । ... ଯଦି ଉତ୍ପାଦନର ବାଟ ସମସ୍ତଙ୍କୁ ମିଳୁଥାନ୍ତା ... ଜନ ସଂଖ୍ୟା ବୃଦ୍ଧି ଆମ ଉପରେ ଏମିତି ମାଡ଼ି ... ନାହିଁ । ପ୍ରକୃତରେ ଦେଖିବାକୁ ଗଲେ, ଯଦି ... କାମ କରିବା ଲାଗି ଠିକଣା ସୁଯୋଗ ଦିଆଯାଏ, ... ସେ ତାର ଆବଶ୍ୟକ ଅପେକ୍ଷା ଅଧିକ ଉତ୍ପାଦନ ... ପାରିବ । ଅଧିକନ୍ତୁ, ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ... କାର୍ଯ୍ୟଟିଏ କରୁଥାଏ ଏବଂ ସୁଖରେ ଥାଏ, ଜନ ସଂଖ୍ୟା ... ନିୟନ୍ତ୍ରଣ ଛାଏଁ ଛାଏଁ ହୋଇଯାଏ । ଏହା ... ବ୍ୟକ୍ତିର ମନସ୍ତାତ୍ତ୍ୱିକ ଓ ଶାରୀରିକ କାରଣ ... କାରଣରୁ । ବର୍ତ୍ତମାନ କିନ୍ତୁ ଏହା ଏକ ସଙ୍କଟମୟ ... ଅବସ୍ଥାରେ ପହଞ୍ଚିଲାଣି । ଯେମିତିଭାବେ ଜନସଂଖ୍ୟା ... ବଢ଼ୁଛି, ଯଦି ସେମିତି ଏହା ବଢ଼ି ଚାଲେ, ତେବେ ... କାମ ଯୋଗାଇବା ଲାଗି ଓ ଉତ୍ପାଦନ ବଢ଼ାଇବା ... ଆମେ ଯେତେ ଯାହା ଉଦ୍ୟମ କଲେ ମଧ୍ୟ ତାହା ...

ଆବଶ୍ୟକ । ତେଣୁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଏକାନ୍ତ ଆବଶ୍ୟକ ଯୋଜନା—ଏବଂ ଏହାକୁ କାର୍ଯ୍ୟକାରୀ କରିବା ଗୋଟିଏ ଅଗ୍ରୀମ ବ୍ୟାପାର ।

ଗତ କେଇ ବର୍ଷ ଭିତରେ କିନ୍ତୁ ଜନସଂଖ୍ୟା ନିୟନ୍ତ୍ରଣ ଯୋଜନାଟି ଲୋକଙ୍କ ଭିତରେ ଗୋଟିଏ ଆତଙ୍କ ସୃଷ୍ଟି କରିଛି । କାରଣ କିଛି ବାଛ ବିଚାର ନକରି ଜବରଦସ୍ତ ପୁରୁଷମାନଙ୍କର ଯେପରି ନାସ୍‌ବନ୍ଦୀ ଅପରେସନ୍ କରାଗଲା ସେଥିରେ ଲୋକଙ୍କ ମନରେ ବିରକ୍ତି ସୃଷ୍ଟି ହୋଇ ଯାଇଛି । କେବଳ ମୁଣ୍ଡ ଗଣନା ଉଦ୍ଦେଶ୍ୟ ରଖି କାମ କଲେ ଏପରି ହେବା ସ୍ୱାଭାବିକ । ଯଦି ଲକ୍ଷ୍ୟ ହୁଏ ଯେ ଆଗାମୀ ଛ ମାସ ଭିତରେ ଏତିକି ପୁରୁଷଙ୍କୁ ନାସ୍‌ବନ୍ଦୀ କରିଦେଲେ ଆଗାମୀ କେତେ ବର୍ଷ ଭିତରେ ଏତିକି ସଂଖ୍ୟାରେ ଜନ୍ମ ନିୟନ୍ତ୍ରଣ ହୋଇ ପାରିବ—ତେବେ ଯେଉଁମାନେ ଏ କାର୍ଯ୍ୟଟିର ଦାୟିତ୍ୱରେ ଥିବେ ସେମାନେ ଏମିତି ଜବରଦସ୍ତି ଅପରେସନ୍ କାମ କରିଦେବେ । ସେମାନେ କେଉଁ ପ୍ରକାରର ଲୋକଙ୍କ ଉପରେ ଅପରେସନ୍ ହେବା ଉଚିତ୍ ସେକଥା ଆଉ ବିଚାରକୁ ନେବେ ନାହିଁ । ଏହାହିଁ ଘଟିଥିଲା । ବିଶେଷତଃ ଗରିବ ଲୋକଙ୍କ ଉପରେ ଏପରି ବାଧ୍ୟବାଧକତା ହେଲା— କାରଣ ଧନୀ ଓ କ୍ଷମତା ପ୍ରତିପତ୍ତିଶାଳୀ ଲୋକଙ୍କୁ ବାଧ୍ୟ କରିବା ସହଜ ନଥିଲା । ଏହି ଭାବେ ଦରିଦ୍ର ଲୋକେ ହିଁ ଅତ୍ୟାଚାରର ଶିକାର ହୋଇଗଲେ । ଏକଥା ଏକବାର ଠିକ୍ କଥା ଯେ ଆମେ ଲୋକଙ୍କ ଉପରେ ବାଧ୍ୟବାଧକତା କରି ସେମାନଙ୍କର କୌଣସି ମଙ୍ଗଳ କାର୍ଯ୍ୟ କରି ପାରିବା ନାହିଁ । ବାଧ୍ୟବାଧ୍ୟକତାର ଗୋଟେ ସୀମା ଅଛି । ଅନ୍ୟାୟ କାର୍ଯ୍ୟରେ ଲିପ୍ତ ରହୁଥିବା ଲୋକଙ୍କୁ ଆପଣ କେତେକାଂଶରେ ବାଧ୍ୟବାଧ୍ୟକତା କରି ସେମାନଙ୍କୁ କେତେ ପରିମାଣରେ ଆପଣ ହୁଏତ ଭଲ ବାଟକୁ ଆଣି ପାରନ୍ତି । ତଥାପି ଏ କ୍ଷେତ୍ରରେ ମଧ୍ୟ ବାଧ୍ୟବାଧ୍ୟକତା ଦ୍ୱାରା ବିଶେଷ ଲାଭ ହୁଏ ନାହିଁ । ଦୁଷ୍ଟ ଲୋକଙ୍କୁ ମଧ୍ୟ ବୁଝାଇ ସୁଝାଇ ତା' ଚରିତ୍ରର ପରିବର୍ତ୍ତନ କରାଯାଇ ଥାଏ ।

କିନ୍ତୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନରେ ବାଧ୍ୟବାଧକତା ଚଳେ ନାହିଁ । ଆପଣ ଲୋକଙ୍କୁ ତା' ସ୍ୱାସ୍ଥ୍ୟ ଲାଗି ଯଦି ବ୍ୟାୟାମ କରିବାକୁ ବାଧ୍ୟ କରନ୍ତି ତେବେ ସେ ହୁଏତ ବ୍ୟାୟାମ କରିବ—କିନ୍ତୁ ତଦ୍ୱାରା ତାର ଲାଭ ନ ହୋଇ କ୍ଷତି ହେବାର ବେଶୀ ଆଶଙ୍କା ଥାଏ । ତେଣୁ ଲୋକଙ୍କୁ ପ୍ରଥମେ ବ୍ୟାୟାମର ଉପକାର ଆବଶ୍ୟକତା ସମ୍ବନ୍ଧେ ବୁଝାଇବାକୁ ପଡ଼ିବ । ଏବଂ କିପରି ଭାବେ ସ୍ୱଚ୍ଛନ୍ଦରେ ବ୍ୟାୟାମ କରାଯାଏ ତାହା ମଧ୍ୟ ତାକୁ ବତାଇବାକୁ ପଡ଼ିବ । ସେହି କାରଣରୁ ସରକାର ଲୋକମାନଙ୍କ ଉପରେ ଜନସଂଖ୍ୟା ନିୟନ୍ତ୍ରଣ ବ୍ୟାପାରଟିକୁ ବଳପ୍ରୟୋଗ ପୂର୍ବକ ଲଦି ନଦେଇ ସେମାନଙ୍କର ସ୍ୱେଚ୍ଛାମୂଳକ ସହଯୋଗ ଉପରେ ନିର୍ଭର କରିବା ମଙ୍ଗଳପ୍ରଦ । ମୋର ଦୃଢ଼ ଆଶା ଯେ ଯଦି ଠିକ୍ ଭାବେ ଉଚିତ ମନୋଭାବ ରଖି ଜନସଂଖ୍ୟା ନିୟନ୍ତ୍ରଣ ଯୋଜନାଟିକୁ କର୍ମୀମାନେ କାର୍ଯ୍ୟକାରୀ କରିବେ ତେବେ ଏହା ଆଶାତୀତ ଭାବେ ସଫଳ ହୋଇଯିବ । ଲୋକେ ମଧ୍ୟ ଠିକ୍ ଭାବେ ସହଯୋଗ କରିବେ । ଲୋକେ ଏହାକୁ ସ୍ୱେଚ୍ଛାସମ୍ମତ ହୋଇ ଗ୍ରହଣ କରିନେବେ । ଏହା ଫଳରେ ଲୋକଙ୍କର କଲ୍ୟାଣ ସାଧିତ ହୋଇ ପାରିବ ।

କିନ୍ତୁ ପରିବାର କଲ୍ୟାଣ ଏକ ବୃହତର କର୍ମ ପରିସୀମାନ୍ତର୍ଭୁକ୍ତ ବ୍ୟାପାର । ଏବଂ ଏହା ବରଂ ଅଧିକ ଆବଶ୍ୟକ । ଆମ ଦେଶରେ ଆମେ ଯେଉଁସବୁ ବିକାଶମୂଳକ କାମ କରିବାକୁ ଚାହୁଁ—ତାହା ଦେଶ ଲୋକଙ୍କ ଦକ୍ଷତା ଉପରେ ନିର୍ଭର କରେ । ଲୋକେ ଯୋଉ ଯୋଉ କ୍ଷେତ୍ରରେ କାମ କରିବେ ସେହି ସେହି କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କଲେ ଉତ୍ପାଦନ ବଢ଼ି ପାରିବ । ଏହି କର୍ମ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଦିଗରେ ସ୍ୱାସ୍ଥ୍ୟ ହେଉଛି ମୂଳ କଥା । ଜଣେ ଯଦି ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ନହୋଇଥାଏ, ତେବେ ସେ ତାର କାର୍ଯ୍ୟଟିକୁ ସୁରୁଖୁ ରୂପେ ତୁଲାଇ ପାରିବ ନାହିଁ । ତେଣୁ ଆମର ପ୍ରଥମ କର୍ତ୍ତବ୍ୟ ହେଲା ଦେଶର ଲୋକଙ୍କୁ ସୁସ୍ଥ ସବଳ କରି ଗଢ଼ିବା—ଯାହା ଫଳରେକି ସେମାନେ ସେମାନଙ୍କର ବୃତ୍ତି ଓ କାର୍ଯ୍ୟକୁ ସମର୍ଥଭାବେ କରି ପାରିବେ ଓ ସୁସ୍ଥ ଜୀବନଯାପନ କରି ପାରିବେ ।

ପୀଡ଼ିତ ରୁଗ୍ଣ ବ୍ୟକ୍ତି ଜୀବନକୁ ସାଧାରଣତଃ ଉପଭୋଗ କରି ପାରେ ନାହିଁ । ଅବଶ୍ୟ ଏପରି ଅସାଧାରଣ ବ୍ୟକ୍ତି ଅଛନ୍ତି ଯେଉଁମାନେକି ତାଙ୍କର ଦୃଢ଼ ମାନସିକ ଶକ୍ତି ଦ୍ୱାରା ତାଙ୍କର ଦୈହିକ ରୋଗକୁ ଖାତିର କରନ୍ତି ନାହିଁ—ସେମାନେ ଯେକୌଣସି ପରିସ୍ଥିତିରେ ସୁଖୀ ରହିପାରନ୍ତି । କିନ୍ତୁ ମାନସିକ ଦୃଢ଼ତା ଅର୍ଜନ ଲାଗି ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟର ସର୍ବାଦୌ ପ୍ରୟୋଜନୀୟତା ରହିଛି । ସୁସ୍ଥ ମନଟିଏ କେବଳ ସୁସ୍ଥ ଦେହରେଇ ରହି ପାରେ । ଏହାହିଁ ସୂତ୍ର—ଏବଂ ଏହା ସମସ୍ତଙ୍କ ପ୍ରତି ପ୍ରଯୋଜ୍ୟ । କିନ୍ତୁ ଆମେତ ଅସାଧାରଣ କିମ୍ବା ଯୋଗୀ-ମୁନିଙ୍କ ବିଷୟରେ କିଛି କରିବାକୁ ଯାଉନାହୁଁ ! ସେମାନଙ୍କ ଲାଗି କିଛି ଧରାବନ୍ଧା କାନୁନ୍ ନାହିଁ । ସେମାନେ ବି କୌଣସି ସରକାରର ଅସ୍ତିତ୍ୱ ଆବଶ୍ୟକ କରନ୍ତି ନାହିଁ । ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ମଙ୍ଗଳ ଲାଗି ସରକାର ଚାଲେ । ତେଣୁ ଆମକୁ ସାଧାରଣ ଲୋକଙ୍କ ଆବଶ୍ୟକତା ମେଣ୍ଟାଇବା ଦିଗରେ ବ୍ୟବସ୍ଥା ଓ ଉପାୟ ଗ୍ରହଣ କରିବାକୁ ହେବ, ଯାହାକି ସେମାନେ ଗ୍ରହଣ କରି ପାରିବେ । ଏକଥା ସତ ଯେ ଲୋକେ ଗ୍ରହଣ କରିବାକୁ ଅସମର୍ଥ ହେଲେ ଅବାସ୍ତବ କୌଣସି ବ୍ୟବସ୍ଥା ସଫଳ ହୋଇ ପାରିବ ନାହିଁ ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆମର ବହୁ ସଂଖ୍ୟାରେ ଖୋଲା ଯାଇଛି । ଉଦ୍ଦେଶ୍ୟ ହେଲା—ପ୍ରାୟ ସବୁ ଗ୍ରାମରେ ଏଗୁଡ଼ିକ ଖୋଲାଯିବ । କିନ୍ତୁ ଏହି କେନ୍ଦ୍ରଗୁଡ଼ିକ ଲୋକେ ରୋଗରେ ପଡ଼ି ଚିକିତ୍ସା ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ନୁହେଁ । ବରଂ ଏହି କେନ୍ଦ୍ରଗୁଡ଼ିକ ପ୍ରଥମରୁ ସଜାଗ ରହିବା ଉଚିତ ଯେ ଯେପରି ତାଙ୍କ ଇଲାକା ଭିତରେ ମୂଳରୁ କେହି ରୋଗରେ ନପଡ଼ନ୍ତି ! ମୁଁ ଗୋଟିଏ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହି ଦୃଷ୍ଟିରୁ ବିଚାର କରେ । କେତେ ରୋଗୀଙ୍କୁ ଚିକିତ୍ସା କରାଗଲା ବା କେତେ ରୋଗୀ ଆରୋଗ୍ୟ ଲାଭ କଲେ ତା' ଉପରେ ମୁଁ ବିଶେଷ ଗୁରୁତ୍ୱ ଦିଏ ନାହିଁ । ଯେତେବେଳେ ଦଉଲତମା ଚିତ୍ରଦନରେ ଥିଲେ ସେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଲାଗି ସେ ଜଣେ ବ୍ୟକ୍ତିଗତ ଡ଼ାକ୍ତର ନିଯୁକ୍ତ କରିଥିଲେ ଏବଂ ଦଉଲତମା ଯଦି ଦୈବାତ୍ ରୋଗରେ ପଡୁଥିଲେ ତେବେ ଡ଼ାକ୍ତରଙ୍କୁ କୈଫିୟତ୍ ମଗା ଯାଉଥିଲା । ମମା କହୁଥିଲେ— ମୋର ଯେପରି ଏ ରୋଗ ହୋଇ ନଥାନ୍ତା—ସେଥିପାଇଁ ତୁମେ ଆଗରୁ ମୋତେ ସତର୍କ କରିଥାନ୍ତ ଓ ବ୍ୟବସ୍ଥା କରିଥାନ୍ତ ।

ସତକଥା ! ଆପଣ ଯଦି କୌଣସି ଲୋକ କୌଣସି ରୋଗରେ ଆକ୍ରାନ୍ତ ହେଲାପରେ ଚିକିତ୍ସା କରନ୍ତି—ତେବେ ସେ ଆରୋଗ୍ୟ ହୋଇପାରେ । କିନ୍ତୁ ସେ ରୋଗ ଚିରଦିନ ଲାଗି ପ୍ରତିଶୋଧ ହୋଇ ପାରିଲା ନାହିଁ । ତେଣୁ ପ୍ରଥମ କଥା ହେଲା—ପ୍ରତିଷେଧକ ବ୍ୟବସ୍ଥା ଏବଂ ଠିକ୍ ଭାବେ ଲୋକଙ୍କୁ ଯଥା ସମୟରେ ଏଥିପାଇଁ ଶିକ୍ଷା ଦେଇ ପାରିଲେ ପ୍ରତିଶୋଧ ବ୍ୟବସ୍ଥାଟି ସଫଳ ହୋଇ ପାରିବ । ମୁଁ ନିଜେ ଗତ ଶାଠିଏ ବର୍ଷଧରି ପ୍ରାକୃତିକ ଚିକିତ୍ସା ପ୍ରଣାଳୀରେ ରହିଛି । କେବଳ ମଣିଷ ନୁହେଁ ସୃଷ୍ଟିର ଯାବତୀୟ ପ୍ରାଣୀ ଭିତରେ ପ୍ରାକୃତିକ ଭାବେ ସୁସ୍ଥ ରହିବାର ଶକ୍ତି ନିହିତ ଅଛି । କିନ୍ତୁ ପ୍ରକୃତିର ନିୟମ ମାନି ଚଳିଲେ ଯାଇ ଜଣେ ସେ ଶକ୍ତିର ଉପଯୋଗ କରିପାରେ । ଆମେ ଯେତିକି ପ୍ରକୃତିର ନିୟମକୁ ଲଂଘନ କରୁ ସେତିକି ରୋଗରେ ପଡୁ । ଅବଶ୍ୟ ଆଧୁନିକ ପୃଥିବୀ ଯେଉଁ ପରିମାଣରେ କୃତ୍ରିମ ହୋଇ ଉଠିଲାଣି ସେଥିରେ ସବୁ ପ୍ରକାର ପ୍ରାକୃତିକ ନିୟମମାନି ଚଳିବା ସହଜ ନୁହେଁ । କିନ୍ତୁ ଏହି ଆଧୁନିକ କୃତ୍ରିମ ଯୁଗରେ ବି ଜଣେ ଯଦି ତାର ଖାଦ୍ୟ, ବିଶ୍ରାମ, କର୍ମ-ପ୍ରଣାଳୀ ଏବଂ ଶରୀରର ସ୍ୱାଭାବିକ ଆବଶ୍ୟକତା ପୂରଣ ଉପରେ ଯଥେଷ୍ଟ ସାବଧାନ ହୁଏ ତେବେ ବିନା ଔଷଧ ସେବନରେ ବି ସେ ସୁସ୍ଥ ସବଳ ଜୀବନ ଯାପନ କରି ପାରିବ ।

ଏ ଶିକ୍ଷା ଏମିତି କିଛି କଷ୍ଟ ନୁହେଁ । ମୁଁ କଲେଜରେ ପଢୁଥିଲା ବେଳେ ଗୋଟିଏ ପାଞ୍ଚ ଭଲ୍ୟୁମର ବିଶ୍ୱକୋଷ ପୁସ୍ତକରୁ ଏକଥା ପଢି ଜାଣିଥିଲି । କିନ୍ତୁ ଏଥିଲାଗି ପାଞ୍ଚଟାଯାକ ଭଲ୍ୟୁମ୍ ପଢିବା କିଛି ଦରକାର ନାହିଁ । ଗୋଟିଏ କୋଡ଼ିଏ ତିରିଶ ପୃଷ୍ଠାର ପୁସ୍ତିକା ଏଥିପାଇଁ ଯଥେଷ୍ଟ । ଲୋକେ ସେତିକି ପଢି ସବୁ ଜାଣି ପାରିବେ । ଆମେ କେବଳ ଲୋକଙ୍କୁ ଏହାର ଆବଶ୍ୟକତାଟି ବୁଝାଇ ଦେବା । କିନ୍ତୁ ଲୋକଙ୍କୁ ଖାଲି ତତ୍ତ୍ୱ ଉପଦେଶ ଶୁଣାଇ ଦେଲେ କିଛି ଲାଭ ହେବ ନାହିଁ । ଆମେ ଏହି ସ୍ୱାସ୍ଥ୍ୟ ଶିକ୍ଷାଟି ଏପରି ଭାବେ ଦେବା ଯେମିତି କି ଲୋକେ ସ୍ୱତଃ ସ୍ୱାଭାବିକ ଭାବେ ନିଜ ଭିତରେ ଗ୍ରହଣ କରିନେବେ । ତେଣୁ ପିଲା ବିଦ୍ୟାଳୟକୁ ଯିବା ଦିନଠାରୁ ଆମେ ଯଦି ଏଇ ସ୍ୱାସ୍ଥ୍ୟ ସଂପର୍କରେ ସଚେତନ ଶିକ୍ଷା ଦେଇ ପାରିବେ ଭଲ ହେବ । ଯଦି ସମଗ୍ର ଶିକ୍ଷା କାଳ ଭିତରେ ପ୍ରତି ପିଲାକୁ ଏ ଶିକ୍ଷା ଦିଆଯାଇପାରେ—ମୁଁ ନିଶ୍ଚିତ ଭାବେ କହିପାରେ ଯେ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାଟି କେବଳ ପ୍ରତି-ଷେଧକ ବ୍ୟବସ୍ଥା ରୂପେ କାର୍ଯ୍ୟ କରିବ—ଆଜିପରି କେବଳ ଆରୋଗ୍ୟକାରୀ ବ୍ୟବସ୍ଥା ରୂପେ ରହିବ ନାହିଁ । ଅବଶ୍ୟ ଆରୋଗ୍ୟକାରୀ ବ୍ୟବସ୍ଥା ନିତାନ୍ତ ଦରକାର । ଯେଉଁ କ୍ଷେତ୍ରରେ ଲୋକେ ସ୍ୱାସ୍ଥ୍ୟ ନିୟମ ନମାନି ରୋଗରେ ପଡ଼ନ୍ତି ସେମାନଙ୍କୁ ଆରୋଗ୍ୟ କରିବାକୁ ଚିକିତ୍ସା କରିବା ଲାଗି ଆମେ ମନା କରୁ ନାହୁଁ । ସେମାନଙ୍କୁ ନିଶ୍ଚୟ ଆରୋଗ୍ୟ କରାଯିବ କିନ୍ତୁ ସେମାନଙ୍କ ସଂଖ୍ୟା ସେତେବେଳେ ଆଉ ବେଶୀ ହେବ ନାହିଁ । ତେଣୁ ଆମକୁ ମୂଳରୁ ହିଁ ଉଚିତ ଶିକ୍ଷା ଆରମ୍ଭ କରି ଦେବାକୁ ହେବ—ଏବଂ ଶିକ୍ଷକ-ମାନଙ୍କୁ ପ୍ରଥମେ ଏଥିରେ ତାଲିମ୍ ଦେବାକୁ ପଡ଼ିବ । ଶିକ୍ଷକ ଏହା ଗ୍ରହଣ କଲେ ପିଲା ତାଙ୍କୁ ନିଶ୍ଚୟ ଅନୁସରଣ କରିବେ । କିନ୍ତୁ ଆମକୁ ଏଥିପାଇଁ ଗାଁ ଗହଳର ସ୍ୱେଚ୍ଛାସେବକ, ପଞ୍ଚାୟତ ସଭ୍ୟ, ମ୍ୟୁନିସିପାଲିଟି ସଭ୍ୟ ଏପରିକି ପାର୍ଲାମେଣ୍ଟ ସଦସ୍ୟ ଓ ବିଧାନ ସଭା ସଦସ୍ୟଙ୍କ ସହଯୋଗ ଗ୍ରହଣ କରିବାକୁ ହେବ । ଛୋଟ ଛୋଟ ପ୍ରଚାର ପୁସ୍ତିକା ସାହାଯ୍ୟରେ ଏମାନଙ୍କୁ ଶିକ୍ଷା ଦେବାକୁ ହେବ ଏବଂ ମୋର ଦୃଢ଼ ଧାରଣା ଯେ ସମସ୍ତେ ଏଥିରେ ମନଯୋଗୀ ହୋଇ ପାରିବେ । ସ୍ୱାସ୍ଥ୍ୟବାନ ହେବାକୁ କିଏ ନଚାହେଁ ? ଅସୁସ୍ଥ ହୋଇ କେହି ସୁଖୀ ହୋଇ ପାରେନା । ଯଦି କେହି ବୁଝିପାରେ ଯେ କେବଳ ସ୍ୱାସ୍ଥ୍ୟସମ୍ବନ୍ଧୀୟ କେତୋଟି ନିୟମ ପାଳନ କରି ଏବଂ କେତେକ ପ୍ରତି-ଷେଧକ ବ୍ୟବସ୍ଥା ଗ୍ରହଣ କରି ସେ ବିନା ଔଷଧରେ ଓ ବିନା ଅର୍ଥ ବ୍ୟୟରେ ତାର ସ୍ୱାସ୍ଥ୍ୟ ଠିକ୍ ରଖିପାରେ, ତେବେ ସେ କେବେ ଏ ବ୍ୟବସ୍ଥାରେ ଅସମ୍ମତି ପ୍ରକାଶ କରିବ ନାହିଁ ।

ଅବଶ୍ୟ ଏ ଗୋଟିଏ ସୋଜା ବ୍ୟବସ୍ଥା ବୋଲି ମୁଁ କହୁନାହିଁ । ଏହା ଗୋଟିଏ ବିରାଟ ଯୋଜନା । ଏହା ଗୋଟିଏ ଅତ୍ୟାବଶ୍ୟକ ଯୋଜନା ଏଥିରେ ସନ୍ଦେହ ନାହିଁ—କିନ୍ତୁ ଏ ଦିଗରେ କାମ କରିବାଟାର କଠିନ କଥା । କିନ୍ତୁ କଠିନ ହେଲେବି ଏହା ଅବଶ୍ୟ କରଣୀୟ । କଠିନତା ବା ବାଧାବିଘ୍ନ ଯେମିତି ଆମକୁ କୌଣସି ଆବଶ୍ୟ-କୀୟ ବ୍ୟବସ୍ଥା ଗ୍ରହଣ ପଥରୁ ବିରତ କରେନା ।

ବାସ୍ତବ ପକ୍ଷେ କୌଣସି କାର୍ଯ୍ୟରେ ବାଧାବିଘ୍ନ ହିଁ କର୍ମୀ-ମାନଙ୍କୁ ଅଧିକ ଉତ୍ସାହ ଦେଇଥାଏ ଓ ସେମାନଙ୍କର ଧୈର୍ଯ୍ୟର ପରୀକ୍ଷା କରେ । ତା'ଛଡ଼ା ଆମେ ଯଦି ଠିକ୍ ବାଟରେ କାମ କରୁ ତେବେ ଏ କାର୍ଯ୍ୟ ଏମିତି କିଛି କଷ୍ଟକର ନୁହେଁ ।

ମୋର କହିବା କଥା ହେଉଛି—ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ନିଜକୁ ନିଜେ ତାଲିମ୍ ଦେବା ଉଚିତ । ମୋର ସନ୍ଦେହ ଯେ ଆମର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ସ୍ୱୟଂ ସୁସ୍ଥ ଅବସ୍ଥାରେ ଅଛନ୍ତି କି ନାହିଁ । କେହି ମନେକରିପାରନ୍ତି ଯେ ମୁଁ ଖୁବ୍ ବାହୁଲ୍ୟ କରି କଥା କହୁଛି । ଅବଶ୍ୟ ସବୁ କେନ୍ଦ୍ର ବିଷୟରେ ମୁଁ ସେକଥା କହୁନି—କିନ୍ତୁ ମୁଁ ନିଜେ ଦେଖିଛି ବହୁ କେନ୍ଦ୍ର ଅତି ଅପରିଚ୍ଛନ୍ନ ଅବସ୍ଥାରେ ଅଛି । ତେଣୁ ଏକାର୍ଯ୍ୟ କରିବା ପାଇଁ ଉପଯୁକ୍ତ ଲୋକଙ୍କୁ ବାଛିବାକୁ ପଡ଼ିବ । ତା'ପରେ ସେମାନଙ୍କୁ ସେହି ସେହି ଅଞ୍ଚଳରେ କାର୍ଯ୍ୟକରିବାକୁ ପଠାଯିବ । ଥରେ ଏ ଦିଗରେ କାମ ଆରମ୍ଭ କରି ଦିଆଗଲେ ତେଣିକି ସବୁ ସୋଜା ହୋଇଯିବ । ମୁଁ ବୁଝିପାରୁନି କାହିଁକି ଆମେ ଏ କାର୍ଯ୍ୟଟିକୁ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ସଂପନ୍ନ କରି ନପାରିବା । ମୁଁ ଆଶାକରୁଛି—ଆପଣମାନେ ଏ ଦିଗରୁ କଥାଟିକୁ ବିଚାର କରିବେ ଓ ଆସନ୍ତା ପାଞ୍ଚବର୍ଷ ପାଇଁ ସମଗ୍ର ଜାତି ନିମିତ୍ତ ଗୋଟିଏ ଯୋଜନା ତିଆରି କରିନେବେ । ଯଦି ଆମେ ଏକଥା କରି ପାରିବା ତେବେ ଆମ ଦେଶ ଲାଗି, ଏପରିକି ବିଶ୍ୱଲାଗି ମଧ୍ୟ ଆମେ ସ୍ୱାସ୍ଥ୍ୟ ଦିଗରେ ଗୋଟିଏ ନୂଆ ବାଟ ଦେଖାଇ ପାରିବା ।

ଅସୁବିଧାଟି ହେଉଛି—ଆମେ ଆମର ସଂସ୍କୃତିର ଗଭୀରତା ମଧ୍ୟକୁ ପ୍ରବେଶ କରିନାହୁଁ—ସେକଥା ଭୁଲି ଯାଉଛୁ । ଆଜି ଆମେ ଆମ ସଂସ୍କୃତି ଲାଗି ଗର୍ବ କରି ପାରୁ ନାହୁଁ । ଆମେ ଆମର ଅତୀତ ପରଂ-ପରାକୁ ନେଇ ଗୌରବବୋଧ କରି ପାରୁନୁ । ତେଣୁ ଆମର ଜାତୀୟତା ବୋଧ ମଧ୍ୟ ଦୁର୍ବଳ ହୋଇ ପଡ଼ିଛି । ଯଥାର୍ଥ ମନୁଷ୍ୟ ରୂପେ ବଂଚିବା ଲାଗି ଏହି ସବୁ ପ୍ରେରଣା ଆମ ଭିତରକୁ ଫେରି ନ ଆସିଲେ, ଆମେ ଯାହା କିଛି କରୁ ପଛେ ସେ ସବୁ ସେତେଦୂର ଫଳପ୍ରଦ ହୋଇ ପାରିବ ନାହିଁ ।

ଶେଷରେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି—ଆପଣମାନେ ମୋର ଏସବୁ କଥା ମନରେ ବିଚାର କରନ୍ତୁ—ଏବଂ ଯଦି ଏହା ଆପଣଙ୍କ ମନକୁ ଗଲେ ତେବେ ତଦନୁଯାୟୀ କାର୍ଯ୍ୟ ଆରମ୍ଭ କରି ଦିଅନ୍ତୁ । ମୋର ଆଶା, ଆପଣମାନେ ଏଥିପ୍ରତି ବିହିତ ମନଯୋଗ ଦେବେ ।

---

ଗତ ୨୮ ଏପ୍ରିଲ ୧୯୭୭ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇଙ୍କ ପ୍ରଦତ୍ତ ଭାଷଣ ଉପରେ ଆଧାରିତ ।

---

## ସଂସ୍କୃତି ଓ କଳା ହିଁ ଦେଶର ଐତିହ୍ୟର ନିଦର୍ଶନ

କଟକ ସହରସ୍ଥିତ ଯୋବ୍ରାଠାରେ ଜୟଦୁର୍ଗା ନୃତ୍ୟ, ସଂଗୀତ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବିଭାଗ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଲେ ଯେ ସଂସ୍କୃତି ଓ କଳା ହେଉଛି ଗୋଟିଏ ଦେଶ ତଥା ଜାତିର ଐତିହ୍ୟର ଏକ ନିଦର୍ଶନ । ତେଣୁ ଦେଶ ଓ ଜାତିକୁ ମହାନ କରି ଗଢ଼ିତୋଳିବାକୁ ହେଲେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାଧ୍ୟମରେ ସଂସ୍କୃତି ଓ କଳାର ଅଭିବୃଦ୍ଧି ଆବଶ୍ୟକ । ସର୍ବଭାରତୀୟ ସ୍ତରରେ ଆମ କଳା ଓ ସଂସ୍କୃତି କିଭଳି ପ୍ରଚାରଲାଭ କରିପାରିବ ସେ ଦିଗରେ ସବୁ ପ୍ରକାର ଉଦ୍ୟମ ହେବା ଆବଶ୍ୟକ ବୋଲି ଶ୍ରୀ ହରିଚନ୍ଦନ ମତ ପ୍ରକାଶ କରିଥିଲେ ।

ବିଧାନ ସଭା ସଦସ୍ୟ ଶ୍ରୀ ବିଶ୍ୱନାଥ ପଣ୍ଡିତ ଓ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ଓ କୃତି ଛାତ୍ରଛାତ୍ରୀମାନଙ୍କୁ ସାଂସ୍କୃତିକ ମନ୍ତ୍ରୀ ସାର୍ଟିଫିକେଟ ପ୍ରଦାନ କରିଥିଲେ ।

# ଆଦିବାସୀ ଅଞ୍ଚଳ ପାଇଁ କୃଷି ଉନ୍ନୟନ ଯୋଜନା

**ଶ୍ରୀ ଶମ୍ଭୁ ମହାପାତ୍ର**

ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ଫୁଲବାଣୀ, ଗଞ୍ଜାମ, କଳାହାଣ୍ଡି, ସମ୍ବଲପୁର ଓ କୋରାପୁଟ ଜିଲ୍ଲାର ପ୍ରାୟ ୧୫,୫୪୩ ଗ୍ରାମରେ ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଆଦିବାସୀମାନେ ସାଧାରଣତଃ ଛୋଟ ଛୋଟ ଗାଁ ଓ ବସ୍ତିମାନଙ୍କରେ ବାସ କରନ୍ତି । ପ୍ରତି ଗାଁରେ ୨୦୦ରୁ ୫୦୦ କିମ୍ବା ତାହାଠାରୁ ଆହୁରି କମ୍ ଲୋକ ରହିଥାଆନ୍ତି । ଏହି ସବୁ ବସ୍ତିଗୁଡ଼ିକ ବହୁତ ଛଡ଼ା ଛଡ଼ାରେ ଥିବାରୁ ସଂପ୍ରସାରଣ କର୍ମୀମାନଙ୍କୁ କାମ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ପୁଣି, ଏହି ଆଦିବାସୀମାନେ ପ୍ରାୟ ସମସ୍ତେ ଅଶିକ୍ଷିତ ।

ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ପ୍ରାୟ ଶତକଡ଼ା ୩୨ ଭାଗ ପାହାଡ଼ ପର୍ବତରେ ଆବୃତ । ଏହି ଅଞ୍ଚଳରେ ୨·୭ ନିୟୁତ ହେକ୍ଟର ଜମିରେ ଚାଷ କରାଯାଉଛି । ଏହି ଅଞ୍ଚଳରେ ପ୍ରତି କୃଷି ପରିବାରର ପ୍ରାୟ ୨ ହେକ୍ଟର ଚାଷ ଜମି ଥାଏ । ହାରାହାରି ପରିବାର ପିଛା ୪ରୁ ୫ଜଣ ଲୋକ ଥାଆନ୍ତି ।

ଏହିସବୁ ଅଞ୍ଚଳରେ ଚାଷୀ ମୁଖ୍ୟତ ବର୍ଷା ଉପରେ ନିର୍ଭର କରେ । ଆମ ରାଜ୍ୟରେ ହାରାହାରି ବର୍ଷକୁ ୧,୫୫୮ ମିଲିମିଟର ବୃଷ୍ଟି ହୋଇଥାଏ ଓ ଏହା ଉପରେ ନିର୍ଭର କରି ୧୦୦ ଦିନରେ ଅମଳ ହେଉଥିବା- ଯେ କୌଣସି ଫସଲ ସଫଳତାର ସହିତ ଚାଷ କରାଯାଇ ପାରେ । ମାତ୍ର ଏହି ବର୍ଷା ଏପରି ଅନିୟମିତ ଭାବରେ ହେଉଛି ଯେ ବହୁତ ସମୟରେ ମରୁଡ଼ିର ସମ୍ମୁଖୀନ ହେବାକୁ ପଡୁଛି । ସାଧାରଣତଃ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁରୁ ସବୁଠାରୁ ବେଶୀ ବର୍ଷା ହୁଏ ଓ ଜୁନ୍‌ରୁ ସେପ୍‌ଟେମ୍ବର ମାସ ମଧ୍ୟରେ ସମୁଦାୟ ବର୍ଷାର ପ୍ରାୟ ୭୭ ଭାଗ ମିଳି ଥାଏ । ମନଇଛା ବଣ ଜଙ୍ଗଲ କାଟି ସଫା କରିବା ଫଳରେ ଆମର ଜଳବାୟୁର ପରିବର୍ତ୍ତନ ହୋଇଯାଉଛି । ତେଣୁ, ଯେଉଁ ସମୟରେ ଯେତେ ବର୍ଷା ହେବା କଥା ତାହା ନ ହୋଇ ଚାଷବାସ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରୁନାହିଁ ।

ଖୁବ୍ କମ୍ ସମୟ ମଧ୍ୟରେ ଅତ୍ୟଧିକ ବର୍ଷା ହେବା ଫଳରେ ଅତ୍ୟଧିକ ଭାବରେ ମାଟି ଧୋଇ ହୋଇଯାଏ ଓ ସ୍ଥାନେ ସ୍ଥାନେ ଧୋଡ଼ା ( Gulhy ) ମାନ ସୃଷ୍ଟି ହୋଇଯାଏ । ମାଟିର ଉପରି ଭାଗରେ ଥିବା ବହୁଅଂଶ ଧୋଇ ହୋଇଯିବା ଫଳରେ ଜମି ଚାଷ ପାଇଁ କିଛି ଦିନ ଅନୁପଯୁକ୍ତ ହୋଇଯାଏ । ଏପରିକି ଅନେକ ସ୍ଥାନରେ ଧୋଇ ହୋଇ ମାଟି ତଳ ସ୍ତରରେ ଥିବା ପଥର ଦେଖାଯାଏ । ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମାଟି ସାଧାରଣତଃ ପଥୁରିଆ । ଏହି ମାଟିର ଜଳଧାରଣ ଶକ୍ତି ଖୁବ୍ କମ୍ ଓ ନିର୍ବଳୁଆ । କେବଳ ଯେଉଁ କେତେକ ସ୍ଥାନରେ ଜଙ୍ଗଲର ଗଛ କାଟି ଜମି ଖତ ହୋଇଥାଏ, ତାକୁ ଛାଡ଼ିଦେଲେ ପ୍ରାୟ ସବୁ ମାଟିରେ ଉର୍ବରା ଶକ୍ତି କମ୍ ଥାଏ । ଏ ପ୍ରକାର ମାଟିରେ ଖୁବ୍ ଅଳ୍ପ ଦିନ ପାଇଁ ବର୍ଷା ନହେଲେ ମଧ୍ୟ ମରୁଡ଼ି ପରିସ୍ଥିତି ଦେଖାଦେଇ ଫସଲ ନଷ୍ଟ ହୋଇଯାଏ । ବିଶେଷ କରି ଶସ୍ୟ ଜାତୀୟ ଫସଲ ଶୀଘ୍ର ମରୁଡ଼ିର ସମ୍ମୁଖୀନ ହୁଏ ।

ଆଦିବାସୀମାନେ ସେମାନଙ୍କ ପୁରୁଣା କାଳିଆ ପ୍ରଥାରେ ଚାଷ କରି ଖୁବ୍ କମ୍ ଅମଳ ପାଉଥାଆନ୍ତି । ଯାହା ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥାର କୌଣସି ଉନ୍ନତି ଘଟି ପାରୁନାହିଁ ।

ଆଦିବାସୀ ଅଞ୍ଚଳରେ ଉନ୍ନତ କୃଷି ପ୍ରଣାଳୀ ପ୍ରଚଳନ କରାଇବା ଏକ କଷ୍ଟକର ବ୍ୟାପାର । ଲୋକମାନଙ୍କ

ମନବୃତ୍ତି ବଦଳିବା ନିତ୍ୟାନ୍ତ ଦରକାର । ଏହା ବ୍ୟତୀତ ଜଳସେଚନ, କୃଷି ଋଣ ଆଦି ବିଭିନ୍ନ ବ୍ୟବସ୍ଥା ନହେଲେ ଆଧୁନିକ କୃଷି ପ୍ରଣାଳୀ ପ୍ରତି ଆଦିବାସୀମାନଙ୍କୁ ଉତ୍ସାହିତ କରିବା ଆଦୌ ସମ୍ଭବ ନୁହେଁ ।

ଏହି ଆଦିବାସୀ ଉନ୍ନୟନ ଯୋଜନାର ସଫଳତା ପାଇଁ ଆମକୁ କେତେକ ବିଷୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ ।

ବୈଷୟିକ—

ଏବେ ସୁଦ୍ଧା ଆଦିବାସୀମାନେ ସେମାନଙ୍କ ପୁରାତନ ପଦ୍ଧତିରେ ଚାଷ କରୁଛନ୍ତି । ପାହାଡ଼ିଆ ଅଞ୍ଚଳରେ "ପୋଡୁଚାଷ" ଏବେ ମଧ୍ୟ ଚାଲିଛି । କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ୨।୩ ବର୍ଷ ପୋଡୁଚାଷ କଲାପରେ ସେ ଅଞ୍ଚଳର ମାଟି ଧୋଇ ଧାଇ ହୋଇଗଲା ପରେ ଅନ୍ୟ ଅଞ୍ଚଳରେ ଜଙ୍ଗଲ ପୋଡ଼ି ପୁଣି ଚାଷ କରି ବସନ୍ତି । ସେମାନେ ଧାନ, କ୍ଷୁଦ୍ର ଶସ୍ୟ, ସ୍ଥାନୀୟ ମକା, ଯଅ, ହରଡ଼, ମୁଗ, ବିରି, କୋଳଥ ଓ ଅଳସୀ, ସୋରିଷ, ହଳଦି ଇତ୍ୟାଦି ବିଭିନ୍ନ ଫସଲ ସାଧାରଣତଃ ଚାଷ କରନ୍ତି । ସେମାନେ ବର୍ଷା ପାଣି ଉପରେ ନିର୍ଭର କରି ଗୋଟିଏ କିସମର ଫସଲ ଚାଷ କରିଥାନ୍ତି । କେବଳ ଯେଉଁ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜଳସେଚନ ପାଇଁ ସୁବିଧା ଥାଏ, ସେଠାରେ ଦ୍ୱିତୀୟ ଫସଲ ଉଠାରି ଥାଆନ୍ତି । ଅଳ୍ପ କେତେକ ଖାଲୁଆ ଜମିରେ ଖରିଫ ଫସଲ ଅମଳ ପରେ ମାଟିର ବତରକୁ କାମରେ ଲଗାଇ ଦ୍ୱିତୀୟ ଫସଲ କରାଯାଇଥାଏ । କେତେକ ପାହାଡ଼ିଆ ଅଞ୍ଚଳରେ ଆମ୍ବ କମଳା ଲେମ୍ବୁ, କାଗଜିଲେମ୍ବୁ, ପଣସ, ପିଜୁଳି, ଜାମୁରୋଳ, ସପୁରୀ, କଦଳୀ ପୁରାତନ ପଦ୍ଧତିରେ ଚାଷ କରାଯାଇଥାଏ ।

ଉନ୍ନତ ବିହନ, କୃଷି ଯନ୍ତ୍ରପାତି, ରାସାୟନିକ ସାର ଓ ପୋକମରା ଔଷଧର ବ୍ୟବହାର ସେ ଅଞ୍ଚଳରେ ନାହିଁ କହିଲେ ଚଳେ । ଅଧିକାଂଶ ଲୋକଙ୍କୁ ଏସବୁ ଜିନିଷ ନୂତନ ମନେ ହେବ ।

ଦୁଇ ପ୍ରକାର ଉପାୟରେ ବୈଷୟିକ ପରିବର୍ତ୍ତନ ଅଣାଯାଇ ପାରିବ—

(କ) ବିଭିନ୍ନ କିସମ ଜମିରେ ବିଭିନ୍ନ ପ୍ରକାର ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା, ଓ

(ଖ) ମାଟିର ଉର୍ବରତା ରକ୍ଷା କରି ଉତ୍ପାଦନ ବଢ଼ାଇବା ।

ବିଭିନ୍ନ କିସମ ଜମିରେ ଉପଯୁକ୍ତ ଫସଲ ପର୍ଯ୍ୟାୟ ଅବଲମ୍ବନ କରିପାରିଲେ ସେ ଜମିର ସଦ୍‌-ବିନିଯୋଗ କରାଯାଇ ପାରିବ । ଏହି ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ଅଞ୍ଚଳରେ ଜମିକୁ ସାଧାରଣତଃ ୫ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ—

(କ) ପାହାଡ଼ର ଢ଼ାଲୁ ଅଞ୍ଚଳ ଯେଉଁଠାରେ କି ଆଗରୁ ପୋଡୁ ଚାଷ କରାଯାଉଥିଲ,

(ଖ) ପାହାଡ଼ିଆ ପାଦଦେଶ,

(ଗ) ତଚଲା ବା ହିଡ଼ ନଥିବା ଡିପଜମି,

(ଘ) ଟେରାସ ଅଥବା ମଝିଆଳି ଜମି, ଓ

(ଙ) ଉପତ୍ୟକା ବା ଝୋଲାଜମି ।

ଏହିସବୁ ବିଭିନ୍ନ କିସମ ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯିବା ଉଚିତ—

(କ) ପାହାଡ଼ିଆ ଢ଼ାଲୁ ଅଞ୍ଚଳ—ଆମ୍ବ, ପଣସ ଆଦି ଫଳଗଛ ଚାଷ କରିବା ପାଇଁ ଉପଯୁକ୍ତ ।

(ଖ) ପାହାଡ଼ିଆ ପାଦ ଦେଶ—ବିଭିନ୍ନ ପ୍ରକାର ଘାସ, ସପୁରୀ, କାଜୁ ବାଦାମ ଇତ୍ୟାଦି ଚାଷ କରିବା ଭଲ ।

(ଗ) ତଚଲା ଜମି—(୧) ହରଡ଼, କପା ଜଡ଼ା (୨) ଯଅ, ମକା, ବାଜରା ଏବଂ ଅନ୍ୟ ଶସ୍ୟ ଜାତୀୟ ଫସଲ ମୁଗ, ବିରି, ରାଶି ଚିନାବାଦାମ ଆଦି ଫସଲ ଚାଷ କରାଯାଇ ପାରିବ । ମାତ୍ର ଜମିକୁ ଖଣ୍ଡ ଖଣ୍ଡ କରି ବନ୍ଧାଇବା ନିତାନ୍ତ ଦରକାର ।

(ଘ) ମଝିଆଳି ବନ୍ଧ ଦିଆଯାଇଥିବା ଜମି—ମାଣ୍ଡିଆ, ମକା, ପେସି, ଯଅ, ଲଦୁଧାନ, ସୋରିଷ

(ଙ) ଉପତ୍ୟକା ବା ଝୋଲାଜମି—ଧାନ

ଜମିର ଉର୍ବରତା ରକ୍ଷା କରିବା ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟିଦେବା ଦରକାର :—

(କ) ଧୋଡ଼ାମାନ ବନ୍ଦ କରିବା

(ଖ) ମଝିରେ ମଝିରେ ବନ୍ଧଦେଇ ଜମିକୁ ଧୋଇଆସ୍ତୁ ରକ୍ଷା କରିବା ।

(ଗ) ସମାନ ଉଚ୍ଚତା ବିଶିଷ୍ଟ ଜମିକୁ ଗୋଟିଏ ଲେଖା ବନ୍ଧ ପକାଇ ସୁରକ୍ଷିତ କରିବା ।

(ଘ) ପଟାଳି   ଚାଷ ।

(ଙ) ଦ୍ଵାଳି ଜାତୀୟ ଫସଲକୁ ମିଶାଇ ଉପଯୁକ୍ତ ଫସଲ ଖଞ୍ଜଣା ପ୍ରବର୍ତ୍ତନ ।

(ଚ) କଂପୋଷ୍ଟ, ଗୋବର ଖତ ବା ଜଙ୍ଗଲ ଖତ ଆବଶ୍ୟକ ପରିମାଣରେ ପ୍ରୟୋଗ କରିବା ।

(ଛ) ସବୁଜ ସାର ବ୍ୟବହାର ।

(ଜ) ମାଟିର ଜଳ ଅଂଶ ସୁରକ୍ଷା କରିବା ।

### କୃଷି ଉନ୍ନୟନ ପାଇଁ ବିଭିନ୍ନ ଉପାୟ—

ଏହି ଆଦିବାସୀ ଅଞ୍ଚଳରେ ଚାଷୀମାନଙ୍କ ପାଖରେ ନୂତନ ଚାଷ ପଦ୍ଧତି ପ୍ରଦର୍ଶନ ସେଥିପ୍ରତି ଚାଷୀମାନଙ୍କୁ ପ୍ରବର୍ତ୍ତାଇବା ନିତାନ୍ତ ଜରୁରୀ । ଏତିକି କରି ଦେଲେ ହେବ ନାହିଁ ଚାଷୀ ତାକୁ କାର୍ଯ୍ୟରେ କିପରି ଲଗାଇବେ ଓ ଏଥିପାଇଁ ଆବଶ୍ୟକ ହେଉଥିବା କୃଷି ସରଞ୍ଜାମ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କ ଦ୍ଵାରା ଉତ୍ପନ୍ନ ହେଉଥିବା ପଦାର୍ଥର ଉଚିତ ମୂଲ୍ୟରେ ବିକ୍ରି ବଟାର ବ୍ୟବସ୍ଥା କରିବା ଅତ୍ୟନ୍ତ ଜରୁରୀ ।

### ଉପଯୁକ୍ତ ସମ୍ପ୍ରସାରଣ ବ୍ୟବସ୍ଥା—

ଆଦିବାସୀ ଉନ୍ନୟନ ଯୋଜନା ଅଞ୍ଚଳରେ ଉପଯୁକ୍ତ ସଂପ୍ରସାରଣ ବ୍ୟବସ୍ଥା ନିତାନ୍ତ ଦରକାର । ସଂପ୍ରସାରଣ କର୍ମୀମାନେ ଆଦିବାସୀମାନଙ୍କ ମଧ୍ୟରେ ନୂତନ କୃଷି ପଦ୍ଧତି ପ୍ରଚଳନ କରାଇବା ପାଇଁ ଉପଯୁକ୍ତ ପ୍ରଣାଳୀ ଅବଲମ୍ବନ କରିବା ଆବଶ୍ୟକ ।

ଏ ଅଞ୍ଚଳ ପାଇଁ ସଂପ୍ରସାରଣ କର୍ମୀ ଏକାଧାରରେ ପରାମର୍ଶଦାତା, ଶିକ୍ଷକ, ପ୍ରଦର୍ଶକ, ବିଶ୍ଳେଷଣକାରୀ, ସଙ୍ଗଠକ ହେବା ଉଚିତ । ଏହି ଗାଁ ମାନଙ୍କର ଲୋକମାନଙ୍କ ସହିତ ଭଲ ଭାବରେ ମିଶି ସେମାନଙ୍କର ନିତାନ୍ତ ଜରୁରୀ ଆବଶ୍ୟକତା ବିଷୟ ଜାଣିବା ଆବଶ୍ୟକ । ଏହି କର୍ମୀମାନେ ଆଦିବାସୀଙ୍କର ଭାଷା ଜାଣି ସେମାନଙ୍କ ପାଖରେ ଉତ୍ସର୍ଗୀକୃତ ମନୋଭାବରେ କାମ କରିବା ଭଲ । ଏଥିପାଇଁ କର୍ମୀମାନଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବା ଆମ ଯୋଜନାର ଲକ୍ଷ୍ୟ ହେବା ଦରକାର । ଏହି ସଂପ୍ରସାରଣ ସଂସ୍ଥା ପ୍ରତ୍ୟେକ ଆଦିବାସୀଙ୍କୁ ଏଥିରେ ଜଡ଼ିତ କରିବା ସଙ୍ଗେ ସଙ୍ଗେ ଏକତ୍ରଭାବେ ଗ୍ରାମର ତଥା ଅଞ୍ଚଳର ଉନ୍ନତି କରିବା ଲକ୍ଷ୍ୟ ନେଇ କାମ କରିବା ଉଚିତ ।

ଏହିପରି ଅନୁନ୍ନତ ଆଦିବାସୀ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମ ସେବକ ୨୦୦—୩୦୦ କୃଷି ପରିବାରଙ୍କ ଦାୟିତ୍ଵ ନେବା ଦରକାର ।

### ତାଲିମ ବ୍ୟବସ୍ଥା—

ଏହି ଗୁରୁ ଦାୟିତ୍ଵରେ ଥିବା କର୍ମୀମାନଙ୍କୁ ମଝିରେ ମଝିରେ ତାଲିମ ଦେବା ନିତାନ୍ତ ଦରକାର । ସଂପ୍ରସାରଣ କର୍ମୀମାନେ କୃଷିକ୍ଷେତ୍ରରେ ନୂଆ ନୂଆ ଉଦ୍‌ଭାବନ ବିଷୟରେ ସବୁବେଳେ ସଚେତନ ରହି ଚାଷୀମାନଙ୍କ ପାଖରେ ଏହା କିପରି କାମରେ ଲଗିପାରିବ ତାହା ଜାଣିବା ଦରକାର । ଯେଉଁସବୁ ଚାଷ ପ୍ରଣାଳୀ ଅବଲମ୍ବନ ଅତି ସହଜରେ କରାଯାଇ ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ସେ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ଏକାନ୍ତ ଜରୁରୀ । ଏଥିପାଇଁ ବିଭିନ୍ନ ବିଷୟରେ ବିଶେଷଜ୍ଞମାନେ ଏହି କାର୍ଯ୍ୟକ୍ରମ ସହିତ ଜଡ଼ିତ ହେବା ଆବଶ୍ୟକ ।

### କୃଷି ସମ୍ବାଦ ସରବରାହ ବ୍ୟବସ୍ଥା—

ଏହି କାର୍ଯ୍ୟକ୍ରମରେ ଯୋଜନାର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସୁଦୃଢ଼ କୃଷି ସମ୍ବାଦ ସରବରାହ ସଂସ୍ଥା କାର୍ଯ୍ୟକାରୀ ହେବା ଦରକାର । ଏହି ସଂସ୍ଥା ବିଭିନ୍ନ ସରବରାହ ମାଧ୍ୟମରେ ଉନ୍ନତ କୃଷି ପଦ୍ଧତିର ପ୍ରଚାର ଦାୟିତ୍ଵ ନେବା ଉଚିତ । ଏହି ସଂସ୍ଥା ଜଣ ଜଣ କରି ତଥା ଦଳ ଦଳ ଭାବରେ ଚାଷୀମାନଙ୍କ ସହିତ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ କ୍ଷେତ୍ର ଦିବସ ପାଳନ କରିବା ଦରକାର । ଏହା ବ୍ୟତୀତ ଗୋଟିଏ ଅଞ୍ଚଳର ଚାଷୀମାନଙ୍କୁ ଅନ୍ୟ ଏକ ଉନ୍ନତ ଅଞ୍ଚଳକୁ ନେଇ ସେଠାକାର ଚାଷ ପ୍ରତି ଆକୃଷ୍ଟ କରାଇବା ଉଚିତ । ଏହି ସଂସ୍ଥା ବିଭିନ୍ନ ସ୍ଥାନରୁ ଫଟୋ ଉଠାଇ ତାକୁ ବିଭିନ୍ନ ଉପାୟରେ କାମରେ ଲଗାଇବାର ବ୍ୟବସ୍ଥା କରିବା ଦରକାର । ଏହି ଯୋଜନା ଅନ୍ତର୍ଭୁକ୍ତ ଅଞ୍ଚଳରେ ପୌଢ଼ ଶିକ୍ଷାର ବ୍ୟବସ୍ଥା ରହିବା ଉଚିତ । ଆଦିବାସୀମାନଙ୍କ ମନରେ ସଞ୍ଚୟର ମନୋଭାବ ସୃଷ୍ଟିକରି କିପରି ସେମାନେ ଜୀବନ ଯାପନ କରିବେ ସେଥିପ୍ରତି ସେମାନଙ୍କୁ ଶିକ୍ଷା ଦିଆଯିବା ଦରକାର ।

### ସମୁପଯୋଗୀ ପରୀକ୍ଷା ଓ ଦର୍ଶନ—

ଏକ ନିର୍ଦ୍ଦିଷ୍ଟ ଅଞ୍ଚଳପାଇଁ ଉପଯୁକ୍ତ ବିଭିନ୍ନ କୃଷି ପଦ୍ଧତିର ପ୍ରଚଳନ କରି ଚାଷୀଙ୍କ ଜମିରେ ପରୀକ୍ଷା କରି ଦେଖାଇ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ ହେବା ଦରକାର । ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧାଗୁଡ଼ିକୁ ସୁଧାରିବା ପାଇଁ ସେମାନଙ୍କ ଜମିରେ ସେହିଭାବରେ ସମୁପଯୋଗୀ ପରୀକ୍ଷାମାନ କରାଯିବା ଉଚିତ । ଯାହା ଫଳରେ ସେ ଅଞ୍ଚଳରେ କ'ଣ କଟ ହେବ ତାହା ଚାଷୀମାନେ ଜାଣି ପାରିବେ । ପ୍ରଦର୍ଶନୀ

ସେମାନଙ୍କ ଚାଷୀଙ୍କ ଜମିରେ କରାଯାଇ ସେମାନଙ୍କୁ ଉନ୍ନତ କୃଷି ବିଷୟରେ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଶିକ୍ଷା ଦିଆଯାଇ ପାରିବ ।

**ମୃତ୍ତିକା ପରୀକ୍ଷା ଏବଂ ଭୂଉନ୍ନୟନ ସଂସ୍ଥା—**

ଏହି ଯୋଜନା ଅଧୀନରେ ମୃତ୍ତିକା ପରୀକ୍ଷା ଓ ଭୂଉନ୍ନୟନ ପରି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ରହିବା ଆବଶ୍ୟକ । ଏହି ସଂସ୍ଥା ଜରିଆରେ ଯୋଜନା ଅଧୀନରେ ଥିବା ଅଞ୍ଚଳ ତଦାରଖ (ସର୍ଭେ) କରିବା ସଙ୍ଗେ ସଙ୍ଗେ ମୃତ୍ତିକା ନମୁନାମାନ ସଂଗ୍ରହ କରି ସେସବୁ ମାଟିକୁ ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କରାଇ ବିଭିନ୍ନ ଅଞ୍ଚଳ ପାଇଁ ମୃତ୍ତିକା ଉର୍ବରତା ମାନଚିତ୍ର ତିଆରି କରିବା ଦରକାର । ପ୍ରାରମ୍ଭିକ ପର୍ଯ୍ୟବେକ୍ଷଣ ରିପୋର୍ଟରୁ ବିଭିନ୍ନ କିସମ ଜମି-ପାଇଁ ଫସଲ ଖସଡ଼ା ଓ ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ବିଷୟରେ ଏହି ସଂସ୍ଥା ବିଭିନ୍ନ ଅଞ୍ଚଳ ପାଇଁ ମାନଚିତ୍ର-ମାନ ପ୍ରସ୍ତୁତ କରିବା ଦରକାର । ଏହି ସର୍ଭେ ଓ ମାନଚିତ୍ର ସାହାଯ୍ୟରେ ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ଜମିପାଇଁ କି କିସମର ଫସଲ ଚାଷ କରାଯାଇ ପାରିବ, କି ପ୍ରକାର ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା କରାଯିବ ଓ ମୃତ୍ତିକା ସଂଶୋଧନ ପାଇଁ କି କି ବ୍ୟବସ୍ଥା କରାଯିବ ତାହା ସ୍ଥିର କରାଯିବା ଉଚିତ ।

**ସ୍ଥାନୀୟ ନେତୃତ୍ୱର ଉନ୍ନତି—**

କୃଷି ଉନ୍ନୟନରେ ସ୍ଥାନୀୟ ନେତୃତ୍ୱର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମାତ୍ର ବର୍ତ୍ତମାନ ଏହି କଥା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉ ନାହିଁ । ଆଦିବାସୀ ଅଞ୍ଚଳରେ କୃଷିଉନ୍ନୟନ ପାଇଁ ସ୍ଥାନୀୟ ନେତୃତ୍ୱର ଉନ୍ନତି କରାଯିବା ଉଚିତ । ପ୍ରତି ଗ୍ରାମରେ କେତେକ ମୁଖିଆ ଲୋକ ବଛାଯାଇ ସେମାନଙ୍କୁ କୃଷିପ୍ରସାରଣ କର୍ମୀମାନଙ୍କ ଦ୍ୱାରା ତାଲିମ ଦିଆଯିବା ଦରକାର । ଏହି ସବୁ ନେତୃସ୍ଥାନୀୟ ତାଲିମ ପ୍ରାପ୍ତ ବ୍ୟକ୍ତି ଚାଷୀମାନଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ରଖିବା ଉଚିତ । ଗ୍ରାମସେବକମାନେ ଏହି ସ୍ଥାନୀୟ ନେତା-ମାନଙ୍କୁ ସବୁବେଳେ ନୂଆ ନୂଆ କୃଷି ପଦ୍ଧତି ବିଷୟରେ ଅବଗତ କରାଇବେ । ଏହି ନେତାମାନଙ୍କ ଜରିଆରେ ଗ୍ରାମସେବକମାନେ କାମ କରିବା ଉଚିତ ।

**କୃଷି ସେବା କେନ୍ଦ୍ର—**

ଗାଁ ଗଣ୍ଡାରେ କୃଷି ସେବାକେନ୍ଦ୍ରମାନ ସ୍ଥାପନ କରାଯିବା ଦରକାର । ପରିସୀମା ଓ ଚାଷୀ ପରିବାରକୁ ଆଖି ଆଗରେ ରଖି କେତେକ ଗାଁ ବା ବସ୍ତିପାଇଁ ଗୋଟିଏ ଗୋଟିଏ କୃଷି ସେବା କେନ୍ଦ୍ର ସମବାୟ ସୂତ୍ରରେ ବା ସରକାରଙ୍କ ଠାରୁ ସାହାଯ୍ୟ ନେଇ ଚଳିବା ଆବଶ୍ୟକ । ଏହି କେନ୍ଦ୍ରଗୁଡ଼ିକ ଅଭିଜ୍ଞ କାରିଗରମାନଙ୍କ ଦ୍ୱାରା ପରିଚାଳିତ ହେବା ଦରକାର । ଏହି କେନ୍ଦ୍ରଗୁଡ଼ିକ ଦୁଇମୁଖୀ କାମ କରିବେ । (କ) କୃଷି ସରଞ୍ଜାମ ଯୋଗାଣ, (ଖ) ସେବାସଂସ୍ଥା (Custom Service) କୃଷି ସରଞ୍ଜାମ କହିଲେ ସାଧାରଣତଃ, (୧) ଉନ୍ନତ ବିହନ, ଖରା; (୨) ରାସାୟନିକ ସାର ଓ ମୃତ୍ତିକା ସଂଶୋଧନ ପଦାର୍ଥ; (୩) କୀଟନାଶକ ଔଷଧ; (୪) ଉନ୍ନତ ଯନ୍ତ୍ରପାତି; (୫) ସ୍ପ୍ରେୟାର ଓ ଡଷ୍ଟରକୁ ବୁଝାଏ । ସେବା ସଂସ୍ଥା (Custom Service) କହିଲେ, (୧) କୃଷି ଯନ୍ତ୍ରପାତିର ମରାମତି, (୨) ମାଟି ନମୁନା ସଂଗ୍ରହ ପରୀକ୍ଷା ଓ ସାର ଅନୁମୋଦନ, (୩) ଜମିର ପୁନରୁଦ୍ଧାର ଓ ସମତଳ କରି ଭୂଉନ୍ନୟନ ବ୍ୟବସ୍ଥା, (୪) ଫସଲ ସଂରକ୍ଷଣ ବ୍ୟବସ୍ଥାକୁ ବୁଝାଏ ।

**ଋଣ-ଦାନ ସଂସ୍ଥା—**

କୃଷି ଉନ୍ନୟନରେ କୃଷି ଋଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଏହି ଆଦିବାସୀ ଅଞ୍ଚଳର ଲୋକମାନଙ୍କର ଅନୁନ୍ନତ ଆର୍ଥିକ ଅବସ୍ଥା ଓ ଜମିଜମା ଉପରେ ମାଲିକାନା ସ୍ୱତ୍ୱ ସ୍ଥିର ନ ଥିବା ବେଳେ କୃଷି ଋଣର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି । ଆଦିବାସୀମାନେ ଦାରିଦ୍ର୍ୟ ସୀମା-ରେଖା ତଳେ ଥିବାରୁ ସେମାନଙ୍କ ପାଇଁ ପ୍ରଥମାବସ୍ଥାରେ ଚଳିବା ପାଇଁ ଋଣ ଦେବା ଦରକାର । ଏହି ଅଞ୍ଚଳରେ ସମବାୟ ବ୍ୟାଙ୍କ ବା ଗ୍ରାମ୍ୟ ବ୍ୟାଙ୍କ ଜରିଆରେ ଋଣ ଦେବା ଉଚିତ । ଋଣଦାନ ପଦ୍ଧତି ଅତି ସରଳ ଓ ସହଜ ହେବା ଉଚିତ । ପ୍ରତି ଚାଷୀଙ୍କ ପାଇଁ ବାର୍ଷିକ ଚାଷ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ କୃଷି ସରଞ୍ଜାମ ଓ ତା'ର ମୂଲ୍ୟ ସହ ଏକ "କୃଷି ସରଞ୍ଜାମ କାର୍ଡ" ତିଆରି କରାଯିବା ଦରକାର । ଏହି "କୃଷି ସରଞ୍ଜାମ କାର୍ଡ" ଅନୁସାରେ "କୃଷି ସେବା ସଂସ୍ଥା" ଚାଷୀମାନଙ୍କୁ ସେମାନଙ୍କର ଆବଶ୍ୟକତା ମୁତାବକ କୃଷି ସରଞ୍ଜାମ ଯୋଗାଇ ଦେଇ ସଂପୃକ୍ତ ବ୍ୟାଙ୍କରୁ ଟଙ୍କା ନେଇ ପାରିବେ । ବଳଦ, କୃଷି ଯନ୍ତ୍ରପାତି, ସ୍ପ୍ରେୟାର ଓ ଭୂଉନ୍ନୟନ ପାଇଁ ମଧ୍ୟମକାଳୀନ ଋଣର ବ୍ୟବସ୍ଥା ହେବା ଉଚିତ ।

**ବିକ୍ରି-ବଟା ସଂସ୍ଥା—**

ଗାଁ ଗହଳରେ ଉନ୍ନତ ବିକ୍ରି ସଂସ୍ଥା ରହିବା ଆବଶ୍ୟକ । ଆଦିବାସୀମାନଙ୍କୁ ବେପାରୀମାନଙ୍କ ଦାଉରୁ ରକ୍ଷାକରିବା ଏହାର ମୂଳ ଲକ୍ଷ୍ୟ । ଏହି ସଂସ୍ଥା ଜରିଆରେ ଆଦିବାସୀମାନଙ୍କ ଓଜନ ମାପ ଓ ବିକ୍ରି-ବଟା ସମ୍ବନ୍ଧରେ ଶିକ୍ଷା ଦିଆଯିବା ଉଚିତ । ଏହି ସଂସ୍ଥା ଋଣ-ଦାନ ସହିତ ବିକ୍ରି-ବଟାକୁ ସଂଶ୍ଳିଷ୍ଟ କରିବା ଦରକାର । ଆଦିବାସୀମାନଙ୍କର ଚାଷରୁ

ଉତ୍ପନ୍ନ ହେଉଥିବା ପଦାର୍ଥଗୁଡ଼ିକୁ ବିକ୍ରି ସଂସ୍ଥା ପାଖରେ ବନ୍ଧକ ଦେବାର ବ୍ୟବସ୍ଥା କରିବା ଦରକାର । ଏହା ଫଳରେ ଚାଷୀମାନେ ପ୍ରଚଳିତ ବିକ୍ରିଦର ଅନୁସାରେ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟର ଶତକଡା ୭୫ ଭାଗ ମୂଲ୍ୟ ଟଙ୍କା ଆକାରରେ ପ୍ରଥମେ ନେଇ ବାକି ୨୫ ଭାଗ ଜିନିଷ ବିକ୍ରି ହେବା ପରେ ପାଇ ପାରିବେ । ଏହି ୭୫ ଭାଗ ଟଙ୍କାର କେତେକ ଅଂଶ ବ୍ୟାଙ୍କକୁ ଋଣ ବାବଦକୁ ଶୁଝି ବାକିତକ ଚାଷୀ ନିଜର ଖର୍ଚ୍ଚ ପାଇଁ ରଖିବା ଦରକାର । ବାକି ପ୍ରକୃତ ମୂଲ୍ୟର ଯେଉଁ ୨୫ ଭାଗ ଟଙ୍କା କୃଷିଜାତ ଦ୍ରବ୍ୟ ବିକ୍ରୀ ପରେ ମିଳିବ ତାକୁ ନିଜ ନିଜର ସଞ୍ଚୟ ଜମାରେ ରଖିବା ବ୍ୟବସ୍ଥା କରାଯିବା ଉଚିତ । ଚାଷୀ ନିଜର ଦରକାର ଅନୁସାରେ ଏହି ସଂଚିତ ଟଙ୍କାକୁ ଖର୍ଚ୍ଚ କରି ପାରିବେ ।

### କୃଷି ଇଞ୍ଜିନିୟରିଂ ସେବା ସଂସ୍ଥା—

ଏହି ଯୋଜନା ଅଧୀନରେ ତାଲିମପ୍ରାପ୍ତ କର୍ମୀମାନଙ୍କୁ ନେଇ ଗୋଟିଏ ଦୃଢ଼ କୃଷି ଇଞ୍ଜିନିୟରିଂ ସେବା ସଂସ୍ଥା ଗଠନ କରିବା ନିତାନ୍ତ ଆବଶ୍ୟକ । ଗାଁ ଗହଳରେ ଉନ୍ନତ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଗାଁମାନଙ୍କରେ ରହୁଥିବା କୃଷି କାରିଗରମାନଙ୍କୁ କୃଷିଯନ୍ତ୍ରପାତିର ମରାମତି ଓ ରକ୍ଷଣାବେକ୍ଷଣ ବିଷୟରେ ତାଲିମ ଦେବା ଏହାର ମୂଳ ଲକ୍ଷ୍ୟ । ଦ୍ୱିତୀୟରେ, ଏହି ସଂସ୍ଥା ଭୂଉନ୍ନୟନ ପାଇଁ ସର୍ଭେ କରି ଜମି ପୁନରୁଦ୍ଧାର ଓ ଜମି ସମତଳ କରିବା ଦାୟିତ୍ୱ ନେବା ଦରକାର । ଆଉମଧ୍ୟ, ଏ ସଂସ୍ଥା କୃଷକମାନଙ୍କୁ ସେମାନଙ୍କର ଗୁହାଳ, କୁକୁଡ଼ା ଘର ଓ ଏପରିକି ଅଳ୍ପ ଖର୍ଚ୍ଚରେ ସେମାନଙ୍କର ରହିବା ଘର ତିଆରି କରିବାପାଇଁ ବୈଷୟିକ ତାଲିମ ଦେବେ । ଏହା ବ୍ୟତୀତ, ନଳକୂପ ଖନନ, ଜଳସେଚନ ପାଇଁ ବନ୍ଧନିର୍ମାଣ, ଦରନାଳୀ ଇତ୍ୟାଦିର ଯୋଜନା ଓ ଖର୍ଚ୍ଚ ଅଟକଳ ପ୍ରସ୍ତୁତକରି ଏହାର ନିର୍ମାଣରେ ସାହାଯ୍ୟ କରିବା ଦରକାର ।

### ପଶୁପାଳନ ସେବା ସଂସ୍ଥା—

ଏହି ସଂସ୍ଥାର ମୁଖ୍ୟ କାମ ହେଲ (୧) କୃତ୍ରିମ ପ୍ରଜନନ ଦ୍ୱାରା ଉନ୍ନତ ଗାଈର ବଂଶ ବିସ୍ତାର, (୨) କୁକୁଡ଼ା, ଛେଳି, ଘୁଷୁରି ଓ ଗାଈଗୋରୁମାନଙ୍କର ଯତ୍ନ ନେବା ବିଷୟରେ ଚାଷୀଙ୍କୁ ତାଲିମ ଦେବା, (୩) ଦୁଗ୍ଧ, ଅଣ୍ଡା ଆଦିର ବିକ୍ରିବଟା ବ୍ୟବସ୍ଥା, (୪) ଗୋ-ଖାଦ୍ୟ ପ୍ରଭୃତି ଓ ଘାସ ଚାଷ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା । ସର୍ବୋପରି, ଏହି ସଂସ୍ଥା ଚାଷୀମାନଙ୍କୁ ସେମାନଙ୍କର ଗୃହପାଳିତ ପଶୁ କିଣିବାରେ ସାହାଯ୍ୟ କରିବେ । ଏହି ସଂସ୍ଥା ମୁଖ୍ୟ କାର୍ଯ୍ୟାଳୟ ଠାରେ ତାଲିମ ପ୍ରାପ୍ତ କ୍ଷେତ୍ର କମର୍ଚ୍ଚାରୀଙ୍କୁ ନେଇ ଗଠିତ ହେବା ଦରକାର ।

### ଫଳ ଓ ପନିପରିବା ଚାଷ ସଂସ୍ଥା—

ଯୋଜନାର ମୁଖ୍ୟକାର୍ଯ୍ୟାଳୟ ଠାରେ ଏହି ସଂସ୍ଥାର ତାଲିମପ୍ରାପ୍ତ କର୍ମୀମାନେ ଅବସ୍ଥାପିତ ହେବା ଦରକାର । ଚାରାଗଛ ରଖିବା ପାଇଁ ଗୋଟିଏ ଟ୍ରାଂଜିଟ୍ ନରସରି ଥିବା ଆବଶ୍ୟକ । ପାହାଡ଼ିଆ ଅଞ୍ଚଳରେ ଫଳଗଛ ଲଗାଇବା ଓ ଚାଷୀମାନଙ୍କ ବାଡ଼ି ବଗିଚାରେ ପନିପରିବା ଚାଷ କରିବାରେ ସାହାଯ୍ୟ କରିବା ହେଉଛି ଏହି ସଂସ୍ଥାର ମୁଖ୍ୟ କାମ । ଫଳ ଓ ପନିପରିବା ଚାରା ଯୋଗାଇବା ସଙ୍ଗେ ସଙ୍ଗେ ଫଳ ଓ ପନିପରିବା ବିକ୍ରିବଟାର ବ୍ୟବସ୍ଥା କରିବା ଏହି ସଂସ୍ଥାର ଦାୟିତ୍ୱ ହେବା ଉଚିତ । ଚାଷୀମାନଙ୍କୁ ତଥା ଗ୍ରାମସେବକମାନଙ୍କୁ ଏ ବିଷୟରେ ତାଲିମ ଦେବା ଏହି ସଂସ୍ଥାର ଦାୟିତ୍ୱ ।

### ଯୋଜନାର ସଫଳ ରୂପାୟନ ପାଇଁ ଉପାୟ—

ଆମର ବହୁ ଚେଷ୍ଟା ସତ୍ତ୍ୱେ ଗତ ଦୁଇ ଦଶନ୍ଧିରେ ଆଦିବାସୀ ଅଞ୍ଚଳରେ କୃଷି ଉନ୍ନୟନ ଆଶାନୁରୂପ ଭାବରେ ହୋଇ ପାରିନାହିଁ । ଏହି ଅଞ୍ଚଳରେ କୃଷି ପଦ୍ଧତି ଏବେ ସୁଦ୍ଧା ସେହି ଆଦିମ ଅବସ୍ଥାରେ ରହିଛି । ଆଦିବାସୀ ଉନ୍ନୟନ ଯୋଜନା ଅଞ୍ଚଳରେ କୃଷି ସଂପ୍ରସାରଣର ସବୁ ପ୍ରକାର ବ୍ୟବସ୍ଥା ଥିବା ସତ୍ତ୍ୱେ ଏ ଅଞ୍ଚଳରେ କୃଷି ଉନ୍ନୟନ ଦିଗରେ ସେପରି କିଛି ଆଖି ଦୃଶିଆ କାମ ହୋଇନାହିଁ । ଏହି ଅଞ୍ଚଳର ଆବଶ୍ୟକତା ଉପରେ ନଜର ରଖି କୃଷି ଉନ୍ନୟନ ଦିଗରେ କାମକଲେ ଲୋକମାନଙ୍କର ପୁରୁଣାକାଳିଆ ମନୋଭାବ ବଦଳି ପାରିବ ଓ ସେମାନେ ଏଥି ପ୍ରତି ଆକୃଷ୍ଟ ହେବେ । ଲୋକମାନଙ୍କୁ ସବୁପ୍ରକାର ସୁବିଧାସୁଯୋଗ ଦେବେ ସେମାନଙ୍କର ଉନ୍ନତ କୃଷିପ୍ରତି ଆଗ୍ରହ ପ୍ରକାଶ ପାଇବ ଏଥିରେ ସନ୍ଦେହ ନାହିଁ । ସ୍ୱଳ୍ପ-ମିଆଦି ଓ ଦୀର୍ଘ-ମିଆଦି ସ୍ତରରେ ଆଦିବାସୀମାନଙ୍କର ସର୍ବବିଧ ଉନ୍ନତି କରାଯାଇ ପାରିବ । ସ୍ୱଳ୍ପ-ମିଆଦି କାର୍ଯ୍ୟକ୍ରମରେ କୃଷିକ୍ଷେତ୍ରରେ ଉନ୍ନତ ପ୍ରଣାଳୀ ଅବଲମ୍ବନ କରି ଏକର ପ୍ରତି ଅମଳ ବଢ଼ାଯାଇ ପାରିବବ । ଫଳରେ ସେମାନଙ୍କର ଜୀବନ ଧାରଣର ମାନବୃଦ୍ଧି ହେବା ସଙ୍ଗେ ସଙ୍ଗେ ଆଦିବାସୀମାନଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ ହୋଇ ପାରିବ । ଏହି ଅଞ୍ଚଳରେ ୩ଟି ସ୍ତରରେ କୃଷି ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେବା ଉଚିତ ।

ପ୍ରଥମ ସ୍ତର—ଏହି ସ୍ତରରେ ଆଞ୍ଚଳିକ କ୍ଷେତ୍ର ପ୍ରଦର୍ଶନ (Areawise demonstration) ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତ କୃଷି ପ୍ରଣାଳୀମାନ ବ୍ୟବହାର କରି

କୃଷି ଶ୍ରମିକ ପାଇଁ ବୈଷୟିକ ତାଲିମ ଦିଆଯିବା ଦରକାର । କେତେକ ଚାଷୀଙ୍କ ଜମିରେ ଉନ୍ନୟନ ଓ ଫସଲ ପରିଯୋଜନା କାର୍ଯ୍ୟକ୍ରମ ହାତକୁ ନିଆଯାଇ ସେମାନଙ୍କୁ ଏ ବିଷୟରେ ଆଗ୍ରହୀ କରିବା ଦରକାର । ଏହି କାମ ପାଇଁ ଆବଶ୍ୟକ ହେଉଥିବା କୃଷି ସରଞ୍ଜାମ- ଗୁଡ଼ିକ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ । ମାତ୍ର, ଏଥିପାଇଁ ଆବଶ୍ୟକ ହେଉଥିବା ମଜୁରି ବାବଦ ଖର୍ଚ୍ଚ ଉପକୃତ ହେଉଥିବା ଚାଷୀମାନେ ବହନ କରିବେ । ଏଥିରେ କାମ କରୁଥିବା ଆଦିବାସୀ କୃଷକମାନେ ରିହାତି ଦରରେ ମଜୁରି ପାଇ ପାରିବେ । ଏହା ଶ୍ରମ ପାଇଁ ଖାଦ୍ୟ ଯୋଗାଣ” (Food for work) ଭିତ୍ତିରେ କାର୍ଯ୍ୟକାରୀ ହେବା ଉଚିତ । ଉନ୍ନତ କୃଷି ପ୍ରଣାଳୀ ଅବଲମ୍ବନ କରି ଚାଷ କଲେ ଉକ୍ତ ଜମିରୁ ଆଶାଜନକ ଉତ୍ପାଦନ ମିଳି ପାରିବ ଓ ପ୍ରତି ଏକ ଟଙ୍କା ଖର୍ଚ୍ଚ ବାବଦକୁ ବାଦଯାଇ ଅଢ଼େଇ ଟଙ୍କା ଆଦାୟ ହେବ । ଏହି ଅଢ଼େଇ ଟଙ୍କାରୁ ଏକ ଟଙ୍କା ଖର୍ଚ୍ଚ ବାବଦକୁ ଫେରନ୍ତ କରାଯିବ । ଏକ ଟଙ୍କା ଚାଷୀମାନଙ୍କୁ ବୋନସ ଆକାରରେ ଦିଆଯିବ ଓ ପଚାଶ ପଇସା ଆଦିବାସୀ ଉନ୍ନୟନ ଅଞ୍ଚଳ ପାଇଁ ଉନ୍ନୟନ ଯୋଜନାରେ ଜମା- କରାଯାଇ ପୁନଶ୍ଚ ଏହି ଟଙ୍କାକୁ ଏଭଳି କୃଷି ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯିବ ।

ଉଦାହରଣ ସ୍ୱରୂପ, ଉନ୍ନତ ପ୍ରଣାଳୀ ଅବଲମ୍ବନ କରି ଚାଷୀଙ୍କ ଜମିରେ ଫସଲ ଚାଷରେ ଟ୧୦୦ଙ୍କା ଖର୍ଚ୍ଚରେ ସେଥିରୁ ଟ୨୫୦ଙ୍କା ମିଳିବ । ଏହି ଟ୨୫୦ଙ୍କା ମଧ୍ୟରୁ ମୂଳବାବଦକୁ ଟ୧୦୦ଙ୍କା ଯାଇ ଟ୧୫୦ଙ୍କା ଲାଭ ମିଳିବ । ଏହି ୧୫୦ଙ୍କା ଲାଭ ମଧ୍ୟରୁ ଟ୧୦୦ଙ୍କା ବୋନସ ଆକାରରେ ଚାଷୀଙ୍କୁ ଦେଇ ଦିଆଯିବ ଓ ବାକି ଟ୫୦ଙ୍କା କୃଷି ଉନ୍ନୟନ ଯୋଜନା ଜମା ଖାତାରେ ଜମା ରଖାଯିବ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ପାରିପାର୍ଶ୍ୱିକ ଅବସ୍ଥା ନେଇ ୩ ବର୍ଷ ପର୍ଯ୍ୟନ୍ତ ଏହି ସ୍ତର କାର୍ଯ୍ୟକାରୀ ହେବା ଉଚିତ ଓ ତା’ପରେ ଆଉ ଗୋଟିଏ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯିବ । ଏହି ପ୍ରଦର୍ଶନୀ ଭିତରେ କୃଷକମାନେ ବୈଷୟିକ ତାଲିମ ପାଇବେ ।

୨ୟ ସ୍ତର—ଏହି ସ୍ତରରେ ଚାଷୀମାନେ କର୍ମୀମାନଙ୍କ ସାହାଯ୍ୟ ନେଇ ନିଜ ନିଜର ଜମିରେ ଚାଷ କରିବେ । ବିଭିନ୍ନ କୃଷି ସରଞ୍ଜାମ କିଣିବା ପାଇଁ ଚାଷୀଙ୍କୁ ଋଣ ଯୋଗାଇ ଦିଆଯିବ । ଇନ୍‌ପୁଟ୍ କାର୍ଡ (Input card) ଅନୁଯାୟୀ ଋଣ ଯୋଗାଇବାର ବ୍ୟବସ୍ଥା କରାଯିବ । ଋଣଦାନ ଫସଲ ବିକ୍ରି ସହିତ ସଂଯୋଗ କରାଯିବ । ଚାଷୀମାନେ ସେମାନଙ୍କ ଜମିରୁ ଉତ୍ପନ୍ନ କୃଷିଜାତ ଦ୍ରବ୍ୟକୁ ବିକ୍ରି ସଂସ୍ଥାକୁ ବନ୍ଧକ ଦେବେ । ପ୍ରଚଳିତ ବଜାର ଦର ଅନୁସାରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଶତକଡା ୭୫ ଭାଗ ପ୍ରଥମେ ଋଣ ଆକାରରେ ପାଇବେ । ବାକି ମୂଲ୍ୟର ବାକି ୨୫ ଭାଗ ଫସଲ ବିକ୍ରି ପରେ ପାଇ ପାରିବେ । ଏହି ପ୍ରଥମ ୭୫ ଭାଗ ଟଙ୍କାର କିଛି ଅଂଶ ସ୍ୱଳ୍ପ-ମିଆଦି ଋଣ ଓ ତା’ର ସୁଧ ବାବଦକୁ ଶୁଝାଯିବ ଓ ବାକି ଟଙ୍କା ତା’ର ନିଜ ଖର୍ଚ୍ଚ ପାଇଁ ରଖାଯିବ । ବାକି ୨୫ ଭାଗ ଟଙ୍କା ଚାଷୀର ସଞ୍ଚୟ ଜମାରେ ରଖାଯିବ ଓ ଦରକାର ଅନୁସାରେ ଚାଷୀ ତାହାକୁ ଖର୍ଚ୍ଚ କରିବ । ମଧ୍ୟମ-ମିଆଦି ଋଣର କିସ୍ତି ଏହି ସଞ୍ଚୟ ଜମାରୁ ଫେରନ୍ତ କରାଯିବ । ଏହି ସ୍ତରରେ ଚାଷୀ ତା ନିଜ ଜମିରେ କି କି ଫସଲ କରାଯିବ ଓ କିପରି ଚାଷ କରିବାକୁ ହେବ ତାହା ସେ ନିଜେ ସ୍ଥିର କରିବ । ମାତ୍ର, ଏ ଦିଗରେ ସଂପ୍ରସାରଣ କର୍ମୀମାନେ କେବଳ ବୈଷୟିକ ସାହାଯ୍ୟ ଦେବେ । କୃଷି ସରଞ୍ଜାମର ସରବରାହ ବାବଦ ଖର୍ଚ୍ଚର କିଛି ଅଂଶ ରିହାତି ଆକାରରେ ପ୍ରୋଜେକ୍ଟ ବହନ କରିବ । ଏହି ରିହାତିର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରୀକ୍ଷିତ ବିହନ, ସାର, କୀଟନାଶକ ଔଷଧ ତଥା କୃଷି ଯନ୍ତ୍ରପାତିର ମୂଲ୍ୟ କମାଇଦେବା । ଏହି ସବୁ ରିହାତି ଟଙ୍କା ଚାଷୀମାନଙ୍କୁ ଦିଆ ନ ଯାଇ ଯୋଗାଣକାରୀ ସଂସ୍ଥାକୁ ଦିଆଯିବ । ଏ ଦିଗରେ ଚାଷୀମାନଙ୍କ ସଫଳତା ଉପରେ ନିର୍ଭର କରି ଏହି ୨ୟ ସ୍ତର କାର୍ଯ୍ୟକ୍ରମ ତିନି ବର୍ଷ ପର୍ଯ୍ୟନ୍ତ ଚାଲିପାରେ । ଏହି ୨ୟ ସ୍ତର କାର୍ଯ୍ୟକ୍ରମ ଫଳରେ ଚାଷୀମାନେ ନିଜେ ଆଗେଇ ପାରିବେ ।

୩ୟ ସ୍ତର—ଏହି ସ୍ତରରେ ଚାଷୀମାନେ ଆତ୍ମନିର୍ଭର- ଶୀଳ ହେବା ପାଇଁ ବ୍ୟବସ୍ଥା କରାଯିବ । ଏହି ସମୟରେ ସମସ୍ତ ପ୍ରକାର ବୈଜ୍ଞାନିକ କୃଷିପ୍ରଣାଳୀକୁ ଚାଷୀମାନେ ନିଜ ଜମିରେ ପ୍ରୟୋଗ କରିବେ । ନୂତନ ଚାଷ ପ୍ରଣାଳୀକୁ ଚାଷୀମାନେ ଯୁକ୍ତିଯୁକ୍ତ ଭାବରେ ନିଜ ଜମିରେ କାର୍ଯ୍ୟରେ ଲଗାଇବେ । ବିହନ, ସାର, କୀଟନାଶକ ଔଷଧ ବାବଦରେ ଦିଆଯାଉଥିବା ରିହାତିକୁ ଆସ୍ତେ ଆସ୍ତେ କମାଇ ଦିଆଯିବ । ମାତ୍ର, ଏହି ସ୍ତରରେ କୃଷିଯନ୍ତ୍ରପାତି ଓ ସ୍ପ୍ରେୟାର, ଡ୍ରଷ୍ଟର ଆଦିରେ ଶତକଡା ୨୫ ଭାଗ ରିହାତି ଦିଆଯିବା ଦରକାର । ଫସଲ ପରିକଳ୍ପନା ଓ ଜମି ପରିକଳ୍ପନା ଉପରେ ଗୁରୁତ୍ୱ ଦେଇ କାମ ଚଳାଇବା ଉଚିତ । ଏ ସମୟରେ ଆନୁସଙ୍ଗିକ କୃଷି ଭିତ୍ତିକ ଛୋଟ ଛୋଟ ଶିଳ୍ପ ସଂସ୍ଥା ଏ ଅଞ୍ଚଳରେ ଗଢ଼ି ଉଠିବା ଆବଶ୍ୟକ ।

ବିଭିନ୍ନ ସ୍ତରରେ ଏହି ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯିବ ଓ ପ୍ରତ୍ୟେକ ଅଞ୍ଚଳ ଗୋଟିଏ ପରେ ଗୋଟିଏ ସ୍ତରଦେଇ ଗତି କରିବେ ।

---

ସହକାରୀ କୃଷି ନିର୍ଦ୍ଦେଶକ, ଭୁବନେଶ୍ୱର

# ଅମର ସହିଦ ବାଘା ଯତୀନ୍

ମହାପାତ୍ର ନୀଳମଣି ସାହୁ

୧୯୧୫ ମସିହା ସେପ୍‌ଟେମ୍ବର ମାସ । ବର୍ଷକ ପୂର୍ବରୁ ପ୍ରଥମ ମହାଯୁଦ୍ଧର ବିଭୀଷିକା ଭାରତବର୍ଷରେ ମଧ୍ୟ ଆତଙ୍କ ସୃଷ୍ଟି କରି ଦେଇଥାଏ । ଇଂଲଣ୍ଡ ଓ ଜର୍ମାନୀ ଭିତରେ ଲାଗିଥିବା ଏହି ଯୁଦ୍ଧ କିନ୍ତୁ ସମଗ୍ର ପୃଥିବୀର ଭାଗ୍ୟକୁ କବଳିତ କଲାପରି ଆଶଙ୍କା ହେଉଥାଏ । ଏହି ସମୟରେ ଭାରତବର୍ଷର କେତେକ ଦେଶପ୍ରେମୀ ଯୁବକ ଭାରତବର୍ଷର ସଂପୂର୍ଣ୍ଣ ସ୍ୱାଧୀନତା ଦାବୀକରି ଆନ୍ଦୋଳନ ଚଳାଇଥାନ୍ତି । ଏମାନେ ଥିଲେ ଉଗ୍ର-ପନ୍ଥୀ ( Extremists ) । ଏମାନେ ଗୋଟିଏ ହାତରେ ଭଗବତ୍ ଗୀତା ବା ଚଣ୍ଡୀ ଓ ଅନ୍ୟ ହାତରେ ଖଣ୍ଡାଧରି ଆନ୍ଦୋଳନରେ ଝାସ ଦେଉଥିଲେ । ଏମାନଙ୍କ ଅନ୍ତରରେ ପରମପୁରୁଷ ଶ୍ରୀରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ଅରବିନ୍ଦଙ୍କ ଆଦର୍ଶର ପ୍ରେରଣା ଥିଲା, ଉଦ୍‌ବୋଧନା ଥିଲା । ଏମାନେ ଦେଶକୁ ଦୁର୍ଗା ବୋଲି ଭାବି ପୂଜା କରୁଥିଲେ ଓ ସେହି ଦେଶ-ମାତାଙ୍କୁ ଅସୁର ହାତରୁ ମୁକ୍ତ କରିବାକୁ ନିଜର ପ୍ରାଣ ବଳି ଦେଇ ଯେ କୌଣସି ଉପାୟ ଅବଲମ୍ବନ କରିବାକୁ ଶ୍ରେୟ ମନେ କରୁଥିଲେ । ସେମାନଙ୍କର ଦୃଢ଼ ବିଶ୍ୱାସ ଥିଲା, ସଙ୍ଗଠିତ ଯୁଦ୍ଧଦ୍ୱାରା ହିଁ ସେମାନେ ଇଂରେଜମାନଙ୍କୁ ଏ ଦେଶରୁ ବିତାଡ଼ନ କରିବେ । ସେମାନେ ଇଂରେଜ ହାକିମ ହୁକୁମାଙ୍କୁ ଅତର୍କିତରେ ହତ୍ୟାକରି ଦେଶସାରା ଏକ ସଂତ୍ରାସବାଦୀ ଆନ୍ଦୋଳନ (Terrorist Movement) ଆରମ୍ଭ କରିଦେଲେ । ନିଜର ଜୀବନକୁ ମଧ୍ୟ ସେମାନେ ପାଣି ଛଡ଼ାଇଦେଲେ । ପ୍ରକାଶ ଥାଉକି, ସେତେବେଳ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ଅହିଂସାତ୍ମକ ସତ୍ୟାଗ୍ରହ ଯୁଦ୍ଧ ଆରମ୍ଭ ହୋଇ ନ ଥିଲା । ଏହି ହିଂସାନିର୍ଭର ସଂତ୍ରାସବାଦୀ ଆନ୍ଦୋଳନ ପ୍ରଥମେ ବଙ୍ଗଳାରେ ଓ ପରେ ପରେ ପଞ୍ଜାବ୍ ଆଦି ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ଆରମ୍ଭ ହୋଇଗଲା । ବିପ୍ଳବୀମାନେ ବଣ ଜଙ୍ଗଲରେ ଲୁଚି ରହି ସଂଗଠିତଭାବେ ଗୁଳି, ବାରୁଦ, ବୋମା ଇତ୍ୟାଦି ତିଆରି କରି ଯୁଦ୍ଧ କୌଶଳ ଶିକ୍ଷା କରୁଥିଲେ ଓ ତତ୍ ସଙ୍ଗେ ସଙ୍ଗେ ଧର୍ମ ସାଧନା ମଧ୍ୟ କରୁଥିଲେ । ମଧ୍ୟେ ମଧ୍ୟେ ଅତି ଗୋପନରେ ସହରମାନଙ୍କୁ ଯାଇ ଇଂରେଜ ସରକାର ସଙ୍ଗେ ଖଣ୍ଡ ଯୁଦ୍ଧ ଲଗାଇ ଦେଉଥିଲେ ।

ଏମାନଙ୍କ ବିପ୍ଳବ ଫଳରେ ସାରା ଦେଶରେ ଚହଳ ପଡି ଯାଇଥିଲା ଓ ଇଂରେଜମାନେ ପ୍ରମାଦ ଗଣି ଦୃଢ଼ ହସ୍ତରେ ଏହାର ଦମନ ଲାଗି ଚେଷ୍ଟା ଚଳାଇଲେ । ଅନେକ ସଂତ୍ରାସବାଦୀଙ୍କୁ ଧରି ସର୍ବସାଧାରଣ ସ୍ଥାନରେ ଗୁଳିକରି ମାରି ଦିଆଗଲା । କେତେକଙ୍କୁ ମଧ୍ୟ ଫାଶି ଦିଆଗଲା ଓ କେତେକଙ୍କୁ ଦେଶାନ୍ତରୀ କରି ଦିଆଗଲା । ତଥାପି ମଧ୍ୟ ଏ ଆନ୍ଦୋଳନ ବଢିଲା ପଛକେ କମିଲା ନାହିଁ ।

ଏହି ସମୟରେ ବିଶ୍ୱ ଯୁଦ୍ଧ ଲାଗିଗଲା । ଅନେକ ସଂତ୍ରାସବାଦୀମାନଙ୍କ ଭିତରୁ ଅନେକ ଭାବିଲେ, ଜର୍ମାନମାନଙ୍କ ସହିତ ସହଯୋଗ କରି ସେମାନଙ୍କଠାରୁ ଗୁପ୍ତରେ ଅସ୍ତ୍ରଶସ୍ତ୍ର ଓ ମନ୍ତ୍ରଣା ଆଣି, ସେମାନେ ଇଂରେଜମାନଙ୍କୁ ଦେଶ ଭିତରେ ଆକ୍ରମଣ କରି ମାଡ଼ ଚଢ଼ାଇବେ ଓ ଇଂରେଜ ଶକ୍ତି ବାହାରେ ଓ ଭିତରେ ଦୁଇଟିଯାକ ଆକ୍ରାନ୍ତ ହୋଇ ଭାରତ ଛାଡି ପଳାଇବେ ଓ ଦେଶମାତା ଅସୁର ହାତରୁ ମୁକ୍ତ ହେବେ । ପ୍ରକାଶ ଥାଉ କି, ସଂତ୍ରାସବାଦୀମାନଙ୍କ ଆନ୍ଦୋଳନ ପ୍ରକୃତିରେ କେବଳ ରାଜନୈତିକ ନ ଥିଲା, ଏହା ପଛରେ ମଧ୍ୟ ଥିଲା ଏକ ଆଧ୍ୟାତ୍ମିକ ପ୍ରେରଣା ।

ଆମର ପୂଜ୍ୟ ସ୍ମରଣୀୟ ବାଘା ଯତୀନ ବା ଯତୀନ ମୁଖାର୍ଜୀ ଥିଲେ ଏଇ ଯୁବ ବିପ୍ଳବୀମାନଙ୍କ ମଧ୍ୟରେ ଏକ ଗଣ୍ୟମାନ୍ୟ ବିଶିଷ୍ଟ ଦେଶ ଭକ୍ତ ସ୍ୱାଧୀନତା ସଂଗ୍ରାମୀ ବୀର ପୁରୁଷ ଏବଂ ଏହି ଓଡ଼ିଶା ହିଁ ଥିଲା ତାଙ୍କର ସଂଗ୍ରାମ ପୀଠ । ଏବଂ ଏହି ବାଲେଶ୍ୱର ସହରରେ ହିଁ ସେ ଦେଶପାଇଁ ପ୍ରାଣବଳି ଦେଇ ଅମର ସହିଦ୍ ରୂପେ ସ୍ୱର୍ଗବାସୀ ହୋଇଛନ୍ତି ଓ ତାଙ୍କ ସହାଦତରେ ବାଲେଶ୍ୱରର ମାଟି ଆଜି ଆମପାଇଁ ଗଙ୍ଗାମୃତ୍ତିକା ଭଳି ପବିତ୍ର ହୋଇ ଉଠିଛି ।

ବାଘା ଯତୀନ ୧୮୭୯ରେ ପୂର୍ବବଙ୍ଗର ଯଶୋହର ଜିଲ୍ଲାରେ ଗୋଟିଏ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପାଞ୍ଚ ବର୍ଷ ବୟସରେ ସେ ପିତୃହୀନ ହେଲେ ଏବଂ ମାଆଙ୍କର ତତ୍ତ୍ୱାବଧାନରେ ବଢ଼ିଥିଲେ । ପିଲାଦିନେ ସେ ଥିଲେ ଖୁବ୍ ଦୁଃସାହାସୀ ଓ ଖେଳୁଆଡ଼ ।

ଜଣେ ଅବସରପ୍ରାପ୍ତ ମୁସଲମାନ ସୀପାହୀ ଠାରୁ ସେ ଲଠି ଖେଳ ଓ ଖଣ୍ଡାଯୁଦ୍ଧ ଶିକ୍ଷା କରିଥିଲେ ।

୧୮୯୫ରେ ସେ କଲିକତା ସେଣ୍ଟ୍ରାଲ କଲେଜରେ ପାଠ ପଢ଼ିଲେ । ସେତିକିବେଳେ ସେ ଭାରତ ଅଭ୍ୟୁତ୍ଥାନ ( Renaissance ) ର ଜନ୍ମଦାତା ବୀରେଶ୍ୱର ସ୍ୱାମୀ ବିବେକାନନ୍ଦଙ୍କ ସଂପର୍କରେ ଆସିଥିଲେ । ଦେଶର ପରାଧୀନତାରେ କ୍ଷୁବ୍ଧ ହୋଇ ସେ କଲେଜ ଛାଡ଼ିଲେ ଏବଂ ୧୯୦୨ରେ ସେ ମହାନ୍ ବିପ୍ଳବୀ ଓ ଯୋଗୀପୁରୁଷ ଶ୍ରୀ ଅରବିନ୍ଦଙ୍କ ସଂପର୍କରେ ମଧ୍ୟ ଆସିଲେ ।

୧୯୦୪ ମସିହାରେ ଜଙ୍ଗଲ ଭିତରେ ଜଣେ ବନ୍ଧୁଙ୍କ ସାଙ୍ଗେ ବୁଲୁ ବୁଲୁ ବନ୍ଧୁଟି ଉପରକୁ ଗୋଟିଏ ବାଘ ଝାଂପ ମାରିଲା । ଯତୀନ ଅତ୍ୟନ୍ତ ସାହାସରେ ସେହି ବାଘ ଉପରେ ଆକ୍ରମଣ କରି ନିଜେ କ୍ଷତ ବିକ୍ଷତ ହୋଇ ବାଘର ତଣ୍ଟିକୁ ନିଜର ନେପାଳୀ ଭୁଜାଲି ଛୁରୀରେ କାଟି ମାରିଦେଲେ ଓ ବନ୍ଧୁଙ୍କୁ ଉଦ୍ଧାର କଲେ । କିଛି ବର୍ଷକାଳ ଡ଼ାକ୍ତରଖାନାରେ ପଡି ଆରୋଗ୍ୟ ହେଲେ । ସେହିଦିନୁ ତାଙ୍କୁ "ବାଘା ଯତୀନ" ବୋଲି ସମସ୍ତେ ଡ଼ାକିଲେ ।

ତା'ପରେ ତାଙ୍କର ଏକମାତ୍ର ପୁଅର ଅକାଳ ମୃତ୍ୟୁପରେ ସେ ଅତ୍ୟନ୍ତ ଦୁଃଖିତ ହୋଇ କିଛିଦିନ ତୀର୍ଥ ଭ୍ରମଣ କଲେ ଓ କାଶୀଠାରେ ଭୋଳାନନ୍ଦ ଗିରି ମହାରାଜ ନାମକ ଜଣେ ଯୋଗୀଙ୍କଠାରୁ ଦୀକ୍ଷା ଗ୍ରହଣ କଲେ । ଅଳ୍ପ କିଛିଦିନ ଲାଗି ସେ ବଙ୍ଗ-ଓଡ଼ିଶା ଗଭର୍ଣ୍ଣରଙ୍କ ପାଖେ ଷ୍ଟେନୋ ରୂପେ ମଧ୍ୟ କାମ କଲେ । ଥରେ ଦାର୍ଜିଲିଙ୍ଗ ଯିବା ବାଟରେ ସିଲିଗୁଡ଼ି ଷ୍ଟେସନଠାରେ ସେ ଦେଖିଲେ କେତେକ ଗୋରା ମିଲିଟାରୀ ସାହେବ ପ୍ରଥମ ଶ୍ରେଣୀ କାମେରା ଭିତରୁ କେତେକ ଭାରତୀୟ ଯାତ୍ରୀଙ୍କୁ ଧକ୍କାମାରି ଜବରଦସ୍ତି ତଳକୁ ବାହାର କରି ଦେଉଛନ୍ତି । ଯତୀନଙ୍କର ହୃଦୟରେ ଜାତିପ୍ରୀତିର ବହ୍ନି ଜଳି ଉଠିଲା । ସେ ଏହି ଅନ୍ୟାୟ ଅତ୍ୟାଚାର ସମ୍ମୁଖୀନ ହେବାକୁ ଡ଼େଇଁ ପଡ଼ିଲେ ଏବଂ ଖୁବ୍ ସାହାସର ସହିତ ଗୋରା ସିପାହୀ-ମାନଙ୍କୁ ଆକ୍ରମଣ କରି କେତେକଙ୍କୁ ଜଖମ କରିଦେଲେ । ଏହାର ପରେ ପରେ ସି: ଆଇ: ଡି: ରିପୋର୍ଟରେ ତାଙ୍କୁ ଜଣେ ଗୁପ୍ତ ସଂତ୍ରାସବାଦୀ ବୋଲି ଅଭିହିତ କରାଗଲା । ତାଙ୍କୁ ଚାକିରୀରୁ ବାହାର କରିଦିଆଗଲା ଓ ତାଙ୍କ ଉପରେ ନାନାଦି ଅତ୍ୟାଚାର ହେଲା ।

ଯତୀନ ବର୍ତ୍ତମାନ ସବୁ ଛାଡ଼ିଛୁଡ଼ି ଦେଇ ସିଧାଯାଇ ବିପ୍ଳବୀଦଳରେ ଯୋଗ ଦେଲେ । ଏହି ବିପ୍ଳବୀଦଳ ସ୍ଲୋଗାନ ଥିଲା ବନ୍ଦେ ମାତରମ୍ ଏବଂ ଏହି ଦଳ ବହୁ ପୂର୍ବରୁ ଇଂରେଜମାନଙ୍କର ଚକ୍ଷୁଶୂଳ ହୋଇ ସେମାନଙ୍କ ଦ୍ୱାରା ପ୍ରକାଶ୍ୟରେ ନିପୀଡ଼ିତ ହେଉଥିଲେ । ଏହି ଦଳର ବିଶିଷ୍ଟ ସଭ୍ୟମାନେ ଭାରତ ବାହାରେ ଦେଶ ବିଦେଶରେ ଲୁଚିରହି ଇଂରେଜ ବିରୋଧୀ ରାଷ୍ଟ୍ରମାନଙ୍କର ସାହାଯ୍ୟ ସମର୍ଥନ ପାଉଥିଲେ ଏବଂ ବିଦେଶୀ ଅସ୍ତ୍ର ଶସ୍ତ୍ର ସବୁ ଗୋପନରେ ଭାରତକୁ ପଠାଉଥିଲେ । ଏଣେ ଭାରତବର୍ଷରେ ଏହି ବିପ୍ଳବୀମାନେ ବଣ ଜଙ୍ଗଲରେ ଲୁଚିରହି ସେହି ସବୁ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଦେଶରେ ଇଂରେଜମାନଙ୍କ ବିରୁଦ୍ଧରେ ଉତ୍ତାଳ ବିପ୍ଳବ କରୁଥିଲେ ।

୧୯୧୦ରେ ଗୋଟିଏ ବମ୍ କେଶରେ ଯତୀନଙ୍କୁ ଆରେଷ୍ଟ କରାଯାଇଥିଲା । ମାତ୍ର ପ୍ରମାଣ ଅଭାବରୁ ଛାଡି ଦିଆଗଲା । ୧୯୧୩ରେ ଉତ୍ତରବଙ୍ଗଳା ବନ୍ୟା ବିପାତରେ ଯତୀନ ସ୍ୱେଛା ସେବକର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଗୋପନରେ ଗାଁ ଗହଳରେ ଏହି ସଂତ୍ରାସବାଦୀ ଗୋଷ୍ଠୀ ଗଢି ଚାଲିଲେ । ସରୋଜିନୀ ନାଇଡୁଙ୍କ ଭାଇ ବିପ୍ଳବୀ ବୀରେନ୍ଦ୍ରନାଥ ଚଟର୍ଜୀ ଜର୍ମାନରେ ଥାଇ ଏଇ ଆନ୍ଦୋଳନକୁ ଗୁପ୍ତରେ ସାହାଯ୍ୟ କରୁଥାଆନ୍ତି । ପ୍ରସିଦ୍ଧ ବିପ୍ଳବୀ ରାସ ବିହାରୀ ବୋଷ ମଧ୍ୟ ସେତେବେଳେ ଜାପାନରେ ଥାଇ ଏ ଆନ୍ଦୋଳନକୁ ଗୁପ୍ତ ସାହାଯ୍ୟ କରୁଥାଆନ୍ତି । ତେଣେ ପେକିଙ୍ଗ ଓ ରୁଷ ଦେଶରେ ମଧ୍ୟ ବହୁ ଭାରତୀୟ ବିପ୍ଳବୀ ଲୁଚି ରହି ନିଜ ଦେଶର ଆନ୍ଦୋଳନକୁ ଅତ୍ୟନ୍ତ ଗୋପନରେ ପରିଚାଳନା କରୁଥାଆନ୍ତି ।

୧୯୧୪ରେ ଯତୀନଙ୍କ ଉପରେ ଏହି ଆନ୍ଦୋଳନର ନେତୃତ୍ୱ ପଡିଲା । ଯତୀନ ନିଜ ଜୀବନକୁ ପାଣି ଛଡ଼ାଇ ଏହାର ସଙ୍କଟାପନ୍ନ ନେତୃତ୍ୱ ଗ୍ରହଣ କଲେ । ଇଂରେଜ ସରକାର ବଙ୍ଗଳାରୁ ସଂତ୍ରାସବାଦୀମାନଙ୍କୁ ମୂଳପୋଛ କରିବା ପାଇଁ ଖୁବ୍ ଲଗି ପଡିଲେ । ଏହା ଦେଖି ଯତୀନ ତାଙ୍କର କେତେକ ସାଥୀଙ୍କୁ ଧରି ଲୁଚି କରି ଓଡ଼ିଶା ପଳାଇ ଆସିଲେ । ମୟୂରଭଞ୍ଜର କାପ୍ତିପଦା ଅଞ୍ଚଳ ସେତେବେଳେ ଘୋର ଅରଣ୍ୟ ସଙ୍କୁଳ ଥିଲା । ଯତୀନ୍ ସନ୍ନ୍ୟାସୀବେଶରେ ସେହି ଅରଣ୍ୟ ଭିତରେ ଗୋଟିଏ କୁଡ଼ିଆ ନିର୍ମାଣ କରି ସାଥୀ-ମାନଙ୍କ ସଙ୍ଗେ ଲୁଚିରହି ବିପ୍ଳବ ସଙ୍ଗଠନ କଲେ । ସେଠାରେ ବିଦେଶାଗତ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଯୁଦ୍ଧ କୌଶଳ ମଧ୍ୟ ଶିକ୍ଷା କରାଗଲା ଓ ଅନ୍ୟ ବିପ୍ଳବୀ-ମାନଙ୍କର ସଂଖ୍ୟା ବଢ଼ାଇବାରେ ଉଦ୍ୟୋଗ ହେଲା । ତା ପରେ ବିଶ୍ୱ ଯୁଦ୍ଧ ମଧ୍ୟ ଘନେଇ ଉଠିଲା ।

୧୯୧୫ ଜୁଲାଇ ମାସରେ ବଙ୍ଗଳା ସରକାର ଖବର ପାଇଲେ ଯେ, ଗୋଟିଏ ଅସ୍ତ୍ରଶସ୍ତ୍ର ବୋଝାଇ ଜାହାଜ ଜର୍ମାନୀରୁ ବଙ୍ଗଳା ଅଭିମୁଖେ ଆସି ସୁନ୍ଦରବନ ପାଖାପାଖି ହେଲଣି । ଏଣେ ପେକିଙ୍ଗରେ ଥିବା ଭାରତୀୟ ଛଦ୍ମବେଶୀ ସଂତ୍ରାସବାଦୀମାନେ ମଧ୍ୟ ଏ ଖବର ଜାଣି କୌଶଳରେ ଯତୀନଙ୍କ ନିକଟକୁ ଖବର

ପଠାଇଦେଲେ । ଯତୀନଙ୍କ ନେତୃତ୍ୱ ସ୍ଖଳିତ ବିପ୍ଳବୀମାନେ ଏପରି କୌଶଳରେ ଜାହାଜଟିକୁ ଦଖଲ କରି ଅସ୍ତ୍ରଶସ୍ତ୍ର ବୋହି ନେଇ ଗଲେ ଯେ ଇଂରେଜ ସରକାରଙ୍କ କେନ୍ଦ୍ର ଗୁଇନ୍ଦା ସଂସ୍ଥା ତାର ସାମାନ୍ୟ ଟେର ମଧ୍ୟ ପାଇଲେ ନାହିଁ । ଇତି ମଧ୍ୟରେ କଣ୍ଡଓଆଲିସ୍ ଷ୍ଟ୍ରିଟରେ ଜଣେ ଗୋରା ପୋଲିସ୍ କର୍ମଚାରୀଙ୍କୁ ସଂତ୍ରାସବାଦୀମାନେ ଗୁଳିକରି ମାରି-ଦେଲେ ଏବଂ ଅନୁରୂପ ହତ୍ୟା ଘଟଣା ପରେ ପରେ ଏଠି ସେଠି ଘଟିଗଲା । ଏଥିରେ ଇଂରେଜ ସରକାର ଖୁବ୍ ଉତ୍କ୍ଷିପ୍ତ ଓ ହିଂସ୍ର ହୋଇ ଉଠିଲେ । ମନୋରଞ୍ଜନ ସେନଗୁପ୍ତ ଓ ନୀରେନ ଦାସଗୁପ୍ତ ନାମକ ଦୁଇଟି ସ୍କୁଲପିଲାଙ୍କୁ ପୋଲିସ୍ ସନ୍ଦେହ କରି ବହୁ ନିର୍ଯାତନା ଦେଲେ । ପରେ ସେମାନେ ନିର୍ଦ୍ଦୋଷରେ ଖଲାସ ପାଇ ଗୋପନରେ ବାଘା ଯତୀନଙ୍କ ଦଳରେ ମିଶିବା ଲାଗି ମୟୂରଭଞ୍ଜର କାପ୍ତିପଦାସ୍ଥ ବିପ୍ଳବୀ ଆଶ୍ରମକୁ ଚାଲି ଆସିଲେ । ସେତେବେଳେ ସେଠାରେ ବାଘା ଯତୀନଙ୍କ ସଙ୍ଗେ ଅନ୍ୟତମ ବିପ୍ଳବୀ ଚିରପ୍ରିୟ ରାୟ ଚୌଧୁରୀ ମଧ୍ୟ ଥିଲେ ।

ବାଲେଶ୍ୱର ସହର ଉପକଣ୍ଠରେ ଏମ୍ପୋରିୟମ ବୋଲି ଏକ ଦୋକାନ ଥିଲା ଏବଂ ଏହି ଦୋକାନ ସଙ୍ଗେ କପ୍ତିପଦାର ସଂତ୍ରାସବାଦୀମାନଙ୍କର ଗୁପ୍ତ ସଂପର୍କ ଥିଲା । କଲିକତାର ପୋଲିସ୍ କମିସନର ଏହି ସୂତ୍ର ଜାଣିପାରି ସଦଳବଳେ ବାଲେଶ୍ୱର ଆସି କପ୍ତିପଦା ଜଙ୍ଗଲର ଆଶ୍ରମ ଖବର ବୁଝି କପ୍ତିପଦା ଗଲେ । ଯତୀନ ଓ ତାଙ୍କର ସାଥୀମାନେ ଏହା ଜାଣିପାରି ଲୁଚି ଲୁଚି ବାଲେଶ୍ୱର ପଳାଇ ଆସିଲେ । ଏଠାକୁ ଆସି ଦେଖିଲେ ବାଲେଶ୍ୱର ଷ୍ଟେସନରେ ସଶସ୍ତ୍ର ପୋଲିସ୍ ପହରା ଦେଉଛନ୍ତି । ସେଠୁ ଖସି ଆସି ସେମାନେ ବୁଢ଼ାବଳଙ୍ଗ ନଦୀର ଫୁଲଡି ଘାଟରେ ପହଞ୍ଚିଲେ । ଉଦ୍ଦେଶ୍ୟ – ସେଠି ନଦୀ ପାର ହୋଇ ସେମାନେ ହଳଦୀପଦା ରେଲ-ଷ୍ଟେସନକୁ ଯାଇ ସେଠାରୁ ପଳାଇ ଯିବେ । ମାତ୍ର ଫୁଲଡ଼ୀ ଘାଟରେ ନାଉରୀ ତାଙ୍କୁ ପାରି କଲା ନାହିଁ । ବିପ୍ଳବୀମାନେ ଜବରଦସ୍ତି ଡଙ୍ଗାରେ ଚଢ଼ିଲେ । ନାଉରୀ ପାଟି କଲାରୁ ଗ୍ରାମ-ବାସୀମାନେ ଧାଇଁ ଆସିଲେ ଏବଂ ଏମାନଙ୍କୁ ଜର୍ମାନ ଗୁପ୍ତଚର ଭାବି ଗୋଡ଼ାଇଲେ । ବିପ୍ଳବୀମାନେ ବିଲବାଟେ ପଳାଇ ଯାଉ ଯାଉ ହଳଦୀପଦା ରାସ୍ତା ଛାଡି ଭୁଲରେ ବାରିପଦା ରାସ୍ତାଆଡ଼କୁ ମୁହାଁଇଗଲେ । ଚଷାଖଣ୍ଡ ଗ୍ରାମ ଠାରେ ପହଞ୍ଚିଲା ମାତ୍ରେ ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ ଓ କଲିକତା ପୋଲିସ୍ କମିସନର ଶତାଧିକ ସଶସ୍ତ୍ର ସିପାହୀ ସାହାଯ୍ୟରେ ସେମାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କଲେ । ବିପ୍ଳବୀମାନେ ସଂଖ୍ୟାରେ ଥିଲେ ମାତ୍ର ସାତଜଣ । ମାତ୍ର ଏହି ସାତଜଣ ବୀରପୁରୁଷଙ୍କ ସଙ୍ଗେ ଶତାଧିକ ସଶସ୍ତ୍ର ସିପାହୀଙ୍କୁ ତେପନ ମିନିଟ କାଳ ଲଢିବାକୁ ପଡିଥିଲା । ଅତ୍ୟାଚାରୀମାନଙ୍କ ବନ୍ଧୁକ ଗୁଳି ଆଗରେ ଯୁଦ୍ଧ କରୁ କରୁ ପ୍ରଥମେ ଆମର ବୀର ବିପ୍ଳବୀ ଯତୀନ ଆହତ ହୋଇ ତଳେ ପଡିଗଲେ ଏବଂ ପରେ ପରେ ବିପ୍ଳବୀ ଚିରପ୍ରିୟ ମଧ୍ୟ ଗୁଳିଷ୍ଟେଟରେ ସଙ୍ଗେ ସଙ୍ଗେ ତଳେ ପଡି ମରି ଗଲେ । ପରେ ପରେ ଆଉ ଦୁଇଜଣ ମଧ୍ୟ ଗୁଳି ପଡିଲେ । ଶେଷରେ ରହିଲେ ଜ୍ୟୋତିଷ, ମନୋରଞ୍ଜନ ଆଉ ନୀରେନ । ସେମାନଙ୍କର ବିଚାର ହୋଇ ସେମାନଙ୍କୁ ଫାଶି ଦିଆ ଯାଇଥିଲା । ସେମାନଙ୍କ ସଙ୍ଗେ ମୁମୂର୍ଷୁ ବାଘା ଯତୀନଙ୍କୁ ମଧ୍ୟ ନିଷ୍ଠୁର ଶାସକ ବୃନ୍ଦ ଫାଶିଦେଇ ରାଜ ଭକ୍ତିର ପରାକାଷ୍ଠା ଦେଖାଇ ଥିଲେ ।

ଆଜି ସେହି ଘଟଣାର ବହୁ ବର୍ଷ ଅତୀତ ହୋଇ ଗଲାଣି । ଆମେ ଆଜି ସ୍ୱାଧୀନ ସମୃଦ୍ଧ ଭାରତବର୍ଷର ଗର୍ବିତ ସନ୍ତାନଗଣ ବାଘାଯତୀନ ଓ ତାଙ୍କର ଅନ୍ୟାନ୍ୟ ସାଥୀ ସହିଦ୍‌ମାନଙ୍କର ସ୍ମୃତି ଦିବସ ପାଳନ କରୁଥାଉଁ । ଯେତେଦିନ ପର୍ଯ୍ୟନ୍ତ ଭାରତବର୍ଷର ଆକାଶରେ ସୂ ଚନ୍ଦ୍ର ଆତଯାତ ହେଉଥିବେ, ସେତେଦିନ ଯାଏ ଆ ମାନଙ୍କର ହୃଦୟରେ ଏହି ଅମର ସହିଦମାନଙ୍କର ସ୍ମୃ ଧ୍ରୁବତାରକା ଭଳି ଦେଦୀପ୍ୟମାନ ହେଉଥିବ ବାଘା ଯତୀନଙ୍କ ସଦୃଶ ବୀର ସହୀଦମାନଙ୍କ କ ଭାବିବା ମାତ୍ରେ ଆମ୍ଭମାନଙ୍କର ହୃଦୟରେ ଦେଶପ୍ରେ ତ୍ୟାଗ ଭାବ ଜାଗି ଉଠେ । ଆମର ଦୃଢ଼ ବିଶ୍ ଏ ଦେଶ ପଛରେ ଯେଉଁ ଆତ୍ମ ତ୍ୟାଗର ଇତ ରହିଛି, ତା ବଳରେ ଏ ଦେଶ ନିଶ୍ଚିତ ଭାବେ ଉ ପଥରେ ଆଗେଇ ଯିବ । କୌଣସି ଅପଶକ୍ତି ବାହାରର ହେଉ ବା ଦେଶ ଭିତରର ହେଉ, ଆଉ ପଛକୁ ଫେରାଇ ପାରିବ ନାହିଁ । ସମଗ୍ର ପୃଥିବୀ ବର୍ତ୍ତମାନ ଭାରତବର୍ଷ ଗୋଟିଏ ଶକ୍ତିଶାଳୀ ମର୍ଯ୍ୟା ବନ୍ତ ରାଷ୍ଟ୍ର ରୂପେ ଆପଣା ଗୋଡ଼ରେ ଦଣ୍ଡାୟ ହେଲାଣି ଏବଂ ଏ ଆତ୍ମ ମର୍ଯ୍ୟାଦାର ସଂ ଦାୟିତ୍ୱ ଆଜି ଆମ ଉପରେ ଆସି ପଡିଛି । ସ୍ୱାଧୀ ଦିବସରେ ଆଜି ସେହି ସବୁ ଅମର ସହିଦଙ୍କ ସ୍ମରଣ କଲାବେଳେ ଏହି କଥାଟି ପ୍ରଥମେ ମନକୁ ଆସି

# ଜାତୀୟ ସେବାସଂସ୍ଥା ଓ ଯୁବଶକ୍ତି

ଅଧ୍ୟାପକ କୁମରମଣି ସାହୁ

ବହୁ ମନୀଷୀ ଓ ଚିନ୍ତାଶୀଳ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି ଯେ ଛାତ୍ରମାନେ ହେଉଛନ୍ତି ଦେଶର ମେରୁଦଣ୍ଡ । ଦେଶକୁ ଗଠନ କରିବାର ଦାୟିତ୍ୱ ସେମାନଙ୍କ ହାତରେ ଅଛି । ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ଯେଉଁ ଛାତ୍ରମାନେ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ଶିକ୍ଷା ଲାଭ କରନ୍ତି ସେମାନେ ସାଧାରଣତଃ ଯୁବକ । ଭବିଷ୍ୟତରେ ସେମାନେ ଗାର୍ହସ୍ଥ୍ୟ ଜୀବନ ଯାପନ କରି ଉତ୍ତମ ନାଗରିକ ଭାବରେ ଦେଶକୁ ଓ ଜାତିକୁ ନୂତନ ଆଲୋକରେ ଆଲୋକିତ କରିପାରିବେ । କିନ୍ତୁ ଏହି ଯୁବଶକ୍ତି ନାବିକବିହୀନ ନୌକାପରି ନିଜର ଗତିପଥକୁ ଠିକ୍‌ରୂପେ ନିୟନ୍ତ୍ରଣ କରିପାରନ୍ତି ନାହିଁ । ତେଣୁ ଅଶାନ୍ତି ଓ ବିଶୃଙ୍ଖଳା ଭିତରେ ସେମାନଙ୍କର ବହୁମୂଲ୍ୟ ସମୟ ନଷ୍ଟ ହେବା ସଙ୍ଗେ ସଙ୍ଗେ ଭବିଷ୍ୟତ ଜୀବନର ରଙ୍ଗୀନ ସ୍ୱପ୍ନ ମଧ୍ୟ ଆକାଶ କୁସୁମ ପରି ଅଳିକ ହୋଇଥାଏ । ଏହି କାରଣରୁ ବର୍ତ୍ତମାନର ଶିକ୍ଷା ଓ ପରୀକ୍ଷା ପଦ୍ଧତିକୁ ପରିବର୍ତ୍ତନ କରି ନୂତନ ଉପାୟରେ ଜ୍ଞାନ ଦେବାର ଉପାୟ ଶିକ୍ଷାବିତ୍‌ମାନେ ଚିନ୍ତା କରୁଛନ୍ତି ।

ଆମ ଦେଶ ଦୀର୍ଘ ୨୯ ବର୍ଷ ଧରି ସ୍ୱାଧୀନତା ଲାଭ କରିଥିଲେ ମଧ୍ୟ ଆମର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ପ୍ରଭୂତ ଉନ୍ନତି ହୋଇନାହିଁ । ବହୁ ଆଦିବାସୀ ଓ ବନବାସୀ ଭାଇ ଭଉଣୀମାନେ ଅଶିକ୍ଷିତ ଓ ଅବହେଳିତ ହୋଇ ବଣର ମାଳତୀଫୁଲ ପରି ସଭ୍ୟତାର ଆଲୋକ ଦେଖିବା ପୂର୍ବରୁ ଅକାଳରେ ଝଡ଼ି ପଡୁଛନ୍ତି । ତେଣୁ ଆଜିର ଲୋକପ୍ରିୟ ସରକାର ସେମାନଙ୍କର ଉନ୍ନତି କରିବା ସଙ୍ଗେ ସଙ୍ଗେ ଦେଶର ସମୂହ ବିକାଶ ସାଧନ କରିବାକୁ ଚେଷ୍ଟା କରୁଛନ୍ତି । ସମସ୍ତଙ୍କର ସହଯୋଗ ମିଳିଲେ ଯେକୌଣସି ଅସାଧ୍ୟ କାର୍ଯ୍ୟ ମଧ୍ୟ ସହଜସାଧ୍ୟ ହୋଇଥାଏ । ସମାଜରେ ଥିବା ଦୋଷ ତ୍ରୁଟି ଦୂର ହୋଇପାରେ । ଏହି ନୈରାଶ୍ୟ-ମୟ ପରିସ୍ଥିତିରେ ଆଶାର ସଞ୍ଚାର କରିବାକୁ ହେଲେ ଯୁବଶକ୍ତି ଉପରେ ନିର୍ଭର କରିବାକୁ ହେବ । ତେଣୁ ସେମାନଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ତାହାହିଁ ଚିନ୍ତା କରିବାର କଥା ।

ଯୁବକମାନଙ୍କର ଅନ୍ତର ଯେତିକି କୋମଳ ସେତିକି ମଧ୍ୟ କଠିନ । ଜୋର ଜବରଦସ୍ତି ସେମାନଙ୍କ ଉପରେ କୌଣସି ଦାୟିତ୍ୱ ଲଦିଦେଲେ ସେମାନେ ତାହା ସହଜରେ ଗ୍ରହଣ କରନ୍ତି ନାହିଁ । ସେମାନଙ୍କ ଅନ୍ତରକୁ ପରି-ପରିବର୍ତ୍ତନ କରିବାକୁ ହେଲେ ତୀକ୍ଷ୍ଣ ବୁଦ୍ଧିର ପ୍ରୟୋଜନ ହୁଏ । ଅପରର ସେବା କରିବା ନିମନ୍ତେ ମନୁଷ୍ୟ ଶରୀର ଧାରଣ କରିଛି, ପର ସେବାରେ ଆତ୍ମନିୟୋଗ କରିବାହିଁ ପରମ ଧର୍ମ, ପ୍ରକୃତ ସେବା ଦ୍ୱାରାହିଁ ଈଶ୍ୱର ପୂଜା କରାଯାଇ ପାରେ ଓ ପରୋପକାର ମାଧ୍ୟମରେ ହୃଦୟରେ ପ୍ରକୃତ ପ୍ରେମର ସଞ୍ଚାର ହୁଏ, ଏହିପରି ବିଶ୍ୱ ଭାବରେ ଯେତେବେଳେ ତାଙ୍କ ଅନ୍ତର ଆନ୍ଦୋଳିତ ହୁଏ ସେତେବେଳେ ଯେ କୌଣସି ଦାୟିତ୍ୱପୂର୍ଣ୍ଣ କାମ କରିବାକୁ ସେମାନେ କୁଣ୍ଠିତ ହୁଅନ୍ତି ନାହିଁ । ତେଣୁ ଯୁବକମାନଙ୍କ ହୃଦୟରେ ବର୍ତ୍ତମାନ ଦେଶର ପରିସ୍ଥିତି ଓ ସମସ୍ୟା ସଂପର୍କରେ ଧାରଣା ଦେଇ ଦେଶ ସେବା ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ । ସ୍ୱେଚ୍ଛାକୃତ ଭାବରେ ଜାତିର କାମକୁ ନିଜର କାମ ବୋଲି ହୃଦୟଙ୍ଗମ କରି ପାରିଲେ ଯେ କୌଣସି କାର୍ଯ୍ୟ ମଧ୍ୟ ସେମାନଙ୍କ ପାଖରେ ସହଜସାଧ୍ୟ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଜାତୀୟ ସେବା ସଂସ୍ଥା ଯୁବ ଶକ୍ତିକୁ ସୁବ୍ୟବସ୍ଥରୂପେ ପରିଚାଳିତ କରି ତାଙ୍କ ଦ୍ୱାରା ଗଠନମୂଳକ ଓ ଲୋକ ହିତକର କାର୍ଯ୍ୟ କରିବା ନିମନ୍ତେ ଗୁରୁ ଦାୟିତ୍ୱ ବହନ କରିଛି ।

ଇଂରେଜ ସରକାର ଆମ ଦେଶକୁ ଶାସନ କରୁଥିବା-ସମୟରେ ୧୯୪୩ ମସିହାରେ କେନ୍ଦ୍ର ଶିକ୍ଷା ଉପଦେଷ୍ଟା କମିଟି ପ୍ରଥମେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ-ମାନଙ୍କରେ ସେବାସଂସ୍ଥାମାନ ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଦେଶ ସ୍ୱାଧୀନ ହେବାପରେ ୧୯୫୨ ମସିହାଠାରୁ ଭାରତ ସରକାର ଏହି ସଂସ୍ଥାକୁ

କାର୍ଯ୍ୟକାରୀ ଓ ଲୋକପ୍ରିୟ କରିବାକୁ ଚେଷ୍ଟା ଚଳାଇ ଆସିଛନ୍ତି । ଫଳରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପରି, ଜାତୀୟ ସେବା ସଂସ୍ଥାମାନ ମଧ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଗଠିତ ହୋଇ ପାରିଛି ।

ପାଠ ପଢୁଥିବା ଯୁବକମାନେ ସାଧାରଣତଃ ନଗର ଓ ସହରରେ ରହି ସେହି ସଭ୍ୟତା ସହିତ ନିଜକୁ ମିଶାଇ ଦେଇଥାନ୍ତି । ପଲ୍ଲୀ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ହଜାର ହଜାର ସରଳ ଗ୍ରାମବାସୀମାନଙ୍କର ଜୀବନ ଯାପନ ପ୍ରଣାଳୀ ଓ ବିଭିନ୍ନ ସମସ୍ୟା ସଂପର୍କରେ ଜ୍ଞାନ ନଥାଏ । ସହରୀ ଯୁବକମାନଙ୍କର ପ୍ରତ୍ୟକ୍ଷ ଜ୍ଞାନ ନଥାଏ । କେବଳ ପାଠ୍ୟ ପସ୍ତକ ଜ୍ଞାନ ନାଗରିକ ଜୀବନକୁ ସୁଦୃଢ଼ କରିପାରେ ନାହିଁ । ତେଣୁ ଜାତୀୟ ସେବା ସଂସ୍ଥା ଛୁଟିଦିନମାନଙ୍କରେ ଯୁବକ ଛାତ୍ରମାନଙ୍କୁ ପ୍ରକୃତି କୋଳରେ ଅପର୍ବ ଶୋଭା ଧାରଣ କରିଥିବା ଗ୍ରାମମାନଙ୍କୁ ନେଇ ସେଠାରେ ବାସ କରୁଥିବା ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିବାର ସୁଯୋଗ ଦେଇଥାଏ ।

ଏହା ଏକ ଗୁରୁତ୍ୱପୂର୍ଣ୍ଣ କାମ । କାରଣ ଗ୍ରାମବାସୀମାନେ ସାଧାରଣତଃ ଅଶିକ୍ଷିତ ଓ ଦୀର୍ଘଦିନ ଧରି ନାନା ପ୍ରକାର ଅନ୍ଧ କୁସଂସ୍କାର ଦ୍ୱାରା ପରିଚାଳିତ । ସେମାନଙ୍କର ବିଶ୍ୱାସ ଭାଜନ ନହେଲେ ସହରୀ ବାବୁମାନଙ୍କର କୌଣସି କଥାକୁ ସେମାନେ ସହଜରେ ଗ୍ରହଣ କରିନେବେ ନାହିଁ । ଯେଉଁ ଶିକ୍ଷିତ ଯୁବକମାନେ ପଲ୍ଲୀ ଅଞ୍ଚଳରେ ଯାଇ କାମ କରନ୍ତି ସରଳ ଗ୍ରାମବାସୀମାନେ ଭାବିଥାନ୍ତି ଯେ ସରକାର ଏମାନଙ୍କୁ ଏ ପ୍ରକାର କାମ କରିବା ପାଇଁ ପଠାଉଛନ୍ତି । ଗ୍ରାମର ଯେ କୌଣସି ସମସ୍ୟା ଯେ ସେମାନଙ୍କର ସମସ୍ୟା ତାହା ସେମାନେ ହୃଦୟଙ୍ଗମ କରି ପାରନ୍ତି ନାହିଁ । ଏହାର ମୂଳ କାରଣ ବହୁବର୍ଷ ଧରି ସେମାନେ ଶିକ୍ଷିତ ସମାଜଦ୍ୱାରା ଶୋଷିତ ହୋଇ ଆସିଛନ୍ତି । ସେମାନଙ୍କର ବିଶ୍ୱାସଭାଜନ ନହେଲେ ଗ୍ରାମର ସମୂହ ବିକାଶ ସମ୍ଭବ ନୁହେଁ । ତେଣୁ ଯୁବକମାନେ ଗ୍ରାମର ସାଧାରଣ ସମସ୍ୟା ଉପରେ ଦୃଷ୍ଟିଦେଇ ନିଃସ୍ୱାର୍ଥପର ଭାବରେ ସେମାନଙ୍କ ସହିତ ସଂପର୍କ ସ୍ଥାପନ କରିବା ଉଚିତ । ସଭାସମିତି ଓ ଚଳଚିତ୍ର ମାଧ୍ୟମରେ ସେମାନଙ୍କୁ ମଧ୍ୟ ଦେଶର ସାଧାରଣ ପରିସ୍ଥିତି ସଂପର୍କରେ ଧାରଣା ଦେବା ପ୍ରୟୋଜନ । ତାହାଲେ ଯାଇ ସରଳ ଗ୍ରାମବାସୀମାନଙ୍କର ଅନ୍ତର ପରିବର୍ତ୍ତନ ହେବ ଓ ସେମାନେ ଶିକ୍ଷିତ ଯୁବକମାନଙ୍କ ଉପରେ ଆସ୍ଥା ସ୍ଥାପନ କରି ପାରିବେ । ଏହି ଗୁରୁ ଦାୟିତ୍ୱ ଜାତୀୟ ସେବା ସଂସ୍ଥାହିଁ ବହନ କରିଥାଏ । ଯାହାଫଳରେ ସାମାଜିକ କୁସଂସ୍କାର ଦୂର ହୋଇ ଏକ ଉନ୍ନତ ଓ ସମୃଦ୍ଧିଶାଳୀ ସମାଜ ଗଠନ କରିବାର ପଥ ସୁଗମ ହୋଇଥାଏ ।

କେତେକ ବ୍ୟକ୍ତି ମତ ଦିଅନ୍ତି ଯେ, ଗ୍ରାମମାନଙ୍କରୁ ଯେଉଁ ଯୁବକମାନେ ଶିକ୍ଷିତ ହୋଇ ପାରିଛନ୍ତି, ସେମାନଙ୍କ ଦ୍ୱାରା ଗ୍ରାମର ବିକାଶ ସାଧନ ହୋଇ ପାରିବ । କିନ୍ତୁ ସାଧାରଣତଃ ଦେଖାଯାଏ, ଗ୍ରାମାଞ୍ଚଳର ଯୁବକମାନେ ସହରରେ ରହି ଶିକ୍ଷାଲାଭ କଲପରେ ଫେରିଯାଇ ଗ୍ରାମବାସୀମାନଙ୍କର ବିଭିନ୍ନ ଗ୍ରାମ୍ୟ ସମସ୍ୟା ସମାଧାନ କରିବାକୁ ମନ ଦିଅନ୍ତି ନାହିଁ । ସ୍ୱଦିଚ୍ଛା କରି କେବଳ ନିଜର ସ୍ୱାର୍ଥ ସାଧନ କରିବାକୁ ସେମାନେ ଲାଗି ପଡ଼ନ୍ତି । ତେଣୁ ଶିକ୍ଷିତ ଯୁବକମାନଙ୍କର ଏହି ପ୍ରକାର ମନୋଭାବକୁ ଦୂର କରିବା ପାଇଁ ଭାରତ ସରକାର "ଜାତୀୟ ଯୁବ ସ୍ୱେଚ୍ଛା ସେବକ ଯୋଜନା" ପ୍ରଣୟନ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଆଗ୍ରହୀ ବି. ଏ. ଡିଗ୍ରୀଧାରୀ ଯୁବକମାନେ ଗ୍ରାମାଞ୍ଚଳରେ ଯାଇ ବିଭିନ୍ନ ଜନହିତକର କାମକଲେ ସେମାନଙ୍କୁ ମାସିକ ୧୫୦ଟଙ୍କା ଭତ୍ତା ଦିଆ ଯିବାର ବ୍ୟବସ୍ଥା କରା ହୋଇଛି । ଏହାଦ୍ୱାରା ଶିକ୍ଷିତ ଯୁବକମାନେ ଆଗ୍ରହ ସହକାରେ ଗ୍ରାମମାନଙ୍କରେ କାମ କରିବାକୁ ଆସୁଛନ୍ତି । ଜାତୀୟ ସେବା ସଂସ୍ଥା ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରୁଛି ।

ପଲ୍ଲୀ ଜୀବନ ସହିତ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିବା ସଙ୍ଗେ ସଙ୍ଗେ ଜାତୀୟ ସେବା ସଂସ୍ଥା ସମାଜରୁ ନିରକ୍ଷରତା ଦୂର କରିବାରେ ସାହାଯ୍ୟ କରିଥାଏ । ଗାଁ ଗହଳରେ ଅନୁନ୍ନତ ଶ୍ରେଣୀର ପିଲମାନେ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ବାପ, ମାମାନଙ୍କୁ ଘର କାମରେ ସାହାଯ୍ୟ କରି ଅର୍ଥୋପାର୍ଜନ ପନ୍ଥା ନିର୍ଦ୍ଧାରଣ କରିବାକୁ ସେମାନେ ତତ୍ପର । ଏହି ମନୋଭାବ ଦୂର ନହେଲେ ସମାଜରେ ନିରକ୍ଷରତା ସଂଖ୍ୟା ବଢ଼ିବ ସିନା, କମିବ ନାହିଁ । ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବକମାନେ ଗ୍ରାମମାନଙ୍କରେ ବୁଲି ଶିକ୍ଷା ପ୍ରତି ଜନସାଧାରଣଙ୍କ ମନରେ ଆଗ୍ରହ ସୃଷ୍ଟି କରାନ୍ତି । ଶିକ୍ଷାର ଗୁରୁତ୍ୱ ସଂପର୍କରେ ସେମାନଙ୍କୁ ଧାରଣା ଦିଅନ୍ତି । ରାତିରେ ପ୍ରୌଢ଼ ଶିକ୍ଷା ତଥା ଅଣଆନୁଷ୍ଠାନିକ ଶିକ୍ଷା (Non-formal Education) କେନ୍ଦ୍ରମାନ ସ୍ଥାପନ କରି ବୟସ୍ତ ବ୍ୟକ୍ତି ତଥା ବିଦ୍ୟାଳୟରେ ପାଠ ପଢୁ ନଥିବା ବାଳକମାନଙ୍କୁ ଶିକ୍ଷା ଦାନ କରନ୍ତି । ଏହା ବ୍ୟତୀତ ବିଭିନ୍ନ ସ୍ଥାନରୁ ନୂଆ ଓ ପୁରୁଣା ପୁସ୍ତକମାନ ସଂଗ୍ରହ କରି ପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠା କରନ୍ତି । ଏହା ଦ୍ୱାରା ଗରିବ ଓ ମେଧାବୀ ଛାତ୍ର ଛାତ୍ରୀମାନେ ସୁବିଧାରେ ବହି ନେଇ ପଢ଼ିବାର ସୁଯୋଗ ପାଆନ୍ତି ।

ଜାତୀୟ ସେବାସଂସ୍ଥା ଯୁବକମାନଙ୍କ ସାହାଯ୍ୟରେ ଗଠନମୂଳକ କାର୍ଯ୍ୟମାନ କରିଥାଏ । ରାସ୍ତା ନିର୍ମାଣ, ରାସ୍ତାମରାମତ, କୂପ ଖନନ, ପୁଷ୍କରିଣୀ ଓ କୂପରୁ ଆବର୍ଜନା ନିଷ୍କାସନ, ବିଦ୍ୟାଳୟ ଓ ଚିକିତ୍ସାଳୟ ପରି

ସାଧାରଣ ଅନୁଷ୍ଠାନମାନଙ୍କର ଉନ୍ନତି · ବିଧାନ ପରି କାର୍ଯ୍ୟମାନ ଏହି ସଂସ୍ଥା ହାତକୁ ନେଇଥାଏ । ଯାହାଦ୍ୱାରା ଜନ ଜାଗରଣ ସୃଷ୍ଟିହୁଏ ଓ ସେମାନଙ୍କର କାମ ବୋଲି ହୃଦୟଙ୍ଗମ କରି ସେମାନେ ସାହାଯ୍ୟ ଓ ସହଯୋଗ ମଧ୍ୟ କରିଥାନ୍ତି । ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଏହାର ଉପକାରିତା ଲୋକମାନଙ୍କୁ ବୁଝାଇ ଦିଆଯାଏ । ସେଥିପାଇଁ ଜମିକୁ ପଡ଼ିଆ ନରଖି ସେ ସ୍ଥାନରେ ଫଳଗଛ ଓ ଘାସ କମ୍ପୋଷ୍ଟ କରି ପନିପରିବା ଉତ୍ପାଦନ କଲେ କିପରି ଲାଭ ହେବ ସେ ସଂପର୍କରେ ମଧ୍ୟ ଧାରଣା ଦିଆଯାଏ ।

ବର୍ତ୍ତମାନ ଭାରତ ସରକାର ଗାଁ ଗହଳରେ ମ୍ୟାଲେରିଆ, ବସନ୍ତ, ହଇଜା ଆଦି ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଥିବା ଲୋକମାନଙ୍କୁ ଏହି ରୋଗରୁ ରକ୍ଷା କରିବା ନିମନ୍ତେ "ବ୍ୟାଧି ଓ ଆବର୍ଜନା ବିରୁଦ୍ଧରେ ଯୁବଶକ୍ତି" ଶିରୋନାମାରେ ଶ୍ରମ ଶିବିରମାନ ପରିଚାଳନା କରିବା ପାଇଁ ଜାତୀୟ ସେବା ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଗ୍ରାମମାନଙ୍କରେ ସ୍ୱାସ୍ଥ୍ୟ ବିଭାଗର ସହାୟତାରେ ଟୀକା, ଇଞ୍ଜେକ୍‌ସନ ଓ ଔଷଧ ଆଦି ଦେବାର ବ୍ୟବସ୍ଥା ହୋଇ ପାରୁଛି । ଅଶିକ୍ଷିତ ଲୋକମାନଙ୍କୁ ଏହାର ଉପକାରିତା ବୁଝାଇ ଆବର୍ଜନାକୁ ଘର ପାଖରୁ ଦୂର କରି କିପରି ଉନ୍ନତ ବାସସ୍ଥାନ କରିବାକୁ ହୁଏ ସେ ସଂପର୍କରେ ମଧ୍ୟ ଯୁବକ ଛାତ୍ରମାନେ ସେମାନଙ୍କୁ ପ୍ରତ୍ୟକ୍ଷ କର୍ମ ମାଧ୍ୟମରେ ଦେଖାଇ ଦେଉଛନ୍ତି । 'ଜନ ସେବାହିଁ ଭଗବତ୍ ସେବା' ଏହି ଚିନ୍ତା ବର୍ତ୍ତମାନ ଯୁବକମାନଙ୍କ ଅନ୍ତରରେ ଆନ୍ଦୋଳିତ ହେବାରେ ଲାଗିଛି । ଏହା ବ୍ୟତୀତ ରକ୍ତ ଭଣ୍ଡାର, ଚକ୍ଷୁ ଭଣ୍ଡାର ଆଦି ସଂସ୍ଥାମାନଙ୍କୁ ରକ୍ତ ଓ ଚକ୍ଷୁ ଦାନ କରିବାରେ ସମାଜର କିପରି କଲ୍ୟାଣ ହୁଏ ସେ ବିଷୟରେ ଜନସାଧାରଣଙ୍କ ଅନ୍ତରକୁ ପ୍ରଭାବିତ କରାଯାଇ ପାରୁଛି ।

କୁସଂସ୍କାର ଓ ଅନ୍ଧ ବିଶ୍ୱାସର ଅନ୍ଧକୂପ ଭିତରେ ପଡ଼ି ଜାତି ଆଜି ଚିତ୍‌କାର କରୁଛି । ତାହା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଛି ଜାତୀୟ ସେବା ସଂସ୍ଥା । ବାଲ୍ୟ ବିବାହ, ଯୌତୁକ ପ୍ରଥା ଆମ ସମ୍ମୁଖରେ ସାମାଜିକ କଳଙ୍କ ରୂପେ ଦେଖା ଦେଇଛି । ଯୁବକମାନେହିଁ, ଏହି ଆନ୍ଦୋଳନର କର୍ଣ୍ଣଧାର । ସେମାନଙ୍କ ସାହାଯ୍ୟରେ ସମାଜରୁ ଏହି ବ୍ୟାଧିକୁ ସହଜରେ ଦୂର କରିବା ନିମନ୍ତେ ଲୋକମତ ସୃଷ୍ଟି ହୋଇ ପାରୁଛି । ଯୋଠି ପ୍ରଥା, କଳାବଜାରୀ, ମହାଜନୀ କାରବାର ଓ ଦୁର୍ନୀତି ସାଂପ୍ରତିକ ସମାଜର ଗୋଟିଏ ଗୋଟିଏ ବ୍ରଣ ସଦୃଶ । ଏଗୁଡ଼ିକ ଦୂର ନହେଲେ ଦେଶ କଦାପି ଅଗ୍ରସର ପାରିବ ନାହିଁ । ସେଥିପାଇଁ ଜାତୀୟ ସେବା ସଂସ୍ଥା ଏହା ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି । ଏହା ବ୍ୟତୀତ ପରିବାର କଲ୍ୟାଣ ଓ ସଞ୍ଚୟ ଯୋଜନା ଗାଁ ଗହଳରେ କିପରି ପ୍ରସାରିତ ହୋଇ ପାରିବ ସେ ବିଷୟରେ ଲୋକମାନଙ୍କୁ ବୁଝାଇ ଦିଆଯାଉଛି ।

ଏହି ସଂସ୍ଥା ଗ୍ରାମମାନଙ୍କରେ ଗ୍ରାମବାସୀମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ ଓ ସମବାୟ ସ୍ୱଷ ସଂପର୍କରେ ଚେତନା ଦେଇ ପାରୁଛି । ବାର୍ଦ୍ଧକ୍ୟ ଭତ୍ତା ଓ ଭୂମିହୀନଙ୍କୁ ଭୂମି ବଣ୍ଟନ କାର୍ଯ୍ୟକ୍ରମକୁ ସୁଗମ କରିବା ନିମନ୍ତେ ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ମଧ୍ୟ କରିପାରୁଛି । ଯେଉଁ ସ୍ୱେଚ୍ଛାସେବକମାନେ ବାର୍ଦ୍ଧକ୍ୟଭତ୍ତା କାର୍ଯ୍ୟକ୍ରମରେ ଭାଗନେଇ, ବାର୍ଦ୍ଧକ୍ୟ ଭତ୍ତା ପାଇବା ନିମନ୍ତେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଖୋଜି ଦେଉଛନ୍ତି, ସେମାନଙ୍କୁ ପ୍ରତ୍ୟେକଙ୍କ ପାଇଁ ୧୦ ଟଙ୍କା କରି ପାରିଶ୍ରମିକ ମିଳିବା ସଙ୍ଗେ ସଙ୍ଗେ ଜାତୀୟ ସ୍ତରରେ ପ୍ରଶଂସାପତ୍ରମାନ ମିଳୁଛି । ଜାତୀୟ ସେବା ସଂସ୍ଥା ଏହିପରି କାର୍ଯ୍ୟମାନ କରିବା ସହିତ ବନ୍ୟା, ମରୁଡ଼ି, ଭୂମିକଂପ, ଘରପୋଡ଼ି, ଓ ଦୁର୍ଘଟଣା ଆଦି ଦାରୁଣ ବିପରି ସମୟରେ ଦେଶ ଓ ଜାତିକୁ ରକ୍ଷା କରିବା ନିମନ୍ତେ ଶପଥ ନେଇଛି ।


ଜାତୀୟ ସେବାସଂସ୍ଥା ଯୁବକ ଛାତ୍ରମାନଙ୍କୁ ସିନା ଏହି ପରି ସେବା ଓ ଗଠନମୂଳକ କାମରେ ଲଗାଇ ପାରୁଛି କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜମଙ୍ଗଳ ଆଦି ବିଭାଗରେ କାର୍ଯ୍ୟକରୁଥିବା ପଦାଧିକାରୀମାନେ ଯଦି ସାହାଯ୍ୟ ଓ ସହଯୋଗ ନ କରନ୍ତି ତାହାହେଲେ ଏହି ସଂସ୍ଥାର ଚଲା ପଥରେ ବହୁ ପ୍ରତିବନ୍ଧକ ସୃଷ୍ଟି ହେବ । ସମୂହ ସହଯୋଗ ନ ମିଳିଲେ ଏ ସଂସ୍ଥା ମୁଣ୍ଡଟେକି ପାରିବ ନାହିଁ । ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ବିଧେୟ ।

ବିକ୍ଷିପ୍ତ ଓ ଧ୍ୱଂସମୁଖୀ ଯୁବ ଶକ୍ତିକୁ ସଂହତ ଓ ଗଠନମୁଖୀ କରିପାରିବା କିଛି ସହଜ କଥା ନୁହେଁ । ସେମାନଙ୍କ ପାଖରେ ଯେଉଁ ବିପୁଳ ଶାରୀରିକ ଓ ମାନସିକ ଶକ୍ତି ରହିଛି ତାହା ବିନିଯୋଗ କରି ପାରିଲେ ମାନବ ସଭ୍ୟତାର ଅନେକ ମଙ୍ଗଳ ହୋଇ ପାରନ୍ତା । ଏହି ସେବା ସଂସ୍ଥା ଦ୍ୱାରା ତାହା କିଛି ପରିମାଣରେ ସଫଳ ହୋଇପାରୁଛି । ଦେଶ ଗଠନରେ ସେମାନଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସେମାନେ ହୃଦୟଙ୍ଗମ କଲେଣି । 'ପୋଥି ବାଇଗଣ' 'ବାଡ଼ି ବାଇଗଣ'ରେ ପରିଣତ ହେଲପରି ସମାଜର ବିଭିନ୍ନ ସମସ୍ୟା ଓ ପରିସ୍ଥିତି ଉପରେ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରି ପାରୁଛନ୍ତି । ସମାନଙ୍କ ହାତରେ ନେତୃତ୍ୱ ଦେବାର ଶକ୍ତି ଅଛି । ଗଣତନ୍ତ୍ର ରାଷ୍ଟ୍ରରେ ବିଭିନ୍ନ ଲୋକଙ୍କ ସହିତ ସମ୍ବନ୍ଧ ସ୍ଥାପନ ନକଲେ ନେତୃତ୍ୱ ଦେବା ସମ୍ଭବପର ନୁହେଁ । ଏହି ସେବା ସଂସ୍ଥା ମାଧ୍ୟମରେ ଏହା ସଂଭବପର ହୋଇ ପାରୁଛି । ଗ୍ରାମବାସୀମାନଙ୍କର

ଆର୍ଥିକ, ସାମାଜିକ ସାଂସ୍କୃତିକ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ବିଷୟରେ ବିବରଣୀ ସଂଗ୍ରହ କରି ନିଜର ଗବେଷଣା କ୍ଷେତ୍ରକୁ ମଧ୍ୟ ପ୍ରଶସ୍ତ କରି ପାରୁଛନ୍ତି । ସମାଜରେ ଥିବା ବର୍ଣ୍ଣ ବୈଷମ୍ୟ ଦୂରକରି ଜାତୀୟ ଐକ୍ୟ ସ୍ଥାପନ କରିବା ନିମନ୍ତେ ଏହି ସଂସ୍ଥା ଯୁବ ସମାଜକୁ ଉଦ୍‌ବୁଦ୍ଧ କରି ପାରୁଛି ।

ଏହି ପରିପ୍ରେକ୍ଷୀରେ ବିଚାରକଲେ ଯୁବଶକ୍ତି ଓ ଜାତୀୟ ସେବା ସଂସ୍ଥା ପରସ୍ପର ଅଙ୍ଗାଙ୍ଗୀଭାବେ ଜଡ଼ିତ । ଗୋଟିଏ ବିନା ଅନ୍ୟଟିର ସ୍ଥିତି ସୁଦୃଢ଼ ନୁହେଁ । ତେଣୁ ସାଂପ୍ରତିକ ପରିସ୍ଥିତିରେ ଯୁବଶକ୍ତି ଜାଗ୍ରତ ହେବା ଆବଶ୍ୟକ । ଦେଶ ସେମାନଙ୍କ ପାଖରୁ ବହୁତ କିଛି ଆଶା କରୁଛି । ଜାତି ଗଠନରେ ସେମାନଙ୍କର ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରତ୍ୟେକ ଯୁବକ ଉପଲବ୍ଧି କରିବା ଆବଶ୍ୟକ । ଜାତୀୟ ସେବା ସଂସ୍ଥା ଜରିଆରେ ସେମାନେ ସେମାନଙ୍କର ଶକ୍ତିକୁ ବିନିଯୋଗ କରି ଦେଶକୁ ଉନ୍ନତ ସମୃଦ୍ଧ ଓ ଆତ୍ମ-ନିର୍ଭରଶୀଳ କରନ୍ତୁ ତାହାହିଁ ଆଶା କରାଯାଏ ।

ଡି. ଏ. ଭି. କଲେଜ, କୋରାପୁଟ



# ପ୍ରଗତିର ନୂତନ ରୂପରେଖ



କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରୀ ଏବଂ ଓଡ଼ିଶାର ପ୍ରଗତିଶୀଳ ନେତା ଶ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାର ସର୍ବବିଧ ଉନ୍ନତି ପାଇଁ ଗଭୀର ଆନ୍ତରିକତା ସହିତ ଚେଷ୍ଟା କରୁଛନ୍ତି । ତାଙ୍କ କାର୍ଯ୍ୟାବଳୀରୁ ଏହା ପ୍ରମାଣିତ ହୋଇଛି । କେନ୍ଦ୍ରରେ ନିଜର ଗୁରୁ ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ପାର୍ଲାମେଣ୍ଟ ଓ ଜାତୀୟ ସ୍ତରରେ ଓଡ଼ିଶାର ନ୍ୟାର୍ଯ୍ୟ ଦାବୀକୁ ସମର୍ଥନ ଜଣାଇବା ପାଇଁ ଶ୍ରୀ ପଟ୍ଟନାୟକ ଦୃଢ଼ ପଦକ୍ଷେପ ନେଉଛନ୍ତି । ବରଂ ତାଙ୍କର ନିର୍ଦ୍ଦେଶରେ "ପାର୍ଲାମେଣ୍ଟର ଓଡ଼ିଶା ସଭ୍ୟମାନେ ଜାତୀୟ ସ୍ତରରେ କିପରି ଏକତ୍ରରେ ଓଡ଼ିଶାର ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ କରିବେ ଓ ସେମାନଙ୍କ ସହିତ ରାଜ୍ୟ ସରକାରଙ୍କର କିପରି ସମନ୍ୱୟ ରହିବ" ସେଥିପାଇଁ ପଦ୍ଧତି ସ୍ଥିର କରାଯାଉଛି ।

ନିକଟରେ ଶ୍ରୀ ପଟ୍ଟନାୟକ ଓଡ଼ିଶାର ପାର୍ଲାମେଣ୍ଟ ସଭ୍ୟମାନେ ପ୍ରତ୍ୟେକ ମନ୍ତ୍ରଣାଳୟ ଅନ୍ତର୍ଗତ ବିଷୟମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବା ନିମନ୍ତେ ସେମାନଙ୍କ ମଧ୍ୟରେ ଅଲଗା ଅଲଗା କମିଟିମାନ ଗଢ଼ନ୍ତୁ ବୋଲି ପରାମର୍ଶ ଦେଇଛନ୍ତି । ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନେ ପାର୍ଲାମେଣ୍ଟ ସଭ୍ୟଙ୍କ ସହିତ ସର୍ବଦା ଯୋଗସୂତ୍ର ରଖନ୍ତୁ ବୋଲି ସେ ମଧ୍ୟ କହିଛନ୍ତି ।

ଶ୍ରୀ ପଟ୍ଟନାୟକଙ୍କ କାର୍ଯ୍ୟ ପଦ୍ଧତିର ଏକ ଦୃଷ୍ଟାନ୍ତ ହେଉଛି, କଟକରୁ ଆୟକର ଟ୍ରିବୁନାଲ ଉଠାଇ ନିଆଯାଉଥିବାର ଅଭିଯୋଗ ଶୁଣିବା ସଙ୍ଗେ ସଙ୍ଗେ ସେ ଆଇନମନ୍ତ୍ରୀ ଶ୍ରୀ ଶାନ୍ତିଭୂଷଣଙ୍କ ସହ ଯୋଗାଯୋଗ ସ୍ଥାପନ କରି ତାହା କରାଯିବନାହିଁ ବୋଲି ତାଙ୍କଠାରୁ ପ୍ରତିଶ୍ରୁତି ଆଦାୟ କଲେ । ଏତଦ୍‌ବ୍ୟତୀତ ପାରାଦ୍ୱୀପଠାରେ ଜାହାଜ ତିଆରି କାରଖାନା ପ୍ରତିଷ୍ଠା, ମଞ୍ଚେଶ୍ୱରଠାରେ ରେଳବାଇ ୱାର୍କସପ୍ ପ୍ରତିଷ୍ଠା, ଭୁବନେଶ୍ୱର-ଦିଲ୍ଲୀ ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗ, ଉପର ବୈତରଣୀ ଯୋଜନା, ପୁରୀ ଜିଲ୍ଲାର ସାମଗ୍ରିକ ବିକାଶ ଯୋଜନା ପ୍ରଭୃତି ଉନ୍ନୟନ କାର୍ଯ୍ୟକ୍ରମର ରୂପାୟନ ପାଇଁ ତାଙ୍କର ଗଭୀର ନିଷ୍ଠା ରହିଛି ଓ ସେ ଦିଗରେ ସେ ମଧ୍ୟ କେନ୍ଦ୍ର ସ୍ତରରେ ଉଦ୍ୟମ କରୁଛନ୍ତି । ମଞ୍ଚେଶ୍ୱର ୱାର୍କସପ୍ ପାଇଁ ଚଳିତବର୍ଷ ବଜେଟ୍‌ରେ ଯେତିକି ବ୍ୟୟ ବ୍ୟବସ୍ଥା ରଖାଯାଇଥିଲା ତାର ପରିମାଣ ବୃଦ୍ଧି କରାଇ ଏହି ୱାର୍କସପ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ କରିବାକୁ ସରକାର ସ୍ଥିର କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ।

ଗତ ୯ । ୬ । ୧୯୭୭ ଦିନ ଶ୍ରୀ ପଟ୍ଟନାୟକ ରାଜ୍ୟ ମନ୍ତ୍ରୀ ପରିଷଦର ସଭ୍ୟମାନଙ୍କ ସହିତ ଏକ ଅଣଆନୁଷ୍ଠାନିକ ବୈଠକରେ ଦୀର୍ଘ ୪ଘଣ୍ଟା ଧରି ଓଡ଼ିଶାର ସାମୂହିକ ବିକାଶ ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ସେ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଥିଲେ ।

ଏହା ବ୍ୟତୀତ ଭାରତ ପ୍ରଖ୍ୟାତ ପୁରୀଧାମର ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଦକ୍ଷିଣ ଭାରତର ପ୍ରଖ୍ୟାତ ତିରୁପତି ଅନୁଷ୍ଠାନର ପରିଚାଳନା ରୀତିରେ କିପରି କରାଯାଇ ପାରିବ ସେ ବିଷୟରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ପଟ୍ଟନାୟକ ସଂପୃକ୍ତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଓଡ଼ିଶାର ଦ୍ରୁତ ଅର୍ଥିକ ଉନ୍ନୟନ ନିମନ୍ତେ ଶିଳ୍ପ ପ୍ରସାର ଏକାନ୍ତ ଆବଶ୍ୟକ—ଏହା ତାଙ୍କର ପୂର୍ବବର୍ତ୍ତୀ ମୁଖ୍ୟମନ୍ତ୍ରୀତ୍ୱ କାଳରୁ ପ୍ରମାଣିତ ହୋଇ ଆସିଛି । କେବଳ ଭାରୀ ଶିଳ୍ପ ନୁହେଁ, ଗ୍ରାମୋଦ୍ୟୋଗ ଓ କୁଟୀର ଶିଳ୍ପର ବିକାଶପାଇଁ ଅତୀତରେ ସେ ଯୋଜନାମାନ କରି ଓଡ଼ିଶାରେ କାର୍ଯ୍ୟକାରୀ କରାଇବାରେ ଅଗ୍ରଣୀ ଥିଲେ । ଗାଁ ଗହଳର ଚିତ୍ର ବଦଳାଇ ଦେବାପାଇଁ ତାଙ୍କ ସମୟରେ ପଞ୍ଚାୟତ ଶିଳ୍ପର ସୂତ୍ରପାତ ହୋଇଥିଲା । ଗ୍ରାମ୍ୟ କାରିଗରମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ସେ ପଞ୍ଚାୟତ ପୁରସ୍କାର ପ୍ରତିଯୋଗିତା ପ୍ରବର୍ତ୍ତନ କରିଥିଲେ ।

ଅଣସରକାରୀ ସୂତ୍ରରୁ ଆୟ ବଢ଼ାଇବା ଉଦ୍ଦେଶ୍ୟରେ ସେ କେତେଗୁଡ଼ିଏ ନୂଆ କର୍ପୋରେସନ୍ ମଧ୍ୟ ଗଠନ କରିଥିଲେ ଓ ପ୍ରଚଳିତ କର୍ପୋରେସନ୍‌ଗୁଡ଼ିକର (ଯଥା—ଖଣି କର୍ପୋରେସନ୍ ଓ ଶିଳ୍ପ କର୍ପୋରେସନ୍) ଦୃଢ଼ୀକରଣ କରିଥିଲେ ।

ତାଙ୍କର ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ଓ ଦ୍ରୁତ ନିଷ୍ପତ୍ତି-ନିର୍ଦ୍ଧାରଣକୁ ଉପଯୋଗ କରି ଓଡ଼ିଶା ଅଚିରେ ଏକ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହେବାର ସମ୍ଭାବନା ଅତି ଉଜ୍ଜ୍ୱଳ ମନେହୁଏ ।

●

---

## ସହରାଂଚଳଗୁଡ଼ିକରେ ଖେଳ ପଡ଼ିଆର ଉନ୍ନତ ବିଧାନ ନିମନ୍ତେ କେନ୍ଦ୍ର ସରକାରୀ ସାହାଯ୍ୟ

ସହରାଂଚଳ ତଥା ୧୦ ହଜାର କିମ୍ବା ତଦୂର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଅର୍ଦ୍ଧ-ସହରାଂଚଳ ଓ ଗ୍ରାମାଂଚଳରେ ଥିବା ଖେଳ ପଡ଼ିଆଗୁଡ଼ିକର ଉନ୍ନତିବିଧାନ ସକାଶେ କେନ୍ଦ୍ର ସରକାରଙ୍କ ନିକଟରୁ ଅର୍ଥିକ ସାହାଯ୍ୟ ହାସଲ କରିବାପାଇଁ ପୂର୍ବରୁ ସମ୍ବାଦପତ୍ର ଏବଂ ଆକାଶବାଣୀ ଜରିଆରେ କ୍ରୀଡ଼ା ସଂଗଠନ/ବିଜ୍ଞାପିତ ଅଂଚଳ ପରିଷଦ/ମ୍ୟୁନିସିପାଲିଟିଗୁଡ଼ିକରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା ।

ଏ ସଂକ୍ରାନ୍ତ ଦରଖାସ୍ତ ଫର୍ମ ଜିଲ୍ଲାପାଳ/ବିଜ୍ଞାପିତ ଅଂଚଳ ପରିଷଦ ଏବଂ ମ୍ୟୁନିସିପାଲିଟିଗୁଡ଼ିକର ଏକ୍‌ଜିକ୍ୟୁଟିଭ୍ ଅଫିସର/ଜିଲ୍ଲା କ୍ରୀଡ଼ା ସଂଗଠନଙ୍କ ନିକଟରୁ ମିଳିପାରିବ ।

ଇଚ୍ଛୁକ ଅନୁଷ୍ଠାନଗୁଡ଼ିକ ଆବଶ୍ୟକ ବିବରଣୀ ସହ ୧୯୭୭ ଅଗଷ୍ଟ ୧୭ ତାରିଖ ସୁଦ୍ଧା ନିର୍ଦ୍ଦେଶକ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ବ୍ୟାପାର ବିଭାଗ, ସଂଗ୍ରହାଳୟ ବିଲ୍ଡିଂ, ଭୁବନେଶ୍ୱର-୬ଙ୍କ ନିକଟରେ ସେମାନଙ୍କର ଦରଖାସ୍ତଗୁଡ଼ିକ ଦାଖଲକରିବା ପାଇଁ ପୁନର୍ବାର ଅନୁରୋଧ କରାଯାଉଛି ।

---

# ମଣିଷ ହିଁ ସବୁଠୁଁ ବଡ଼

ଅଧ୍ୟାପକ ଜଗନ୍ନାଥ ମହାନ୍ତି

ନେଳିଆ ପାହାଡ ତଳ ଟାଙ୍ଗରା ପଥର ଖଣ୍ଡକୁ ଭାଙ୍ଗି ଛୋଟ ଛୋଟ କରିବା ହେଉଛି ସଦେଇର କାମ । ବଡ କଠିନ ସେଇ କାର୍ଯ୍ୟ । ପୁଣି ଖରାଦିନ, ଶୀତକାଳର ଝଡବର୍ଷାରେ ବି ଖଟି ପେଟପୁରା ଗଣ୍ଡେ ଖାଇବାକୁ ପାଇବା କଷ୍ଟକର ।

ସଦେଇ ସଦାବେଳେ ହତସନ୍ତ ହେଉଥିଲା । ତା ମନରେ ଅଶାନ୍ତିର ନିଆଁ ସବୁବେଳେ ଦାଉ ଦାଉ ହୋଇ ଜଳୁଥିଲା । ପଥର ଭାଂଗିବା କାର୍ଯ୍ୟ ତାକୁ ସୁଖ ଲାଗିଲା ନାହିଁ । ଦିନେ ସେ ପଥର ଭାଙ୍ଗି ଭାଙ୍ଗି ହାଲିଆ ହୋଇ ପଡିଲା । ସେତିକିବେଳେ ମନେ ମନେ ଭାବିଲା—ମୁଁ ଯଦି ଧନୀ ଲୋକଟିଏ ହୋଇଥାନ୍ତି, ଘରେ ଆରାମ କରନ୍ତି, ପଲଙ୍କରେ ଶୋଇ ଘୁଙ୍ଗୁଡ଼ି ମାରନ୍ତି ।

ଏଇ ସମୟରେ ଗୋଟିଏ ପରୀ ଆକାଶରୁ ଓହ୍ଲାଇ ଆସି କହିଲା—ଯାହା ଚାହୁଁଛ, ତାହାହିଁ ହେବ ।

ସତକୁ ସତ ସଦେଇ ଜଣେ ବଡ ଧନୀ ମହାଜନ ହୋଇଗଲା । ପଥର କାଟିବା କାମ ଛାଡ଼ି ସେ ବଢ଼ିଆ ଗଦିରେ ବସିଲା, ହଂସୁଲି ଶେଯରେ ଶୋଇଲା ।

ଦିନେ ସେହି ଦେଶର ରାଜା ସୁସଜ୍ଜିତ ରଥରେ ବସି କେତେ ଦାମିକା ପୋଷାକ ପିନ୍ଧି କେତେ ପଲଟଣରେ ନେଇ ବାଟରେ ଯାଉଥିଲେ । ବାଣ, ରୋଷଣି, ଗୀତବାଜା, ଗହଳି ଚହଳିରେ ସଦେଇର ନିଦ ଭାଙ୍ଗିଗଲା । ସେ ରାଜାଙ୍କର ଏସବୁ ଆଡମ୍ବର ଦେଖି ଭାରି ହାଇଁ ପାଇଁ ହେଲା । ମନେ ମନେ ଭାବିଲା—ମୁଁ ଏମିତି ରାଜାଟିଏ ହୁଅନ୍ତିକି ?

ଶୂନ୍ୟରୁ ପରୀଟିଏ ଓହ୍ଲାଇ ଆସିଲା । ସଦେଇକୁ କହିଲା ଯାହା ଚାହୁଁଛ, ତାହାହିଁ ହେବ ।

ସତକୁ ସତ ସଦେଇ ଜଣେ ରାଜା ହୋଇଗଲା । ପ୍ରଶସ୍ତ ରାଜରାସ୍ତାରେ ଚାଲିଲା ତାର ରଥ । ବିପୁଳ ପଟୁଆର, ଅପୂର୍ବ ଜାକଜମକ ଆଉ ସଜବାଜ । ସୁନାରୂପା, ମଣିମାଣିକର ଚମକ ରାସ୍ତାସାରା ଖେଳି ଯାଉଥିଲା ।

ଆକାଶର ରାଜା ସୂର୍ଯ୍ୟଙ୍କର ଉଜ୍ଜ୍ୱଳ କିରଣ ଝରି ପଡୁଥିଲା । ସତେ ଯେପରି ତାଙ୍କ ସୁନାର କିରଣ ପୃଥିବୀର ରାଜାଙ୍କର ସେହିସବୁ ଆଡମ୍ବରକୁ ଥଟା କରୁଥିଲା । ରାଜାଙ୍କର ଦେହ ଉପରେ ମଧ୍ୟ ସୂର୍ଯ୍ୟକିରଣ ପଡିଲା । କ୍ରମେ ତାର ଉତ୍ତାପ ଅସହ୍ୟ ହୋଇ ଉଠିଲା । ରାଜା ବିରକ୍ତ ହୋଇ ପଡିଲେ । ମନେ ମନେ ଭାବିଲେ—ଏଇ ମାଟିର ରାଜାହେବାଠାରୁ ଆକାଶର ରାଜାହେବା କେତେ ଭାଗ୍ୟର କଥା !

ତାଙ୍କର ବ୍ୟାକୁଳ ହୃଦୟରୁ ହତାଶାର ଦୀର୍ଘଶ୍ୱାସ ବାହାରି ଆସିଲା । ଆତ୍ମା ତାଙ୍କର ସତେ ଅବା ଚିତ୍କାର କରି ଉଠିଲା । ସେ ଭାବିଲେ—ମୁଁ ପ୍ରକୃତରେ ସୂର୍ଯ୍ୟ ହୁଅନ୍ତିକି ?

ହଠାତ୍ ଆକାଶରୁ ଓହ୍ଲାଇ ଆସିଲା ଗୋଟିଏ ପରୀ । ରାଜାଙ୍କୁ କହିଲା—ଯାହା ଚାହୁଁଛ ତାହାହିଁ ହେବ !

ସତକୁ ସତ ରାଜା ସୂର୍ଯ୍ୟରେ ପରିଣତ ହୋଇଗଲେ । ଉଚ୍ଚ ଆକାଶରେ ରହି ତାର ନିର୍ମଳ କିରଣ ବିଂଚି ଦେଇ ପଡିଲା । ତାଙ୍କର ଉତ୍ତପ୍ତ କିରଣରେ ପୃଥିବୀର ବୃକ୍ଷଲତା, ଜୀବଜନ୍ତୁ ସମସ୍ତେ ହାହାକାର କରି ଉଠିଲେ । ...ଶା ମାତାର ସବୁଜିମା କୁଆଡେ ଜଳି ପୋଡ଼ି ପାଉଁଶ ହେବାକୁ ଲାଗିଲା ।

ଏହି ସମୟରେ ଗୋଟିଏ କଳା ବଉଦ ଆକାଶରେ ଦେଖା ଦେଲା । ସୂର୍ଯ୍ୟଙ୍କୁ ସତେ ଯେମିତି ତାର କଳା ...ଚଳରେ ଘୋଡାଇ ଦେଲା ।

ଏଥିରେ ସୂର୍ଯ୍ୟ ଅପମାନିତ ହେଲେ । କେତେ, ଗର୍ବ ଏଇ ମେଘର ଆକାଶର ଦିଅଁ ଅଛି ସମସ୍ତେ ଉଚ୍ଚରେ ସପନ ଉଠାଇ ଲୁଚି ଯାଉଛନ୍ତି । ମନରେ ତାଙ୍କର ଖେଳିଗଲା ଗଭୀର ଅଶାନ୍ତି । ସେ ଭାବିଲେ—ଯଦି ମେଘ ହୋଇ ଆକାଶରେ ମୁକ୍ତ ପକ୍ଷୀଟିଏ ପରି ଉଡ଼ି ବୁଲିଲେ କେତେ ମଜା ହୁଅନ୍ତା । ଦରକାର ନାହିଁ ମୋର ଏହି ସ୍ତୁତି, ଏ ସତ୍ୟ ଶାସନ ।

ଆକାଶରୁ ଓହ୍ଲାଇ ଆସି ପରୀଟି ଜଣାଇ ଦେଲା—ଯାହା ଚାହୁଁଛ ତାହାହିଁ ହେବ ।

ସତକୁ ସତ ସୂର୍ଯ୍ୟ ଖଣ୍ଡେ ମେଘ ହୋଇ ଦିଗହଜା ନୀଳ ଆକାଶରେ ଉଡ଼ି ବୁଲିଲା । ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ତାର ଲୀଳା ଖେଳା । ତାର ବର୍ଷାଧାରରେ ଶୁଷ୍କ ପୃଥିବୀ ସବୁଜ ସୁନ୍ଦର ହୋଇ ହସି ଉଠିଲା ।

କେତେବେଳେ ମୁଷଳ ଧାରରେ ବର୍ଷାହୋଇ ନଈ ପୋଖରୀ ସବୁ ପୂର୍ଣ୍ଣ କରିଦେଲା । ବଡ଼ ବାଢ଼ ଆସି ନଈ କୂଳ ଗାଁ ରାସ୍ତା ସହର ନଗରକୁ ଭସାଇ ଦେଲା । ପାଣି ସୁଅରେ ବଡ଼ ବଡ଼ ଗଛ ଲତା ଜୀବଜନ୍ତୁ ଭାସି ଯିବାକୁ ଲାଗିଲେ । କିନ୍ତୁ ଏସବୁ ପ୍ରଳୟ ମଧ୍ୟରେ ପାହାଡ଼ସବୁ ଅଚଳ ଓ ଅଟଳ ହୋଇ ରହିଲା । ତା ଦେହରେ ଅନେକ ପ୍ରାଣୀ ଆଶ୍ରୟ ନେଇ ରହିଗଲେ ।

ଆକାଶରୁ ଏହିସବୁ ଦେଖି ମେଘର ଖୁସି ଯାଇ ହେଲା । ସେ ବଡ଼ ଚଞ୍ଚଳ ହୋଇଗଲା ସେ ଭାବିଲା—ମୋଠାରୁ ତେବେ ପାହାଡ଼ର ଶକ୍ତି ବେଶୀ । ତେବେ ମେଘ ହୋଇ ରହିବା ମୋ ପକ୍ଷେ ଲଜ୍ଜାର କଥା । ସେ ଦୁଃଖରେ ଛାତି ଫଟାଇ କାନ୍ଦିବାରେ ଲାଗିଲା । ଆଖିରୁ ତାର ଝରିଲା ଲୁହର ଝରଣା ।

ଏହି ସମୟରେ କୁଆଡ଼ୁ ପରୀଟି ଚାଲିଆସି କହିଲା—ତୁମେ ଯାହା ଚାହୁଁଛ ତାହାହିଁ ହେବ ।

ସତକୁ ସତ ମେଘ ବିରାଟ ପାହାଡ଼ ହୋଇ ଠିଆ ହେଲା । ଦିନ ପରେ ଦିନ, ବର୍ଷ ପରେ ବର୍ଷ ବିତିଲା ।

ଦିନେ ଗୋଟିଏ ଲୋକ ଆସିଲା । ତାର ଧାରୁଆ ଖଣତି, ବଟାଳି ଆଉ ହାତୁଡ଼ି ଧରି ପାହାଡ଼ ଦେହକୁ କାଟି ଖଣ୍ଡ ଖଣ୍ଡ କରିବାରେ ଲାଗିଗଲା । ସେ ପଥର ଗୋଟି ପୁଣି ବୁହା ହୋଇଗଲା ପାଖ ରାସ୍ତା ଉପରକୁ । ସେହି ରାସ୍ତାରେ ତାହା ପଡ଼ିଲା । ସମତୁଲ ହେଲା, ପିଚୁ ଢଳା ଗଲା । କେତେ ଯାନ ବାହାନ ଜୀବଜନ୍ତୁ ତା ଉପରେ ଚାଲିଲେ ।

ଏସବୁ ଦେଖି ପାହାଡ଼ର ମନ ବିକଳ ହୋଇ ଉଠିଲା । ତାର ସବୁ ଆଶା ଧୂଳିସାତ୍ ହେଲା । ଅତିଶୟ ଦୁଃଖରେ ତା ଛାତି ଫାଟିଗଲା । ସେ ଖୁବ୍ ବ୍ୟସ୍ତ ହୋଇ କହିଲା—ହାୟ ଭଗବାନ, ମୋତେ ସେଇ ମଣିଷ କର । ମୁଁ ସେମିତି ଖାଲ ବୁହା ପରିଶ୍ରମ କରି ସ୍ୱାଧୀନ ମଣିଷ ହୁଏ ମୋର ଆଉ କିଛି ହେବା ଦରକାର ନାହିଁ । ମୁଁ ମଣିଷ ହୋଇ ରହିବାକୁ ଚାହେଁ ।

ସ୍ୱର୍ଗରୁ ପରୀ ଓହ୍ଲାଇ ଆସି କହିଲା—ତୁମେ ଯାହା ଚାହୁଁଛ, ତାହାହିଁ ହେବ ।

ଶେଷରେ ସେଇ ପାହାଡ଼ ମଣିଷ ହୋଇଗଲା । ସେହି ଦିନ ଠାରୁ ବଟାଳି ଓ ହାତୁଡ଼ି ଧରି ସେ ପାହାଡ଼ ଭାଙ୍ଗିବାରେ ଲାଗିଲା । କଠିନ ପରିଶ୍ରମ କରି ମଧ୍ୟ ସେ ସୁଖୀ, ସବୁ ଜଂଜାଳ ଭିତରେ ସେ ସଂତୁଷ୍ଟ ଆଉ ସବୁ ବାଧା ବନ୍ଧନ ମଧ୍ୟରେ ସେ ସ୍ୱାଧୀନ । ନିଜ ଜୀବନ ପାଇଁ ତାର ଆଉ କିଛି ଅଭିଯୋଗ ନାହିଁ । କାହା ପାଖରେ ଗୁହାରି କରିବାକୁ ନାହିଁ । ସେ ଭଲ ଭାବରେ ବୁଝିଛି ଯେ ପୃଥିବୀରେ ମଣିଷହିଁ ଶ୍ରେଷ୍ଠ, ତା ଠାରୁ ବଡ଼ ଆଉ କେହି ନାହାନ୍ତି ।

ଅଫିସର ଇନ୍ ଚାର୍ଜ, ଇ. ଟି. ସେଲ୍
ଡି. ପି. ଆଇ. ଅଫିସ
ଭୁବନେଶ୍ୱର

# ବନ୍ଦୀର ଅନୁତାପ

ଶ୍ରୀ ପ୍ରଦ୍ୟୁମ୍ନ ନାଥ ରଥ

ନିର୍ଜନ ଗୃହେ ପାଷାଣ ହୃଦୟେ ଜର୍ଜର ମୋର ପ୍ରାଣ
ମମତା ରହିତ ଦୁଃଖ ଅଶେଷ କଳଙ୍କିତ ଏ ଜୀବନ ।
ହତ୍ୟାକରିଛି ! ହତ୍ୟାକରିଛି !! ଜନରବ ଶୁଭିଆସେ
ନରହନ୍ତା ବୋଲି ସମାଜ କହୁଛି ଶାଁ ଘଣ୍ଟା ଉଠେ ପଡ଼େ
ଅବାଟରେ ଯିବା ଧରି
ସୁନାର ସଂସାର କରିଦେଲିଚୁନା ନିଜହସ୍ତେ ଛିନ୍ନାଛିରି ।

ଜୁନାଜୁନିମୋର ପାଶରୁ ଅନ୍ତର ନଦିଶେ ଅମାୟ ହସ
ନଦେଖେ ତାଙ୍କର ବଦନ କମଳ ନପାଏ ମୃଦୁ ପରଶ ।
ପାପମୟ ଝଡ଼ ଲିଭାଇ ଦେଇଛି ଶାନ୍ତ ନିଳୟ-ଦୀପ
ସବୁରି ହୃଦୟ ପ୍ରସ୍ତରମୟ ଦୟାନୁହେଁ କାହା ଚିତ୍ତ
ହତ୍ୟାର ବିଭୀଷିକା
ନିର୍ମଳପ୍ରାଣ ତମସାଚ୍ଛନ୍ନ ସୃଜିଛି କୁଜ୍ଝଟିକା ।

ନିମିଷକେ ଢାଳି ଅହଂକାରଚୁଲି କ୍ରୋଧେ ହୋଇଗଲି ଅନ୍ଧ
ଶାଣିତ କୁଠାରେ ନିର୍ମମ ପ୍ରହାରେ ଛେଦିଲି ଶତ୍ରୁସ୍କନ୍ଧ
ନପାରିଲି ରୋଧି କ୍ରୋଧର ବ୍ୟାଧି ଶୁଣେଯେ ମାନବ ଅରି
ପଶୁସମ ହୋଇ ଶୋଣିତ ବୁହାଇ ନେଇଯେ ଚେତନା ହରି
ଜୀବନର ମୋର ପଣ
ଆଉ ସେ ପଥକୁ ମୁହାଁଇବିନାହିଁ ବରିବି ପଛକେ ମରଣ
ନହେବି ପଥିକ ମୃତ୍ୟୁକୁ କରି ବରଣ ।

ପାରୁଛି ମୁଁ ବୁଝି ମନେ ସବୁ ହେଜି ନିର୍ଜନ କାରାଗାରେ
ହତ୍ୟାପରିଣାମ ଅତୀବ ବିଷମ ହେଲେ କ୍ରୋଧେ ଜରଜରେ
କ୍ଷମବାରେ ମୋରେ ବିଶ୍ୱକରତା କରେ ଘୋର ଅନୁତାପ
ହତ୍ୟାର ଶାପ ନିଷ୍ପନ୍ନକର ଘୁଞ୍ଚାଇ ମୋ ଦୁଃଖ ଶୋକ
ଶକ୍ତି ଦିଅହେ ପ୍ରାଣେ
କର ସୁଶୀତଳ ପରଶମୋହର ଆଶୀଷ ପାପୀଜୀବନେ

ସହକାରୀ ଜେଲର, ବଣେଇ
ସୁନ୍ଦରଗଡ଼

## ଗାଁଟିଏ ନାଁ

# ରୂପଦେଈପୁର

ଶ୍ରୀ ପ୍ରାଣକୃଷ୍ଣ ବେହେରା

ପ୍ରାକୃତିକ ସଂପଦଭରା ଉତ୍କଳରେ ଅନେକ ପଲ୍ଲୀ ଗାଁ ଅଛି, ଯାହାର ଅଧିବାସୀମାନେ ନିଜକୁ ମାଟି, ପାଣି ଓ ପବନରେ ମିଶାଇ ଦେଇ ଗାଁର ବିକାଶ ପାଇଁ ସବୁ କିଛି ଉତ୍ସର୍ଗ କରିଛନ୍ତି । ଏହି ପଲ୍ଲୀ ଗାଁମାନଙ୍କ ମଧ୍ୟରେ ରୂପଦେଈପୁର ଅନ୍ୟତମ । ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ରଠାରୁ ଏହା ପ୍ରାୟ ୩୦ କିଲୋମିଟର ଏବଂ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ୪୬ କିଲୋମିଟର ଦୂରରେ ପୁଣ୍ୟତୋୟା ଭାର୍ଗବୀନଦୀର କୂଳରେ ଏହି ଗ୍ରାମଟି ଅବସ୍ଥିତ । ଏହି ଗ୍ରାମକୁ ଯିବାକୁ ହେଲେ ଭୁବନେଶ୍ୱର-ପୁରୀ ଜଗନ୍ନାଥ ସଡ଼କର ସାତଶଙ୍ଖଠାରୁ ବାମକୁ ଛଅ କିଲୋମିଟର ପଥ ଅତିକ୍ରମ କରିବାକୁ ହେବ । ଗ୍ରାମର ପୂର୍ବରେ ପୁଣ୍ୟଶ୍ଳୋକା ଭାର୍ଗବୀ ଓ ଗ୍ରାମାଧିପତି ନୃସିଂହନାଥଙ୍କର ମନ୍ଦିର ଅବସ୍ଥିତ, ପଶ୍ଚିମରେ ଜଗନ୍ନାଥ ମନ୍ଦିର ରହି ଗ୍ରାମରେ ଏକ ପବିତ୍ର ଓ ଶାନ୍ତ ବାତାବରଣ ସୃଷ୍ଟି କରିବାରେ ସାହାଯ୍ୟ କରି ଆସିଛନ୍ତି । ଗ୍ରାମର ଉତ୍ତର ଓ ଦକ୍ଷିଣରେ ଚନ୍ଦ୍ରଦେଈପୁର ଓ ଆଲାରପୁର ।




ପୁରୀ ଜିଲ୍ଲାର ରୂପଦେଈପୁରଠାରେ ଖୋଲାଯାଇଥିବା ପ୍ରଦର୍ଶନୀ
ପୁରୀ ଜିଲ୍ଲାପାଳ ବୁଲି ଦେଖୁଛନ୍ତି

ଗ୍ରାମର ପୁରୁଣା ଲୋକମାନେ କହନ୍ତି ଯେ, ମରହଟ୍ଟା ଶକ୍ତି ସମୟରେ ମରହଟ୍ଟାମାନେ ସେମାନଙ୍କ ଗୁରୁ ରୂପଦେବ ଠାରି ଗୋ-ସ୍ୱାମୀଙ୍କୁ ଏହି ଗ୍ରାମଟିକୁ ଗୁରୁ ଦକ୍ଷିଣା-ରୂପେ ଦାନ କରିଥିଲେ । ସେହି ଗୁରୁଙ୍କ ନାମାନୁସାରେ ଏହି ଗ୍ରାମଟି ରୂପଦେଈପୁର ନାମରେ ନାମିତ ହୋଇଅଛି । ଅନ୍ୟ ଏକ ମତବାଦରୁ ଜଣାଯାଏ ଯେ, ଖୁର୍ଦ୍ଧା ମହାରାଜ ତାଙ୍କର ରୂପାଦେଈ ଓ ଚନ୍ଦ୍ରାଦେଈ ନାମ୍ନୀ ଦୁଇଟି କନ୍ୟାଙ୍କ ମଧ୍ୟରୁ ରୂପାଦେଈଙ୍କୁ ବିବାହ ଦେବା ସଙ୍ଗେ ସଙ୍ଗେ ଏହି ରୂପଦେଈପୁର ଜମିଦାରଙ୍କୁ ଦାନ କରିଥିଲେ, ତେଣୁ ଏହି ଗ୍ରାମର ନାମ ରୂପଦେଈପୁର ହୋଇଛି ଓ ପାଖ ଗ୍ରାମଟି ମଧ୍ୟ ଚନ୍ଦ୍ରାଦେଈପୁର ।

ଏହି ଗ୍ରାମର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରି ଖ୍ରୀ: ୧୮୮୯ ରେ ୧୨ ବର୍ଷ ବୟସରେ ରୂପଦେଈପୁର ଗ୍ରାମରେ ବାଲ୍ୟଶିକ୍ଷା ଆରମ୍ଭ କରିଥିଲେ ଓ ସେଠାରୁ ଭର୍ଣ୍ଣାକୁଲାର ଶିକ୍ଷା ସମାପ୍ତ କରିଥିଲେ । ସେଥିପାଇଁ ଗ୍ରାମବାସୀ-ମାନେ ଗର୍ବ କରିବା ସଙ୍ଗେ ସଙ୍ଗେ ନିଜକୁ ମଧ୍ୟ ଧନ୍ୟ ମନେ କରିଥାନ୍ତି ।

ପିପିଲି ପଞ୍ଚାୟତ ସମିତି ଅନ୍ତର୍ଗତ ଏହି ଗ୍ରାମର ଲୋକସଂଖ୍ୟା ୧,୩୦୦ ରୁ କିଛି ଅଧିକ ହେବ । ଏମାନଙ୍କ ମଧ୍ୟରୁ ହରିଜନ ପ୍ରାୟ ୩୦୦ । ବିଭିନ୍ନ ଶ୍ରେଣୀ ଓ ଜାତିର ଲୋକମାନଙ୍କୁ ନେଇ ଗାଁ ଟି ବେଶ୍ ହସି ଉଠିଛି । ଗାଁର ଶତକଡ଼ା ୯୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ମୋଟ ଜମି ହେଉଛି ୩୪୫.୫ ହେକ୍ଟର । ତା ମଧ୍ୟରୁ ଜଳ-ସେଚିତ ଜମି ହେଉଛି ୧୫୭ ହେକ୍ଟର ଏବଂ ଅଣ ଜଳସେଚିତ ହେଉଛି ୧୮୮.୫ ହେକ୍ଟର । ଜଳସେଚନର ସୁବିଧା ଥିବାରୁ ବର୍ଷକ ବା ବାରମାସ ଏମାନେ ବିଭିନ୍ନ ପ୍ରକାର ଫସଲ ଯଥା ଧାନ, ନଡ଼ିଆ, ଆଳୁ, କଦଳୀ ଚିନାବାଦାମ, ଆଦି ଅର୍ଥକରୀ ଫସଲ କରି ଭଲ ଦି ପଇସା ଲାଭ ପାଉଥାନ୍ତି । ନିକଟରେ ବଳଙ୍ଗା ଓ ସାତଶଙ୍ଖ ହାଟରେ [illegible] ଉତ୍ପାଦନର ଖୁବ୍ ସୁବିଧା ରହିଥାଏ ।



ପୁରୀ ଜିଲ୍ଲାପାଳ ଲୋକସଂପର୍କ ବିଭାଗ ପକ୍ଷରୁ ରୂପଦେଈପୁରଠାରେ ଖୋଲାଯାଇଥିବା ଷ୍ଟଲ ବୁଲି ଦେଖୁଛନ୍ତି ।

ପଶୁପାଳନ ମଧ୍ୟ ଗାଁ ଲୋକଙ୍କର ଅନ୍ୟଏକ ବ୍ୟବସାୟ । ଗୋରୁ, ମେଣ୍ଢା, ଛେଳି ଓ ମଇଁଷି ଆଦି ଗୃହପାଳିତ ପ୍ରାୟ ୬୫୦ ଅଛନ୍ତି ।

ଗାଁ ରେ ଗୋଟିଏ ସମବାୟ ସମିତି ଗଢ଼ାଯାଇ ଏହା ଜରିଆରେ ଏକ ମତ୍ସ୍ୟଚାଷ ଯୋଜନା ହାତକୁ ନିଆଯାଇଛି । ଏଥିରୁ ଲବ୍ଧ ଅର୍ଥ ଗାଁର ବିକାଶ ପାଇଁ ଖର୍ଚ୍ଚ କରାଯାଉଛି ।



ନାଗା ନୃତ୍ୟର ଏକ ଦୃଶ୍ୟ

ଗ୍ରାମବାସୀଙ୍କ ପ୍ରଗାଢ଼ ଚେଷ୍ଟାରେ ଏବଂ ଗାଁ ର କେତେକ ଉତ୍ସାହୀ ଯୁବକମାନଙ୍କ ସହଯୋଗରେ ଗଢ଼ି ଉଠିଛି ବିଭିନ୍ନ ସ୍କୁଲ, ଯୁବକ ସଂଘ, ମହିଳା ସମିତି, ଗ୍ରାମପଞ୍ଚାୟତ ଅଫିସ, ପାରାମେଡ଼ିକାଲ ସେଣ୍ଟର, କମ୍ୟୁନିଟି ରିକ୍ରେସନ ସେଣ୍ଟର, ରେଡ଼ିଓ ରୁରାଲ ଫୋରମ, ଡ୍ରାମାଟିକ କ୍ଲବ, ସର୍ଭିସ କୋ-ଅପରେଟିଭ ସୋସାଇଟି, ଆଡ଼ଲଟ ଏଜୁକେସନ ସେଣ୍ଟର, କେୟା'ର ଫିଡ଼ିଙ୍ଗ ସେଣ୍ଟର, ଭଲେଣ୍ଟାରୀ ବିଭିନ୍ନ କ୍ଲବ । ଏହି ଅନୁଷ୍ଠାନଗୁଡ଼ିକ ସହିତ ଗ୍ରାମବାସୀମାନେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି । ସ୍ୱରାଷ୍ଟ୍ର ଲୋକ ସଂପର୍କ ବିଭାଗ ଦ୍ୱାରା ଗାଁର କେତକ ଉଦୀୟମାନ ଯୁବକମାନଙ୍କ ଚେଷ୍ଟାରେ ଗଠନ କରାଯାଇଛି ଏକ ପଲ୍ଲୀ ଶ୍ରୋତା ମଣ୍ଡଳୀ। ଆବାହକ ଡାକ୍ତର ଅନନ୍ତ ପ୍ରସାଦ ମିଶ୍ର ଓ ସଭାପତି ଶ୍ରୀ ନଳିନୀକାନ୍ତ ମିଶ୍ରଙ୍କ ପ୍ରଶଂସନୀୟ ଉଦ୍ୟମ ଦ୍ୱାରା ନିୟମିତ ରୂପେ ଆକାଶବାଣୀ ସୌଜନ୍ୟରୁ ପ୍ରସ୍ତୁତିତ ପଲ୍ଲୀ ଶ୍ରୋତା ମଣ୍ଡଳୀର କାର୍ଯ୍ୟକ୍ରମ ଶୁଣି ସଭ୍ୟମାନେ ପ୍ରତ୍ୟୋତ୍ତର ଦେଇ ଆସୁଛନ୍ତି । କୃଷି ଓ ପଶୁପାଳନ ଦିଗରେ ଏହି ପଲ୍ଲୀଶ୍ରୋତା ମଣ୍ଡଳୀର କାର୍ଯ୍ୟକ୍ରମ ଗ୍ରାମବାସୀଙ୍କୁ ଖୁବ୍ ସାହାଯ୍ୟ କରିଥାଏ । ଗ୍ରାମ୍ୟ ବ୍ୟାଙ୍କ ତରଫରୁ କୃଷକମାନଙ୍କୁ ଋଣ ଯୋଗାଇ ଦିଆଯାଇଛି । ବିଦ୍ୟୁତକରଣ, କୂପଖନନ ଆଦି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ଭୂମିହୀନଙ୍କୁ ଭୂମି ବଣ୍ଟନ କାର୍ଯ୍ୟକ୍ରମ ଅନୁଯାୟୀ ଶ୍ରୀ ଅର୍ଜୁନ ବେହେରାଙ୍କୁ ଜମିପଟ୍ଟା ଦିଆଯାଇଛି ଓ ବାର୍ଦ୍ଧକ୍ୟଭତ୍ତା ଯୋଜନା ଅନୁଯାୟୀ ଶ୍ରୀ ଗୋପୀନାଥ ମିଶ୍ରଙ୍କୁ ବାର୍ଦ୍ଧକ୍ୟଭତ୍ତା ପ୍ରଦାନ କରାଯାଇଛି । ନିରକ୍ଷରତା ଦୂରୀକରଣକୁ ଆଖି ଆଗରେ ରଖି ସେଠାରେ ଗଢ଼ିଉଠିଛି ଏକ ପ୍ରୌଢ଼ ଶିକ୍ଷା କେନ୍ଦ୍ର । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବୟସ୍କା ସ୍ତ୍ରୀ ପୁରୁଷମାନେ ଆଗ୍ରହରେ ଶିକ୍ଷା ଗ୍ରହଣ କରୁଛନ୍ତି । ବିଶେଷ କରି ଯୁବକ ସଙ୍ଘର ସଭ୍ୟମାନେ ସେମାନଙ୍କର ସମ୍ମିଳିତ ଉଦ୍ୟମରେ ଏକ ସୁ ବିସ୍ତୃତ ରାସ୍ତା ତିଆରି କରି ପାରିଛନ୍ତି ଓ ଗ୍ରାମରାସ୍ତାକୁ ବିଜୁଳି ଆଲୋକରେ ଆଲୋକିତ କରିଛନ୍ତି ।

ଗ୍ରାମବାସୀମାନଙ୍କର ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଚିନ୍ତାଧାରା ଅତି ଉଚ୍ଚକୋଟିର । ପ୍ରତିବର୍ଷ ଗାଁରେ ଦୋଳ, ଦଶହରା, କୁମାର ଉତ୍ସବ, ରଜପର୍ବ, ଶୀତଳଷଷ୍ଠୀ, ଗଣେଶପୂଜା, ସରସ୍ୱତୀପୂଜା ପ୍ରଭୃତି ପର୍ବପର୍ବାଣୀ ମହାସମାରୋହରେ ପାଳନ କରାଯାଇଥାଏ ।

ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ଗାଁ ରେ ବିଭିନ୍ନ ସାମାଜିକ, ପୌରାଣିକ ଓ ଐତିହାସିକ ନାଟକମାନ ମଞ୍ଚସ୍ଥ କରାଯାଇଥାଏ । ଗାଁ ର ଶିଶୁ କଳାକାରମାନଙ୍କ ଅଭିନୟ ଦର୍ଶକ ମଣ୍ଡଳୀଙ୍କୁ ବିମୁଗ୍ଧ କରିଥାଏ ।

ଗତ ମାର୍ଚ୍ଚମାସରେ ଏହିଗ୍ରାମରେ ଜିଲ୍ଲା ସ୍ତରୀୟ ପଲ୍ଲୀଶ୍ରୋତା ମଣ୍ଡଳୀ ସେମିନାର ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ମଧ୍ୟ ଏକ ବିରାଟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଦର୍ଶନୀରେ କୃଷି ଯନ୍ତ୍ରପାତି, ଜିଲ୍ଲା କୃଷି ଇଞ୍ଜିନିୟରିଂ ସଂସ୍ଥା, ଶସ୍ୟ ସଂରକ୍ଷଣ ସଂସ୍ଥା, କୃଷି ବିଭାଗ, ଲୋକସଂପର୍କ, ଖେତ୍ରପ୍ରସ୍ତୁତ, ବିଭିନ୍ନ ମହିଳା ସମିତି ଓ ସାକ୍ଷୀଗୋପାଳ ନଡ଼ିଆ ଫାରମ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ମନୋରଞ୍ଜନ କାର୍ଯ୍ୟରେ ଗ୍ରାମବାସୀମାନେ

ଅତ୍ୟନ୍ତ ଉତ୍‌ଫୁଲ୍ଲ ହୋଇପଡିଥିଲେ । ଓଡିଶାର ରାଜସ୍ୱବିଭାଗ ମନ୍ତ୍ରୀ ଓ ପୁରୀଜିଲ୍ଲାର ଜିଲାପାଳ ଏହି ଉତ୍ସବରେ ମୁଖ୍ୟ ଅତିଥି ଓ ଉଦ୍‌ଘାଟକରୂପେ ଯୋଗଦେଇ ଗ୍ରାମବାସୀ ଓ ଯୁବକମାନଙ୍କର ଏହିପରି ଉଦ୍ୟମକୁ ବହୁ ପ୍ରଶଂସା କରିଥିଲେ ।

ସରକାରଙ୍କର ଯେଉଁସବୁ ପ୍ରଗତିଶୀଳ ଯୋଜନା କାର୍ଯ୍ୟକାରୀ ହେଉଛି ସେଥିରେ ରୂପଦେଇପୁର ସର୍ବଦା ଏକ ମୁଖ୍ୟ ଅଂଶ ଗ୍ରହଣ କରି ଆସିଛି । ଏହାର ଉଦାହରଣ ଆଜି ଅନ୍ୟମାନଙ୍କୁ ପ୍ରଭାବିତ କରି ଏକ ସମୃଦ୍ଧିଶାଳୀ ଓଡ଼ିଶା ଗଠନରେ ସାହାଯ୍ୟ କରିବାକୁ ଆମେ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ।

ଜିଲ୍ଲା ଲୋକସଂପର୍କ ଅଧିକାରୀ ପୁରୀ

## ଆନ୍ତଃଜିଲ୍ଲା ଧାନ ଚାଉଳ ଚଳାଣ ନିୟନ୍ତ୍ରଣ ଆଦେଶନାମା ପ୍ରତ୍ୟାହାର କରି ନିଆଗଲା

ରାଜ୍ୟ ସରକାର ୧୯୬୭ ମଇ ୧୮ ତାରିଖରେ ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ଏକ ନିର୍ଦ୍ଦେଶନାମାରେ ୧୯୬୩ ମସିହା ଓଡ଼ିଶା ଧାନ ଚାଉଳ (ଆନ୍ତଃଜିଲ୍ଲା ଚଳାଣ ନିୟନ୍ତ୍ରଣ) ଆଦେଶନାମାକୁ ପ୍ରତ୍ୟାହାର କରି ନିଆଯିବା ସଙ୍ଗେ ସଙ୍ଗେ ରାଜ୍ୟର ସୀମା ନିକଟବର୍ତ୍ତୀ ୮ କିଲୋମିଟର ଅଞ୍ଚଳକୁ ବାଦଦେଇ ଅନ୍ୟ ସମସ୍ତ ଅଞ୍ଚଳରେ ଧାନ ଚାଉଳ ଅବାଧ ଭାବେ ଯା' ଆସ କରିପାରିବ ବୋଲି ଆଦେଶ ଦେଇଛନ୍ତି । ବିଭିନ୍ନ ଜିଲ୍ଲାର କେତେକ ସ୍ଥାନରେ ଅବାଧ ଭାବେ ଧାନ ଚାଉଳ ନେବା ଆଣିବା କରିବା ପାଇଁ ଅନୁମତି ଦିଆଯାଉ ନଥିବା ବିଷୟରେ କେତେକ ଅଭିଯୋଗ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି । ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଧାନ ଚାଉଳ ଅବାଧ ଭାବେ ନେବା ଆଣିବା କରିବାର ଅନ୍ତର୍ଗତ ବ୍ୟବସ୍ଥା ସଂପର୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିମ୍ନୋକ୍ତ ସ୍ପଷ୍ଟୀକରଣ ଦିଆଗଲା:—

୧୯୬୩ ମସିହା ଓଡ଼ିଶା ଧାନ ଚାଉଳ (ଆନ୍ତଃ ଜିଲ୍ଲା ଚଳାଣ ନିୟନ୍ତ୍ରଣ) ଆଦେଶନାମା ପ୍ରତ୍ୟାହାର କରି ନିଆଯାଇଥିବା ଦୃଷ୍ଟିରୁ ରାଜ୍ୟ ସୀମାର ୮ କିଲୋମିଟର ପରିମିତ ଅଞ୍ଚଳକୁ ବାଦ ଦେବା ପରେ ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଧାନ ଚାଉଳ ନେବା ଆଣିବା କରିବାରେ ଆଉ କୌଣସି କଟକଣା ନାହିଁ । ସେ ଯାହା ହେଉନା କାହିଁକି; ଅଦ୍ୟାବଧି ବଳବତ୍ତର ଥିବା ୧୯୬୫ ମସିହା ଓଡ଼ିଶା ଧାନ ଓ ଚାଉଳ ନିୟନ୍ତ୍ରଣ ଆଦେଶନାମା ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ପରିମାଣଠାରୁ ଅଧିକ ଧାନ ଚାଉଳ ମହଜୁଦ୍ କରି ରଖିବା ଉପରେ କେତେକ କଟକଣା ରହିଛି । ଉକ୍ତ ଆଦେଶନାମା ଅନୁଯାୟୀ କୌଣସି ବ୍ୟକ୍ତି, ଏପରିକି ରାଜ୍ୟ ମଧ୍ୟରେ ୧୦ କୁଇଣ୍ଟାଲରୁ ଅଧିକ ଧାନ କିମ୍ବା ଚାଉଳ ମହଜୁଦ୍ କରି ରଖିଲେ ତାଙ୍କୁ ଜିଲ୍ଲାପାଳ କିମ୍ବା ଖାଦ୍ୟ ଓ ଯୋଗାଣ ବିଭାଗର କ୍ଷମତାପନ୍ନ ପଦାଧିକାରୀଙ୍କ ନିକଟରୁ ଏକ ଡିଲର ଲାଇସେନ୍‌ସ ଓ ଆବଶ୍ୟକ ପରମିଟ୍ ହାସଲ କରିବାକୁ ପଡ଼ିବ । ଏହି ଆଇନର ବ୍ୟବସ୍ଥାନୁଯାୟୀ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିମ୍ବା ଚାଉଳ ମହଜୁଦ୍ କରି ରଖିଥିବା ଯେ କୌଣସି ବ୍ୟକ୍ତି ଉପଯୁକ୍ତ ପ୍ରମାଣ ଦର୍ଶାଇ ନ ପାରିଲେ ତାଙ୍କୁ ଜଣେ ଡିଲର ବୋଲି ଧରି ନିଆଯିବ । ଏହି ବ୍ୟବସ୍ଥାଗୁଡ଼ିକର ସାରମର୍ମ ହେଉଛି, କୌଣସି ବ୍ୟକ୍ତି ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଏକକାଳୀନ ୧୦ କୁଇଣ୍ଟାଲରୁ ଅଧିକ ଧାନ କିମ୍ବା ଚାଉଳ ନେବାକୁ ଚାହିଁଲେ ତାଙ୍କୁ ସଂପୃକ୍ତ ଜିଲ୍ଲାଗୁଡ଼ିକରୁ ଡିଲର ଲାଇସେନ୍‌ସ ସମେତ ପାଇକାରୀ ଧାନ ଚାଉଳ କାରବାର ସଂକ୍ରାନ୍ତ ପରମିଟ୍ ହାସଲ କରିବାକୁ ପଡ଼ିବ । ତେବେ ୧୦ କୁଇଣ୍ଟାଲ କିମ୍ବା ତହିଁରୁ କମ୍ ପରିମାଣରେ ଧାନ ଚାଉଳ ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ନେବା ଆଣିବା କରିବା ଲାଗି ଏଭଳି କୌଣସି ଲାଇସେନ୍‌ସ ବା ପରମିଟ୍‌ର ଆବଶ୍ୟକତା ନାହିଁ । ସେ ଯାହାହେଉନା କାହିଁକି, ଜଣେ କୃଷକ କିମ୍ବା ଜମି ମାଲିକଙ୍କ ପାଇଁ ଏହି ବ୍ୟବସ୍ଥାଗୁଡ଼ିକ ଲାଗୁ ହେବ ନାହିଁ । ସେମାନେ ନିଜ ନିଜର ଜମିରୁ ଉତ୍ପନ୍ନ ଦ୍ରବ୍ୟଗୁଡ଼ିକ ରାଜ୍ୟ ମଧ୍ୟରେ ଅବାଧରେ ନେବା ଆଣିବା କରିପାରିବେ, ଯଦିଓ ସଂପୃକ୍ତ ଦ୍ରବ୍ୟଗୁଡ଼ିକ ତାଙ୍କ ନିଜ ଜମିରୁ ଉତ୍ପନ୍ନ ହୋଇଛି ବୋଲି ସେମାନଙ୍କୁ ପ୍ରମାଣ ଦର୍ଶାଇବାକୁ ପଡ଼ିବ ।

ଏହି ସ୍ପଷ୍ଟୀକରଣ ଦିଆଯିବା ଫଳରେ ରାଜ୍ୟ ମଧ୍ୟରେ ଧାନ ଚାଉଳ ଅବାଧ କାରବାର କରିବା ଦିଗରେ ଏହା ସହାୟକ ହେବ ବୋଲି ରାଜ୍ୟ ସରକାର ଆଶା କରନ୍ତି ।

# ଉତ୍କଳ ଗୌରବ ମଧୁସୂଦନ ଏବଂ ଓଡ଼ିଶାରେ ନାରୀଶିକ୍ଷା

ଅଧ୍ୟାପକ ଚାନ୍ଦେଶ୍ୱର ସାହୁ

ସମ୍ପ୍ରତି ଦେଶରେ ଜାଗରଣ ପର୍ବ ଆରମ୍ଭ ହୋଇଛି । ତନ୍ମଧ୍ୟରେ ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ନାରୀ-ସମାଜର ଅଗ୍ରଗତି ଉଲ୍ଲେଖଯୋଗ୍ୟ । ଗର୍ବ ଓ ଗୌରବର ବିଷୟ ଏହିଯେ ଓଡ଼ିଶାରେ ନାରୀସମାଜର ଉଚ୍ଚଶିକ୍ଷାର ପ୍ରଥମ ସୂତ୍ରପାତ କରିଥିଲେ ଓଡ଼ିଆ ଜାତିର ବରେଣ୍ୟ ପ୍ରାଣ ପ୍ରତିଷ୍ଠାତା, ମହାନ୍ ବିପ୍ଳବୀ ପୁରୁଷ, ଓଡ଼ିଶାର "ମୁକୁଟ ବିହୀନ ସମ୍ରାଟ", ଉତ୍କଳ ଗୌରବ ମଧୁସୂଦନ ।

ସେ ଥିଲେ ଓଡ଼ିଶାର ସର୍ବପ୍ରଥମ ଗ୍ରାଜୁଏଟ୍ ଓ ସର୍ବ ପ୍ରଥମ ଏମ୍. ଏ. । ପ୍ରଥମ ଓଡ଼ିଆ ଆଡ୍‌ଭୋକେଟ୍ ଓ ୟୁରୋପକୁ ପ୍ରଥମ ଓଡ଼ିଆ ଯାତ୍ରୀ । ପ୍ରାଦେଶିକ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ । ଇମ୍ପେରିଆଲ୍ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ପରିତ୍ୟାଗ କରିବାରେ ସର୍ବ ପ୍ରଥମ ଭାରତୀୟ ମନ୍ତ୍ରୀ । ଭାରତର ପ୍ରଥମ ଗ୍ରାଜୁଏଟ୍ ଏତେ କାମ କେହିଁଠି କରି ନାହାନ୍ତି— ଯାହା ସେ କରିଛନ୍ତି ।

ମହାତ୍ମାଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନର ବହୁ ପୂର୍ବରୁ ସେ ସ୍ୱଦେଶୀ ଆନ୍ଦୋଳନର ପ୍ରବର୍ତ୍ତକ ଥିଲେ ଏବଂ ତାହା ସମଗ୍ର ଭାରତକୁ ପ୍ରଭାବିତ କରିଥିଲା । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହର ୪୭ ବର୍ଷ ପୂର୍ବରୁ ସେ ଲୁଣମରା ଆନ୍ଦୋଳନର ପ୍ରଥମ ସୂତ୍ରପାତ କରି-ଥିଲେ । ଭାଷା ଭିତ୍ତିରେ ପ୍ରଦେଶ ଗଠନ ପ୍ରସ୍ତାବ ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ପ୍ରଥମେ ପ୍ରଦାନ କରିଥିଲେ, ଯାହାକୁ ଭାରତୀୟ ଜାତୀୟ କଂଗ୍ରେସ ନୀତିଗତଭାବେ ଗ୍ରହଣ କରିଥିଲା । ତାଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ସର୍ବ ପ୍ରଥମେ ଉଚ୍ଚ ବାଳିକା ବିଦ୍ୟାଳୟ ଓ ତାଙ୍କ ପ୍ରେରଣାରେ ଓଡ଼ିଶାରେ ସର୍ବ ପ୍ରଥମେ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଯାହାକି ଦିନେ ତାଙ୍କର ସୁରମ୍ୟ ବାସଭବନ ଥିଲା, ଯେଉଁଠାରେ କି ଜାତୀୟ ଜୀବନର ଓ ଉତ୍କଳର ସର୍ବାଙ୍ଗୀନ ଉନ୍ନତିର ଏକଦା କେନ୍ଦ୍ର କାର୍ଯ୍ୟାଳୟ ଥିଲା, ସେହି ପବିତ୍ର 'ମଧୁସ୍ମୃତି'



ଭବନରେ ଓଡ଼ିଶାର ସର୍ବପ୍ରଥମ ମହିଳା ମହାବିଦ୍ୟାଳୟ ନାରୀ ଜାତିକୁ ଉଚ୍ଚଶିକ୍ଷିତ କରିବାକୁ (ସେହି) ମହାନ ଐତିହାସିକ ପୃଷ୍ଠଭୂମିରେ ଏବେ ବି କର୍ମ ମୁଖର । ସୁତରାଂ ଓଡ଼ିଶାରେ ନାରୀ ଶିକ୍ଷାର ସେ ଥିଲେ ପ୍ରଥମ ଓ ପ୍ରଧାନ ପୃଷ୍ଠ ପୋଷକ । ତାଙ୍କର ଜାତିପ୍ରେମ ସମଗ୍ର ବିଶ୍ୱରେ ବିରଳ । ସର୍ବୋପରି ସେ ଥିଲେ ଉତ୍କଳୀୟ ଜାତୀୟତାର ଜନକ, ନବ ଉତ୍କଳର ନିର୍ମାତା, ଯୋଗଜନ୍ମା ମନସ୍ୱୀ, କୃତବିଦ୍ୟ ନରୋତ୍ତମ, ଶତାବ୍ଦୀ ସୂର୍ଯ୍ୟ, ଅଲୌକିକ ପ୍ରତିଭା, ଓଡ଼ିଆଜାତିର ମଉଡ଼ମଣି, ଉତ୍କଳ ଗୌରବ ମଧୁସୂଦନ ।

ମହାତ୍ମାଗାନ୍ଧୀଙ୍କୁ ଛାଡ଼ି ଭାରତୀୟ ଜାତୀୟତାର ସ୍ଥିତି ଯେଉଁଭଳି ଚିନ୍ତା କରି ହେବ ନାହିଁ, ସେହିଭଳି ମଧୁସୂଦନଙ୍କୁ ଛାଡ଼ି ଉତ୍କଳୀୟ ଜାତୀୟତାର ସ୍ଥିତି ସୁଦ୍ଧା କଳ୍ପନା କରି ହେବ ନାହିଁ । ଯଥାର୍ଥରେ ସେ ଥିଲେ 'ଉତ୍କଳର ଗାନ୍ଧୀ' । ବିଲାତର ତତ୍କାଳୀନ ପ୍ରଧାନ ମନ୍ତ୍ରୀ ରାମ୍‌ସେ ମାକ୍‌ଡୋନାଲ୍ଡଙ୍କ ଭାଷାରେ ସେ ଥିଲେ ଓଡ଼ିଶାର 'ମୁକୁଟ ବିହୀନ ସମ୍ରାଟ୍' ।

ଓଡ଼ିଆ ଜାତିର 'ମୁକୁଟ ବିହୀନ ସମ୍ରାଟ୍' ଉତ୍କଳ ଗୌରବ ମଧୁସୂଦନ ଫରାସୀ ଜାତିର ଚକ୍ରବର୍ତ୍ତୀ ନେପୋଲିୟନଙ୍କ ପରି ସ୍ତ୍ରୀ ଶିକ୍ଷା ଜାତି ଗଠନରେ ଏକାନ୍ତ ଆବଶ୍ୟକ ବୋଲି ସ୍ପଷ୍ଟ ପ୍ରତିପାଦନ କରିଥିଲେ । ସେ କହିଥିଲେ ସ୍ତ୍ରୀ ଜାତିର ଶିକ୍ଷାଭିନ୍ନ ଜାତିର ଉନ୍ନତି ସମ୍ଭବ ନୁହେଁ । ଆଧୁନିକ ଶିକ୍ଷାରେ ଚରିତ୍ର ଗଠନ ସମ୍ଭବ ହେଉ ନାହିଁ । ସେ କହିଥିଲେ, ତାହାର କାରଣ ସ୍ତ୍ରୀ ଶିକ୍ଷାର ଅଭାବ । ତାଙ୍କର ଯୁକ୍ତି ଅତି ମନୋଜ୍ଞାର । ତାଙ୍କ ମତରେ ଜାତି ନଦୀ ସ୍ରୋତ ପରି । ସ୍ତ୍ରୀ ଜାତି ନଦୀର ଉତ୍ପତ୍ତି ସ୍ଥାନ ବା ମୂଳ ଝରଣା ସଦୃଶ । ନଦୀ ସ୍ରୋତ ନଦୀର ଉତ୍ପତ୍ତି ସ୍ଥାନ ଠାରୁ ଉଚ୍ଚକୁ ବହି ନ ପାରେ । ଏହାର ପାଣି ଝରଣା ପାଣିଠାରୁ ନିର୍ମଳତର ହୋଇ ନ ପାରେ । ସେହିପରି ଜାତି ତାର ମାତା ଠାରୁ ଉପରକୁ ଯାଇ ନ ପାରେ । କାରଣ ସେହି ମାନେହିଁ ଉତ୍ସ ଯାହାକି ଜାତିର ରକ୍ତକୁ ପୁଷ୍ଟ କରେ । ଏହି ରକ୍ତ ହିଁ ଜାତି ହୃଦୟରେ ପ୍ରବାହିତ । ଜାତିର ସମସ୍ତ ସଦ୍‌ଗୁଣର ଆଧାର ହେଉଛନ୍ତି ନାରୀ ।

ଏହିଭଳି ଅନେକ ଅକାଟ୍ୟ ଯୁକ୍ତି ବାଢି ସେ ନାରୀ ଶିକ୍ଷାର ଆବଶ୍ୟକତା ପ୍ରତିପାଦନ କରିଛନ୍ତି । ସେ କହିଥିଲେ 'ଧନ ଓ ବିଦ୍ୟା ମନୁଷ୍ୟ ଜୀବନ ଯାତ୍ରାରେ ବହୁମୂଲ୍ୟ ଅସ୍ତ୍ର ସ୍ୱରୂପ' । ଏହି ଦୁଇ ଅସ୍ତ୍ରଦ୍ୱାରା ମନୁଷ୍ୟ ତାର ଉନ୍ନତି ପଥରେ ସମସ୍ତ ବାଧାବିଘ୍ନ ବିନାଶ କରି ଅଗ୍ରସର ହେଉଅଛି । ଯେଉଁ ଜାତି ଏ ପ୍ରକାର ଦୁଇ ଅସ୍ତ୍ରକୁ ସ୍ତ୍ରୀ ରୂପିଣୀ ଲକ୍ଷ୍ମୀ-ସରସ୍ୱତୀ ରୂପରେ ପୂଜା କରୁ ଅଛନ୍ତି—ସେମାନେ ଯେ ସ୍ତ୍ରୀ ଶିକ୍ଷାର ବିରୋଧୀ ହେବେ—ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ । ତତ୍‌କାଳୀନ ସମାଜ ନାରୀ ଶିକ୍ଷାପ୍ରତି କେବଳ ଉଦାସୀନ ନ ଥିଲା, ଅନେକ ନାରୀ ଶିକ୍ଷାର ବିରୋଧ କରୁଥିଲେ । ଏହିଭଳି ଏକ ନିଷ୍ପ୍ରାଣ ପୃଷ୍ଠଭୂମିରେ ଏବଂ ଅନେକ କ୍ଷେତ୍ରରେ ବିରୋଧ ପରିବେଶରେ ମଧୁସୂଦନ ସ୍ତ୍ରୀ ଶିକ୍ଷାର ପ୍ରଚଳନ କରୁଥିଲେ । ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରେ ଯେଉଁ ବାଳିକା ବିଦ୍ୟାଳୟ ରହିଅଛି ତାହା ସେ ପ୍ରତିଷ୍ଠା କରିଥିଲେ । ସେ ଗ୍ରାମର ଗ୍ରାମବାସୀ ଗୃହବାସାଦିରେ ଜୀବିକା ନିର୍ବାହ କରନ୍ତି । ଏହିଭଳି ଏକ ପଲ୍ଲୀ ଗ୍ରାମରେ, ଯେଉଁଠି ଝିଅ ଜନମ ଚୁଲି ମୁଣ୍ଡକୁ' ଧାରଣା ଥାଏ, ସେଠାରେ ବାଳିକା ସ୍କୁଲକୁ ଯେଉଁ ବାପା ମା ମାନେ ଝିଅମାନଙ୍କୁ ପଢିବାକୁ ପଠାଉଥିଲେ, ମଧୁବାବୁ ସେମାନଙ୍କୁ ଟଙ୍କାପଇସା ଦେଇ ଉତ୍ସାହିତ କରୁଥିଲେ । ଯେପରି ପରିବାର ନିୟନ୍ତ୍ରଣ ସମ୍ବନ୍ଧୀୟ ଅପରେସନ ହେଲେ ସରକାର ଟଙ୍କା ଦେଇ ଉତ୍ସାହିତ କରୁଛନ୍ତି ।

ନାରୀ ଶିକ୍ଷାର ଆବଶ୍ୟକତାକୁ ସେ ଆଉ ଏକ ଦୃଷ୍ଟାନ୍ତରେ ପ୍ରାଞ୍ଜଳଭାବେ ବୁଝାଇଛନ୍ତି । ସେ କହିଥିଲେ 'ବାଲ୍ମୀକି ଓ ବେଦବ୍ୟାସଙ୍କ କଳ୍ପନା ଶକ୍ତିକୁ ଦୁଇଗୋଟି ସ୍ତ୍ରୀ ଚରିତ୍ର ଜାଗ୍ରତ ଓ ଗଳିତ କରିଥିଲେ । ସୀତା ନ ଥିଲେ ରାମାୟଣ ହୋଇ ନ ଥାଆନ୍ତା । ସେହିପରି ଦ୍ରୌପଦୀ ନ ଥିଲେ ମହାଭାରତ ହୋଇ ନ ଥାନ୍ତା' ।

ନାରୀଶିକ୍ଷା ପୃଥିବୀର ଅନ୍ୟ ଦେଶରେ କିଭଳି ଇତିହାସ ସୃଷ୍ଟି କରିଛି ଓ ସଭ୍ୟତାକୁ ସମୃଦ୍ଧ କରିଛି ତାର ଉଦାହରଣ ଦେଇ ସେ କହିଥିଲେ, 'ଇଂଲଣ୍ଡ ବର୍ତ୍ତମାନ ଯୁଗରେ ଯେଉଁ ଖ୍ୟାତି ଲାଭ କରିଅଛି ତାହା ସେ ଦେଶର ଦୁଇଜଣ ରାଣୀ ଏଲିଜାବେଥ୍ ଓ ଭିକ୍ଟୋରିଆଙ୍କ ଦ୍ୱାରା ହୋଇଅଛି । ଏଲିଜାବେଥ୍‌ଙ୍କ ରାଜତ୍ୱ ସମୟରେ ଇଂଲଣ୍ଡର ପ୍ରତାପ, ଐଶ୍ୱର୍ଯ୍ୟ ଓ ଜ୍ଞାନର ଆରମ୍ଭ ହେଲା, ସେହି ସମୟରୁ ଇଂଲଣ୍ଡର ଉନ୍ନତି-ରବି ଉଦୟ ହୋଇ ଭିକ୍ଟୋରିଆଙ୍କ ରାଜତ୍ୱ ସମୟରେ ତାହାର ମଧ୍ୟାହ୍ନ ଜ୍ୟୋତି ପୃଥିବୀର ଚତୁର୍ଦ୍ଦିଗରେ ବିକୀରଣ କଲା' ।

ମଧୁସୂଦନ ପୃଥିବୀ ଇତିହାସରୁ ଯେଉଁଭଳି ବଳିଷ୍ଠ ଉଦାହରଣ ଉଦ୍ଧାର କରିଛନ୍ତି ସେଥିରୁ ସେ କିପରି ସ୍ତ୍ରୀ ଶିକ୍ଷାର ସମର୍ଥକ ଥିଲେ ସ୍ପଷ୍ଟ ପ୍ରମାଣିତ ହୁଏ ।

ଶିଶୁ ମାତା ନିକଟରୁ ଅନେକ ବିଷୟ ଶିଖାଇଥାଏ କରେ । ୟୁରୋପର ସଭ୍ୟଦେଶମାନଙ୍କର ଉଦାହରଣ ଦେଇ ସେ କହିଥିଲେ, ସେ ଦେଶର ସଭ୍ୟଜାତିରେ ବାଳକ ବାଳିକା ମାନେ ସାତ ଆଠ ବର୍ଷ ବୟସରେ ଯେଉଁ ସବୁକଥା ଜାଣନ୍ତି, ଆମ ଦେଶରେ ବି. ଏ. କ୍ଲାସରେ ପଢୁଥିବା ଯୁବକମାନେ ଜାଣନ୍ତି ନାହିଁ । ତାହାର କାରଣ ଯେ, ସେମାନଙ୍କ ମାତାମାନେ ସୁଶିକ୍ଷିତା । ସେ ପୁଣି କହିଥିଲେ ଆମଦେଶରେ ଯେଉଁ ଶିକ୍ଷା ଦିଆଯାଉଅଛି ତାହା ବିଲାତର ଶିକ୍ଷା ଅପେକ୍ଷା ନିକୃଷ୍ଟ ଅଟେ । ଏହି କାରଣରୁ ଅନେକ ଲୋକ ବିଲାତକୁ ଶିକ୍ଷା ନିମନ୍ତେ ଯାଉଛନ୍ତି । ଅବଶ୍ୟ ଏହି ଯୁକ୍ତି ତତ୍‌କାଳୀନ ସାମାଜିକ ଅବସ୍ଥାକୁ ବିଶେଷ ପ୍ରାସଙ୍ଗିକ ଥିଲା ।

ବର୍ତ୍ତମାନ ଶିକ୍ଷାରେ ଚରିତ୍ର ଗଠନ ହେଉନାହିଁ ବୋଲି ଅନେକ ଅନୁଭବ କରନ୍ତି । ଏହାର ମୁଖ୍ୟ କାରଣ ସ୍ତ୍ରୀ ଶିକ୍ଷାର ଅଭାବ । ଏ ପ୍ରକାର ଦେଖାଯାଏ, ଶିଶୁ ପୀଡ଼ିତ, ପିତା ସୁଶିକ୍ଷିତ, ସେ ଡାକ୍ତରଆଣି ଚିକିତ୍ସା କରିବାକୁ ଚାହେଁ । ମାତା ଅଶିକ୍ଷିତା, ସେ ଗୁଣିଆ ଆଣି ଝାଡ଼ିବାକୁ ଚାହେଁ । ଏପରି ବିପଦ ଅବସ୍ଥାରେ ମାତା ପିତାଙ୍କର ମତଭେଦ ହେତୁରୁ ହତଭାଗ୍ୟ ଶିଶୁ

ଉପଯୁକ୍ତ ଚିକିତ୍ସା ଅଭାବରେ ପ୍ରାଣତ୍ୟାଗ କରେ । ଏହା ଅପେକ୍ଷା ଅଧିକ ଶୋଚନୀୟ ଅବସ୍ଥା କଳ୍ପନା କରିବା ଅସମ୍ଭବ ।

ସେ ନାରୀ ଶିକ୍ଷାର କେବଳ ପ୍ରବକ୍ତା ନଥିଲେ, ଥିଲେ ସଂସ୍ଥାପକ । ମଧୁସୂଦନଙ୍କ ପ୍ରଯତ୍ନରେ ମିସ୍ ଶୈଳବାଳା ଦାସ କଲିକତାର ବେଥୁନ୍ କଲେଜରୁ ଶିକ୍ଷାଲାଭ କରିଥିଲେ । ଓଡ଼ିଶାର ମିସ୍ ନିର୍ମଳା ନାୟକ ଯେକି ମଧୁସୂଦନଙ୍କ ପ୍ରେରଣାରେ ପ୍ରତିଷ୍ଠିତ ଉଚ୍ଚବାଳିକା ବିଦ୍ୟାଳୟର ପ୍ରିନ୍‌ସିପାଲ୍ ଥିଲେ, ସେ ତାଙ୍କର ଅକୁଣ୍ଠ ସାହାଯ୍ୟ ଓ ପ୍ରେରଣାରେ ଉଚ୍ଚଶିକ୍ଷାଲାଭ କରିଥିଲେ । ମଧୁସୂଦନ ମିସ୍ ଶୈଳବାଳା ଦାସଙ୍କୁ ମଧ୍ୟ ବିଲାତ୍ ପଠାଇ ଥିଲେ–ସେ କି ବିଲାତର ରାଜା ଏଡ୍‌ୱାର୍ଡ ଓ ରାଣୀ ଆଲେକ୍‌ଜାଣ୍ଡ୍ରାଙ୍କୁ ସର୍ବପ୍ରଥମେ ଭାରତୀୟ ନାରୀର ପୋଷାକ 'ଶାଢ଼ୀ' ପିନ୍ଧି, ଭାରତୀୟ ପରମ୍ପରାରେ 'ପ୍ରଣାମ' କରି ଭାରତୀୟ ସଂସ୍କୃତିକୁ ବଜାୟ ରଖିଥିଲେ ଏବଂ ତାଙ୍କ ଯୋଗୁଁ ସେହିଦିନୁ 'ଶାଢ଼ୀ' କୋର୍ଟ ପୋଷାକ ରୂପେ ସ୍ୱୀକୃତ ହେଲା ଓ ବିଲାତର କୋର୍ଟ ରେଗୁଲେସନ୍ ପରିବର୍ତ୍ତନ କରାଗଲା ।

ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା । ଶୈଳବାଳାଙ୍କ ସାନ ଭଉଣୀ ସୁଧାଂଶୁବାଳା ମଧୁସୂଦନଙ୍କ ପାଖରେ ରହି, ତାଙ୍କ ଓକିଲାତି ଖାନାରୁ ଶିକ୍ଷାଲାଭ କରି ମଧୁସୂଦନଙ୍କ ପ୍ରେରଣାରେ ଓକିଲାତି ପରୀକ୍ଷାରେ ପାଶ୍ କଲେ । ସେତେବେଳକୁ ଭାରତରେ ୧୮୭୯ ମସିହାର 'ଲିଗାଲ୍ ପ୍ରାକ୍‌ଟିସନରସ୍ ଆକ୍ଟ' ରେ ମହିଳା ମାନଙ୍କୁ ଓକିଲାତି କରିବାକୁ ନିଷେଧ ଥିଲା । ଅଥଚ ବିଲାତରେ ୧୯୧୯ରୁ 'ସେକସ୍ ଡିସ୍‌କ୍ୱାଲିଫିକେସନ୍ ରିମୁଭାଲ ଆକ୍ଟ' ଗୃହୀତ ହୋଇ ସାରିଥିଲା । ଭାରତର ଶିକ୍ଷିତା ନାରୀ ସମାଜକୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରିବା ଦ୍ୱାରା ସେମାନଙ୍କ ପ୍ରତି ଯେଉଁ ଅନ୍ୟାୟ କରାଯାଇଥିଲା ମଧୁସୂଦନ ତା'ର ପ୍ରତିକାର କରିବାକୁ ଲାଗିପଡ଼ିଲେ । ପ୍ରଥମେ କଲିକତା ହାଇକୋର୍ଟରେ ଫୁଲ୍ ବେଞ୍ଚରେ ଆବେଦନ ଅଗ୍ରାହ୍ୟ ହେଲା, ପୁଣି ପାଟଣା ହାଇକୋର୍ଟରେ ଅଗ୍ରାହ୍ୟ ହେଲା, ତା ପରେ ଲଣ୍ଡନରେ ଥିବା ପ୍ରିଭି କାଉନ୍‌ସିଲ୍‌ରେ ଅପିଲ୍ କରିବାକୁ ହାଇକୋର୍ଟଙ୍କ ଅନୁମତି ମାଗି ପାଇଲେ ନାହିଁ । ଏହାପରେ ପ୍ରିଭି କାଉନ୍‌ସିଲ୍‌ର ଜୁଡ଼ିସିଆଲ୍ କମିଟି ପାଖରେ ଆପତ୍ତି କରି ଅପିଲ ପାଇଁ ଅନୁମତି ପାଇ ସର୍ବଶେଷରେ ଜୟଯୁକ୍ତ ହେଲେ । ସୁଧାଂଶୁବାଳା ଓକିଲାତି କରିବାକୁ ସୁଯୋଗ ପାଇବା ସଙ୍ଗେ ସଙ୍ଗେ ସବୁଦିନ ପାଇଁ ସମଗ୍ର ଭାରତର ମହିଳା ମାନଙ୍କ ପାଇଁ ଏହି ସୁଯୋଗର ଦ୍ୱାର ଖୋଲିଗଲା' ।

ମହାପୁରୁଷ ମାନେ ପ୍ରଥମେ ସତ୍ୟର ଉପଲବ୍ଧି କରନ୍ତି । ଦ୍ୱିତୀୟରେ ତାକୁ ବିଶ୍ୱର ଧାରାରେ ପ୍ରକାଶ କରନ୍ତି ଓ ତୃତୀୟରେ ତାହା କାର୍ଯ୍ୟକାରୀ କରିବାକୁ ଉପାୟ ଅବଲମ୍ବନ କରନ୍ତି । ଦୂରଦ୍ରଷ୍ଟା ମଧୁସୂଦନ ଉପଲବ୍ଧି କରିଥିଲେ ଯେ ଦେଶର ଉନ୍ନତି ପାଇଁ ମହିଳା ମାନେ ଶିକ୍ଷିତା ହେବା ଏକାନ୍ତ ଆବଶ୍ୟକ । କାରଣ ସୁଶିକ୍ଷିତା ମା'ମାନେ ନଥିଲେ ଦେଶ କେବେ ଆଗେଇ ପାରିବ ନାହିଁ । ଏଣୁ ନାରୀମାନଙ୍କୁ ସମାଜର ବାଧା ବନ୍ଧନରୁ ମୁକ୍ତିଦେଇ ପୁରୁଷ ମାନଙ୍କ ସହିତ ସମାନ ଆସନରେ ପ୍ରତିଷ୍ଠିତ କରାଇବା ତାଙ୍କର ପ୍ରଧାନ ଅଭିମୁଖ୍ୟ ଥିଲା । ତାଙ୍କ ପ୍ରେରଣାରେ ମିସ୍ ଶୈଳବାଳା ଦାସ୍ 'ହିନ୍ଦୁ ବିଧବା ଟ୍ରେନିଂ ସ୍କୁଲ' ପ୍ରତିଷ୍ଠା କରିଥିଲେ । ସର୍ବୋପରି, ନାରୀମାନଙ୍କୁ କୁଟୀର ଶିଳ୍ପ ଯଥା–ସୂତା କାଟିବା, ଚିଟା ପକାଇବା, ମହୁମାଛି ପାଳି ମହୁ ସଂଗ୍ରହ କରିବା, ଏଣ୍ଡିପୋକ ପୋଷକରି ଟସର ଉତ୍ପାଦନ କରିବା ଆଦି କାର୍ଯ୍ୟରେ ମଧୁସୂଦନ ଉତ୍ସାହିତ କରୁଥିଲେ ।

କଟକରେ ଅବସ୍ଥିତ ଶୈଳବାଳା ମହିଳା କଲେଜ ପ୍ରାଙ୍ଗଣରେ ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂ... ଉନ୍ମୋଚନ କରି ତା୧୩ । ୨ । ୫୩ ରିଖରେ ଭାରତ... ପ୍ରଥମ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେ... କହିଥିଲେ ଏହି (ଶୈଳବାଳା) ମହିଳା କଲେଜ ମଧୁସୂଦନ... ଦୂରଦୃଷ୍ଟିର ଜ୍ୱଳନ୍ତ ପ୍ରମାଣ । ନାରୀଶିକ୍ଷାର ପ୍ରସାର ପା... ସେ (ମଧୁସୂଦନ) ଆଗେଇ ନଥିଲେ, ଏହି ମହି... କଲେଜ ସମ୍ଭବ ହୋଇ ନଥାନ୍ତା । ସେହି ମହା... ଆତ୍ମାଙ୍କ ପ୍ରତି ମୁଁ ଗଭୀର ସମ୍ମାନ ସହ ଶ୍ରଦ୍ଧାଞ୍ଜ... ଜଣାଉଛି । ଜାତିର ଜନକ ମହାତ୍ମାଗାନ୍ଧୀ ମଧୁସୂଦନ... ମହାନ୍ ଦେଶସେବୀ କହିଥିଲେ । ଋଷି ଶ୍ରୀ ଅରବି... ତାଙ୍କୁ ଓଡ଼ିଶାର ମହାନ୍ ନେତା ... ତାଙ୍କର 'ବନ୍ଦେ ମାତରମ୍' ସାପ୍ତାହିକ ପତ୍ରିକା... ଉଣେଇଶଶହ ସାତମସିହା ଡିସେମ୍ବର ସତର ତାରିଖ... ବର୍ଣ୍ଣନା କରି ମନସ୍ୱୀ ମଧୁସୂଦନଙ୍କ ନେତୃତ୍ୱର ଭୂ... ପ୍ରଶଂସା କରିଥିଲେ । ଭାରତର ପ୍ରଥମ ରାଷ୍ଟ୍ର... ଡକ୍‌ଟର ରାଜେନ୍ଦ୍ର ପ୍ରସାଦ ତାଙ୍କୁ ଜଣେ ମହାନ୍ ... ନିର୍ଭୀକ ପ୍ରବକ୍ତା, ଶକ୍ତିଶାଳୀ ସଂଗଠକ ତଥା ... ଦୁର୍ଲଭ ପ୍ରତିଭା ବୋଲି ମାନିଥିଲେ । ତାଙ୍କ ... ଓ ବ୍ୟକ୍ତିତ୍ୱ ସଂପର୍କରେ ସ୍ୱନାମଧନ୍ୟ ସାହି... ସଙ୍ଗ ରାଉତରାୟ ଆଲୋକପାତ କରି କହିଥିଲେ–

'ଚତୁର୍ଦ୍ଦିଗ ସେତେବେଳେ ଅନ୍ଧକାରପୂର୍ଣ୍ଣ ... ଜନତାର ଗଭୀର ବିଷ-ନିଃଶ୍ୱାସରେ ଗଗନ... ପରିପୂର୍ଣ୍ଣ, ବନ୍ୟା, ଦୁର୍ଭିକ୍ଷ, ମହାମାରୀରେ ଓଡ଼ି... ଜନପଦ ଶ୍ମଶାନରେ ପରିଣତ ହେବା ... କୁଢ଼ କୁଢ଼ ମଢ଼ା, ଲକ୍ଷ ଲକ୍ଷ ଚିତାଧୂମରେ ...

ଶୁଣି ଉଠିଛି, ସେତିକିବେଳେ ଏହି ଶ୍ମଶାନ ଦେଶକୁ ସେ ଆସିଥିଲେ । ବିରାଟ ଜନ ସମୁଦ୍ରର ନିର୍ଜନ ବେଳା-ଭୂମିରେ ବସି ସେ ପ୍ରଥମେ ଏହି ବିରାଟ ଗଣଶକ୍ତିର ଜାଗରଣ ସ୍ୱପ୍ନ ଦେଖିଥିଲେ ।...................ଜାତୀୟ ଜୀବନର ଜାଗରଣ ଆହ୍ୱାନ ଓଡ଼ିଶାର ପ୍ରାଣେ ପ୍ରାଣେ ଶୁଣାଇଥିଲେ । ସେ ଆସିଥିଲେ ସୃଷ୍ଟିର ମଧୁମୟ ବାର୍ତ୍ତା ବହନକରି ମୁକ୍ତିର ଅନାସ୍ୱାଦିତ ମଧୁରସରେ ଜନଚିତ୍ତକୁ ପୁଷ୍ଟ କରିବାପାଇଁ ।

କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ଗଡ଼ନାୟକ ତାଙ୍କ ଗୁଣଗାନ କରି ଲେଖିଛନ୍ତି ଅତ୍ୟନ୍ତ ମର୍ମସ୍ପର୍ଶୀ ଭାଷାରେ—

ତୁମେ ଥିଲ ଏକା ହେ ମଧୁସୂଦନ ଉତ୍କଳର ବରସୁତ ।
ତୁମେ ଥିଲ ଏକା ଏଦୀନ ଦେଶରେ ବ୍ୟଗ୍ର ଅଗ୍ରଦୂତ ॥

ପ୍ରଥମେ ଏଦେଶେ ତୁମେ ଉଠିଥିଲ ଶିକ୍ଷାର ବଇଭବେ ।
ପ୍ରଥମେ ଏଦେଶେ ତୁମେ ଫୁଟିଥିଲ ଗୌରବ ସଉରଭେ ॥

ପ୍ରଥମେ ଏଦେଶେ ତୁମେ ଗାଇଥିଲ ଦେଶର ଗର୍ବଗୀତି ।
ପ୍ରଥମେ ଏ ଦେଶେ ତୁମେ ଆଣିଥିଲ ନବୀନ ଜୀବନ ସ୍ଫୀତି ॥

ରାଜନୀତି ବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ,
କଟକ

## ନରହ୍ନା ଓ ଲୋହଦସ୍ ଜାଗିରଦାରମାନଙ୍କ ନାମରେ ଜମି ବନ୍ଦୋବସ୍ତ

କଳାହାଣ୍ଡି ଜିଲ୍ଲାରେ ଥିବା ବହୁସଂଖ୍ୟକ ନରିହା ଓ ଲୋହଦସ ଜାଗିରିଦାରମାନେ ସରକାରଙ୍କ ସ୍ୱତନ୍ତ୍ର ବିଜ୍ଞପ୍ତି ପକ୍ଷରୁ ୧୯୬୩ ମସିହା ଅକ୍ଟୋବର ୧୭ ତାରିଖ ଦିନ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ସେମାନେ ଭୋଗ କରୁଥିବା ଜାଗିର ଜମିର ଦଖଲ ସତ୍ତ୍ୱ ବନ୍ଦୋବସ୍ତ କରିବା ନିମନ୍ତେ ୧୯୬୪ ମସିହା ଡିସେମ୍ବର ୩୧ ତାରିଖ ସୁଦ୍ଧା ଆବେଦନ କରିପାରି ନଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି ।

ଏଭଳି ଆବେଦନ କରିପାରି ନଥିବା ଜାଗିରିଦାରମାନଙ୍କୁ ସେମାନଙ୍କର ଜାଗିରି ଜମି ବନ୍ଦୋବସ୍ତ କରିବାଲାଗି ସୁଯୋଗ ଦେବା ଉଦ୍ଦେଶ୍ୟରେ ସରକାର ଦରଖାସ୍ତ ଦାଖଲ କରିବାର ସମୟ ସୀମାକୁ ୧୯୬୭ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି । ପ୍ରକୃତ ଦଖଲ କରିଥିବା ଦିନକୁ ଭିତ୍ତିକରି ଏଭଳି ଜାଗିରି ଜମିଗୁଡ଼ିକୁ ୧୯୬୩ ଜୁଲାଇ ୧ ତାରିଖରେ ଧାର୍ଯ୍ୟ ହୋଇଥିବା ଉଚିତ ଓ ନ୍ୟାଯ୍ୟ ଖଜଣା ଅନୁଯାୟୀ ଦଖଲ ସତ୍ତ୍ୱ ସ୍ୱତ୍ୱରେ ଭୋଗ କରୁଥିବା ବର୍ତ୍ତମାନଙ୍କ ବନ୍ଦୋବସ୍ତ କରାଯିବ । ବର୍ତ୍ତମାନ ଦେଖିବାକୁ ମିଳେ ଯେ ଏଭଳି ଜାଗିରି ଜମି ଭୋଗ କରୁଥିବା ଜମିର ପ୍ରକୃତ ଅଧିକାରୀଥିଲେ, ଇତି ମଧ୍ୟରେ ସେମାନେ ମଧ୍ୟରୁ କେତେକେ, ଯେଉଁମାନେ କି ସେ ସମୟରେ ଜମିର ପ୍ରକୃତ ଅଧିକାରୀଥିଲେ, ଇତି ମଧ୍ୟରେ ସେମାନେ ୧୯୬୭ ଜୁନ୍ ୧ ତାରିଖ ଦିନ ଅନ୍ୟମାନଙ୍କୁ ଏଭଳି ଜମି ହସ୍ତାନ୍ତରିତ କରିସାରିଛନ୍ତି । ଏହି ପରିସ୍ଥିତିରେ ୧୯୬୭ ଜୁନ୍ ୧ ତାରିଖ ଦିନ ଯେଉଁମାନେ ପ୍ରକୃତରେ ଜମିର ଦଖଲ ସତ୍ତ୍ୱ ଭୋଗ କରୁଥିଲେ ଓ ଅନ୍ୟ ଯେଉଁମାନେ ପ୍ରକୃତରେ ଜମିର ଦଖଲରେ ଥିଲେ ସେମାନଙ୍କ ନାମରେ ଏହି ଜାଗିରି ଜମିଗୁଡ଼ିକ ବନ୍ଦୋବସ୍ତ କରାଯିବ ।

ଯେଉଁ ନରିହା ଓ ଲୋହଦସ୍ ଜାଗିରିଦାରମାନେ ଏଭଳି ସୁବିଧା ସୁଯୋଗ ପାଇବା ପାଇଁ ଇଚ୍ଛୁକ, ସେମାନେ ୧୯୬୭ ଡିସେମ୍ବର ୩୧ ତାରିଖ ପୂର୍ବରୁ ବା ସେହିଦିନ କଳାହାଣ୍ଡି ଜିଲ୍ଲାର ଜିଲ୍ଲାପାଳ ବା ତାଙ୍କଦ୍ୱାରା କ୍ଷମତାପନ୍ନ ଅନ୍ୟ କୌଣସି ସ୍ୱତନ୍ତ୍ର ଅଧିକାରୀଙ୍କୁ ଏଥି ନିମନ୍ତେ ଆବେଦନ କରିପାରିବେ ।

# ନିପାରିଲା ଅନୁଭୂତିରୁ ରକ୍ଷା ପାଇବାର ଉପାୟ

ଶ୍ରୀ ଅନୁକୂଳଚନ୍ଦ୍ର ନାୟକ,

ପ୍ରତ୍ୟେକ ବ୍ୟକ୍ତି ବେଳେ ବେଳେ କ୍ଳାନ୍ତି ଅନୁଭବ କରନ୍ତି—ଏହା ସାଧାରଣ କଥା । କିନ୍ତୁ ଜଣେ ଜଣେ ବ୍ୟକ୍ତି ଅଛନ୍ତି, ସେମାନଙ୍କୁ ସବୁବେଳେ କ୍ଳାନ୍ତି ଲାଗେ— ଏପରି ଅନୁଭବଟା ଅସ୍ୱାଭାବିକ । ଏପରି କ୍ଳାନ୍ତି ଅନୁଭବ ଫଳରେ ଏକ ସାଧାରଣ ଆଳସ୍ୟ ଆସେ, କର୍ମକ୍ଷମତା ହ୍ରାସ ପାଏ । କାର୍ଯ୍ୟ କରିବାକୁ ଆଗ୍ରହ ଆସେ ନାହିଁ, ଜନ ସମାଜରେ କଥାଭାଷା କରିବାକୁ ଇଚ୍ଛା ହୁଏ ନାହିଁ । ବାଧ୍ୟ ହୋଇ ଅଫିସ ଯିବାକୁ ବା ପରୀକ୍ଷା ଦେବାକୁ ବାହାରିଲେ ଗୋଡ଼ ମାଡ଼େ ।

ଶୋଇ ସାରି ଜଣେ ଜଣେ ଲୋକ ଆଖି ମଳି ବିଛଣାରୁ ଉଠନ୍ତି, ପୁଣି ଶୋଇବାର ଚେଷ୍ଟା କରନ୍ତି । ସେମାନଙ୍କୁ କାର୍ଯ୍ୟର ନିର୍ଘଣ୍ଟ ମନେ ପଡ଼େ ନାହିଁ । ପୁଣି ଗୋଡ଼ି ଘାଡ଼ି ହୋଇ ଶୋଇବାରେ ତୃପ୍ତି ଅନୁଭବ କରନ୍ତି । କାର୍ଯ୍ୟରେ ନିୟମାନୁବର୍ତ୍ତିତା ବା ଶୃଙ୍ଖଳା ନ ଥାଏ । ଅସଲ କାମ ପଛକୁ ରଖି ରଖି କେବଳ କ୍ଳାନ୍ତି ଅପନୋଦନ ନିମନ୍ତେ ଚେଷ୍ଟା କରିବାରେ ସେମାନଙ୍କ ସମୟ ଅତିବାହିତ ହୁଏ । ଏପରି କ୍ଳାନ୍ତି ବା ଆଳସ୍ୟ ଅନୁଭବ କରୁଁ କରୁଁ ଜୀବନର ବହୁମୂଲ୍ୟ ସମୟ ମାନ ବୃଥାରେ ବ୍ୟୟିତ ହୋଇଯାଏ ।

କ୍ଳାନ୍ତି ଅନୁଭୂତିର ନାନା ପ୍ରକାର କାରଣ ଅଛି । ସ୍ୱାସ୍ଥ୍ୟ ହାନି ଯୋଗୁଁ କିମ୍ବା କାର୍ଯ୍ୟ ସମ୍ବନ୍ଧରେ ଭ୍ରାନ୍ତି ଧାରଣା ଯୋଗୁଁ ଏପରି ହୋଇ ପାରେ । ଯାହାର ଦେହ ଭଲ ନ ଥାଏ, ସେ ଜୀବନକୁ ପୀଡ଼ିତ ଲୋକର ଦୃଷ୍ଟିକୋଣରୁ ଦେଖେ । ସେତେବେଳେ ତା ପକ୍ଷରେ କ୍ଳାନ୍ତି ଅନୁଭବ କରିବା ସ୍ୱାଭାବିକ । ଅବଶ୍ୟ ଆରୋଗ୍ୟ ଲାଭ କରିବା ପରେ ସେପରି ଧାରଣା ତାର ରହିବ ନାହିଁ । ଦୃଷ୍ଟି ଭଙ୍ଗିରେ ଏକ ହିତକର ପରିବର୍ତ୍ତନ ଆଣିବାକୁ ହେଲେ ଶାରୀରିକ ଅବସ୍ଥା ପୂର୍ଣ୍ଣ ସଂଶୋଧନ କରିବାକୁ ହେବ । ଯାହାର ରକ୍ତଶୂନ୍ୟତା, ବହୁମୂତ୍ର ବା ସେପରି ଅନ୍ୟ କୌଣସି କଠିନ ପୀଡ଼ା ରହିଥିବ, ତାର ମାନସିକ ଅବସ୍ଥା ଏହିପରି ହୋଇ ପାରେ । ଯଦି କୌଣସି ପୀଡ଼ାର ସନ୍ଦେହ ହୁଏ, ତାହା ହେଲେ ଜଣେ ଉପଯୁକ୍ତ ଚିକିତ୍ସକଙ୍କର ପରାମର୍ଶ ନେବା ଉଚିତ ଏବଂ ପୀଡ଼ା ଦୂର କରିବାର ବିହିତ ବ୍ୟବସ୍ଥା ଅବଲମ୍ବନ କରିବାକୁ ହେବ । ମଳ ମୂତ୍ର ରକ୍ତ ଇତ୍ୟାଦି ପରୀକ୍ଷା କରାଇ ନେଲେ ଅସୁସ୍ଥତାର ପ୍ରକୃତ କାରଣ ଧରା ପଡ଼ିଯିବ । ପରୀକ୍ଷା ରିପୋର୍ଟକୁ ବିଶେଷଜ୍ଞଙ୍କୁ ଦେଖାଇ ଦୋଷ ନିରାକରଣ ପାଇଁ ଉପଯୁ... ଚିକିତ୍ସାର ବ୍ୟବସ୍ଥା କରାଯାଇ ପାରିବ । କୌଣ... ସୁସ୍ଥ ଶରୀରଧାରୀ ଲୋକ କେବେହେଲେ ଅସ୍ୱାଭା... ରୂପେ କ୍ଳାନ୍ତ ହେବ ନାହିଁ ।

ଯେତେ କ୍ଳାନ୍ତ ହୋଇଥିଲେ ମଧ୍ୟ ହଠାତ୍ କୌଣ... ସୁସମ୍ବାଦ ଶୁଣିଲେ ବା କେହି ଘନିଷ୍ଠ ବନ୍ଧୁ ଆସି ପହଞ୍ଚିଗ... ଲୋକେ ଅଳ୍ପ ସମୟ ମଧ୍ୟରେ ସମସ୍ତ କ୍ଳାନ୍ତି ଭୁଲିଯ... ତତ୍କ୍ଷଣାତ୍ ପ୍ରଫୁଲ୍ଲ ଓ କାର୍ଯ୍ୟକ୍ଷମ ହୋଇ ଉଠନ୍ତି...

ଅନେକ ସମୟ କାର୍ଯ୍ୟ କଲେ କ୍ଳାନ୍ତି ଲାଗେ... କିନ୍ତୁ କାର୍ଯ୍ୟ କରିବା ସମୟରେ ଯଦି ଉତ୍ତମ ପରିବେ... ସୃଷ୍ଟି ହୁଏ, ଉପଯୁକ୍ତ ବିଶ୍ରାମ ମିଳେ, କିମ୍ବା କାର୍ଯ୍ୟ କରିବ... ପ୍ରଣାଳୀରେ ସରସତା ଯୋଗାଇ ଦିଆଯାଏ ତେ... ସେହି କାର୍ଯ୍ୟଟି ଅପେକ୍ଷାକୃତ କମ୍ କଷ୍ଟକର ... ହୁଏ । ଜଣେ ବ୍ୟକ୍ତି ସାଧାରଣତଃ ଯେତିକି କାମ ... ଥକି ଯାଆନ୍ତି, ଉତ୍ସାହ ଜନକ ବାତାବରଣ ମିଳିଲେ ... ନିର୍ବିଘ୍ନରେ ତାର ଦୁଇଗୁଣ କାମ କରିପାରିବ ।

କ୍ଳାନ୍ତି ଦୂରୀକରଣ ନିମନ୍ତେ କେତେକ ବ୍ୟକ୍ତି ... ବଟିକା ବ୍ୟବହାର କରନ୍ତି । ଏଥିରେ ସାମୟିକ ... କ୍ଳାନ୍ତି ଦୂର ହେଲେ ହେଁ ପରିଶେଷରେ ଅପୂ... କ୍ଷତି ଘଟିଥାଏ । ମାଦକ ଦ୍ରବ୍ୟ ଦୀର୍ଘକାଳ ... କରାଗଲେ ତାହା ଅଭ୍ୟାସରେ ପରିଣତ ... ତଦ୍ୱାରା କ୍ଳାନ୍ତି ଅପନୋଦନର କୌଣସି ସ୍ଥାୟୀ ପ୍ର... ସମ୍ଭବ ହୁଏ ନାହିଁ, ବରଂ ତଦ୍ୱାରା ସାଂସାରିକ କା... ବିଗ୍ରହ ବିଭ୍ରମ ଅଯଥା ପ୍ରତିବନ୍ଧକ ଘଟାଇ ...

କାର୍ଯ୍ୟରେ ଯଦି ଆଗ୍ରହ ନ ଥାଏ, ତାହା ... ଶାରୀରିକ ଓ ମାନସିକ ଅବସାଦ ମାଡ଼ି ବସିବ । ... ପଢ଼ାକୁ ବାହାରିବାକୁ ଇଚ୍ଛା ହେବ ନାହିଁ । ... ଲୋକ ସବୁବେଳେ ଶଯ୍ୟା ପ୍ରତି ଆସକ୍ତ ...

ତାସ୍ ପଶା ଖେଳି ବା ଉତ୍ତେଜକ ଦ୍ରବ୍ୟ ସେବନ କରି ଚିତ୍ତ ବିନୋଦନ କରିବାକୁ ସେ ଆଗ୍ରହାନ୍ୱିତ ହେବ । କାର୍ଯ୍ୟକର୍ମ ପ୍ରତି ବୀତସ୍ପୃହ ଲୋକେ ଅନ୍ୟମନସ୍କ ଭାବରେ ତାଙ୍କେ ବହି ଓ ପୁରୁଣା ପତ୍ର ପତ୍ରିକା ଓଲଟାଇ ଓ ସିନେମା ଗୀତର ରେକର୍ଡମାନ ଶୁଣି କାଳକ୍ଷେପଣ କରିଥାନ୍ତି ।

ଯଦି କେହି ମନେ କରେ ଯେ ସଂସାର ତାକୁ ଅନ୍ନ ବସ୍ତ୍ର ଯୋଗାଇବାକୁ ବାଧ୍ୟ, ତାହା ହେଲେ ସେ ଉପାର୍ଜନ କରିବାକୁ କୌଣସି ଚେଷ୍ଟା କରିବାକୁ ଇଚ୍ଛୁକ ହେବ ନାହିଁ । ଯଦି କେତେବେଳେ ଘଟଣାଚକ୍ରରେ ପଡ଼ି କାମ ଖୋଜିବାକୁ ବାହାରିବ, ତାହା ହେଲେ ତାକୁ ଘୋସାରି ଘୋସାରି ପାଦକୁ ଆଗେଇବାକୁ ପଡ଼ିବ । ଅନିଚ୍ଛା ସତ୍ତ୍ୱେ ଯେଉଁ କାର୍ଯ୍ୟ ହସ୍ତଗତ କରିବାକୁ ଚେଷ୍ଟା କରିବ, ତାହା ତ ମିଳିବ ନାହିଁ, ମିଳିଲେ ମଧ୍ୟ ନାନା ଦୁର୍ବ୍ୟବହାର ଓ ଭର୍ତ୍ସନାର ସମ୍ମୁଖୀନ ହେବାକୁ ପଡ଼ିବ ।

ମନୁଷ୍ୟକୁ କର୍ମ କରିବାକୁ ହେବ । କର୍ମବିନା ତାର ଗତି ନାହିଁ । ପରୀକ୍ଷାରେ ତାକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । ସଭାରେ ତାକୁ ବାକ୍‌ପଟୁତା ଦେଖାଇବାକୁ ହେବ । ଅଫିସରେ ତାକୁ ଚିଠିପତ୍ର ନିର୍ଭୁଲ ଭାବରେ ଡ୍ରାଫ୍‌ଟ୍ ବା ଟାଇପ କରିବାକୁ ହେବ । ରଙ୍ଗ ମଞ୍ଚରେ ତାକୁ ବିଭିନ୍ନ ଅଂଶ ଗ୍ରହଣ କରିବାକୁ ହେବ । ପରିବାରରେ ତାକୁ ପ୍ରଭୁତ୍ୱ ଦେଖାଇବାକୁ ହେବ । ଯୁଦ୍ଧରେ ତାକୁ ବିକ୍ରମ ଦେଖାଇବାକୁ ହେବ । ବିଲରେ ବୁଲି ବିଗୁରି କୃଷିକର୍ମ କରିବାକୁ ହେବ । ଏହିପରି ବିଭିନ୍ନ କ୍ଷେତ୍ରରେ ତାକୁ ବିଭିନ୍ନ କର୍ମ କରିବାକୁ ହେବ । ମହତ୍ ଉଦ୍ଦେଶ୍ୟରେ କର୍ମରତ ହେବା ମନୁଷ୍ୟର ଧର୍ମ । ଅଳସ ଲୋକର ଜୀବନ ବୃଥା । ଘରୁ, ବାହାରୁ, ସବୁଆଡ଼ୁ ସେ ଅପମାନିତ ହୁଏ । ତାର ସବୁଯାକ ସମୟ କ୍ଳାନ୍ତି ଅନୁଭବ କରିବାରେ , ବିଶ୍ରାମ ନେବାରେ ଓ ଅପରକୁ ସମାଲୋଚନା କରିବାରେ ନଷ୍ଟ ହୁଏ । ଫଳରେ ଅସ୍ୱାଭାବିକ କ୍ଳାନ୍ତି ତା ଠାରେ ଲାଗିରହିଥିବ, ଛାଡ଼ିବ ନାହିଁ ।

‘ମୋ ଦେଇ କୌଣସି କାମ ହୋଇ ପାରିବ ନାହିଁ ଏବଂ କୌଣସି ପ୍ରକାର ଖାଇ ପିନ୍ଧି ଉପନ୍ୟାସ ପଢ଼ି ସିନେମାଦେଖି ସୁଖ ଶଯ୍ୟାରେ ଶୟନ କରି ପାରିଲେ ଜୀବନ ଶାନ୍ତିମୟ ହେଲା’ ବୋଲି କେହି କେହି ବିଚାର କରନ୍ତି । ଏପରି ଭାବରେ ବଶବର୍ତ୍ତୀ ହେବା ମନୁଷ୍ୟ ପକ୍ଷରେ ସ୍ପୃହଣୀୟ ବା ସମ୍ମାନଜନକ ନୁହେଁ ।

ଯେଉଁମାନେ ବରାବର କ୍ଳାନ୍ତିର ଭାବ ପୋଷଣ କରନ୍ତି, ସେମାନଙ୍କ ବିଷୟ ଅନୁଧ୍ୟାନ କଲେ ଜଣାଯିବ ଯେ ସେମାନେ ପ୍ରକାଶ୍ୟରେ ବା ପରୋକ୍ଷରେ ନିଜ କାମକୁ ଘୃଣା କରନ୍ତି । ସେମାନେ ସବୁବେଳେ ଭାଗ୍ୟକୁ ନିନ୍ଦନ୍ତି ଏବଂ କାର୍ଯ୍ୟରେ ଅବହେଳା କରିବା ସେମାନଙ୍କର ଅଭ୍ୟାସ । କର୍ତ୍ତବ୍ୟ ପ୍ରତି ସେମାନଙ୍କର ଧାରଣା ବେଳେ ବେଳେ ପ୍ରକାଶ କରି ଦିଅନ୍ତି । ତାହା ହେଉଛି ଏହିପରି —‘କୌଣସି ଦାୟିତ୍ୱ ବହନ କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ’ ।

ଯେଉଁମାନେ କର୍ତ୍ତବ୍ୟ ପରାୟଣ, ସେମାନଙ୍କ ବିଷୟ ଚିନ୍ତା କଲେ ଦେଖି ପାରିବା ଯେ ସେମାନେ ସର୍ବଦା ଚଞ୍ଚଳ, ଦଉଡିବାକୁ ଉଦ୍ୟତ, ସେମାନଙ୍କ ଆଖିରେ ଜ୍ୟୋତି ଝଲସି ଉଠୁଛି । ବାହୁରେ ସେମାନେ ସିଂହର ପରାକ୍ରମ ଅନୁଭବ କରୁଛନ୍ତି । ଦାୟିତ୍ୱ ଗ୍ରହଣରେ କେବେ ସେମାନଙ୍କଠାରୁ ଆପତ୍ତି ଶୁଣାଯାଏ ନାହିଁ । ଅଭିଯୋଗ ଦ୍ୱାରା ସେମାନେ ସମୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ । ସେମାନେ ଅନବରତ କର୍ମରତ ଥାନ୍ତି ଏବଂ କାର୍ଯ୍ୟ କରୁଁ କରୁଁ ସନ୍ତୋଷ ଲାଭ କରନ୍ତି । ସେମାନେ କାର୍ଯ୍ୟ ସଂପାଦନ କରିଆରେ ନିଜ ନିଜର ମାନସିକତାର ପରିଚୟ ଦେଇଥାନ୍ତି । ସେମାନେ ଯେତେ ବେଶି କାମ କରନ୍ତି, ସେତେ ବେଶି ଉତ୍ସାହିତ ହୁଅନ୍ତି ସେମାନଙ୍କୁ କେବେ କ୍ଳାନ୍ତି ଅନୁଭବ କରିବାର ବା ପଶ୍ଚାତ୍‌ପଦ ହେବାର ଦେଖାଯାଏ ନାହିଁ । ସେମାନେ କର୍ମଠ ବୋଲି ଲୋକ ମୁଖରୁ ପ୍ରଶଂସା ପାଆନ୍ତି । ପ୍ରଶଂସା ଫଳରେ ସେମାନଙ୍କର କର୍ମତତ୍ପରତା ଦ୍ୱିଗୁଣିତ ହୁଏ । ଲୋକେ ସେମାନଙ୍କଠାରୁ ସାହାଯ୍ୟ ପାଇବାକୁ ଇଚ୍ଛା କରନ୍ତି । ସେମାନେ ବ୍ୟସ୍ତତା ମଧ୍ୟରେ ସମସ୍ତଙ୍କୁ ସାହାଯ୍ୟ କରନ୍ତି, ପ୍ରଶଂସିତ ଓ ପୂଜିତ ହୁଅନ୍ତି ।

ଏଥିରୁ ମନେ ହେବ ଯେ ସେମାନେ ନିଜର ରୁଚି ଅନୁରୂପ କାର୍ଯ୍ୟ ପାଇଛନ୍ତି । କିନ୍ତୁ ଏ ଅନୁମାନ ସର୍ବତ୍ର ଠିକ୍ ନୁହେଁ । ସେମାନଙ୍କ ମଧ୍ୟରୁ ଅନେକ ଅଛନ୍ତି, ସେମାନଙ୍କୁ ନିରୂପିତ କାର୍ଯ୍ୟ କରିବାକୁ ଘୃଣା ଆସେ, କିନ୍ତୁ ଦାୟିତ୍ୱ ତୁଲାଇବାକୁ କାର୍ଯ୍ୟରେ ଅଗ୍ରସର ହୁଅନ୍ତି ଏବଂ ମନ ପ୍ରାଣ ନିୟୋଗ କରି କାର୍ଯ୍ୟରେ ଦକ୍ଷତା ଦେଖାନ୍ତି । ସନ୍ତୋଷ ନ ଆସିଲେ ମଧ୍ୟ ବିନା ଆପତ୍ତିରେ କର୍ତ୍ତବ୍ୟ ସଂପାଦନ କରିବାକୁ ସେମାନେ ଆଗ୍ରହୀ ହୁଅନ୍ତି । ନିୟମିତ ଭାବରେ କାର୍ଯ୍ୟର ଧାରା ଅନୁସରଣ କରୁଁ କରୁଁ ଅନଭ୍ୟସ୍ତ ଲୋକେ ମଧ୍ୟ ନାଚି ଶିଖନ୍ତି, ବଜାଇ ଶିଖନ୍ତି, ଟାଇପ୍ କରି ଶିଖନ୍ତି, ଅରଟ ଚଲାଇ ପାରନ୍ତି, ପ୍ରବନ୍ଧ-କବିତା-ଗଳ୍ପ ଲେଖି ପାରନ୍ତି, ରୋଷେଇ କରି ପାରନ୍ତି, ଲୁଗା ବୁଣି ଶିଖନ୍ତି ।

କାର୍ଯ୍ୟରେ ରୁଚି ନ ଥିଲେ ବି ଅଭ୍ୟାସ କରୁଁ କରୁଁ କାଳ କ୍ରମେ ତାହା ଜନ୍ମି ଯାଏ । ଏହା ସେମାନଙ୍କର ମନୋଭାବକୁ ମାର୍ଜିତ କରେ, କ୍ରମଶଃ କର୍ମରୁ ଆନନ୍ଦ ଏବଂ ଗଭୀର ପ୍ରେରଣା ମିଳେ । ଏଥିରେ ସେମାନଙ୍କର ଅନ୍ତର୍ନିହିତ କ୍ଳାନ୍ତିର ଭାବ, ଯଦି ଥାଏ, ଦୂର ହୋଇ ଯାଏ ।

ଏପରି ଅନେକ ସମୟରେ ଦେଖା ଯାଇଛି ଯେ ଦୁରୂହ କାର୍ଯ୍ୟରେ ହସ୍ତକ୍ଷେପ କରି ମଧ୍ୟ ମନୁଷ୍ୟ ନିଷ୍ଫଳ ହୁଏ ନାହିଁ । ଏଥିରୁ ଜଣା ଯାଇଛି ଯେ ପ୍ରକୃତିର ନିର୍ଦ୍ଦେଶ ଅନୁଯାୟୀ କଠିନ ପରିଶ୍ରମ ପରେ ମଧ୍ୟ କ୍ଳାନ୍ତି ଅନୁଭବ କରିବା ଅନୁଚିତ । କାର୍ଯ୍ୟ କରୁଁ କରୁଁ ଶକ୍ତି କ୍ରମଶଃ ନିଃଶେଷ ହୋଇ ଆସିଲେ ପ୍ରକୃତି ମନୁଷ୍ୟକୁ ଗୁପ୍ତଭଣ୍ଡାରରୁ ଶକ୍ତି ଯୋଗାଇ ଥାଏ । ଲୋକ-କଲ୍ୟାଣ ପାଇଁ ଯେଉଁମାନେ ପ୍ରାଣପଣେ ସେବା କାର୍ଯ୍ୟରେ ଲିପ୍ତ, ସେମାନଙ୍କ ସମ୍ମୁଖରେ ଏହି ଶକ୍ତିର ଭଣ୍ଡାର ଉନ୍ମୁକ୍ତ ହୋଇଯାଏ । ସେ ଯେତେ କାର୍ଯ୍ୟ କରିପାରେ , ତା ପାଖକୁ ସେତେ କାର୍ଯ୍ୟ ଆସେ ଏବଂ ତାହା ତା'ର ଜୀବନ-ରକ୍ଷକ, ପ୍ରେରଣା-ଦାୟକ ଓ ଆୟୁ-ବର୍ଦ୍ଧକ ହୁଏ । କ୍ଳାନ୍ତିର ଭାବ ଉଦୟ ହେବାଟା ଏକ ଅନିଚ୍ଛା, ଉଦାସୀନତା ଓ ମଳିନତାର ଚିହ୍ନ ବ୍ୟତୀତ ଅନ୍ୟ କିଛି ନୁହେଁ, ମନୁଷ୍ୟର ସ୍ୱଭାବବିରୋଧୀ ଏକ ଘୃଣ୍ୟ ରୋଗ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ମନୁଷ୍ୟକୁ ଯେଉଁ ମସ୍ତିଷ୍କ ଓ ହସ୍ତପଦ ମିଳିଛି ସେଗୁଡ଼ିକ ପ୍ରୟୋଗ କରି ସେ ଅସାଧ୍ୟ ସାଧନ କରି ପାରେ । କର୍ମବୀର-ମାନେ ଆଦ୍ୟରୁ ପଶ୍ଚାତ୍‌ପଦ ହେଉଥିଲେ ଜୀବନ-ସଂଗ୍ରାମରେ ଜୟୀ ହୋଇ ପାରନ୍ତେ ନାହିଁ । ନିଜ ମନ ମଧ୍ୟରୁ ଉତ୍ସାହ ଓ ପ୍ରେରଣ ସଂଗ୍ରହ କରିବାକୁ ହେବ । ନେପୋଲିଅନଙ୍କ ଅଭିଧାନରେ "ଅସାଧ୍ୟ" ବୋଲି ଶବ୍ଦ ନାହିଁ । ଆମ୍ଭମାନଙ୍କ ପରି ମନୁଷ୍ୟତ ଉପେନ୍ଦ୍ର ଭଞ୍ଜଙ୍କ ପରି ରସିକ, କାଳୀଦାସ ଓ ସେକସ୍‌ପିଅରଙ୍କ ପରି ବିଶ୍ୱକବି, ମହାତ୍ମାଗାନ୍ଧିଙ୍କ ପରି ଜନ-ନାୟକ, ରାମକୃଷ୍ଣ, ବିବେକାନନ୍ଦ ଓ ଶ୍ରୀ-ଅରବିନ୍ଦଙ୍କ ଭଳି ସାଧକ ହୋଇ ପାରିଲେ । ପ୍ରତିବର୍ଷ ଯେଉଁମାନେ ନୋବେଲ ପ୍ରାଇଜ ପାଉଛନ୍ତି ସେମାନଙ୍କ ଅଧ୍ୟବସାୟ ଓ ଏକାଗ୍ରତା ପ୍ରତି ଲକ୍ଷ୍ୟ କଲେ ଜଣାଯିବ ଯେ ସେମାନେ ଜଣେ ଜଣେ ବିରାଟ ଅକ୍ଳାନ୍ତ କର୍ମ-ତତ୍ପର ବ୍ୟକ୍ତି । ଯେ କେହି ଇଚ୍ଛା କଲେ ଓ ତଦନୁଯାୟୀ ଅକ୍ଳାନ୍ତ ପରିଶ୍ରମ କଲେ ସେମାନଙ୍କର ସମକକ୍ଷ ହୋଇ ପାରିବ କିମ୍ବା ସେମାନଙ୍କୁ ଗୁଣ ଗୌରବରେ ଅତିକ୍ରମ ମଧ୍ୟ କରିପାରେ, ଏଥିରେ ସନ୍ଦେହ ନାହିଁ ।

ମନୁଷ୍ୟ ଯେତେବେଳେ କୌଣସି କାର୍ଯ୍ୟକୁ ନିଜର କର୍ତ୍ତବ୍ୟ ବୋଲି ବିଚାରିବ, ସେତେବେଳେ ସେ ଦିନକୁ ଏକାଦିକ୍ରମେ ଆଠ ଘଣ୍ଟା, ଦଶ ଘଣ୍ଟା, ବାରଘଣ୍ଟା, ବା ତତୋଽଧିକ ସମୟ ପର୍ଯ୍ୟନ୍ତ ଖଟି ପାରିବ । ଏତେ ସମୟ ଧରି ସେ ଖାଇ ପାରିବ ନାହିଁ କି ଶୋଇ ପାରିବ ନାହିଁ ସିନା, କିନ୍ତୁ ପ୍ରକୃତ ଶ୍ରଦ୍ଧା ଥିଲେ ଘଣ୍ଟା ଘଣ୍ଟା ଧରି କାର୍ଯ୍ୟ କରିବାରେ ତାର କ୍ଳାନ୍ତି ଆସିବ ନାହିଁ । ମନୁଷ୍ୟ ବିଭିନ୍ନ କାରଣରୁ ନାନା ପ୍ରକାର ଆନନ୍ଦ ପାଏ, ତନ୍ମଧ୍ୟରେ ତାର କାର୍ଯ୍ୟ ସଂପାଦନ ଜନିତ ଆନନ୍ଦ ସର୍ବାପେକ୍ଷା ମଧୁରତମ । କୌଣସି ବିଶେଷ କଳା, ବିଜ୍ଞାନ ବା ଅଧ୍ୟବସାୟରେ ମନୁଷ୍ୟ ଯେତେ ମନୋନିବେଶ କରେ, ସେ ସେତେ ଆନନ୍ଦ ପାଏ । କ୍ଳାନ୍ତିର ଧାରଣା ତା ମନକୁ ସ୍ପର୍ଶ କରେ ନାହିଁ ।

ଆଦିମ ଯୁଗର ମାନବ କଣ ଥିଲା, ଆଜି କଣ ହୋଇଛି, ଏସବୁ ଆଲୋଚନା କଲେ ଜଣା ପଡ଼ିବ ଯେ କେବଳ ବର୍ତ୍ତମାନ ପରିସ୍ଥିତିରେ ଅସନ୍ତୋଷ ଓ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ଆଗ୍ରହ ମନୁଷ୍ୟକୁ ଆଜି ଏତେ ସଖ୍ୟା ଏତେ ଉନ୍ନତ ଅବସ୍ଥାକୁ ଉଠାଇ ଆଣିଛି । ଆମର ପୂର୍ବ ପୁରୁଷ ମାନେ ଆମ୍ଭମାନଙ୍କୁ ଯେଉଁ ଯେଉଁ ଉପଦେଶ ଦେଇ ଯାଇଛନ୍ତି, ସେ ସବୁ ମାନି ଚଳିଲେ ଅଧିକରୁ ଅଧିକ ଉନ୍ନତ ହୋଇ ପାରିବ । ଆଳସ୍ୟ, ବିଳାସ, ବ୍ୟସନ ଓ ମନ୍ଦ ଅଭ୍ୟାସ ଅନଗ୍ରସରତାର ଚିହ୍ନ । ଏଭଳି ଦୁର୍ଗୁଣମାନ ବର୍ଜନ କଲେ ଆମେ ଆମର ଲକ୍ଷ୍ୟ ସ୍ଥଳରେ ଶୀଘ୍ର ଉପନିତ ହୋଇ ପାରିବା ।

ମସ୍ତିଷ୍କର ଅବସାଦ ଯୋଗୁଁ ମଧ୍ୟ କାର୍ଯ୍ୟ ବିରକ୍ତିକର ଓ ଅଶାନ୍ତି ଦାୟକ ମନେ ହୁଏ । ଯେତେବେଳେ ହାତରେ କୌଣସି କାର୍ଯ୍ୟ ନଥିବ ମସ୍ତିଷ୍କ ଭାରାକ୍ରାନ୍ତ ବୋଧ ହୁଏ । କାର୍ଯ୍ୟ ପ୍ରତି ଆଗ୍ରହ ଆସିବା ପର୍ଯ୍ୟନ୍ତ ଏଭଳି କ୍ଳାନ୍ତି ସାଧାରଣତଃ ଉପୁଜି ଥାଏ । ଯେଉଁ ମୁହୂର୍ତ୍ତରେ ଆଗ୍ରହ ଜନ୍ମିଯାଏ, ସେହି ମୁହୂର୍ତ୍ତରେ କ୍ଳାନ୍ତି ଭଲେଇଯାଏ ।

ଏ ସ୍ଥଳରେ ରାଜନୈତିକ କର୍ମୀଙ୍କ ବିଷୟ କହିଲେ କଥାଟାର ତାତ୍ପର୍ଯ୍ୟ ସହଜରେ ବୁଝାଯିବ । ସେ ଗୋଟିଏ ନିର୍ବାଚନରେ ଲଢୁଥିଲେ । ଭୋଟଗଣତି ବେଳେ ସେ ଶୁଣିଲେ ସେ ତାଙ୍କ ପ୍ରତିଦ୍ୱନ୍ଦୀଙ୍କ ଠାରୁ ବହୁତ ପଛରେ ପଡ଼ିଛନ୍ତି, ସେତେବେଳେ ସେ କ୍ଳାନ୍ତି ଅନୁଭବ କଲେ ଓ ଅସୁସ୍ଥ ବୋଧ କଲେ, ଯେଉଁ ମୂଲ୍ୟବାନ କାମ ସେ ଧରିଥିଲେ ତାକୁ ସେ ଫୋପାଡ଼ି ଦେଲେ । କିଛି କାମ ନକରି ସେ ବିଶ୍ରାମ ନେବାକୁ ପସନ୍ଦ କଲେ । ଘଣ୍ଟାକ ମଧ୍ୟରେ ସେ କ୍ଳାନ୍ତ ଶ୍ରାନ୍ତ ହୋଇ ପଡ଼ିଲେ । କିନ୍ତୁ ଯେତେବେଳେ ସେ ଶୁଣିଲେ ଯେ ତାଙ୍କ ପ୍ରତିଦ୍ୱନ୍ଦୀଙ୍କ ଠାରୁ ସେ ଆଗେଇ ଗଲେଣି ସେତେବେଳେ ତାଙ୍କର କ୍ଳାନ୍ତି ଅବସାଦ କୁଆଡ଼େ ଚାଲିଗଲା । କାମ କରିବାକୁ ତାଙ୍କର ନୂତନ ଶକ୍ତି ଫେରି ଆସିଲା ।

ନୈରାଶ୍ୟ ଓ ଆଶଙ୍କା ମନୁଷ୍ୟକୁ ଭୟଭୀତ ଓ ପୀଡ଼ିତ କରିଦିଏ । ଯେଉଁମାନେ ଫଳ ପ୍ରତି ଦୃଷ୍ଟି ନ ଦେଇ ଉଚିତ କର୍ତ୍ତବ୍ୟ ସଂପାଦନରେ ବ୍ୟସ୍ତ, ସେମାନଙ୍କ ବ୍ୟସ୍ତତା କୌଣସି ପ୍ରକାରରେ ବାଧା ପ୍ରାପ୍ତ ହୁଏ ନାହିଁ । କାର୍ଯ୍ୟ ପ୍ରତି ଅମ୍ଳାନ ଆଗ୍ରହ ଯେପରି ଉତ୍ତେଜକ ସେହିପରି ଶକ୍ତିସଞ୍ଚାରୀ ।

ସ୍ନାୟବିକ ଓ ମନସ୍ତାତ୍ତ୍ୱିକ ଦୁର୍ବଳତା ସ୍ୱେଚ୍ଛାକୃତ ଆଳସ୍ୟ ଯୋଗୁଁ ଜାତ ହୁଏ । ଉଭୟ ଅବସ୍ଥା ମାନସିକ ହେଲେ ମଧ୍ୟ ଗୋଟିଏ ଫଳ ଶାରୀରିକ କ୍ଷେତ୍ରରେ ଓ ଅନ୍ୟଟି ମାନସିକ କ୍ଷେତ୍ରରେ ପରିଦୃଷ୍ଟ ହୁଏ । ପ୍ରତ୍ୟେକଟି ଏକ ବ୍ୟାଧି କଳ୍ପନା । ଏହାକୁ ରୋଗ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇ ପାରିବ ନାହିଁ । ଏ ରୋଗର ଅସ୍ତିତ୍ୱ ନାହିଁ ବୋଲି ହୃଦୟଙ୍ଗମ କରିବାହିଁ ଏ ରୋଗକୁ ଆରୋଗ୍ୟ କରିବାର ଉପାୟ ।

ପ୍ରଥମେ ଏ ଅନୁଭୂତି କ୍ଳାନ୍ତି ଭାବରେ ଦେଖାଦିଏ । ଏ ଭାବକୁ ଯଦି ଅବାଧରେ ବହୁକାଳ ପ୍ରଶ୍ରୟ ଦିଆଯାଏ ତାହା ହେଲେ ପୂର୍ଣ୍ଣ ନିରାଶ୍ରିତ ଅବସ୍ଥା ଉପୁଜିବ । ସେତେବେଳେ ସେ ଅବସ୍ଥାର ପ୍ରତିକାର କରାଯାଇ ପାରିବ ନାହିଁ । ଚରମ ଅବହେଳା ଫଳରେ ପକ୍ଷାଘାତ ଉପୁଜିବା ସମ୍ଭବ । ସେତେବେଳେ ତାକୁ ଆରୋଗ୍ୟ କରିବା ଅସମ୍ଭବ ହୋଇ ପଡ଼ିବ ।

ସ୍ନାୟବିକ ଅବସାଦଗ୍ରସ୍ତ ଲୋକ କାର୍ଯ୍ୟାରମ୍ଭ କରିବାକୁ ଟିକିଏ ଚେଷ୍ଟା କଲାମାତ୍ରେ କ୍ଳାନ୍ତି ଅନୁଭବ କରେ । ସମୟ ସମୟରେ ଶାରୀରିକ ଉଦ୍ୟମର ଚିନ୍ତା ଆସିଲା ମାତ୍ରେ ଅବସାଦ ମାଡ଼ି ଆସେ ।

ମନସ୍ତାତ୍ତ୍ୱିକ ରୋଗୀ ଅପ୍ରକୃତ ଜିନିଷକୁ ପ୍ରକୃତ ବୋଲି ଚିନ୍ତା କରେ । ସେ ଅନୁଭବ କରେ ଯେ ସେ ଜଣେ ଇଚ୍ଛା-ବିହୀନ ଲୋକ । ତା'ର କାର୍ଯ୍ୟ କରିବାର କୌଣସି ନିର୍ଘଣ୍ଟ ବା ଶୃଙ୍ଖଳା ନ ଥାଏ । ସଂଯମ ବା ନିୟମାନୁବର୍ତ୍ତିତା କଣ ସେ ଜାଣେ ନାହିଁ । ଯେତେବେଳେ ଯେଉଁ ବୋଝ ତା କାନ୍ଧକୁ ଆସିଯାଏ, ସେତେବେଳେ ସେ ସେହି ବୋଝ ବୋହିବାକୁ ବାଧ୍ୟ ହୁଏ । ଏହା ଅନବରତ ଦୁର୍ବଳତା, କ୍ଳାନ୍ତି ଓ ଅବସାଦ ଜନ୍ମାଏ । ଶାରୀରିକ ଉଦ୍ୟମ ଦୂରେ ଥାଉ, ଟିକିଏ ଅଧିକ ଚିନ୍ତା କଲେ ମଧ୍ୟ ସେ ନିସ୍ତେଜ ହୋଇ ପଡ଼େ । ତାର ମାନସିକ ଶକ୍ତି ପଳାଇଯାଏ ।

ମିଥ୍ୟା ଓ ମାୟାକୁ ସତ୍ୟ ବୋଲି ବିଶ୍ୱସି ତାର କୋଳରେ ସୁଖ ନିଦ୍ରା ଯିବାର ଚେଷ୍ଟା କଲେ ଅଧଃପତନ ଅନିବାର୍ଯ୍ୟ । ମନୁଷ୍ୟର ଅସରନ୍ତି ଶାରୀରିକ, ମାନସିକ ଓ ସ୍ନାୟବିକ ଶକ୍ତି ରହିଛି । ସେହି ଶକ୍ତିଗୁଡ଼ିକୁ ଯଥୋପଯୁକ୍ତ ଭାବରେ ବ୍ୟବହାର କରିବାର ଉପାୟ ଶିଖି ନ ଥିବାରୁ ସେ କ୍ଳାନ୍ତି ଅନୁଭବ କରେ । ଯଦି ଏହି ଶକ୍ତିମାନେ ମସ୍ତିଷ୍କକୁ ଅଧିକାର କରନ୍ତି, ସେ ଶୀଘ୍ର ଅନୁଭବ କରିବ ଯେ ତାର କ୍ଳାନ୍ତି ତାକୁ ଛାଡ଼ି ପଳାଇଛି । ସେ ବୀରମାନଙ୍କ ପରି କାର୍ଯ୍ୟରେ ପ୍ରଦର୍ଶନ କରି ପାରିବ ।

ଜଣେ ନିଜକୁ କ୍ଳାନ୍ତ ନୁହେ ବୋଲି ବିଶ୍ୱାସ କଲେହିଁ ପ୍ରତିକାର ମିଳିଗଲା । ଏହି ଭାବ ତାର ସର୍ବାଙ୍ଗରେ ବିଦ୍ୟୁତ୍ ଶିହରଣ ଜାଗରୁକ କରିବ ଏବଂ ଫଳରେ କାର୍ଯ୍ୟ କ୍ଷେତ୍ରରେ ସେ ଯଶସ୍ୱୀ ହେବ, ଏପରି କି ଅପରାଜେୟ ହୋଇ ଯାଇପାରେ ।

ଯେଉଁମାନେ ନିୟମିତ ଶାରୀରିକ ବ୍ୟାୟାମ କରନ୍ତି ସେମାନଙ୍କର କାର୍ଯ୍ୟକ୍ଷମତା ବ୍ୟାୟାମ କରୁ ନ ଥିବା ବ୍ୟକ୍ତିମାନଙ୍କର କାର୍ଯ୍ୟ କ୍ଷମତା ଠାରୁ ଅଧିକ । ଶାରୀରିକ ପରିଶ୍ରମ ବା ବ୍ୟାୟାମ ଦ୍ୱାରା କେବଳ ଯେ ମାଂସ ପେଶୀଗୁଡ଼ିକର ଆକାର ବୃଦ୍ଧି ପାଏ ତା ନୁହେ, ଶରୀରରେ ନୂତନ ରକ୍ତ କଣିକା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ନୂତନ ଶକ୍ତି ସୃଷ୍ଟି ହୁଏ ଓ ଉତ୍ତେଜନା ବୃଦ୍ଧି ପାଏ । ଏଣୁ ନିୟମିତ ଭାବରେ ଅଙ୍ଗସ୍ୱଳନାକରି ଦେହକୁ ସୁସ୍ଥ ଓ ମନକୁ ପ୍ରଫୁଲ୍ଲ ରଖିବା ଉଚିତ ।

ନିୟମିତ ଭାବରେ ଯୋଗ ସାଧନା ଓ ପ୍ରାଣାୟାମ କଲେ ମନର ବଳ ବୃଦ୍ଧି ପାଏ । ଏହିସବୁ ସାଧନା ସ୍କୁଲ କଲେଜମାନଙ୍କରେ ଶିକ୍ଷା ଦିଆଯିବାର ପ୍ରସ୍ତାବ ଅଛି । ଏହି କାର୍ଯ୍ୟଗୁଡ଼ିକ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେଲେ ଛାତ୍ର ଓ ଶିକ୍ଷକମାନଙ୍କର ଚିନ୍ତାର ସ୍ତର ଊର୍ଦ୍ଧ୍ୱ-ଗାମୀ ହେବ ଏବଂ ମନର ବଳ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । ପୂର୍ବକାଳରେ ଗୁରୁକୁଳ ଆଶ୍ରମମାନଙ୍କରେ ଛାତ୍ରମାନଙ୍କୁ ଯୋଗ ସାଧନା ଶିକ୍ଷା ଦିଆ ଯାଉଥିଲା । ସବୁ ଯୋଗ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ ବୋଲି ପ୍ରମାଣିତ ହୋଇ ଅଛି । ଶ୍ରୀକୃଷ୍ଣଙ୍କ ଠାରୁ କର୍ମଯୋଗର ତାତ୍ପର୍ଯ୍ୟ ଶୁଣି ବିଷାଦଗ୍ରସ୍ତ ଭୀରୁ ଅର୍ଜୁନଙ୍କ ମନରେ ଅପରାଜେୟ ଯୋଦ୍ଧା ହେବାର ସାହସ ଜନ୍ମିଲା । ସେହି ସାହାସ ବଳରେ ସେ ବିରାଟ କୌରବ ସେନାବାହିନୀକୁ କୁରୁକ୍ଷେତ୍ର ଯୁଦ୍ଧରେ ପରାଜିତ କରିଥିଲେ ଶ୍ରୀମଦ୍‌ଭଗବତ ଗୀତାରେ ଏ ବିଷୟରେ ବିସ୍ତୃତ ବିବରଣ ରହିଛି । କର୍ମଭୀରୁ ଲୋକେ ଗୀତା ପଢିଲେ କର୍ମ-ତତ୍ପର ହୁଅନ୍ତି । କର୍ମତତ୍ପର ଲୋକେ ଅସୀମ ଶକ୍ତିର ଅଧିକାରୀ ହୁଅନ୍ତି । ମନରୁ କ୍ଳାନ୍ତିଭାବ ଦୂର କରିବାକୁ ଗୀତାର ଉପଦେଶ ଅତ୍ୟନ୍ତ ମୂଲ୍ୟବାନ୍ ।

୦—ସହିଦନଗର, ଭୁବନେଶ୍ୱର

# ସୁପ୍ରଭାତ

ଦିଗ୍‌ବଳୟ ତଳେ ଆଜି
ଅତୀତର ଏତେ ନୂତନତା
ଯେଉଁଠି ହଜିଛି ରାତ୍ରି
ଇତିହାସ କହେ ଯହିଁ କଥା ॥

ସ୍ନାୟୁରେ ଛୁଟୁଛି ସ୍ରୋତ
ଦେହରେ କି ଅଦ୍ଭୁତ କମ୍ପନ
ଦୃଶ୍ୟ ପୁଣି ବଦଳୁଛି
ସତେ କି ଏ ନୂତନ ସୋପାନ ॥

ଘୂର୍ଣ୍ଣିବାତ୍ୟା ପରେ ଆଜି
ଆକାଶରେ ଉଷର ସୂଚନା
ରକ୍ତର ନିଶାଣେ ଆଜି
ଗାଏ ମୁକ୍ତି ତୁମରି ବନ୍ଦନା ॥

ଜନତାର ଯାତ୍ରା ପଥେ
ତୁମେ ଆଜି ମୁକ୍ତିର ମଶାଲ
ଚଉପାଶେ ହାହାକାର
ଅନ୍ଧକାର ଖାଲି ଅନ୍ଧକାର ॥

ଆଜିଠାରୁ ଅନ୍ତ ହେଉ
ଅଭିଶପ୍ତ ଦୀର୍ଘ କାଳ ରାତ୍ରି
ଚାଲିଯାଉ ଉଲ୍‌କା ସମ
ଅତୀତର ଯେତେ ଭୁଲ୍ ଭ୍ରାନ୍ତି ॥

ସୃଷ୍ଟିର କଲ୍ୟାଣ ଲାଗି
ଆଲୋକର ଏକାନ୍ତ ସନ୍ଧାନ
କଂସାସୁର ନାଶ ହେଉ
ମର୍ତ୍ତ୍ୟ ହେଉ ସରଗ ସମାନ ॥

ଯୋଜନା ଓ ସମନ୍ୱୟ ବିଭାଗ
ରାଜ୍ୟ ସଚିବାଳୟ, ଭୁବନେଶ୍ୱର

# ଗାଁ ଗହଳରେ ପୁଷ୍ଟିସାର ଖାଦ୍ୟ ଯୋଗାଣ

ଶ୍ରୀ ଭ୍ରମରବର ଜେନା

ପ୍ରାଣୀ ମାତ୍ରକେ ତା'ର ପ୍ରାଣ ରକ୍ଷା କରିବା ପାଇଁ ଖାଦ୍ୟ ଦରକାର କରେ । ଭଲ ଗଛଟିଏ ମଧ୍ୟ ମାଟି, ପାଣି, ପବନ ଓ ସୂର୍ଯ୍ୟ କିରଣ ନ ପାଇଲେ ବଞ୍ଚି ପାରିବ ନାହିଁ । ତା' ପରେ ପୁଣି ବିଭିନ୍ନ ପ୍ରକାର ଗଛପାଇଁ ବିଭିନ୍ନ ପ୍ରକାର ମାଟି ଓ ବିଭିନ୍ନ ପରିମାଣର ପାଣି ଦରକାର ହୁଏ । ସେହିପରି ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାରର ଖାଦ୍ୟ ଦରକାର ହୁଏ । ଉପଯୁକ୍ତ ଖାଦ୍ୟ ଖାଉଥିବା ଜନ୍ତୁର ଚେହେରା ଖାଦ୍ୟ ପାଇ ପାରୁ ନ ଥିବା ଜନ୍ତୁଠାରୁ ଅଲଗା ଜଣାପଡ଼େ । ଭୁଷୁଣ୍ଡ, ହୃଷ୍ଟପୁଷ୍ଟ ଜନ୍ତୁଟି ଯେତେ କାମ କରିପାରେ ଦୁର୍ବଳଟି ସେତେ କରି ପାରେନା । ହୃଷ୍ଟପୁଷ୍ଟ ବଳଦ ହଳେ ଦିନକୁ ଯେତେ ଜମି ଚଷ କରି ପାରିବ ଦୁର୍ବଳ ବଳଦ ଜଣ କେବେ ସେତିକି କରି ପାରିବ ?

ଗଛ ବା ଜୀବଜନ୍ତୁ ଯେପରି ମଣିଷ ଜୀବନ ଠିକ୍ ସେହିପରି । ସୁସ୍ଥ ଜୀବନ ବଞ୍ଚିବା ପାଇଁ ପୁଷ୍ଟିକର ଓ ସୁଷମ ଖାଦ୍ୟ ଦରକାର । ଇଂରାଜୀରେ ଯାହାକୁ କହନ୍ତି (Nutritious and Balanced diet) । ଏହି ଖାଦ୍ୟରେ ଆବଶ୍ୟକୀୟ କାଲୋରୀ, ପ୍ରୋଟିନ, ଭିଟାମିନ୍ ଓ ଅନ୍ୟାନ୍ୟ ଖାଦ୍ୟପ୍ରାଣ ଥାଏ । ସୁଷମ ଓ ପୁଷ୍ଟିସାର ଖାଦ୍ୟ ବିଷୟରେ ବିଶେଷ କିଛି ନ ଜାଣିଥିଲେ ବି ଆମର ପୂର୍ବ ପୁରୁଷମାନେ ଯାହା ଖାଉଥିଲେ ସେଥିରୁ ସେମାନେ ଆବଶ୍ୟକୀୟ ଖାଦ୍ୟ ପ୍ରାଣ ଛାଏଁ ଛାଏଁ ପାଇ ଯାଉଥିଲେ । ତା' ନ ହେଲେ ହଜାର ହଜାର ବର୍ଷ ଧରି ମଣିଷ ବଞ୍ଚି ନ ଥାନ୍ତା ।

କିନ୍ତୁ ଆଧୁନିକ ଜୀବନ ଧାରା ଆମର ଖାଦ୍ୟପେୟରେ ଏପରି ପରିବର୍ତ୍ତନ ଆଣିଛି ଯେ ତାହା ମଣିଷର ସ୍ୱାସ୍ଥ୍ୟ ପକ୍ଷରେ ଭଲ ନ ହୋଇ ଖରାପ ହେଉଛି । କଳରେ ପେଷାହୋଇଥିବା ସଫା ଚାଉଳ, ଲଙ୍କା, କଫି ଓ ଚାହା ଇତ୍ୟାଦି ଏ ଦିଗରେ ଅନେକ ଉଦାହରଣ । ଆଦିମ ଯୁଗର ମଣିଷ ପ୍ରକୃତିଗତ ଭାବରେ ( By instinct ) ଯାହା ଖାଉଥିଲା, ତାହା ସେ ସେଥିରୁ ଉପଯୁକ୍ତ ଖାଦ୍ୟସାର ପାଇ ଯାଉଥିଲା । କିନ୍ତୁ ଆମେ ସରଳ ସ୍ୱାଭାବିକ ଜୀବନଯାପନ ଠାରୁ ବହୁତ ଦୂରେଇ ଯାଇ କୃତ୍ରିମ ସ୍ୱାଦକୁ ପସନ୍ଦ କରିଛୁ । ବେଶୀ ଚିନି, ଘିଅ, ତେଲ, ମସଲା ଦେଇ ତରକାରୀ ନ ରାନ୍ଧିଲେ ଆମକୁ ଭାତ ରୁଚୁନାହିଁ । କିନ୍ତୁ ଅସଲ କଥା ହେଉଛି—ରୁଚିକର ଖାଦ୍ୟ ଖାଇବା ଅପେକ୍ଷା ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବା ହିଁ ବେଶୀ ଦରକାର । ଏଣେ ଲୋକସଂଖ୍ୟା ଅତି ମାତ୍ରାରେ ବଢ଼ି ଚାଲିଛି । ତା ଫଳରେ ଅଧିକାଂଶ ଲୋକଙ୍କ ପାଇଁ ଉପଯୁକ୍ତ ଖାଦ୍ୟର ଅଭାବ ପଡୁଛି । ବହୁ ଲୋକ ଯଥେଷ୍ଟ ଖାଇବାକୁ ପାଆନ୍ତି ନାହିଁ । ଆବଶ୍ୟକୀୟ ପୁଷ୍ଟିସାର ଓ ସୁଷମ ଖାଦ୍ୟ ଖାଇବା ତ ଦୂରର କଥା, ଛୋଟ ଛୁଆମାନଙ୍କ ପାଇଁ ଏ ଅଭାବ ବିଶେଷ ଭାବେ ପରିଲକ୍ଷିତ ହୁଏ । ଆମ ଦେଶରେ ୫-୬ ବର୍ଷର ଶିଶୁ ବେଶି ମରୁଛନ୍ତି । (Kwashiorkor, Marasmus) ଓ ବେରି ବେରି ଇତ୍ୟାଦି ରୋଗ ଓ ଅନ୍ଧାରକଣା ଏପରିକି ପୁରା ଅନ୍ଧ ପୁଷ୍ଟିସାର ଖାଦ୍ୟ ଅଭାବରୁ ହୋଇଥାଏ । ଏହି ଖାଦ୍ୟର ଅଭାବରେ ଶିଶୁର ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ମଧ୍ୟ କ୍ଷତି ଘଟେ ବୋଲି ଏବେ ଜଣା ପଡ଼ିଛି । ଏହି କ୍ଷତି ପରବର୍ତ୍ତୀ ଜୀବନରେ ପୂରଣ କରାଯିବା ସମ୍ଭବପର ହୋଇ ପାରେ ନାହିଁ । ଯେଉଁ ଶିଶୁମାନେ ଉପଯୁକ୍ତ ପୁଷ୍ଟିସାର ଖାଦ୍ୟ ପାଇ ପାରି ନ ଥାନ୍ତି ସେମାନେ ଭଲ ବଢ଼ନ୍ତି ନାହିଁ । ପାଶ୍ଚାତ୍ୟ ଦେଶର ୯ ବର୍ଷର ପିଲାର ଉଚ୍ଚତା ଓ ସ୍ୱାସ୍ଥ୍ୟ ଯାହା ଆମ ଦେଶରେ ଅନେକ ସମୟରେ ୧୨-୧୩ ବର୍ଷର ପିଲାର ଉଚ୍ଚତା ଓ ସ୍ୱାସ୍ଥ୍ୟ ତାହା ହୋଇ ନ ଥାଏ । ପାଶ୍ଚାତ୍ୟ ଦେଶରେ ସାଧାରଣ ଲୋକର ଓଜନ ୬୫ ବା ୭୦ କେ. ଜି. ହେବା ସ୍ଥଳେ ଆମ ଦେଶର ଗୋଟିଏ ଗରିବ ଲୋକର ଓଜନ ୪୫ ବା ୫୦ କେ. ଜି. ହୋଇଥାଏ । ପୁଷ୍ଟିସାର ଖାଦ୍ୟ ଅଭାବ ମନୁଷ୍ୟର କାର୍ଯ୍ୟ କ୍ଷମତାକୁ ମଧ୍ୟ ହ୍ରାସକରି ଦିଏ । ଉପଯୁକ୍ତ ଖାଦ୍ୟ ପାଇ ପାରୁ ନ ଥିବା ଲୋକ ଅନେକ ସମୟରେ ସ୍ନାୟବିକ ଯୋଗାଯୋଗ ଅଭାବରୁ ଦୁର୍ଘଟଣାର ସମ୍ମୁଖୀନ ହୁଏ ବୋଲି ମଧ୍ୟ ସ୍ୱାସ୍ଥ୍ୟବିତ୍ କହିଥାନ୍ତି ।

ଯେଉଁ ସମାଜରେ ଯେତେ ବେଶୀ ଦୁର୍ବଳ ମନୁଷ୍ୟ ଥାଆନ୍ତି, ସେ ସମାଜଟି ସେତେ ଦୁର୍ବଳିଆ ଜଣାପଡ଼େ । ଏଣୁ ପୁଷ୍ଟିସାର ଖାଦ୍ୟ ଅଭାବ କେବଳ ବ୍ୟକ୍ତିଗତ ସମସ୍ୟା ନୁହେଁ । ଏହା ଏକ ସାମାଜିକ ସମସ୍ୟା । ଏହି ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ଆମ ସରକାର ବିଭିନ୍ନ ପଞ୍ଚବାର୍ଷିକ ଯୋଜନାମାନଙ୍କରେ ଏହି ସମସ୍ୟାର ସାମାଧାନ

କରିବା ପାଇଁ କେତେକ କାର୍ଯ୍ୟକ୍ରମ ଗ୍ରହଣ କରିବାର ବ୍ୟବସ୍ଥା କରିଛନ୍ତି । ବିଶେଷ କରି ପୁଷ୍ଟିସାର ଖାଦ୍ୟ ଅଭାବ-ଜନିତ ସମସ୍ୟା ଯେଉଁମାନଙ୍କ ପକ୍ଷରେ ଅଧିକ ଯଥା ଗର୍ଭବତୀ ଓ ପ୍ରସୂତି ମା, ଶିଶୁ, ସ୍କୁଲକୁ ଯାଉ ନ ଥିବା ୬ ବର୍ଷରୁ କମ୍ ବୟସ ପିଲ୍ଲ ଓ ପ୍ରାଥମିକ ବିଦ୍ୟାଳୟକୁ ଯାଉଥିବା ଛୋଟ ଛୋଟ ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ତିନୋଟି ଯଥା:—

୧ । ପ୍ରୟୋଗାତ୍ମକ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ (Applied Nutrition Programme)

୨ । ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ ଯୋଜନା (Midday Meal Programme in Schools)

୩ । ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ଯୋଗାଣ ଯୋଜନା (Special Nutrition Programme)

### ପ୍ରୟୋଗାତ୍ମକ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ

ବର୍ତ୍ତମାନର ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ ଆଣି ତାହାକୁ ଉନ୍ନତ କରି ପୁଷ୍ଟିକର ଖାଦ୍ୟ ଯୋଗାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ସ୍କୁଲମାନଙ୍କରେ ବାଡ଼ି ବଗିଚା କରି ତହିଁର ଫଳ ଓ ପନିପରିବା ପିଲାମାନଙ୍କୁ ଖାଇବାକୁ ଦେଇ ପୁଷ୍ଟିସାର ଖାଦ୍ୟ ବିଷୟରେ ଶିକ୍ଷା ଦେବା ଏହି ଯୋଜନାର ଏକ ବିଶେଷ କାର୍ଯ୍ୟକ୍ରମ । ଗାଁ ଗହଳରେ ନିଜ ନିଜ ବାଡ଼ି ବଗିଚାରେ ପନିପରିବା ସୃଷ୍ଟି କରି ଖାଇବାକୁ ଶିକ୍ଷା ଦେବା ଏହି ଯୋଜନାର ଆଉ ଏକ ବିଶିଷ୍ଟ କାର୍ଯ୍ୟକ୍ରମ । ଗାଁ ଗହଳର ସ୍ତ୍ରୀଲୋକମାନଙ୍କୁ ମହିଳା ସମିତି ଜରିଆରେ ବିଭିନ୍ନ ପ୍ରକାର ରନ୍ଧନ ପ୍ରଣାଳୀ ଶିକ୍ଷା ଦିଆଯାଇଥାଏ । ଏଇଟା ଏକ ସାଧାରଣ କଥା ଯେ ଯେକୌଣସି ଖାଦ୍ୟ ଦ୍ରବ୍ୟକୁ ଯଦି ବେଶି ସମୟ ନିଆଁରେ ସିଝାଇ ଦିଆଯାଏ ସେଥିରୁ ବହୁତ ଖାଦ୍ୟସାର ନଷ୍ଟ ହୋଇଯାଏ । କେଉଁ ଜିନିଷକୁ କିପରି ରାନ୍ଧିଲେ ଖାଦ୍ୟସାର ନଷ୍ଟ ହେବନାହିଁ ଏବିଷୟରେ ଏବଂ ସାଧାରଣ ଲୋକ ପାଇପାରିବା ଭଳି କେଉଁ କେଉଁ ଖାଦ୍ୟ ଜିନିଷରେ ଆବଶ୍ୟକୀୟ ଖାଦ୍ୟସାର ମିଳି ପାରିବ ଏସବୁ ବିଷୟରେ ପ୍ରଦର୍ଶନୀ ସଙ୍ଗଠିତ କରି ଲୋକମାନଙ୍କୁ ଶିକ୍ଷା ଦେବା ବ୍ୟବହାରିକ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ ବା (Applied Nutrition Programme) ର ବିଶେଷ ଲକ୍ଷ୍ୟ । ପ୍ରଦର୍ଶନୀ ଓ ଆଲୋଚନା ଦ୍ୱାରା ସୁଷମ ଖାଦ୍ୟ ଖାଇବା ଅଭ୍ୟାସର ପରିବର୍ତ୍ତନ ନିମନ୍ତେ ଲୋକମାନଙ୍କ ଉପରେ ବିଶେଷ ପ୍ରଭାବ ପଡ଼ିବ ।

ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ (UNICEF) ଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଛି । ଆମ ରାଜ୍ୟରେ ମୋଟ ୩୧୪ ଗୋଟି ବ୍ଲକ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩୦ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଅଛି । ଆସନ୍ତା ବର୍ଷକୁ ଆଉ ୮ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ହାତକୁ ନିଆ ଯିବାପାଇଁ ସ୍ଥିର କରାଯାଇଛି ।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅତି ବ୍ୟାପକ ଓ ଗଭୀର । ପୁଷ୍ଟିସାର ଖାଦ୍ୟ ଉତ୍ପାଦନ, ସୁଷମ ଖାଦ୍ୟ ବ୍ୟବହାର ଏବଂ ସ୍ଥାନୀୟ ଖାଦ୍ୟ ଅଭ୍ୟାସର ପରିବର୍ତ୍ତନ ପ୍ରଭୃତି ଲକ୍ଷ୍ୟ ଗୁରୁତ୍ୱ ଦୃଷ୍ଟିରୁ ଗାଁ ଗହଳରେ ଲୋକମାନଙ୍କ ମଧ୍ୟରେ ଲକ୍ଷ୍ୟ ସାଧନ ନିମିତ୍ତ ଉପଯୁକ୍ତ ଜାଗରଣ ସୃଷ୍ଟି କରିବା ସମୟ ସାପେକ୍ଷ । ତଥାପି ସଂପୃକ୍ତ ସରକାରୀ କର୍ମଚାରୀ, ମହିଳା ସମିତି, ଯୁବକ ସଂଘ ତଥା ପଞ୍ଚାୟତି-ରାଜ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତାମାନଙ୍କର ନିଷ୍ଠା, ଉତ୍ସାହ ଓ କର୍ମପ୍ରେରଣା ଯୋଗୁ ଏ ଦିଗରେ ଆମେ ଯେ ଅନେକ ଆଗେଇଛୁ ଏଥିରେ ସନ୍ଦେହ ନାହିଁ ।

### ମଧ୍ୟାହ୍ନ ଭୋଜନ ଯୋଜନା

ଆମର ପ୍ରାଥମିକ ସ୍କୁଲମାନଙ୍କରେ ଯେଉଁ ପିଲାମାନେ ପଢ଼ୁଛନ୍ତି ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଏହି ଯୋଜନା ଆଜିକି ପ୍ରାୟ ୧୦/୧୨ ବର୍ଷ ହେବ ଆମ ରାଜ୍ୟରେ କାର୍ଯ୍ୟକାରୀ କରା ଯାଉଛି । ଏଥିପାଇଁ (CARE) ନାମକ ଏକ ଆନ୍ତର୍ଜାତିକ ସଂସ୍ଥା ଠାରୁ ଖାଦ୍ୟ ସାହାଯ୍ୟ ଆଣି ପ୍ରାଥମିକ ସ୍କୁଲମାନଙ୍କରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଛି । ଏଥିରେ ସାଧାରଣତଃ ବଲଗାର ଗହମ ଓ ସାଲାଡ଼ ବା ସିଝା ତେଲରେ ଉପମା ରନ୍ଧାଯାଇ ପିଲାମାନଙ୍କୁ ଦିଆଯାଏ । ଏହା ବେଶ ସୁସ୍ୱାଦୁ ଓ ପୁଷ୍ଟିକର । ପିଲାମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ଏହି ଯୋଜନା ଛାତ୍ର ଉପସ୍ଥାନର ବୃଦ୍ଧି ଦିଗରେ ବି ସାହାଯ୍ୟ କରୁଛି । ଆମ ଦେଶରେ ପ୍ରାଥମିକ ଛାତ୍ର ସଂଖ୍ୟା ପ୍ରାୟ ୨୨ ଲକ୍ଷ । ଆନ୍ତର୍ଜାତିକ ସଂସ୍ଥା (CARE) ଠାରୁ ଆମେ ମାତ୍ର ୫ ଲକ୍ଷ ୬୦ ହଜାର ପିଲାଙ୍କ ପାଇଁ ଖାଦ୍ୟ ପାଉଛୁ । ତେଣୁ ଏହି ଯୋଜନା ରାଜ୍ୟର ସବୁ ପ୍ରାଥମିକ ସ୍କୁଲରେ କାର୍ଯ୍ୟକାରୀ କରିବା ସମ୍ଭବପର ହୋଇ ପାରିନାହିଁ । ଆଦିବାସୀ, ହରିଜନ ଓ ଦୁର୍ବଳ ଶ୍ରେଣୀ ବହୁଳ ଅଞ୍ଚଳ-ମାନଙ୍କରେ ଥିବା ସ୍କୁଲଗୁଡ଼ିକରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଛି । ସେହି ଅଞ୍ଚଳରେ ଅଳ୍ପ ବହୁତେ ଏହି ଯୋଜନା ରାଜ୍ୟର ସମସ୍ତ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି ।

### ସ୍ୱତନ୍ତ୍ର ପୁଷ୍ଟିସାର କାର୍ଯ୍ୟକ୍ରମ

ମନୁଷ୍ୟର ଶାରୀରିକ ଓ ମାନସିକ ବିକାଶ ପାଇଁ ଶୈଶବ ଅବସ୍ଥାରେ, ବିଶେଷ କରି ୫-୬ ବର୍ଷ ମଧ୍ୟରେ ଯଥେଷ୍ଟ ପୁଷ୍ଟିସାର ଖାଦ୍ୟ ଦରକାର । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ, ୬ ବର୍ଷ ମଧ୍ୟର ଶିଶୁ, ଗର୍ଭବତୀ ଓ

ପ୍ରସୂତି ମା' ମାନଙ୍କ ପାଇଁ ଜାତୀୟ କାର୍ଯ୍ୟକ୍ରମ ଭିତ୍ତିରେ ଆଜକୁ ପ୍ରାୟ ୫-୬ ବର୍ଷ ହେବ ଏକ ନୂତନ ପୁଷ୍ଟିସାର ଖାଦ୍ୟ ଯୋଗାଣ ଯୋଜନା କାର୍ଯ୍ୟକାରୀ କରା ଯାଉଛି । ଏହି ଯୋଜନାର ମୋଟ ସଂଖ୍ୟା ପ୍ରାୟ ୪୦।୪୫ ଲକ୍ଷ ହେବ । ଏତେ ଶିଶୁ ଓ ମା'ଙ୍କୁ ଖାଦ୍ୟ ଯୋଗାଇବା ସରକାରଙ୍କ ପକ୍ଷରେ ଆର୍ଥିକ ସମ୍ବଳ ଅଭାବ ହେତୁ ସମ୍ଭବ ନୁହେଁ । ତେଣୁ ଆଦିବାସୀ, ହରିଜନ ଓ ଦୁର୍ବଳ ଶ୍ରେଣୀର ଜନ ବହୁଳ ଅଞ୍ଚଳମାନଙ୍କରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ଚଳିତ ବର୍ଷ ୮,୪୬,୦୦୦ ମା' ଓ ଶିଶୁ ଏହି ଯୋଜନାରୁ ଉପକୃତ ହେଉଛନ୍ତି ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ (CARE) ଓ ବିଶ୍ୱ ଖାଦ୍ୟ ସଂସ୍ଥା ପ୍ରଭୃତି ଆନ୍ତର୍ଜାତିକ ସଂସ୍ଥାମାନଙ୍କରୁ ୬,୦୨,୦୦୦ ପିଲା ଓ ମା'ଙ୍କ ପାଇଁ ଖାଦ୍ୟ ସାହାଯ୍ୟ ନିଆଯାଇଛି । ବାକି ୨,୪୪,୦୦୦ ପିଲା ଓ ମା'ଙ୍କ ପାଇଁ ରାଜ୍ୟ ସରକାର ସ୍ଥାନୀୟ ଖାଦ୍ୟ ଯୋଗାଇ ଦେଉଛନ୍ତି । ଗାଁ ଗହଳରେ ଥିବା ମହିଳା ସମିତିମାନଙ୍କର ଭୂମିକା ଏହି ଯୋଜନାଟି କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ । ଶିଶୁ ଓ ମା' ମାନଙ୍କୁ ମହିଳା ସମିତିମାନ ଖାଦ୍ୟ ରାନ୍ଧି ଯୋଗାଇ ଦିଅନ୍ତି । ଅଧିକାଂଶ ମହିଳା ସମିତି ଏ ଦିଗରେ ଖୁବ୍ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ।

ଏହି ସବୁ ପୁଷ୍ଟିସାର ଖାଦ୍ୟ ଯୋଜନା କାର୍ଯ୍ୟକାରୀ କରିବାରେ ସରକାରଙ୍କୁ ପ୍ରାୟ ୩ କୋଟି ଟଙ୍କା ବର୍ଷକୁ ଖର୍ଚ୍ଚ କରିବାକୁ ପଡୁଛି । ଯଦିଓ ଏହି ଯୋଜନା ସଂପ୍ରସାରଣ କରିବାର ସୁବିଧା ଅଛି ଆମପରି ଏକ ଗରିବ ଦେଶରେ ଆଉ ଅଧିକ ଅର୍ଥ ଏଥିପାଇଁ ବିନିଯୋଗ କରିବା ସମ୍ଭବପର ହୋଇ ପାରୁନାହିଁ । ଆମ ରାଜ୍ୟର ପଞ୍ଚାୟତ ସମିତିର କର୍ମକର୍ତ୍ତା, ସ୍କୁଲ ଶିକ୍ଷକ, ମହିଳା ସମିତି ଓ ଯୁବକ ସଂଘ ଇତ୍ୟାଦି ଅନୁଷ୍ଠାନଗୁଡ଼ିକ, ଯେଉଁମାନଙ୍କ ଜରିଆରେ ଏହି ସବୁ ଯୋଜନା କାର୍ଯ୍ୟକାରୀ କରାଯାଉଛି, ମୁଁ ଏହି ଅବସରରେ ସେମାନଙ୍କ ଦୃଷ୍ଟିକୁ ଆଣିବି ଯେ ସେହିମାନଙ୍କ ନିଷ୍ଠା ଓ କର୍ମ ତତ୍ପରତା ଉପରେ ଏହି ସବୁ ଯୋଜନାର ସଫଳତା ନିର୍ଭର କରେ । ପୁଷ୍ଟିସାର ଖାଦ୍ୟର ଅଭାବ ଦେଶ ଓ ସମାଜ ପକ୍ଷରେ କ୍ଷତିକାରକ । ତେଣୁ ଦେଶର ଭବିଷ୍ୟତ ସେହିମାନଙ୍କ ହାତରେ ଯେଉଁମାନେ ଏହି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

●

ଉପଶାସନ ସଚିବ, ଗୋଷ୍ଠୀଉନ୍ନୟନ ଓ ସମାଜ ମଙ୍ଗଳ
ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱର ।



ସୋନପୁର ଜିଲ୍ଲାପାଳ ଶ୍ରୀ ଏସ୍. ବି. ମିଶ୍ର, ଆଇ. ଏ. ଏସ୍. ଗ୍ରାମ୍ୟ ବ୍ୟାଙ୍କର ଏକ ଶାଖା ଉଦ୍‌ଘାଟନ କରି ସାରିବା ପରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର ଚେୟାରମ୍ୟାନଙ୍କ ସହିତ ଆଲୋଚନା କରୁଛନ୍ତି ।

# ଗାଁ ଗଢ଼ିବା ପାଇଁ ସ୍ୱଳ୍ପ ସଞ୍ଚୟ

ଶ୍ରୀ ଭାଗବାନନ୍ଦ ପାଣିଗ୍ରାହୀ

ଆମ ଦେଶ ପୃଥିବୀର ଏକ ସ୍ୱାଧୀନ ପ୍ରଜାତନ୍ତ୍ର ରାଷ୍ଟ୍ର ରୂପେ ପ୍ରତିଷ୍ଠିତ ହେଲାଦିନ ଠାରୁ ଆମ ଦେଶର ଲୋକେ ବହୁ ସମସ୍ୟା ଓ ଦାୟିତ୍ୱର ସମ୍ମୁଖୀନ ହୋଇ ଆସୁଛନ୍ତି । ରାଜନୈତିକ ସ୍ୱାଧୀନତା ହାସଲ ପୂର୍ବରୁ ଆମ ଦେଶର କୋଟି କୋଟି ଜନତା ଉତ୍କଟ ଦାରିଦ୍ର୍ୟ ଓ ଅଶିକ୍ଷା ଭିତରେ ପଡ଼ି ରହିଥିଲେ । ସ୍ୱାଧୀନତା ଲାଭ ପରେ ସେହି ଅବସ୍ଥାରୁ ଦେଶକୁ ଉଦ୍ଧାର କରି ଏକ ସୁଖୀ ଓ ସମୃଦ୍ଧିଶାଳୀ ରାଷ୍ଟ୍ର ରୂପେ ଏହାକୁ ଗଢ଼ିବା ଦାୟିତ୍ୱ ଆମ ସମସ୍ତଙ୍କ ଉପରେ ଆସି ପଡ଼ିଛି । ମହାତ୍ମା ଗାନ୍ଧୀଙ୍କ ମତରେ "ଅର୍ଥନୈତିକ ସ୍ୱାଧୀନତା ବିନା ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ" । ତେଣୁ ସ୍ୱାଧୀନତା ଲାଭ ପରଠାରୁ ଦେଶକୁ ବିଶେଷ କରି ଆର୍ଥିକ ଦିଗରେ ଆତ୍ମନିର୍ଭରଶୀଳ କରିବା ପାଇଁ ବହୁପ୍ରକାର ଉଦ୍ୟମ କରାଯାଉଛି । ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ଉଦ୍ଦେଶ୍ୟରେ ଏବଂ ଦେଶକୁ ପୃଥିବୀର ଅନ୍ୟାନ୍ୟ ଉନ୍ନତ ରାଷ୍ଟ୍ର ସହିତ ସମକକ୍ଷ କରିବା ଲକ୍ଷ୍ୟରେ ଦେଶର ପଞ୍ଚବାର୍ଷିକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ସମ୍ବିଧାନରେ ଲିଖିତ ଅଛି, "ଦେଶର ଅଧିବାସୀମାନଙ୍କର ଜୀବନ ଧାରଣର ମାନକୁ ଉନ୍ନତ କରିବା ଦେଶର ସର୍ବପ୍ରଧାନ କର୍ତ୍ତବ୍ୟ ମଧ୍ୟରୁ ଅନ୍ୟତମ । ଦେଶପାଇଁ ନିର୍ଦ୍ଧାରିତ ହୋଇଥିବା ନୀତିଗୁଡ଼ିକରୁ ପଞ୍ଚବାର୍ଷିକ ଯୋଜନାର ଉଦ୍ଭବ । ଦେଶରେ କେତେ-ପରିମାଣରେ କି କି ସମ୍ବଳ ରହିଛି ତାହାର ସଦୁପଯୋଗ କରିବା ପାଇଁ ଏବଂ ଦେଶକୁ ସବୁ ଦିଗରୁ ଆତ୍ମ ନିର୍ଭରଶୀଳ କରିବା ପାଇଁ କେଉଁ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯିବ ଓ କେଉଁ କାର୍ଯ୍ୟ Phased way ରେ କରାଯିବ ତହିଁର ଏକ କାର୍ଯ୍ୟକ୍ରମ ପଞ୍ଚବାର୍ଷିକ ଯୋଜନାରେ ପ୍ରସ୍ତୁତ କରାଯାଏ । ପ୍ରତ୍ୟେକ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ମୂଳଧନ ଯୋଗାଇବା ସକାଶେ ଅର୍ଥ ବିନିଯୋଗ କରିବା ନିତାନ୍ତ ଆବଶ୍ୟକ । ଅର୍ଥ ଯୋଗାଣ ଫଳରେ ଉତ୍ପାଦନ ବୃଦ୍ଧିହୁଏ ଏବଂ ତାହାଦ୍ୱାରା ମୁଦ୍ରାସ୍ଫୀତିକୁ ଆୟତ୍ତକରି ବୈଦେଶିକ ବିନିମୟ ମୁଦ୍ରା ସଞ୍ଚୟ ସଂଭବ ହୁଏ" ।

ବର୍ତ୍ତମାନ ଆମେ ପଞ୍ଚବାର୍ଷିକ ଯୋଜନାର ଚତୁର୍ଥ ବର୍ଷରେ ପଦାର୍ପଣ କରିଅଛୁ । ପଞ୍ଚବାର୍ଷିକ ଯୋଜନା ଗୁଡ଼ିକ ପାଇଁ ବିପୁଳ ପରିମାଣର ଅର୍ଥ ଆବଶ୍ୟକ ହୋଇଥାଏ ଏବଂ ଜାତୀୟ ସଞ୍ଚୟ ଆନ୍ଦୋଳନ ଦୃଷ୍ଟିରୁ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି । ଏ ଗୁଡ଼ିକ ହେଲା—ଦେଶର ଉନ୍ନୟନ ମୂଳକ ଯୋଜନା ଗୁଡ଼ିକର ସଫଳ ରୂପାୟନ ଦ୍ୱାରା ଦେଶର ଆର୍ଥିକ ଅବସ୍ଥା ଉନ୍ନତ ହେଉଥିବା ଫଳରେ ଯେଉଁ ଅତିରିକ୍ତ ଆୟ ହୁଏ ତାହାର ଗୋଟିଏ ବିଶେଷ ଅଂଶ ପୁଣି ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରିବା । ଜାତୀୟ ସଞ୍ଚୟ ଯୋଜନାରେ ପୋଷ୍ଟ ଅଫିସ ମାଧ୍ୟମରେ ଯେତେ ଟଙ୍କା ଜମା ରହିବ ରାଜ୍ୟ ସରକାର ସେହି କିସ୍ତି ଜମାର ଦୁଇ ତୃତୀୟାଂଶ ଦୀର୍ଘକାଳୀନ ଋଣ ଭାବରେ କେନ୍ଦ୍ର ସରକାରଙ୍କଠାରୁ ପାଇ ପାରିବେ । ଏହା ବ୍ୟତୀତ କୌଣସି ରାଜ୍ୟର ବ୍ୟକ୍ତିଗତ ସଞ୍ଚୟ ଲକ୍ଷ୍ୟଠାରୁ ଅଧିକ ହେଲେ ତାକୁ ହିସାବକୁ ନିଆଯାଏ ଏବଂ ତା ଉପରେ ଅଧିକ ଋଣ କେନ୍ଦ୍ର ସରକାରଙ୍କଠୁ ମିଳିବାର ବ୍ୟବସ୍ଥା ଅଛି । ଏଇଥି ଯୋଗୁଁ ରାଜ୍ୟ ସରକାର ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଅଧିକ ଅର୍ଥ ବିନିଯୋଗ ପାଇଁ ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କର ସହାୟତା ନେଇ ଥାଆନ୍ତି । ସରକାରୀ ସ୍ତରରେ ସବୁ ପ୍ରକାର ଅପବ୍ୟୟକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି । କିନ୍ତୁ ନାଗରିକମାନଙ୍କର ମଧ୍ୟ ଏ ଦିଗରେ ଗୁରୁ ଦାୟିତ୍ୱ ରହିଛି । ଆମର ଜାତୀୟ ଜୀବନର ସମୃଦ୍ଧି ପାଇଁ ଏହାହିଁ ହେଉଛି ଏକମାତ୍ର ପନ୍ଥା । ଏହି ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁସାରେ ସମାଜର ଅବହେଳିତ ଏବଂ ଦୁର୍ବଳଶ୍ରେଣୀ ଲୋକଙ୍କର ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ବିଶେଷ କରି ଉତ୍ପାଦନ ବୃଦ୍ଧିପାଇଁ ଯେଉଁସବୁ ଯୋଜନା ହାତକୁ ନିଆଯାଉଛି, ତାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ସ୍ୱଳ୍ପ ସଞ୍ଚୟ ଯୋଜନା ବିଶେଷ ସାହାଯ୍ୟକାରୀ ହୋଇ ପାରିବ ।

ରାଜ୍ୟର ଉନ୍ନୟନ ଯୋଜନାଗୁଡ଼ିକ ପାଇଁ ପୁଞ୍ଜି ଯୋଗାଣରେ ସ୍ୱଳ୍ପ ସଞ୍ଚୟ ଯୋଜନା ସାହାଯ୍ୟ କରିବା ବ୍ୟତୀତ ଏହାର ଅନ୍ୟ ଗୋଟିଏ ଭୂମିକା ରହିଛି । ସ୍ୱଳ୍ପ ସଞ୍ଚୟ ଯୋଜନାରେ ବହୁ ସଂଖ୍ୟକ ଲୋକ

ସେମାନଙ୍କର ସଞ୍ଚିତ ଅର୍ଥ ବିନିଯୋଗ କରିବା ଫଳରେ ବଜାରରେ ମୁଦ୍ରାର ପ୍ରସାର ହ୍ରାସ ପାଇଥାଏ ଏବଂ ଏହା ଫଳରେ ମୁଦ୍ରାସ୍ଫୀତିକୁ ସଫଳତାର ସହିତ ରୋକିବାଦ୍ୱାରା ଏହା ଜିନିଷପତ୍ରର ଦରଦାମ ସ୍ଥିର ରଖିବାରେ ସାହାଯ୍ୟ କରିଥାଏ ।

ଦେଶର ପଞ୍ଚବାର୍ଷିକ ଯୋଜନା ଗୁଡ଼ିକ ପାଇଁ ଯେଉଁ ବିପୁଳ ଅର୍ଥ ପ୍ରୟୋଜନ ତାହା ବିଭିନ୍ନ ସୂତ୍ରରୁ ଆସିଥାଏ । ଯଥା :—ବିଦେଶରୁ ସାହାଯ୍ୟ ବା ଋଣ ସଂଗ୍ରହ, ଲୋକଙ୍କ ଉପରେ କର ଟିକସ ବୃଦ୍ଧି, ଆଭ୍ୟନ୍ତରୀଣ ଋଣ ସଂଗ୍ରହ ଅଥବା ଦେଶର ଭିତରର ସଞ୍ଚୟ, ବ୍ୟକ୍ତିଗତ ସଞ୍ଚୟ ଇତ୍ୟାଦି । କର ଟିକସ ବୃଦ୍ଧିର ଏକ ସୀମା ଅଛି । ବୈଦେଶିକ ସାହାଯ୍ୟ ବା ଋଣ ଉପରେ ନିର୍ଭର କରି କୌଣସି ସ୍ୱାଧୀନ ଦେଶ ନିଜର ସାର୍ବଭୌମତ୍ୱ ରକ୍ଷାପୂର୍ବକ ଉନ୍ନତ ତଥା ସମୃଦ୍ଧିଶାଳୀ ହେବା ଅସମ୍ଭବ । ସେହିଭଳି କୌଣସି ଦେଶ ପରମୁଖାପେକ୍ଷୀ ହୋଇ ଜାତୀୟ ବିକାଶ ଯୋଜନାକୁ ପୂର୍ଣ୍ଣାଙ୍ଗ କରି ନ ପାରେ । ସୁତରାଂ ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଅର୍ଥ ସଞ୍ଚୟ ହେଉଛି ଦେଶର ସମ୍ବଳ ସଂଗ୍ରହର ସବୁଠାରୁ ଉତ୍କୃଷ୍ଟ ପନ୍ଥା । ଜାତିକୁ ସ୍ୱାବଲମ୍ବୀ କରିବା କାର୍ଯ୍ୟରେ ଏବଂ ଯୋଜନା ଗୁଡ଼ିକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ଦେଶର କୋଟି କୋଟି ଲୋକଙ୍କର ସ୍ୱେଚ୍ଛାକୃତ ସହଯୋଗ ସ୍ୱଳ୍ପ ସଞ୍ଚୟ ଯୋଜନା ମାଧ୍ୟମରେ ହିଁ ସମ୍ଭବ ହୁଏ ।

ସାଧାରଣତଃ ଆମ୍ଭମାନଙ୍କର ଧାରଣା କେବଳ ଧନୀ ଶ୍ରେଣୀର ଲୋକେ ସଞ୍ଚୟ କରିବାକୁ ସମର୍ଥ । ସଞ୍ଚୟ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ପକ୍ଷେ ଅପରିହାର୍ଯ୍ୟ । କାରଣ ଭବିଷ୍ୟତ ଆପଦ ବିପଦର ସମ୍ମୁଖୀନ ହେବାପାଇଁ ଧନୀ ଲୋକର ଧନ ଆବଶ୍ୟକ ହୋଇ ନପାରେ କିନ୍ତୁ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ପକ୍ଷରେ ସଞ୍ଚିତ ଅର୍ଥ ଆପଦ ବିପଦ ବେଳରେ ମନରେ ଅସୀମ ବଳ ଦିଏ । ସଞ୍ଚୟ ଅଭ୍ୟାସ କେବଳ ଧନକୁ ଉପରେ ନିର୍ଭର କରେ ନାହିଁ, ଏହା ମନୁଷ୍ୟର ମିତବ୍ୟୟିତା ଅଭ୍ୟାସ ଉପରେ ନିର୍ଭର କରେ । ଆମେ ଅପେକ୍ଷାକୃତ ଅଳ୍ପ ପଇସା ଅର୍ଜନ କରି ନିରାଡ଼ମ୍ବର ଭାବରେ ଚଳି ଯାହା ସଞ୍ଚୟ କରି ପାରିବା ସେଥିରେ ଆମ ପରିବାରର ଭବିଷ୍ୟତ ଉଜ୍ଜ୍ୱଳ ହେବ ଅଥଚ ଅଧିକ ପଇସା ଅର୍ଜନ କରି ସୁଦ୍ଧା ମିତବ୍ୟୟୀ ନ ହୋଇ ବେପରୁଆ ଭାବରେ ଖର୍ଚ୍ଚ କଲେ ଅର୍ଜିତ ଧନ ଆମପାଇଁ ନିଅଣ୍ଟ ହୋଇପାରେ । ଅନୁଭୂତିରୁ ଦେଖାଯାଇଛି ଏଭଳି ବ୍ୟକ୍ତି ବିଶେଷ ସଞ୍ଚୟ କରିବାତ ଦୂରର କଥା ପିତୃ ପିତାମହ ଅମଳର ସଂପତ୍ତି ହରାଇ ଋଣଗ୍ରସ୍ତ ହୋଇ ଯାନ୍ତି । ସମସ୍ତେ ଜାଣନ୍ତି ଦୁନିଆରେ ସବୁଦିନ ସମାନ ଯାଏ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ସୁଦିନ, ଦୁର୍ଦ୍ଦିନ ଲାଗି ରହିଛି । ମନୁଷ୍ୟର ବଳ ବୟସ ମଧ୍ୟ କ୍ରମକ୍ଷୟଶୀଳ ଏବଂ ତାର ଉପାର୍ଜନ କ୍ଷମତା ତାହାରି ଉପରେ ନିର୍ଭର କରେ । ଉପରୋକ୍ତ ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ପାଇଁ ସଞ୍ଚୟର ଉପାଦେୟତା ସମ୍ବନ୍ଧରେ ସମସ୍ତେ ଚିନ୍ତା କରୁଛନ୍ତି ଏବଂ ବ୍ୟକ୍ତି-ବିଶେଷଙ୍କ ସଞ୍ଚୟ ଦିନକୁ ଦିନ ବଢି ଚାଲିଛି ।

ଆମର ବର୍ଦ୍ଧିଷ୍ଣୁ ଜନ ସଂଖ୍ୟାର ଆବଶ୍ୟକତା ଅନୁଯାୟୀ ଖାଦ୍ୟ ଉତ୍ପାଦନ ବଢିପାରୁନାହିଁ । ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନ ମୂଳକ ଯୋଜନା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ ହେଉଥିବାରୁ ସବୁ ଶ୍ରେଣୀର ଲୋକଙ୍କ ହାତକୁ ବିଭିନ୍ନ ଦିଗରୁ ପଇସା ଆସୁଛି । ଏହାର ଫଳ ସ୍ୱରୂପ ବଜାରରେ ଅଳ୍ପ ଜିନିଷପାଇଁ ଅଧିକ ପଇସା ଦେବାକୁ ଲୋକେ ଆଗେଇ ଆସନ୍ତି । ତେଣୁ ଜିନିଷପତ୍ରର ଦାମ୍ ବଢିଯାଏ । ଜିନିଷ ପତ୍ରର ମୂଲ୍ୟ ବୃଦ୍ଧିକୁ ରୋକିବାର ଏକ ମାତ୍ର ଉପାୟ ହେଉଛି ଯେଉଁମାନେ ନିୟମିତ ଦରମା ବା ମଜୁରୀ ପାଉଛନ୍ତି ସେମାନଙ୍କ ହାତରୁ କିଛି ବଳକା ଟଙ୍କା କାଢିନେଇ ସଞ୍ଚୟ ଯୋଜନାରେ ବିନିଯୋଗ କରିବା । ଏଥିପାଇଁ ପ୍ରତ୍ୟେକ ଅଫିସ, କଳକାରଖାନାରେ ଗୋଟିଏ କଥା ସେମାନଙ୍କ ମନରେ ଚେତେଇ ଦିଆଯାଏ ଯେ, "ଦରମା ପାଇବା ଦିନଟି ସଞ୍ଚୟର ଦିନ" ।

ସାଧାରଣତଃ ଦେଖାଯାଏ ଶିକ୍ଷିତ ଓ ସହରାଞ୍ଚଳ ଲୋକମାନେ ବ୍ୟାଙ୍କ୍‌ରେ ବା ପୋଷ୍ଟ ଅଫିସରେ ନିୟମିତ ଭାବରେ ଉଦ୍‌ବୃତ୍ତ ଅର୍ଥ ଜମା ରଖୁଛନ୍ତି । ସେମାନେ ବିଭିନ୍ନ ଯୋଜନାରେ ନିଜର ପରିବାରର ପ୍ରତ୍ୟେକଙ୍କର ଭବିଷ୍ୟତ ପାଇଁ କିଛି ନା କିଛି ଧନ ସଞ୍ଚୟ କରିଥାନ୍ତି । ଆନନ୍ଦର ବିଷୟ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଭିତରେ ଏ ଦିଗରେ ଅପୂର୍ବ ଜାଗରଣ ଦେଖାଯାଇଛି । ରାଇରଙ୍ଗପୁର ଅଞ୍ଚଳରେ ୪୧୧ ଜଣ ଆଦିବାସୀ ଭାଇମାନେ ଜାନୁୟାରୀ ୧୯୭୬ ଠାରୁ ମାର୍ଚ୍ଚ ୧୯୭୭ ମଧ୍ୟରେ ସେମାନେ ସରକାରଙ୍କଠାରୁ ପାଇଥିବା କ୍ଷତିପୂରଣ ଟଙ୍କାରୁ ୩୭ ଲକ୍ଷ ଟଙ୍କା ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ୍‌ରେ ନିଜ ନିଜ ନାମରେ ଜମା କରିଛନ୍ତି । ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀଭାଇମାନେ ସେମାନଙ୍କ ଫସଲ ବିକି ସେ ଟଙ୍କା ଚୋର ଓ ଘରପୋଡ଼ିରୁ ରକ୍ଷା କରିବା ଉଦ୍ଦେଶ୍ୟରେ ପୋଷ୍ଟ ଅଫିସରେ ଜମା କରୁଛନ୍ତି । ତଥାପି ଗାଁ ଗହଳରେ ଅନେକ ଅବସ୍ଥାପନ୍ନ ଚାଷୀ ଅଛନ୍ତି ଯେଉଁମାନେ ପୂର୍ବଭଳି ମାଟି ତଳେ ଟଙ୍କା ପଇସା ପୋତି ରଖୁଛନ୍ତି । ତେଣୁ ଗ୍ରାମାଞ୍ଚଳର ଲୋକଙ୍କୁ ଏ ଦିଗରେ ଅଧିକ ଆଗ୍ରହୀ କରି ସଞ୍ଚୟର ବାର୍ତ୍ତା ଗାଁ ଗହଳରେ ବିଶେଷ କରି ପ୍ରତ୍ୟେକ ପରିବାରରେ ପହଞ୍ଚେଇବା ଆମ ସମସ୍ତଙ୍କର ବିଶେଷ କର୍ତ୍ତବ୍ୟ ।

ଗ୍ରାମାଞ୍ଚଳରେ ପୋଷ୍ଟ ଅଫିସ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ହେଡ୍ କ୍ୱାଟରରେ ଏବଂ ବଡ଼ ଗ୍ରାମର ଅତି ନିକଟରେ ଅନ୍ତତଃ ଗୋଟିଏ ବ୍ରାଞ୍ଚ ପୋଷ୍ଟ ଅଫିସ ଥିବା ଦେଖାଯାଏ । ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱଳ୍ପ ସଞ୍ଚୟ ଯୋଜନାରେ ବିଭିନ୍ନ ସୁହାଇଲା ଭଳି ସ୍ୱଳ୍ପ ସଞ୍ଚୟ ଯୋଜନାରେ ବିଭିନ୍ନ ସାର୍ଟିଫିକେଟ୍ ଓ ଏକାଉଣ୍ଟ୍ ପ୍ରଚଳିତ ହୋଇଅଛି । ଡାକଘର ସଞ୍ଚୟ ବ୍ୟାଙ୍କ୍‌ରେ ଗତ ୩ ବର୍ଷ ଧରି ଏକ ନୂଆ ପୁରସ୍କାର ଯୋଜନା ପ୍ରଚଳନ କରାଯାଇଅଛି । ଜଣେ ବ୍ୟକ୍ତି ନିଜ ନାମରେ ଏବଂ ନିଜ ପରିବାରର ପ୍ରତ୍ୟେକ ନାମରେ ଗୋଟିଏ ଲେଖାଁଏ ସଞ୍ଚୟ ଏକାଉଣ୍ଟ୍ ଖୋଲିପାରିବେ ଏବଂ ପ୍ରତ୍ୟେକ ଏକାଉଣ୍ଟ୍‌ରେ ସର୍ବନିମ୍ନ ୨୦୦ ଟଙ୍କା ଗଚ୍ଛିତ ରଖିଥିବା ଏକାଉଣ୍ଟଧାରୀମାନେ ବର୍ଷରେ ଦୁଇଥର—ଥରେ ଜାନୁଆରୀ ମାସରେ ଏବଂ ଆଉଥରେ ଜୁଲାଇ ମାସରେ ଅନୁଷ୍ଠିତ ହେଉଥିବା ଉଠାଣରେ ଅଂଶ ଗ୍ରହଣ କରିପାରିବେ । ପ୍ରତି ଉଠାଣରେ ୧୧,୧୧୬ଟି ପୁରସ୍କାର ବାବଦରେ ସର୍ବମୋଟ ୨୦,୫୦,୦୦୦ଟଙ୍କା ପୁରସ୍କାର ବଣ୍ଟନ କରାଯାଏ । ଏ ସୁଯୋଗ କୌଣସି ଏକାଉଣ୍ଟଧାରୀ ଛାଡ଼ିବା ଉଚିତ୍ ନୁହେଁ । କାରଣ ସେଭିଂସ୍‌ବ୍ୟାଙ୍କ୍ ପାଶ୍ ବହିରେ ଗଚ୍ଛିତ ଥିବା ୨୦୦ ଟଙ୍କା ଉପରେ ବାର୍ଷିକ ଶତକଡ଼ା ୫ ହାରରେ ସୁଧ ମିଳିଥାଏ । ସଞ୍ଚୟବ୍ୟାଙ୍କ୍ ଏକାଉଣ୍ଟ୍ ବ୍ୟତୀତ ଡ଼ାକଘରେ ଅନ୍ୟାନ୍ୟ ଏକାଉଣ୍ଟ ଓ ସାର୍ଟିଫିକେଟ୍ ରହିଛି ଓ ତହିଁରେ ଅଧିକ ହାରରେ ସୁଧ ମଧ୍ୟ ମିଳେ । ଆପଣମାନେ ଡ଼ାକଘରେ ପୋଷ୍ଟମାଷ୍ଟରଙ୍କ ସହିତ ସାକ୍ଷାତ କଲେ ଏ ସଂପର୍କୀୟ ସମସ୍ତ ବିବରଣୀ ପାଇ-ପାରିବେ । ଗତ ଏପ୍ରିଲ୍ ପହିଲା ତାରିଖରୁ ଭାରତ ସରକାର ଆନ୍ୟୁଇଟି ସାର୍ଟିଫିକେଟ୍ ନାମକ ଏକ ନୂଆ ସାର୍ଟିଫିକେଟ୍ ପ୍ରଚଳନ କରିଛନ୍ତି । ଏହା ଦୁଇ-କିସମର ମିଳେ । ଗୋଟିକର ମୂଲ୍ୟ ହେଉଛି ୩,୨୦୦ ଟଙ୍କା ଓ ଅନ୍ୟଟିର ମୂଲ୍ୟ ୬,୪୦୦ ଟଙ୍କା । ଆପଣ ଦୁଇବର୍ଷ ମଧ୍ୟରେ ୩,୨୦୦ ଟଙ୍କା ଜମାଦେଲେ ଟଙ୍କା ଜମା ଦେବାର ୩ ବର୍ଷ ପରେ ଆପଣ ମାସକୁ ମାସ ୫୦ ଟଙ୍କା ଲେଖାଁଏ ୮୪ମାସ ପର୍ଯ୍ୟନ୍ତ ପାଇପାରିବେ । ସେହିପରି ଜଣେ ଜମାକାରୀ ଦୁଇ ବର୍ଷ ମଧ୍ୟରେ ୬,୪୦୦ ଟଙ୍କା ଜମା ଦେଲେ ଟଙ୍କା ଜମା ଦେବାର ୩ ବର୍ଷ ପରେ ଆପଣ ମାସକୁ ମାସ ୧୦୦ ଟଙ୍କା ଲେଖାଁଏ ୮୪ ମାସ ପର୍ଯ୍ୟନ୍ତ ପାଇ ପାରିବେ । ଏହା ୭ ବର୍ଷ ଯାଏ ମାସକୁ ମାସ ପେନ୍‌ସନ୍‌ର ବ୍ୟବସ୍ଥା କରିବା ପାଇଁ ଏକ ଉପାଦେୟ ଯୋଜନା ଅଟେ । ଏହାଛଡ଼ା ଜମାକାରୀ ମୂଳଧନ ଓ ବୋନସ୍ ବାବଦରେ ୩,୨୦୦ ଟଙ୍କାର ସାର୍ଟିଫିକେଟ୍ କ୍ଷେତ୍ରରେ ୪,୩୨୦ ଟଙ୍କା ଓ ୬,୪୦୦ ଟଙ୍କାର ସାର୍ଟିଫିକେଟ୍ କ୍ଷେତ୍ରରେ ୮,୬୪୦ ଟଙ୍କା ପାଇବେ ।

ଉପନିର୍ଦ୍ଦେଶକ, ସ୍ୱଳ୍ପସଞ୍ଚୟ ଅର୍ଥ ବିଭାଗ, ଭୁବନେଶ୍ୱର

ଦେଶର କୋଟି କୋଟି ନରନାରୀଙ୍କ ଶକ୍ତି ଓ ସମ୍ବଳ ଏକତ୍ରିତ ହେଲେ ପ୍ରତିରକ୍ଷା ଓ ବିକାଶମୂଳକ କାର୍ଯ୍ୟ ଏକ ସଙ୍ଗରେ ଚାଲି ପାରିବ । ନୂତନ ଭାରତ ନିର୍ମାଣ ପାଇଁ ଏକ ଉନ୍ନତ, ଶିକ୍ଷିତ ଓ ସମୃଦ୍ଧ ସମାଜ ଗଠନ ପାଇଁ ସ୍ୱଳ୍ପ ସଂଚୟ ଯୋଜନା ମଧ୍ୟ ଏକ ବିଶେଷ ଭୂମିକା ଗ୍ରହଣ କରିପାରିବ ।

ଦେଶର ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବାରେ ସ୍ୱଳ୍ପ ସଞ୍ଚୟ ଯୋଜନା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ଏହା ଦେଶର ପ୍ରତ୍ୟେକ ଲୋକକୁ ଦେଶର ମଙ୍ଗଳାର୍ଥେ ନିଜର ସାଧ୍ୟମତେ ସାହାଯ୍ୟ କରିବା ପାଇଁ ଏକ ସୁଯୋଗ ଯୋଗାଇ ଥାଏ । ସେହି ଦୃଷ୍ଟିରୁ ସଞ୍ଚୟ ଆନ୍ଦୋଳନ ଏକ ଗଣ ଆନ୍ଦୋଳନ ହେବା ଉଚିତ୍ । ଏବଂ ଗାଁ ଗହଳରେ ଏହାର ବ୍ୟାପକ ପ୍ରସାର ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ବୁଝିବା ଉଚିତ୍ ଯେ ସଞ୍ଚୟ ପରିବାର ହିଁ ସୁଖୀ ପରିବାର । ସେମାନଙ୍କ ସଞ୍ଚୟ ଦ୍ୱାରା ସେମାନେ ଯେ ନିଜେ ଉପକୃତ ହୁଅନ୍ତି ତାହା ନୁହେଁ, ତାହା ଦ୍ୱାରା ଦେଶର ଜନସାଧାରଣଙ୍କର ଉପକାର ସାଧିତ ହୁଏ । ତେଣୁ ସଞ୍ଚୟ ଯୋଜନା କାର୍ଯ୍ୟକ୍ରମକୁ ଗଠନମୂଳକ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରି ଗ୍ରାମାଞ୍ଚଳରେ ସଞ୍ଚୟର ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ । ପ୍ରତ୍ୟେକ ପରିବାରର ବିବାହ, ବ୍ରତ, ଶୁଦ୍ଧି, ଶ୍ରାଦ୍ଧରେ ଅଧିକ ଅର୍ଥ ଅପବ୍ୟୟ ନକରି ସେ ଅର୍ଥକୁ କେନ୍ଦ୍ର ସରକାରଙ୍କର ଜାତୀୟ ସଞ୍ଚୟ ଯୋଜନାରେ ବିନିଯୋଗ କଲେ ପରିବାରର କଲ୍ୟାଣ ସହିତ ଦେଶର ମଧ୍ୟ କଲ୍ୟାଣ ସାଧିତ ହୋଇ ପାରିବ ।

ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟି ଗୁଡ଼ିକରୁ ମିଳୁଥିବା ସୁଧ ଆୟକର ମୁକ୍ତ । ତେଣୁ ଦେଖାଯାଏ ଯେ, ବହୁ ଲୋକମାନେ ଏଥିରେ ଅର୍ଥ ଖଟାଇଥାନ୍ତି । କିନ୍ତୁ ଯେଉଁ ଲୋକେ ଆୟକର ଦେଉ ନଥିଲେ ସୁଦ୍ଧା ସେମାନେ ଅନ୍ତତଃ ଦିନକୁ ୫୦ ପଇସା କରି ସଞ୍ଚୟ କଲେ । ଦେଖିବେ ୧୦ ବର୍ଷ ମଧ୍ୟରେ ତାଙ୍କର ଜମାର ପରିମାଣ ଟ୨,୯୫୦·୯୫ରେ ପହଞ୍ଚି ସାରିଥିବ ।

ଏଣୁ ଦେଶର ସମୃଦ୍ଧି କେବଳ ଅର୍ଥର ସୃଷ୍ଟି ଉପରେ ନିର୍ଭର କରେ ତାହା ନୁହେଁ ତାହା ଅର୍ଥର ଉପଯୁକ୍ତ ସଂରକ୍ଷଣ ଉପରେ ମଧ୍ୟ ନିର୍ଭର କରେ । ଏଣୁ ଓଡ଼ିଶାର ଶତକଡ଼ା ୯୦ ଭାଗ ଲୋକ ଯେଉଁ ଗାଁ ଗହଳରେ ରହୁଛନ୍ତି, ସେମାନେ ସଞ୍ଚୟ ଯୋଜନାରେ ମିଳୁଥିବା ସବୁ ପ୍ରକାର ସୁବିଧା ବୁଝି ସଞ୍ଚିତ ଅର୍ଥ ଅଧିକରୁ ଅଧିକ ବିନିଯୋଗ କରିବେ, ସେହି ଉଦ୍ୟମ ଆମର ଧ୍ୟେୟ ହେଉ ।

(ଆକାଶବାଣୀ ସୌଜନ୍ୟରୁ)

# ଜିଲ୍ଲାସ୍ତରୀୟ ଶିକ୍ଷା ରିପୋର୍ଟ ପ୍ରସ୍ତୁତି



ପ୍ରଫେସର ବିଧୁଭୂଷଣ ଦାସ

ସମାଜର ପ୍ରଗତି ପାଇଁ ଶିକ୍ଷା ଏକ ଅପରିହାର୍ଯ୍ୟ ସୋପାନ । ଏକ ଉନ୍ନତ, ପ୍ରଗତିଶୀଳ ଏବଂ ସମୃଦ୍ଧ ଜାତି ଗଠନ ଦିଗରେ "ଉଦ୍ଦେଶ୍ୟମୂଳକ ଏବଂ କର୍ମାଭିମୁଖୀ ଶିକ୍ଷା ବ୍ୟବସ୍ଥାର" ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଅନସ୍ୱୀକାର୍ଯ୍ୟ । ସୁତରାଂ ଆଜି କୌଣସି ଦେଶ ବା ରାଜ୍ୟରେ ଦ୍ରୁତ ଅର୍ଥନୈତିକ ବିବର୍ଦ୍ଧନ ଆଣିବାକୁ ହେଲେ କୃଷି ଏବଂ ଶିଳ୍ପ ବିସ୍ତାର ପାଇଁ ଯେତିକି ପ୍ରଚେଷ୍ଟା ବା ଆନ୍ତରିକତା ଆବଶ୍ୟକ—ସେତିକି ବା ତା'ଠାରୁ ବେଶୀ ଦରକାର ଶିକ୍ଷାପାଇଁ । କାରଣ ଯନ୍ତ୍ରଠାରୁ ମଣିଷର ଗୁରୁତ୍ୱ ଅଧିକ । ଶିକ୍ଷା ହେଉଛି ଦେଶର ସବୁ ପ୍ରଗତିର ମୂଳ । ଶିକ୍ଷା ଏବଂ ଅର୍ଥନୈତିକ ବିକାଶ ପରସ୍ପର ମଧ୍ୟରେ ବିଶେଷ ସମ୍ପୃକ୍ତ । ଆଜି ଦେଶରୁ ଦାରିଦ୍ର୍ୟ, ଅର୍ଥନୈତିକ ବୈଷମ୍ୟ ତଥା ବେକାରୀ ଦୂରୀକରଣ ନିମନ୍ତେ, ଉନ୍ନତ ପ୍ରଗତିଶୀଳ ଏବଂ କର୍ମାଭିମୁଖୀ ଶିକ୍ଷା ବ୍ୟବସ୍ଥାର ସଫଳ ପ୍ରବର୍ତ୍ତନ କିଭଳି ଜରୁରୀ, ଏଥିରେ ମତଦ୍ୱୈଧର ପ୍ରଶ୍ନ ନାହିଁ ।

ବଡ଼ ଗର୍ବ ଓ ଗୌରବର କଥା ଯେ, ସଂପ୍ରତି ଶିକ୍ଷାକ୍ଷେତ୍ରରେ ପ୍ରଗତିଶୀଳ ଏବଂ ଆବଶ୍ୟକୀୟ ଦ୍ରୁତ ପରିବର୍ତ୍ତନ, ସଂସ୍କାର, ପୁନର୍ଗଠନ ଏବଂ ଅନୁନ୍ନତ ଜିଲ୍ଲାଗୁଡ଼ିକରେ ଶିକ୍ଷାର ସୁଷମ ବିକାଶ, ଗୁଣାତ୍ମକ ଅଭିବୃଦ୍ଧି ଏବଂ ପ୍ରୟୋଗାତ୍ମକ "ଜିଲ୍ଲାସ୍ତରୀୟ ଶିକ୍ଷା ଉନ୍ନୟନ ଯୋଜନା" ପ୍ରସ୍ତୁତି ନିମିତ୍ତ କେନ୍ଦ୍ର ତଥା ରାଜ୍ୟରେ ପ୍ରତିଷ୍ଠିତ ନୂତନ ଜନତା ସରକାର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । କେବଳ ସେତିକି ନୁହେଁ—ନୂତନ ସରକାରଙ୍କର ଯୋଜନା ତଥା ଉନ୍ନୟନମୁଖୀ ବାସ୍ତବ କାର୍ଯ୍ୟକ୍ରମ ଅଧିକ ମାତ୍ରାରେ ସଂପ୍ରତି ଗ୍ରାମାଭିମୁଖୀ ହେବାକୁ ଯାଉଛି । ପୁନଶ୍ଚ ଆମର ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନୀଳମଣି ରାଉତରାୟ, ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣର ଅବ୍ୟବହିତ ପରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବାର୍ତ୍ତାରେ ରାଜ୍ୟର ଆଦିବାସୀ, ହରିଜନ ତଥା ଅନ୍ୟାନ୍ୟ ଅନୁନ୍ନତ ତଥା ଉପେକ୍ଷିତ ଶ୍ରେଣୀର ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ବିଧାନ ନିମିତ୍ତ ସରକାର କିପରି ଉଦ୍‌ବିଗ୍ନ, ତା'ର ସ୍ପଷ୍ଟ ସୂଚନା ଦେଇଛନ୍ତି । ଏହି ଲକ୍ଷ୍ୟରେ ପ୍ରଥମେ

ରାଜ୍ୟର ଆଦିବାସୀ ଅଧ୍ୟୁଷିତ ତଥା ଶିକ୍ଷା କ୍ଷେତ୍ରରେ ଅପେକ୍ଷାକୃତ ଅନୁନ୍ନତ ଜିଲ୍ଲା-ମାନଙ୍କରେ ଶିକ୍ଷାର "ସୁଷମ ବିସ୍ତୃତି ଏବଂ ଏକୀଭୂତ ପଦକ୍ଷେପ" ଉଦ୍ଦେଶ୍ୟରେ ଏକ ସୁଚିନ୍ତିତ, ବହୁ ତଥ୍ୟ ସମ୍ବଳିତ ତଥା କର୍ମ ସମ୍ପାଦନମୁଖୀ "ଜିଲ୍ଲାସ୍ତରୀୟ ଶିକ୍ଷା ରିପୋର୍ଟ" ପ୍ରସ୍ତୁତି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଶିକ୍ଷା ଏବଂ ଯୁବମଙ୍ଗଳ ବିଭାଗ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ଶିକ୍ଷା ନିର୍ଦ୍ଦେଶାଳୟସ୍ଥିତ ରାଜ୍ୟ ଶିକ୍ଷା ସର୍ଭେ ଶାଖା, ରାଜ୍ୟର ଆଦିବାସୀ ଏବଂ ଗ୍ରାମମଙ୍ଗଳ ବିଭାଗଙ୍କ ସହଯୋଗିତାରେ ଶିକ୍ଷାକ୍ଷେତ୍ରରେ ପ୍ରଥମକରି ଏହି ଅଭିନବ "ପରିକଳ୍ପନାକୁ" ଆବଶ୍ୟକୀୟ ରୂପ ଏବଂ ଫଳତଃ କାର୍ଯ୍ୟକାରୀ କରିବା ପାଇଁ କେତେକ ସାହସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଏକ ସୁଚିନ୍ତିତ ବିଷୟ-ସୂଚୀ ପ୍ରସ୍ତୁତ ହୋଇ "ଜିଲ୍ଲାସ୍ତରୀୟ ଶିକ୍ଷାରିପୋର୍ଟ" ଲେଖନ ତଥା ପ୍ରସ୍ତୁତି ନିମନ୍ତେ ରାଜ୍ୟର ପ୍ରଶିକ୍ଷଣ ମହାବିଦ୍ୟାଳୟର କେତେକ ଅଧ୍ୟକ୍ଷ, ପ୍ରାଧ୍ୟାପକ ତଥା ଅଧ୍ୟାପକଙ୍କ ଅକୁଣ୍ଠ ସାହାଯ୍ୟ ଏବଂ ସହାୟତାରେ ଆରମ୍ଭ ହୋଇଛି । କିନ୍ତୁ ଏହି ନୂତନ ପରିକଳ୍ପନାର ଲକ୍ଷ୍ୟ, ପରିସର, ଗୁରୁତ୍ୱ ଏବଂ ବ୍ୟାପକତା ଦୃଷ୍ଟିରୁ ଏବଂ ସର୍ବୋପରି ତୃତୀୟ ଶିକ୍ଷା ସର୍ଭେ ମାଧ୍ୟମରେ ସଂଗୃହୀତ ତଥ୍ୟ ଓ ବିବରଣୀ କେତେକାଂଶରେ ଅକୁଳାନ ତଥା ପର୍ଯ୍ୟାପ୍ତ ନ ହେବାରୁ ଏକ ସୁଚିନ୍ତିତ ପ୍ରଶ୍ନ-ସୂଚୀ ମାଧ୍ୟମରେ ଏ ସଂକ୍ରାନ୍ତରେ କେତେକ ଅତ୍ୟାବଶ୍ୟକ ଶିକ୍ଷାଗତ ତଥ୍ୟ ଏବଂ ବିବରଣୀ ସଂପୃକ୍ତ ଜିଲ୍ଲାମାନଙ୍କରୁ ସଂଗ୍ରହ କରିବା ସ୍ଥିର ହୋଇଛି । ଏହି ସ୍ୱତନ୍ତ୍ର ତଥ୍ୟ ସଂଗ୍ରହ ଅଭିଯାନ ଚଳିତ ବର୍ଷ ଜୁଲାଇ ୨୫ ତାରିଖଠାରୁ ଏକ ମାସ ବ୍ୟାପୀ ପ୍ରଥମେ ରାଜ୍ୟର କୋରାପୁଟ, କେନ୍ଦୁଝର, ଫୁଲବାଣୀ ଏବଂ ଢେଙ୍କାନାଳ ଜିଲ୍ଲାର କେତୋଟି ବ୍ଲକ୍‌ରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆରମ୍ଭ ହୋଇଛି । ଏହି ମହତ୍ କାର୍ଯ୍ୟକ୍ରମରେ ଉକ୍ତ ଜିଲ୍ଲାମାନଙ୍କର ସମସ୍ତ ସ୍କୁଲ ସବ୍-ଇନିସ୍‌ପେକ୍ଟର ଏବଂ ରାଜ୍ୟ ଆଦିବାସୀ ଏବଂ ଗ୍ରାମ ମଙ୍ଗଳ ବିଭାଗର ସ୍ଥାନୀୟ କ୍ଷେତ୍ର କର୍ମଚାରୀ ତଥା ପରିଦର୍ଶକଗଣ ମୁଖ୍ୟତଃ ଅଂଶ ଗ୍ରହଣ କରିବେ । ଉକ୍ତ ଜିଲ୍ଲାଗୁଡ଼ିକରେ ଥିବା ପ୍ରତ୍ୟେକ ବ୍ଲକର ଶିକ୍ଷାଗତ ସ୍ଥିତି, ଗ୍ରାମାଞ୍ଚଳରେ ଶିକ୍ଷାଗତ ସୁଯୋଗ, ସୁବିଧା ଏବଂ ତା'ର ସଦୁପଯୋଗ, ବସବାସ କରୁଥିବା ଲୋକମାନଙ୍କର ଆର୍ଥିକ ଅବସ୍ଥା ଏବଂ ସେମାନଙ୍କର ବୃତ୍ତିଗତ ସମସ୍ୟା, ଶିକ୍ଷାପ୍ରତି ସେମାନଙ୍କର ମନୋଭାବ, ଛାତ୍ର ଛାତ୍ରୀ-ମାନଙ୍କର ଉପସ୍ଥାନ, ବିଦ୍ୟାଳୟ ତ୍ୟାଗ ଏବଂ ଅପଚୟ, ପାଠ୍ୟଗ୍ରହଣରେ ବିଫଳତାର କାରଣ, ପାଠ୍ୟକ୍ରମର ଯଥାର୍ଥତା ଏବଂ ଉପଯୁକ୍ତତା, ଶିକ୍ଷକମାନଙ୍କର ସମସ୍ୟା, ସଂପୃକ୍ତ ଅଞ୍ଚଳର ଶିକ୍ଷାବିକାଶ କାର୍ଯ୍ୟକ୍ରମରେ ସେମାନଙ୍କର ସହଯୋଗ, ଉକ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିବିଧ ଉନ୍ନୟନ ଯୋଜନା ଓ ତହିଁରେ ଜନସଂପୃକ୍ତି ଏବଂ ସେମାନେ ସେଥିରୁ ପାଉଥିବା ସୁବିଧା ସୁଯୋଗ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ ସମସ୍ୟା ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ପ୍ରଥମ ସ୍ତରର ତଥ୍ୟ ମୁଖ୍ୟତଃ ଶିକ୍ଷକମାନଙ୍କଠାରୁ ସଂଗୃହୀତ ହେବ ଏବଂ ବ୍ଲକ ସ୍ତରୀୟ ଶିକ୍ଷାପରିଦର୍ଶକ ଓ ସ୍ଥାନୀୟ ଗ୍ରାମମଙ୍ଗଳ ବିଭାଗ ପରିଦର୍ଶକ ତଥା କର୍ମଚାରୀଗଣ ମିଳିତ ଭାବେ ଏ ଦାୟିତ୍ୱ ସଂପାଦନ କରିବେ । ଦ୍ୱିତୀୟ ପର୍ଯ୍ୟାୟରେ ସଂଗୃହୀତ ତଥ୍ୟାବଳୀର ବିଶ୍ଳେଷଣ ଓ ଏକତ୍ରୀକରଣ ଦ୍ୱାରା ବ୍ଲକସ୍ତରୀୟ ତଥ୍ୟାବଳୀ ସ୍ୱତନ୍ତ୍ର ପ୍ରଶ୍ନ-ସୂଚୀ ମାଧ୍ୟମରେ ପୂରଣ ହେବ ଏବଂ ପ୍ରତ୍ୟେକ ବ୍ଲକକୁ ଏକକ ରୂପେ ଗ୍ରହଣ କରି ଚୂଡ଼ାନ୍ତ ବିଶ୍ଳେଷଣ ତଥା "ଜିଲ୍ଲାସ୍ତରୀୟ ଟେବୁଲ" ପ୍ରସ୍ତୁତ କରାଯିବ ।

ଏଠାରେ କହିବା ନିଷ୍ପ୍ରୟୋଜନ ଯେ, ତଥ୍ୟସମ୍ବଳିତ ତଥା ସାର୍ଥକ ଯୋଜନାର ପ୍ରଣୟନ ଏବଂ କାର୍ଯ୍ୟକାରିତା ଅନେକ ପରିମାଣରେ ତଥ୍ୟାବଳୀର ବ୍ୟାପକତା, ଗଭୀରତା ତଥା ନିର୍ଭରଯୋଗ୍ୟତା ଉପରେ ପୂର୍ଣ୍ଣ ଆଧାରିତ । ସୁତରାଂ ଆଜି ଯେଉଁ ଶିକ୍ଷକବନ୍ଧୁ ତଥା କ୍ଷେତ୍ର କର୍ମଚାରୀ ବୃନ୍ଦ ଏ କାର୍ଯ୍ୟ ସମ୍ପାଦନ ଭାର ଗ୍ରହଣ କରିଛନ୍ତି,

ସେମାନଙ୍କର ଦୂରଦୃଷ୍ଟି, ନିଷ୍ଠା, ଆନ୍ତରିକତା, ଦକ୍ଷତା ଏବଂ ଦାୟିତ୍ୱବୋଧ ଉପରେ ଏହି "ନୂତନଶିକ୍ଷା ଯୋଜନାର" ଭବିଷ୍ୟତ ନିର୍ଭରଶୀଳ । ସେମାନଙ୍କର ସତ୍ୟନିଷ୍ଠତା ଓ ସୁସ୍ଥ ଚିନ୍ତାର ହିଁ ରାଜ୍ୟ ଶିକ୍ଷା ବିଭାଗ ତଥା ସରକାରଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନାର ଯେ ଦିଗ୍‌ଦର୍ଶନ ଦେବ, ଏହା ସ୍ମରଣ ପୂର୍ବକ ସେମାନେ ଏ ଦାୟିତ୍ୱ ସଂପନ୍ନ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ସର୍ବୋପରି ସଂପୃକ୍ତ ଗ୍ରାମାଞ୍ଚଳର ଜନସାଧାରଣ, ବିଶେଷତଃ ଯୁବଗୋଷ୍ଠୀ ଏବଂ ଗ୍ରାମପଞ୍ଚାୟତର କର୍ମକର୍ତ୍ତାବୃନ୍ଦ ଆବଶ୍ୟକମତେ ଏବଂ ପରୋକ୍ଷ ଭାବରେ ଏ ମହତ୍ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କୁ ଅକୁଣ୍ଠ ସାହାଯ୍ୟ ତଥା ସହଯୋଗକରି ଏହି ତଥ୍ୟ ସଂଗ୍ରହ ଅଭିଯାନକୁ ସାଫଲ୍ୟ ମଣ୍ଡିତ କରିବେ, ଏଥିରେ ମୋର ସନ୍ଦେହ ନାହିଁ ।

ରାଜ୍ୟ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା
ଭୁବନେଶ୍ୱର

●


ପିଲମାନଙ୍କ ପାଇଁ ଶୁଭ ସମ୍ବାଦ

ଆଗାମୀ ପୂଜା ସଂଖ୍ୟାଠାରୁ ଦ୍ୱିରଙ୍ଗୀ ଛବିଆଇ ପ୍ରକାଶ ପାଇବ

# ମନ ପବନ

( ଏଜେଣ୍ଟମାନେ ସେମାନଙ୍କର ଆବଶ୍ୟକୀୟ କପି ପାଇଁ ଆଗରୁ ଜଣାଇବାକୁ ଅନୁରୋଧ )

ଏହାଛଡ଼ା :—

ପୂର୍ବପରି ପ୍ରକାଶ ପାଉଛି—

ଆଲୋକ ( ଓଡ଼ିଆ ଡାଇଜେଷ୍ଟ )
ବିଜ୍ଞାନ ପ୍ରଭା ( ଜ୍ଞାନ ବିଜ୍ଞାନ ପତ୍ରିକା )
ଛାତ୍ରସାଥୀ ( କିଶୋର କିଶୋରୀଙ୍କ ପାଇଁ )
କାମନା ( ସ୍ୱାସ୍ଥ୍ୟଭିତ୍ତିକ ଯୌନ ବିଜ୍ଞାନ ପତ୍ରିକା )
ସରଳା ( ମାସିକ ନାରୀ ପତ୍ରିକା )
ଉତ୍କଳ ସାହିତ୍ୟ ( ସାହିତ୍ୟ ଓ କଳା—ତ୍ରୟମାସିକ )
ମାସିକ ଉପନ୍ୟାସ ଓ ମାସିକ ରହସ୍ୟ ଉପନ୍ୟାସ

ପରିବେଷକ—
ଜେ. ମହାପାତ୍ର ଏଣ୍ଡ କୋଃ
ନିମଚଉଡ଼ି, କଟକ-୨

# ବେକାର ସମସ୍ୟାର ସମାଧାନ ପାଇଁ ଯୋଜନାର ପୁନର୍ବିନ୍ୟାସ

ଶ୍ରୀ ବାମଦେବ ମିଶ୍ର

ଏ ବର୍ଷର ସାଧାରଣ ନିର୍ବାଚନ ପରେ ଦେଶରେ ନୂତନ ଜନତା ସରକାର ପ୍ରତିଷ୍ଠିତ ହୋଇଛି । ଏହା ସଙ୍ଗେ ସଙ୍ଗେ ଯୋଜନା କମିଶନର ପୁନର୍ଗଠନ କରାଯାଇଛି । ପୁନର୍ଗଠିତ ଯୋଜନା କମିଶନର ଆଭିମୁଖ୍ୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ନିକଟରେ ପ୍ରଧାନ ମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ ନୂତନ ଯୋଜନା କମିଶନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଯୋଜନାର ଦୃଷ୍ଟିଭଙ୍ଗୀ କ'ଣ ହେବ ଓ କେଉଁ କେଉଁ କ୍ଷେତ୍ରର ଉନ୍ନୟନ ଉପରେ ଅଗ୍ରାଧିକାର ଦିଆଯିବ ତାହା ସ୍ଥିରୀକୃତ ହୋଇଛି । ଭାରତ ଭଳି ଗୋଟିଏ ଦରିଦ୍ର ଓ ଜନବହୁଳ ରାଷ୍ଟ୍ରରେ ଦୁଇ ଦଶନ୍ଧିରୁ ଅଧିକ କାଳ ହେଲା ଯୋଜନା ବଦ୍ଧ ପ୍ରଣାଳୀରେ ଉନ୍ନୟନର ଧାରା ଅବ୍ୟାହତ ରହିଥିବା ସ୍ଥଳେ, ଏବେ ବି ଶତକଡ଼ା ୭୦ ଭାଗ ଲୋକ ଦାରିଦ୍ର୍ୟ-ସୀମା-ରେଖାର ପ୍ରାନ୍ତଭାଗରେ ରହିଛନ୍ତି । ଏହାର ପ୍ରଧାନ କାରଣ ହେଲା ଦେଶର ସମସ୍ତ କର୍ମକ୍ଷମ ଲୋକଙ୍କ ପାଇଁ କର୍ମ ସଂସ୍ଥାନର ବ୍ୟବସ୍ଥା କରାଯାଇ ପାରିନାହିଁ । ତେଣୁ ଦେଶର ଅଗଣିତ ଜନତାଙ୍କୁ ଦାରିଦ୍ର୍ୟର ଆବର୍ତ୍ତ ମଧ୍ୟରୁ ଉଦ୍ଧାର କରିବା ପାଇଁ ଆଗାମୀ ଦଶବର୍ଷ ମଧ୍ୟରେ, ଅର୍ଥାତ୍ ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଦେଶରୁ ବେକାର ସମସ୍ୟାକୁ ପୂରା ପୂରି ସମାଧାନ କରିବା ପାଇଁ ନୂତନ ସରକାର ସଂକଳ୍ପବଦ୍ଧ ହୋଇଛନ୍ତି ।

ଯୋଜନା କମିଶନର ପ୍ରଥମ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଆମ ଦେଶର ବିକାଶ ଯୋଜନାକୁ ଗୋଟିଏ ନୂତନ ଆଭିମୁଖ୍ୟ ନେଇ ପ୍ରଣୟନ କରାଯାଉଛି । ଦେଶବାସୀଙ୍କ ଆଶା_ଆକାଂକ୍ଷା ପୂରଣ ଉଦ୍ଦେଶ୍ୟରେ ସେମାନଙ୍କ ସକ୍ରିୟ ସହ-ଯୋଗରେ ଏହା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯାଉଛି । ଏପର୍ଯ୍ୟନ୍ତ ହୋଇ ଆସିଥିବା ଯୋଜନା-ଗୁଡ଼ିକର ସୁଫଳ ଅଧିକାଂଶ ଗ୍ରାମବାସୀଙ୍କୁ ପ୍ରଭାବିତ କରି ପାରିନାହିଁ । ସେହି ଦୃଷ୍ଟିରୁ ଗାଁ ଗହଳରେ ରହୁଥିବା ଦରିଦ୍ର, ଅନୁନ୍ନତ ଚାଷୀ ମୂଲିଆ, କାରିଗର ତଥା ସାଧାରଣ ଜନତାଙ୍କ ମଧ୍ୟରେ କର୍ମ ପ୍ରେରଣା ସୃଷ୍ଟି କରି ସେମାନଙ୍କୁ ଲାଭଜନକ ଧନ୍ଦାରେ ନିୟୋଜିତ କରିବାକୁ ପଡ଼ିବ । କୃଷି ଓ ଜଳସେଚନର ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ । ସ୍ଥାନୀୟ ସମ୍ବଳକୁ ପୂରା ପୂରି ଉପଯୋଗ କରିବାକୁ ହେବ । ଗାଁ ଗହଳରେ ବ୍ୟାପକ ଭାବରେ କଂପୋଷ୍ଟ ଖତ ତିଆରି କରି କୃଷି କାର୍ଯ୍ୟରେ ବ୍ୟବହାର କରିବାକୁ ହେବ । ରାସାୟନିକ ସାର ସହିତ କଂପୋଷ୍ଟ ସାର ମିଶାଇ ଜମିରେ ବ୍ୟବହାର କରିବା ଲାଗି ଅଧିକ ଗୁରୁତ୍ୱ ଦିଆଯିବ ।

ଗାଁ ଗହଳର ଚାଷୀ ମୂଲିଆଙ୍କ ପାଇଁ ବିପୁଳ କର୍ମ ସଂସ୍ଥାନ କରିବା ଉଦ୍ଦେଶ୍ୟରେ କ୍ଷୁଦ୍ର ଓ କୁଟୀର ଶିଳ୍ପର ବିକାଶ ଉପରେ ଉତ୍ତରୋତ୍ତର ଦୃଷ୍ଟି ଦିଆଯିବ । ଯେପରିକି ଚାଷ କାମ ନଥିବା ବେଳେ ସେମାନେ ଏହିସବୁ ଧନ୍ଦାରେ ନିଯୁକ୍ତ ହୋଇ ପାରିବେ । ବର୍ତ୍ତମାନ ଆମ ଦେଶର ଅଧିକାଂଶ ଗାଁ କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଗଲାଣି । କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପରେ ତାହାର ଉପଯୋଗ କରାଯାଇ ପାରିବ । ଗ୍ରାମାଞ୍ଚଳରେ ପିଇବା ପାଣି, ରାସ୍ତାଘାଟ, ଚିକିତ୍ସା ପ୍ରଭୃତି ମୌଳିକ ଆବଶ୍ୟକତାର ପର୍ଯ୍ୟାପ୍ତ ସୁବିଧା ନାହିଁ । ତେଣୁ ଅଧିକ ସୁବିଧାସୁଯୋଗ ଆଶାରେ ଲୋକେ ଗାଁ ଛାଡ଼ି ସହରକୁ ଧାଡ଼ି ଦେଉଛନ୍ତି । ଏହା ଫଳରେ ଗାଁ ଗହଳର ଅବନତି ଘଟୁଥିବା ସଙ୍ଗେ ସଙ୍ଗେ ସହରରେ ନାନା ପ୍ରକାର ନୂତନ ସମସ୍ୟାର ଉଦ୍ଭବ ହେଉଛି । ଏହି ସମସ୍ୟାକୁ ସମାଧାନ କରିବା ନିମନ୍ତେ ଗାଁ ଗହଳରେ ସମସ୍ତ ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଆଶୁ ପଦକ୍ଷେପ ଗ୍ରହଣ କରାଯିବ ।

ସମାଜରେ ଦ୍ରୁତ ସ୍ୱାସ୍ଥ୍ୟକର ପରିବର୍ତ୍ତନ ଘଟାଇବା ଦିଗରେ ଶିକ୍ଷାର ଅବଦାନ ଅନସ୍ୱୀକାର୍ଯ୍ୟ । ପ୍ରଧାନ ମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କ ଆତ୍ମବିଶ୍ୱାସ, ଆତ୍ମନିର୍ଭରତା ଓ ଚରିତ୍ରିକ ମହତ୍ୱର ଅଭିବୃଦ୍ଧି ପାଇଁ ଶିକ୍ଷାକୁ ଗୋଟିଏ ମୁଖ୍ୟ ଆୟୁଧ ରୂପେ ବ୍ୟବହାର କରିବାକୁ ପଡ଼ିବ ।

ବର୍ତ୍ତମାନ ବେକାର ବସିଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କାମ ଧନ୍ଦାରେ ଷଷ୍ଠ ଯୋଜନା ମଧ୍ୟରେ

ନିଶ୍ଚିତ କରିବା ପାଇଁ ଉଦ୍ୟମ କରାଯିବ । ବାକି ଯେଉଁମାନେ ବେକାର ରହିଯିବେ ସେ ସମସ୍ତଙ୍କୁ ପରବର୍ତ୍ତୀ ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ସପ୍ତମ ଯୋଜନା ଶେଷ ସୁଦ୍ଧା କାମ ଯୋଗାଇ ଦିଆଯିବ ।

କର୍ମ ସଂସ୍ଥାନ ପୂର୍ବକ ବିଭିନ୍ନ ଉତ୍ପାଦନ ପ୍ରଣାଳୀକୁ ପରୀକ୍ଷା କରି ଦେଖାଯିବ । ଏହାର ଉଦ୍ଦେଶ୍ୟ ହେଲା, କି ଉପାୟ ଅବଲମ୍ବନ କଲେ ଅଧିକରୁ ଅଧିକ ଲୋକଙ୍କର କର୍ମ ସଂସ୍ଥାନ ହୋଇପାରିବ; ତାହା ପରୀକ୍ଷା କରି ସ୍ଥିର କରିବା । ପ୍ରଥମେ ୮ଟି ଉଦ୍ୟୋଗରେ କର୍ମ ନିଯୁକ୍ତିର ସମ୍ଭାବନା ସଂପର୍କରେ ଅନୁଧ୍ୟାନ କରାଯାଇ ୬ ମାସ ଭିତରେ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ୮ଟି ଉଦ୍ୟୋଗ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛି—ବସ୍ତ୍ରଶିଳ୍ପ, ଗୁଡ଼ କଳ ଓ ଅଟାକଳ, ଚିନି କାରଖାନା, ଚିନାମାଟି ବାସନ ତିଆରି କାରଖାନା, ଚମଡ଼ା କାରଖାନା, ବନସ୍ପତି ତୈଳ, ଲଘୁ ଧାତୁ ନିର୍ମିତ ଯନ୍ତ୍ରପାତି ଓ କାଠ କାରଖାନା । କି ପ୍ରଣାଳୀରେ କାର୍ଯ୍ୟ କରାଗଲେ ଅଧିକ ସଂଖ୍ୟକ ଲୋକଙ୍କ ପାଇଁ କର୍ମ ସଂସ୍ଥାନ ହୋଇପାରିବ ତାହା ସ୍ଥିର କରାଯାଇ ଉତ୍ପାଦନ କାର୍ଯ୍ୟକ୍ରମ ହାତକୁ ନିଆଯିବ ।

ବର୍ତ୍ତମାନ ଦରଦାମ ଯେପରି ବୃଦ୍ଧି ପାଉଛି ତାହାକୁ ରୋକିବା ପାଇଁ ଓ ଦର ସ୍ଥିର ରଖିବା ପାଇଁ କାମ ଦେଖାଇଲା ଭଳି ବ୍ୟବସ୍ଥା ଗ୍ରହଣ କରାଯିବ । ଏକାନ୍ତ ପ୍ରୟୋଜନୀୟ ଜିନିଷଗୁଡ଼ିକର ଉତ୍ପାଦନ ଓ ଯୋଗାଣ ମଧ୍ୟରେ ସମତା ରକ୍ଷା କରାଯାଇ ଲୋକ ନିଯୁକ୍ତି ବ୍ୟବସ୍ଥା କରାଯିବ । ଦରିଦ୍ର ଓ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଖାଦ୍ୟଶସ୍ୟ, ବସ୍ତ୍ର, କିରାସିନି, ଚିନି ଓ ଖାଇବା ତେଲ ସୁବିଧାରେ ବଣ୍ଟନ କରିବା ବ୍ୟବସ୍ଥା ମଧ୍ୟ ହେବ । ଗୋଟିଏ ଗୋଟିଏ ଅଞ୍ଚଳ ପାଇଁ ଯୋଜନା ପ୍ରଣୟନ କରାଯିବ ଏବଂ ସଂପୃକ୍ତ ଅଞ୍ଚଳରେ ମିଳୁଥିବା ସମ୍ବଳକୁ ଉପଯୋଗ କରି ଲୋକମାନଙ୍କୁ ପୁରା ପୁରି କାମ ଯୋଗାଇ ଦେବାପାଇଁ ଉଦ୍ୟମ କରାଯିବ ।

ଜନସାଧାରଣଙ୍କ କର୍ମ ସଂସ୍ଥାନ ପାଇଁ ହେଉଥିବା ଯୋଜନା ସହିତ ସମନ୍ୱୟ ରକ୍ଷି ଶିକ୍ଷା ଓ ତାଲିମର ବ୍ୟବସ୍ଥା କରିବାପାଇଁ ଧ୍ୟାନ ଦିଆଯିବ । ଗ୍ରାମବାସୀମାନେ ନିଜ ମୂଳଧନ ବିନିଯୋଗ କରି ଗ୍ରାମାଞ୍ଚଳରେ ଶିଳ୍ପର ପ୍ରସାର ଦିଗରେ ଯେପରି ସହାୟକ ହୋଇପାରିବେ ସେଥିପାଇଁ ଭିତ୍ତି ଭୂମି ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଗମନାଗମନପାଇଁ ରାସ୍ତାଘାଟ ଓ ବିଦ୍ୟୁତ ଶକ୍ତି ପ୍ରଭୃତିର ବିକାଶ ସାଧନ କରାଯିବ । ଆମ ଦେଶରେ ବର୍ତ୍ତମାନ ପ୍ରାୟ ୨କୋଟି ୨୦ ଲକ୍ଷ କର୍ମକ୍ଷମ ବେକାର ଲୋକ ଅଛନ୍ତି । ଗ୍ରାମାଞ୍ଚଳର ବିକାଶ ଯୋଜନାରେ ସେମାନଙ୍କୁ ନିଯୁକ୍ତି ଦେବା ଦିଗରେ ବିଶେଷ ଧ୍ୟାନ ଦିଆଯିବ ।

ଦେଶର ଅର୍ଥନୀତିକୁ ଦୃଢ଼ କରି ଜନସାଧାରଣଙ୍କର ଜୀବନଧାରଣର 'ମାନ' ଉନ୍ନତ କରିବା ନିମନ୍ତେ ଯେଉଁ ନୂତନ ଉଦ୍ୟମ ହେବାକୁ ଯାଉଛି, ସେଥିରେ ଜନସାଧାରଣଙ୍କ ସକ୍ରିୟ ଓ ସ୍ୱେଚ୍ଛାକୃତ ଯୋଗଦାନ ଏକାନ୍ତ ଆବଶ୍ୟକ । ଆଶା କରାଯାଏ, ଆଗାମୀ ଦଶବର୍ଷର କୃତିତ୍ୱ ଆମ ଦେଶର ଯୋଜନା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ
ଭୁବନେଶ୍ୱର



# କମ୍ପାନୀ ଶାସନ ଯେବେ ହେଲା ଅବସାନ

ଶ୍ରୀ ଶରତ କୁମାର ମହାନ୍ତି

ବେପାର କରିବା ଉଦ୍ଦେଶ୍ୟରେ ଇଷ୍ଟ ଇଣ୍ଡିଆ କଂପାନୀ ଭାରତକୁ ଆସିଥିଲା । ଦୈବ କ୍ରମେ ଏଇ ମହାନ୍ ଦେଶର ଶାସନ କଂପାନୀ ହାତରେ ପଡ଼ିଥିଲା । ଅର୍ଥଲୋଭୀ କଂପାନୀର ଶୋଷଣ ଓ ଅତ୍ୟାଚାର ଫଳରେ ନିରୀହ ଲୋକଙ୍କର ଦୁଃଖଦୁର୍ଦ୍ଦଶାର ସୀମା ରହିଲା ନାହିଁ । ଭାରତରେ କଂପାନୀ ଶାସନର ଅରାଜକତା କେତେଜଣ ଇଂରେଜ ରାଜନୀତିଜ୍ଞ ଓ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ମଧ୍ୟ ବାଧିଥିଲା । କଂପାନୀ ହାତରୁ କ୍ଷମତା କାଢ଼ିନେଇ ଇଂଲଣ୍ଡର ରଜାଙ୍କ ଦ୍ୱାରା ନିଯୁକ୍ତ ସାତଜଣ କମିଶନରଙ୍କ ହାତରେ ଭାରତର ଶାସନଭାର ଅର୍ପଣ କରିବା ଉଦ୍ଦେଶ୍ୟରେ ୧୭୮୩ ଡ଼ିସେମ୍ବର ପହିଲାରେ ଚାର୍ଲସ ଜେମ୍ସ୍ ଫକ୍ସ୍ ଇଂଲଣ୍ଡର ପାର୍ଲ୍ୟାମେଣ୍ଟରେ ଗୋଟିଏ ବିଲ୍ ଆଗତ କରିଥିଲେ । ଇଂଲଣ୍ଡର ଇତିହାସରେ ଫକ୍ସ୍‌ଙ୍କ ପରି ଅତ୍ୟାଚାରିତଙ୍କ ପକ୍ଷ ନେଇ ସର୍ବଦା ଲଢ଼ି ଆସିଥିବା ଉଦାର ଓ ମହାନ୍ ରାଷ୍ଟ୍ରନାୟକ ବିରଳ । ତାଙ୍କର ସମସାମୟିକ ଅନ୍ୟତମ ବିଶିଷ୍ଟ ରାଷ୍ଟ୍ରନାୟକ ଏଡ୍‌ମଣ୍ଡ ବୁର୍‌କଙ୍କର ସେ ଜଣେ ଘନିଷ୍ଠ ସହଯୋଗୀ ଓ ଅନ୍ତରଙ୍ଗ ବନ୍ଧୁ । ଭାରତ ପ୍ରତି ଓ୍ୱାରେନ୍ ହେଷ୍ଟିଙ୍ଗ୍ ଯେଉଁ ଅନ୍ୟାୟ କରିଥିଲେ, ତାକୁ ପଦାରେ ପକାଇ ଦେବାର ନେତୃତ୍ୱ ବୁର୍‌କ ନେଇଥିଲେ । ଏହାରି ଫଳରେ ଦୀର୍ଘକାଳ ଧରି ହେଷ୍ଟିଙ୍ଗ୍‌ଙ୍କର ବିଚାର ଚାଲିଥିଲା । କେବଳ ଭାରତ ପାଇଁ ନୁହେଁ, ଇଂରେଜ ସରକାର ଆମେରିକା ପ୍ରତି ଅଧିକ ଉଦାରତା ଓ ନ୍ୟାୟ ପ୍ରଦର୍ଶନ କରୁ ବୋଲି ଦାବି କରି ବୁର୍‌କ ଆନ୍ଦୋଳନ ଚଳାଇଥିଲେ ।

ବୈଦେଶିକ ବିଭାଗର ସେକ୍ରେଟେରୀ ଅଫ୍ ଷ୍ଟେଟ୍‌ସ୍ ଭାବେ ଭାରତରେ କଂପାନୀ ଶାସନ ଲୋପ କରିବା ଉଦ୍ଦେଶ୍ୟରେ ଫକ୍ସ୍ 'ଇଣ୍ଡିଆ ରିଫର୍ମ ବିଲ୍'ଟି ପାର୍ଲ୍ୟାମେଣ୍ଟରେ ପେଶ୍ କରି ଏକ ଐତିହାସିକ ବକ୍ତୃତା ଦେଇଥିଲେ । ସୁବକ୍ତା ହିସାବରେ ସେ ପ୍ରସିଦ୍ଧ । ତାଙ୍କ ବକ୍ତୃତାର ମର୍ମାନୁବାଦ ତଳେ ଦିଆଯାଉଛି । ରାତି ଦୁଇଟାରେ ଫକ୍ସ୍ ବକ୍ତୃତା ଆରମ୍ଭ କରିଥିଲେ । ପାର୍ଲ୍ୟାମେଣ୍ଟ ଗୃହରେ ଏପରି ଉନ୍ମାଦନା ଥିଲା ଯେ ତାଙ୍କ ବକ୍ତୃତା ପରେ ବୁର୍‌କ କହିବାକୁ ଆରମ୍ଭ କରିଥିଲେ । ବୁର୍‌କଙ୍କ ବକ୍ତୃତାଟି ମଧ୍ୟ ବିଖ୍ୟାତ । ସେ ବିଲ୍‌ଟିକୁ ଦୃଢ଼ ଭାବେ ସମର୍ଥନ କରି ଫକ୍ସ୍‌ଙ୍କ ମହାନୁଭବତାର ଉଚ୍ଚ ପ୍ରଶଂସା କରିଥିଲେ । ଫକ୍ସ୍‌ଙ୍କ ବକ୍ତୃତା ପରେ ବୁର୍‌କ ବକ୍ତୃତାର ଅଳ୍ପ ଅଂଶ ମଧ୍ୟ ଦିଆଯାଉଛି ।

"ମହାଶୟ ! ରାତି ଦୁଇ ବାଜି ଥିଲେ ମଧ୍ୟ ଏ ଉପଲକ୍ଷେ ମୋର କିଛି କହିବା ଏପରି ଅପରିହାର୍ଯ୍ୟ ଯେ ଆଶାକରୁଛି, ଏଥିପାଇଁ ମୋତେ କୈଫିୟତ୍ ଦେବାକୁ ପଡ଼ିବ ନାହିଁ ।............

ବିଲ୍‌ର ବିଭିନ୍ନ ଦିଗ ବିଷୟରେ ବିତର୍କ ହୋଇଥିଲେ ମଧ୍ୟ ଏହାର ଅନ୍ତର୍ନିହିତ ମୂଲ୍ୟ ସମ୍ବନ୍ଧରେ ଗୃହରେ ଏ ପର୍ଯ୍ୟନ୍ତ କିଛି ଶୁଣିବାକୁ ମିଳିନାହିଁ । ଆଜିକାର ସବୁ ଆଲୋଚନା ମୁଖ୍ୟତଃ ଦୁଇଟି କଥାକୁ କେନ୍ଦ୍ର କରିଛି–ସନନ୍ଦର ଖିଲାପ ଓ ଉପନିବେଶ ଉପରେ ଅଧିକ ପ୍ରଭାବ ବିସ୍ତାର, ଏଇ ଉଭୟ କଥା ଉପରେ ମୋର କିଛି କହିବାର ଅଛି ।

ଯେଉଁ ସମ୍ମାନାସ୍ପଦ ଭଦ୍ରବ୍ୟକ୍ତି ଆଜିକାର ବିତର୍କ ଆରମ୍ଭ କଲେ, ମୋର ଧ୍ୟାନ ଆଦ୍ୟରୁ ତାଙ୍କର ବକ୍ତବ୍ୟ ପ୍ରତି ଆକୃଷ୍ଟ ହୋଇଛି । ଏଥିରେ ନିହିତ ବିଜ୍ଞତା ଏହାର କାରଣ ନୁହେଁ (ଅନେକବାର ଏ ଗୃହରେ ତାଙ୍କର ସାରଗର୍ଭକ ଭାଷଣ ଶୁଣିବାକୁ ମିଳିଛି)........ବରଂ ଗୋଟିଏ ଭ୍ରାନ୍ତ ନୀତିକୁ ସମର୍ଥନ କରିବାକୁ ଯାଇ ତାଙ୍କ ଚାତୁରୀର ବିଫଳତା ମୋର ଦୃଷ୍ଟି ଆକର୍ଷଣ କରିଛି ।

ମୁଁ ଯେଉଁ ମୂଲ୍ୟବୋଧ ପାଇଁ ଲଢ଼ି ଆସିଛି, ମହାଶୟ ତାର ତୋଷାମଦପୂର୍ଣ୍ଣ ବର୍ଣ୍ଣନା କରି ଅଭିଯୋଗ କରିଛନ୍ତି ଯେ ; ବର୍ତ୍ତମାନ ମୁଁ ସେହି ମୂଲ୍ୟବୋଧକୁ ପରିତ୍ୟାଗ କରୁଛି । ଉତ୍ତରରେ ମୁଁ କହିବି, ଯଦି ସେ ମୋର ଜୀବନର ଇତିହାସ ପ୍ରତି ଧ୍ୟାନ ଦିଅନ୍ତି, ତେବେ ଦେଖିବେ, ସ୍ୱାଧୀନତାର ପକ୍ଷ ନେଇ ମୁଁ ଯେତେଥର ଲଢ଼ିଛି, ସେ ସବୁ ମଧ୍ୟରେ ସର୍ବାପେକ୍ଷା ମହାନ୍ ଓ ଗୁରୁତ୍ୱପୂର୍ଣ୍ଣ ସଂଗ୍ରାମ ଏଇ ମୁହୂର୍ତ୍ତରେ ଲଢ଼ୁଛି ।

ଆ ମତରେ ମଣିଷର ସଂପତ୍ତି ଅଧିକାର, ତାର ନିରାପତ୍ତାର ପ୍ରହରୀ ରୂପୀ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଆଇନ୍ ଏବଂ ମଣିଷର ସ୍ୱାଭାବିକ, ନାଗରିକ ତଥା ଧର୍ମଗତ ସୁବିଧାସୁଯୋଗ ସ୍ୱାଧୀନତା ଅନ୍ୟ କିଛି ନୁହେଁ । ଏହିସବୁ ସମର୍ପଣ କରିଦେବା ନିଜକୁ ଧ୍ୱଂସ କରିବା ସମାନ ଏବଂ ସ୍ୱେଚ୍ଛାଚାର ବ୍ୟତୀତ ମଣିଷକୁ ତାର ଅଧିକାରମାନଙ୍କରୁ ଆଉ କିଏ ବଞ୍ଚିତ କରେ ? ଯେଉଁ କଥା କହିଲି, ଏ ବିଲ୍ ସେମାନଙ୍କୁ ଦମନ ଦୃଢ଼ କରିବ, ସ୍ୱାଧୀନତାର ଭିତ୍ତିକୁ ସଂକୀର୍ଣ୍ଣ ନ କରି କରିବ, ଜଳବର୍ଷଣ ପରିବର୍ତ୍ତେ ସ୍ୱାଧୀନତା ରୂପକ ରେ ଘୃତାହୁତି ଦେବ ।

ଯେଉଁ ପ୍ରକାର ସ୍ୱେଚ୍ଛାଚାର ସବୁଠାରୁ ଜଘନ୍ୟ ? ଯାହ କୁ କରିବା ଏ ବିଲ୍ର ଲକ୍ଷ୍ୟ, ତାଠାରୁ ଜଘନ୍ୟ ସ୍ୱେଚ୍ଛାଚାର ନାହିଁ । ଅଳ୍ପ କେଇଜଣ ନିଜେ ସ୍ୱାଧୀନ ରହି ମଣିଷଙ୍କ ଉପରେ ହୀନ ଓ କୁତ୍ସିତ ମନମୁଖୀ ଚଳାଇବେ, ନିରୀହ ଲୋକଗୁଡ଼ିଏ ଅତ୍ୟାଚାରୀଙ୍କ ହେବେ, ଲୁଣ୍ଠନକାରୀର ବିଳାସବ୍ୟସନ ପାଇଁ ଶ୍ରମିକ ଗଣ୍ଡକୁ ପାଣି ଫଟେଇ ଖଟିବ, ରେ ବିଧିପ୍ରଦତ୍ତ ସମସ୍ତ ସାଧାରଣ ମାନବୀୟ ଧରି ଜନ୍ମ ହୋଇଥିବା ତିରିଶ ନିୟୁତ ମଣିଷ ବିଶ୍ୱ ରେ ଅତୁଳନୀୟ ନିରଙ୍କୁଶ–ଶାସନକଳରେ ପେଷି ଆର୍ତ୍ତନାଦ କରୁଥିବେ—ଏହାଠାରୁ ଅଧିକ ଜଘନ୍ୟ ଆଉ କ'ଣ ହୋଇପାରେ ?

କୌଣସି ଶାସନ ବ୍ୟବସ୍ଥାର ଲକ୍ଷ୍ୟ କ'ଣ ? ମାନଙ୍କର ସୁଖଶାନ୍ତି ନିଶ୍ଚୟ । ଅନ୍ୟ କାହାର ଆଇପାରେ କିନ୍ତୁ ଏଇଟି ମୋର ଏବଂ ମୁଁ ଏହାକୁ ଭାବେ ଘୋଷଣା କରୁଛି । ପ୍ରଜାଙ୍କର ବିପତ୍ତିରୁ ଯେଉଁ ସୌଭାଗ୍ୟ ଜାତ ହୁଏ, ମାନବଜାତିର ଦୁର୍ଦ୍ଦଶା ସରକାରର ଉନ୍ନତିର ସୋପାନ, ସେପରି ସରକାରକୁ କ'ଣ କହିବା ? ହିନ୍ଦୁସ୍ଥାନର ଲୋକଙ୍କ ଉପରେ ଇଣ୍ଡିଆ କଂପାନୀ ଏହିପରି ଶାସନ ଚଳାଇଛି ଏବଂ ତାର ଶାସନକୁ ଲୋପ କରିବା ବିଲ୍ଟିର ଲକ୍ଷ୍ୟ । ହୋଇଛି, ଲକ୍ଷ୍ୟ ହାସଲ କରିବା ପ୍ରକ୍ରିୟାରେ ଆମେ ପ୍ରଦତ୍ତ ସନନ୍ଦର ଖିଲାପ କରିବା ଉଚିତ ହେବ । ମହାଶୟମାନେ ! ଏ ସଂପର୍କରେ ମୋର ମୁଁ ନିଷ୍କପଟ ଭାବେ ପ୍ରକାଶ କରିବି । ଜଣେ ବା ସହିତ ବିଶ୍ୱାସ ( trust ) ସ୍ଥାପନ ଗୋଟିଏ ସନନ୍ଦ ଆଉ କିଛି ନୁହେଁ । କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଏଥିରେ ଥାଏ । ଯଦି ଟ୍ରଷ୍ଟର କରାଯାଏ, ଯଦି ଏଥିରୁ ଈପ୍ସିତ ଲାଭ ମିଳେ ଏବଂ ଅସାଧୁତା, ଅଜ୍ଞାନ ବା ଅବ୍ୟବସ୍ଥା ଏହି କାରଣ ହୋଇଥାଏ, ତେବେ ଟ୍ରଷ୍ଟକୁ ହସ୍ତାନ୍ତର ପ୍ରସ୍ତାବକୁ ଜଣେ ବିଚାରଶୀଳ ବ୍ୟକ୍ତି ସମର୍ଥନ କରିବ ନାହିଁ ? ବିଶେଷତଃ ସବୁପ୍ରକାର ଅନ୍ୟାୟ, ଅପକର୍ମ ଓ ଅବହେଳା କରି ଇଷ୍ଟ ଇଣ୍ଡିଆ କଂପାନୀ ଯେପରି ଭାବେ ଟ୍ରଷ୍ଟକୁ କାର୍ଯ୍ୟକାରୀ କରୁଛି, ଏତଦ୍ୱାରା ଯେଉଁ ଫଳଲାଭ ଉଦ୍ଦେଶ୍ୟରେ ଟ୍ରଷ୍ଟ ସଂପନ୍ନ ହୋଇଥିଲା, ତାର ବିପରୀତ ଫଳ ମିଳୁନାହିଁ କି ?

ରାଜ ସିଂହାସନ ସହିତ ସଂପୃକ୍ତ ହୋଇଥିବା ଟ୍ରଷ୍ଟ ପବିତ୍ର ଓ ମହାନ୍ । ତା ସାଙ୍ଗରେ ଗୋଟିଏ ବଣିକ କଂପାନୀ ଟ୍ରଷ୍ଟର ତୁଳନା ହୋଇ ନପାରେ । ରାଜାଙ୍କ ବିରୁଦ୍ଧରେ ଘଟିଥିବା ବିପ୍ଳବ, ରାଜ ସିଂହାସନ ସହିତ ସ୍ଥାପିତ ବିଶ୍ୱାସର ଉଲ୍ଲଂଘନ (ଏହି ବିପ୍ଳବ ଫଳରେ ଆମ ସମ୍ବିଧାନ ରକ୍ଷା ପାଇଲା ଓ ଏହାର ଅଭୂତ ପୂର୍ବ ଉନ୍ନତିମାନ ହେଲା) କୁ ଯେଉଁ ଲୋକମାନେ ସମର୍ଥନ ଜଣାଇଥିଲେ, ସେହିମାନେ ବର୍ତ୍ତମାନ ଇଷ୍ଟ ଇଣ୍ଡିଆ କଂପାନୀର ସନନ୍ଦ ଖିଲାପ କରାଯାଉଛି କହି କଂପାନୀ ସପକ୍ଷରେ କିପରି ଲଢୁଛନ୍ତି, ତା ମୁଁ ବୁଝିପାରୁନାହିଁ । ସନନ୍ଦର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ଦିଗରେ କଂପାନୀର ଅକ୍ଷମତା ଓ ଅଯୋଗ୍ୟତା କାହାକୁ ଅଛପା ନଥିବା ସତ୍ତ୍ୱେ ଏଥିପାଇଁ ଆମେ ସାରା ଦୁନିଆରେ ଲୋକହସା ହେଲୁଣି । କଂପାନୀ ଶାସନର ଅରାଜକତା, ତାହାର ଅପାରଗତା ଓ ଛଳନା ଯୋଗୁଁ ଏସିଆବାସୀ ଇଂରେଜଙ୍କ ନାମ ଶୁଣିଲେ ନାକ ଟେକୁଛନ୍ତି । ଜାତୀୟ ଚରିତ୍ରର କି ଅସମ୍ମାନ ଓ ଅଧୋଗତି ନ ଘଟିଛି । ଜାତିକୁ ନିନ୍ଦାରୁ ରକ୍ଷା କରିବା ଏ ବିଲ୍ର ଅନ୍ୟତମ ଉଦ୍ଦେଶ୍ୟ । ମହାଶୟମାନେ ! ବିଲ୍କୁ ବିରୋଧ କରିବା ପୂର୍ବରୁ ଏହାର ଅନ୍ୟାନ୍ୟ ମହତ୍ ଲକ୍ଷ୍ୟ ସହିତ ଏହି ଲକ୍ଷ୍ୟଟି ପ୍ରତି ବିଶେଷ ଭାବେ ଧ୍ୟାନ ଦେବେ ।

ସନନ୍ଦପତ୍ରରେ କଂପାନୀକୁ ମିଳିଥିବା ଅଧିକାରର ଖିଲାପ ହେବା ଦର୍ଶାଇ ଯେଉଁମାନେ ବିଲ୍ର ବିରୋଧ କରୁଛନ୍ତି, ସେମାନଙ୍କୁ ମୁଁ ପୁନର୍ବାର କହୁଛି, ଏହି ଯୁକ୍ତି ଅନୁସାରେ ରାଜା ଦ୍ୱିତୀୟ ଜେମ୍ସ୍ଙ୍କର ସନନ୍ଦଗତ ଅଧିକାର ବିପ୍ଳବ ଦ୍ୱାରା କ୍ଷୁର୍ଣ୍ଣ ହୋଇଥିଲା । ସନନ୍ଦ ଆଳରେ ସେ ଉପନିବେଶର ସଂପଦ ଉପରେ ଦାବି କରି ପାରିଥାନ୍ତେ ? କିନ୍ତୁ ଲୋକେ କହିଲେ କ'ଣ ? କହିଲେ," ନାଁ, ଉପନିବେଶରେ ଆପଣଙ୍କର କିଛି ସଂପତ୍ତି ନାହିଁ । ଉପନିବେଶବାସୀଙ୍କ ମଙ୍ଗଳ ପାଇଁ ଆପଣଙ୍କ ହାତରେ ଉପନିବେଶ ଅର୍ପିତ ହୋଇଛି । ପବିତ୍ର ଟ୍ରଷ୍ଟ ଗୋଟିଏ ମୁକ୍ତିଭାବେ ଆପଣଙ୍କୁ ଅର୍ପଣ କରାଯାଇଛି । ଆପଣ ତାର ଅପବ୍ୟବହାର କରିଛନ୍ତି । ସୁଶାସନ ଓ ଶାନ୍ତିଶୃଙ୍ଖଳା ପ୍ରତି ଧ୍ୟାନ ନଦେଇ ଆପଣ ଉପନିବେଶରେ ଅତ୍ୟାଚାର ଚଳାଇଥିବାରୁ ଯେଉଁ କ୍ଷମତା ଆମେ ଆପଣଙ୍କୁ ଅର୍ପଣ କରିଥିଲୁ, ତାହା ଫେରସ୍ତ ନେଉଛୁ । ଯେ କୌଣସି ଶାସନରେ ଚିରି ହେଉଛି—ଜନତାର ଇଚ୍ଛା ଏବଂ ଆମେ ତାହାରି ପାଖକୁ ଫେରିଯିବୁ । ଜନତା ଚାହେ, ଆପଣ ଉପନିବେଶ ପ୍ରତି ଦୁର୍ବ୍ୟବହାର ନ କରନ୍ତୁ ।" ଏହି ଉକ୍ତି ଇଷ୍ଟ ଇଣ୍ଡିଆ

କଂପାନୀ ଚଳାଉଥିବା ଶାସନ ପ୍ରତି ଅକ୍ଷରେ ଅକ୍ଷରେ ପ୍ରଯୋଜ୍ୟ । ମୋର ସମ୍ମାନାସ୍ପଦ ବନ୍ଧୁ (ବୁରକ) ଙ୍କ ଭାଷାରେ ସମୁଦାୟ ଖ୍ରୀଷ୍ଟିଆନ୍ ୟୁରୋପ ସହିତ ପ୍ରାୟ ସମାନ ଦୁଇଲକ୍ଷ ଅଶୀହଜାର ବର୍ଗମାଇଲ ପରିମିତ ଓ ତିରିଶ ନିୟୁତ ଲୋକ ସଂଖ୍ୟାବିଶିଷ୍ଟ ଭାରତବର୍ଷରେ କଂପାନୀର କୁଶାସନ ଚାଲିଛି । ବିଜୟ ବଳରେ କିମ୍ବା ଚୁକ୍ତି ଫଳରେ ଉପନିବେଶର ସୃଷ୍ଟି ହୋଇଥାଏ । ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ କିଛି ନାହିଁ । ବିଜୟଲାଭ କରିଥିବାରୁ ବିଜୟୀ ସ୍ୱେଚ୍ଛାଚାରୀ ହେବାର ଅଧିକାର ପାଏନାହିଁ ବା ସ୍ୱେଚ୍ଛାଚାରକୁ ଛେଡ଼ିଦେବା ଦ୍ୱାରା କାହାର ଅଧିକାର ଭଙ୍ଗ ହୁଏ ନାହିଁ....


ଫକ୍ସଙ୍କ ପରେ ବିଲ୍‌କୁ ଦୃଢ଼ ଭାବେ ସମର୍ଥନ କରି ବୁରକ ବକ୍ତୃତା ଦେଇଥିଲେ ଓ ଫକ୍ସଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ଏହାର କିଛି ଅଂଶ ଦିଆଯାଉଛି—


"ବିଲ୍ ସଂପର୍କରେ ମୋର ବକ୍ତବ୍ୟ ସରିଲା ଓ ବର୍ତ୍ତମାନ ମୁଁ ଏହାର ପ୍ରଣେତାଙ୍କ ବିଷୟରେ ଦିପଦ କହିବି । ପାର୍ଲ୍ୟାମେଣ୍ଟୀୟ ଉଦାରତା ଲଂଘନ କରି ହୀନ ଓ କର୍କଶ ଭାଷାରେ ତାଙ୍କୁ ଯାହା ବୁହାଗଲା, ସେଥିରେ ମୁଁ ମର୍ମାହତ (ସେ ତ ନିଶ୍ଚୟ ହୋଇଥିବେ) । ମାନବଜାତିର ଏତେ ବଡ଼ ଗୋଟିଏ ଅଂଶ ଉପରେ ଯେଉଁ ଅଭୂତପୂର୍ବ ନିର୍ମମ ସ୍ୱେଚ୍ଛାଚାର ଲଦା ହୋଇଛି, ତାକୁ ଘୁଞ୍ଚାଇବା ଏ ଶତାବ୍ଦୀର ଏକ ମହାନ୍ ଗୌରବର ବିଷୟ ହେବ ବୋଲି ମୁଁ କହିବି । ଏହି ଗୁରୁ ଦାୟିତ୍ୱ ଉପଯୁକ୍ତ ବ୍ୟକ୍ତି ହାତରେ ପଡ଼ିଛି । ସେ ଏହାକୁ ତୁଲାଇବା ପରି ଦକ୍ଷତା ଓ ବୁଦ୍ଧିର ଅଧିକାରୀ ।"

ମେମ୍ବର ସେକ୍ରେଟେରୀ
ସିଲେକ୍‌ସନ୍ ବୋର୍ଡ
ଭୁବନେଶ୍ୱର

ବାସ୍ତବ ପରିସ୍ଥିତି ସଂପର୍କରେ ଅଜ୍ଞତା ଯୋଗୁ ସେ ... ଉତ୍ସାହୀ ହୋଇଛନ୍ତି, ତା ନୁହେଁ । ବ୍ୟକ୍ତିଗତ ... ଆଇନ୍ ଅଦାଲତର କରାମତି ଓ ସେବକର ମୋହ ... ପ୍ରତିବନ୍ଧକ ସବୁ ସୃଷ୍ଟି କରେ, ତାହା ସେ ଜାଣନ୍ତି, ... ନିଜର ନିରାପତ୍ତା, ସ୍ୱାର୍ଥ, କ୍ଷମତା, ଏପରିକି ସେବକପ୍ରିୟତା ... ଆଞ୍ଚ ଆସିବ ଜାଣି ସୁଦ୍ଧା ଯେଉଁ ମଣିଷମାନଙ୍କୁ ସେ ... ଦେଖିନାହାନ୍ତି, ସେମାନଙ୍କର ଉପକାର ପାଇଁ ବିପଦସଂକୁଳ ... ପଥରେ ଯାତ୍ରାରମ୍ଭ କରିଛନ୍ତି । ପୂର୍ବରୁ ଅନେକ ବଡ଼ ... ଏହି ପଥରେ ପଥିକ ହୋଇଛନ୍ତି ।

ମହାଶୟ ! ଆପଣଙ୍କର ମନ୍ଦ ଅଭିପ୍ରାୟ ରହିଛି ... ଅପବାଦ ରଟିଲଣି । ତେବେ, ସବୁ ମହାନ୍ ... କିଛି ଅପବାଦ ପାଏ—ଏକଥା ମନେରଖିଥିବେ । ... ଓ ଭର୍ତ୍ସନା ବିଜୟର ଅପରିହାର୍ଯ୍ୟ ଉପାଦାନ— ... ରୋମୀୟ ସମାଜରେ ପ୍ରଚଳିତ ଢଙ୍ଗଟିଏ କେବଳ ... ବାସ୍ତବ ଜୀବନରେ ଏକଥା ଅକ୍ଷରେ ଅକ୍ଷରେ ସତ ... ଆପଣ ଅନେକ ସୁନାମ ଅର୍ଜନ କରିଛନ୍ତି । ... ଆଖି ଆପଣଙ୍କ ଉପରେ ନିବଦ୍ଧ । ଆପଣ ... ହୋଇଥିବା ଓ ଆହୁରି ଅନେକ ବଡ଼କାମ କରନ୍ତୁ । ... ଆପଣଙ୍କ ଜୀବନର ସର୍ବଶ୍ରେଷ୍ଠ କୀର୍ତ୍ତି ଆଜି ଏଠି ... ହେଉଛି ।..........





୧—ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ

୨—ଦକ୍ଷିଣାଞ୍ଚଳୀୟ ଓଡ଼ିଆ

୩—କାବ୍ୟତତ୍ତ୍ୱ

ସୁଖର କଥା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଭୁବନେଶ୍ୱର, ପକ୍ଷରୁ ବହୁ ଉପାଦେୟ ପୁସ୍ତକ ଓଡ଼ିଆ ଭାଷାରେ ବିଶିଷ୍ଟ ବିଶେଷଜ୍ଞଙ୍କ ଦ୍ୱାରା ଲିଖିତ ହୋଇ ପ୍ରକାଶ ପାଇଛି । ଓଡ଼ିଆ ଭାଷା ଅତି ପ୍ରାଚୀନ ଓ ସମୃଦ୍ଧ ଭାଷା ହେଲେ ହେଁ ଅଦ୍ୟାବଧି ସେ ଭାଷାରେ ବିଶ୍ୱପ୍ରଚଳିତ ବିଭିନ୍ନ ମୌଳିକ ଜ୍ଞାନଭଣ୍ଡାର ଉନ୍ମୋଚିତ ହୋଇ ନାହିଁ । ସାହିତ୍ୟ, ଦର୍ଶନ, ବିଜ୍ଞାନ, ଧର୍ମାଦି ବ୍ୟାପାରରେ ବହୁ ଗବେଷଣା ପ୍ରସୂତ ଗ୍ରନ୍ଥ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ବହୁ ମନୀଷୀଙ୍କ ଦ୍ୱାରା ରଚିତ ହୋଇଅଛି । ବହୁ ମୌଳିକ ତତ୍ତ୍ୱ ଓ ତଥ୍ୟରାଜି ସହ ଜ୍ଞାନବିଜ୍ଞାନ ସଂପ୍ରସାରଣ କ୍ଷେତ୍ରରେ ବିଶ୍ୱରେ ଏପରି ସବୁ ଗ୍ରନ୍ଥ ରଚିତ ହୋଇ ପ୍ରଚରିତ ହୋଇଛି—ଯେଉଁଗୁଡ଼ିକୁ ଜ୍ଞାତବ୍ୟ ନହେଲେ କୌଣସି ଜାତି ଭାଷା ବା ସଂସ୍କୃତିର ସମୁଚିତ ସ୍ତରରେ ପହଞ୍ଚି ପାରିବ ନାହିଁ । ଏତଦ୍ ବ୍ୟତୀତ ଜାତିର ଦୃଷ୍ଟିକୋଣ ଏବଂ ଚିନ୍ତା ପ୍ରବୃତ୍ତିର ବଳୟ ପ୍ରସାରିତ ଓ ଗଭୀର କରିବାକୁ ହେଲେ ଆମମାନଙ୍କୁ ଆମ ମାତୃଭାଷାରେ ଏହି ସବୁ ବିଶ୍ୱଜ୍ଞାନ ରାଜି ପ୍ରକାଶ କରି ସାଧାରଣ ବ୍ୟକ୍ତି ପାଖରେ ପହଞ୍ଚାଇ ଦେବାକୁ ହେବ । ସେ ଦୃଷ୍ଟିରୁ ଯେତେ କମ୍ ହେଲେ ବି ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଓଡ଼ିଆ ଭାଷାରେ କେତେକ ମୌଳିକ ବା ଅର୍ଦ୍ଧମୌଳିକ ଗ୍ରନ୍ଥ ପ୍ରକାଶ କରିଛନ୍ତି । ଏଗୁଡ଼ିକ ସ୍କୁଲ କଲେଜରେ ପଢୁଥିବା ଶିକ୍ଷକ ଓ ଛାତ୍ରମାନଙ୍କ ସକାଶେ ଅଭିପ୍ରେତ ହେଲେହେଁ ସର୍ବସାଧାରଣ ମଧ୍ୟ ତାଙ୍କ ନିଜ ମାତୃଭାଷା ଜରିଆରେ ଏହି ସବୁ ଜ୍ଞାନବିଜ୍ଞାନ ସଙ୍ଗେ ସହଜରେ ପରିଚିତ ହୋଇ ପାରିବେ ବୋଲି ଆମେ ଆଶା କରୁ ।

ଏପର୍ଯ୍ୟନ୍ତ ଆମର ତନିଖଣ୍ଡି ବହି ହସ୍ତଗତ ହୋଇଅଛି । ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀଙ୍କ ଲିଖିତ ୧୮୪ ପୃଷ୍ଠା ସଂବଳିତ "ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ" ଏବଂ ଅଧ୍ୟାପକ ଡକ୍ଟର ଖଗେଶ୍ୱର ମହାପାତ୍ରଙ୍କ ଲିଖିତ ୧୫୦ ପୃଷ୍ଠା ସମ୍ବଳିତ" "ଦକ୍ଷିଣାଞ୍ଚଳୀୟ ଓଡ଼ିଆ" ପୁସ୍ତକ ଦୁଇଟି ଭାଷାତାତ୍ତ୍ୱିକ ଗ୍ରନ୍ଥ । କହିବା ବାହୁଲ୍ୟ—ପୁସ୍ତକ ଦୁଇଟିରେ ଓଡ଼ିଆ ଭାଷାର ପ୍ରକୃତି, ଧର୍ମ, ଇତିହାସ, ଶକ୍ତି ଓ ଅର୍ଥ ସମେତ ଏହାର ବ୍ୟବହାରିକ ବୈଶିଷ୍ଟ୍ୟ ପ୍ରଦର୍ଶନରେ ଭାଷାବିତ୍ ପଣ୍ଡିତ ଲେଖକ ଦୁହେଁ ସମଧିକ ଉତ୍କର୍ଷ ପ୍ରଦର୍ଶନ କରି ପାରିଛନ୍ତି । ଡକ୍ଟର ତ୍ରିପାଠୀ ତାଙ୍କର ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ ଗ୍ରନ୍ଥରେ ଓଡ଼ିଆ ବର୍ଣ୍ଣମାଳା ଓ ତାର ଉଚ୍ଚାରଣ ବିଧିଠାରୁ ଆରମ୍ଭ କରି—ଏ ଭାଷାର ସନ୍ଧି, ବଚନ, କୃଦନ୍ତ ତଦ୍ଧିତାଦି ପଦ୍ଧତି ଗୁଡ଼ିକର ବ୍ୟାକରଣଗତ ମୌଳିକତା ଉପରେ ଯଥାର୍ଥ ବିଶ୍ଳେଷଣାତ୍ମକ ମନ୍ତବ୍ୟ ପ୍ରଦାନ କରିଛନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ଶୁଦ୍ଧଭାଷା ଓ ରଚନା, ଓଡ଼ିଆ ଲିପିତତ୍ତ୍ୱ ଏବଂ ପଶ୍ଚିମ ଓଡ଼ିଆ ଉପଭାଷା, ଓଡ଼ିଶାର ଆଦିବାସୀଙ୍କ ଭାଷା ଏବଂ କୋରାପୁଟୀ ଓ ବାଲେଶ୍ୱରୀ ଓଡ଼ିଆ ଭାଷାର ନିଦର୍ଶନ ଉପରେ ମଧ୍ୟ ତଥ୍ୟମୂଳକ ଆଲୋକପାତ କରିଛନ୍ତି । ମାତ୍ର ସବୁଠାରୁ ଉଲ୍ଲେଖ ଯୋଗ୍ୟ ବିଷୟ ହେଲା—ଡକ୍ଟର ତ୍ରିପାଠୀ ଏହି ଗ୍ରନ୍ଥରେ ଶାରଳା ଦାସ, ଜଗନ୍ନାଥ ଦାସ, କବିସୂର୍ଯ୍ୟ, ପଣ୍ଡିତ ଗୋଦାବରୀଶ ଓ ଗଙ୍ଗାଧରଙ୍କ ରଚନାରୁ ସେମାନଙ୍କ ଭାଷା ଶୈଳୀ ଏବଂ ଶବ୍ଦ ପ୍ରୟୋଗ ଉପରେ ଅତି ଚମତ୍କାର ଭାବେ ବିଶ୍ଳେଷଣାତ୍ମକ ଆଲୋଚନା କରି ଅଛନ୍ତି ।


ସେହିପରି "ଦକ୍ଷିଣାଞ୍ଚଳୀୟ ଓଡ଼ିଆ" ପୁସ୍ତକରେ ଡ଼କ୍ଟର ଖଗେଶ୍ୱର ମହାପାତ୍ର ଦକ୍ଷିଣ ଓଡ଼ିଶାର "ଦେଶିଆ ବୋଲି" ଉପରେ ଗବେଷଣାତ୍ମକ ଆଲୋଚନା କରିଛନ୍ତି । ଏ ବୋଲିରେ ରୂପ ରଚନା ପ୍ରକ୍ରିୟା, ବାକ୍ୟ ବିନ୍ୟାସ ପ୍ରକ୍ରିୟା, ଦେଶୀୟା ଶବ୍ଦସୂଚୀ ସ୍ୱନିଶ ଓ ଅକ୍ଷର ସମ୍ବନ୍ଧେ ଆଲୋଚନା କରି ଲେଖକ ଉତର ବୋଲି ଓ ଝରିଆ ବୋଲିର ନିଦର୍ଶନ ଦେଇ ତା' ଉପରେ ମଧ୍ୟ ଭାଷା ବିଜ୍ଞାନ ରୀତିରେ ଆଲୋଚନା କରିଛନ୍ତି । ଏ ପୁସ୍ତକଟି ନିଶ୍ଚିତଭାବେ ଓଡ଼ିଆ ଭାଷା ବିଜ୍ଞାନ ବା ଧ୍ୱନିବିଜ୍ଞାନ ଅଧ୍ୟୟନ କରୁଥିବା ଏବଂ ସେ ସଂପର୍କରେ ଗବେଷଣା କରୁଥିବା ଛାତ୍ର ଓ ଶିକ୍ଷକମାନଙ୍କୁ ବହୁ ଆଲୋକ ପ୍ରଦର୍ଶନ କରିବ ।

ଏଠି ବିନୟର ସହିତ କହିବାକୁ ପଡୁଛି ଯେ, ଶଂସିତ ଦୁଇଟି ଭାଷାତତ୍ତ୍ୱମୂଳକ ଗ୍ରନ୍ଥ ଭିତରୁ ଡ଼କ୍ଟର ତ୍ରିପାଠୀଙ୍କ "ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ" ଗ୍ରନ୍ଥଟି ଛାତ୍ର ଶିକ୍ଷକଙ୍କ ବ୍ୟତୀତ ଭାଷା ସାହିତ୍ୟ ପ୍ରତି ସାଧାରଣ ଆଗ୍ରହୀ ବ୍ୟକ୍ତିମାନଙ୍କର ମଧ୍ୟ ପଠନାଗ୍ରହ ସୃଷ୍ଟି କରିବ । ମାତ୍ର ଡ଼କ୍ଟର ମହାପାତ୍ରଙ୍କ "ଦକ୍ଷିଣାଞ୍ଚଳୀୟ ଓଡ଼ିଆ" ଗ୍ରନ୍ଥଟି କେବଳ ତଦ୍‌ବିଦ୍‌ମାନଙ୍କର ବା ଭାଷାବିଜ୍ଞାନୀମାନଙ୍କର ଆଗ୍ରହ ଆକର୍ଷଣ କରିବ । କାରଣ ଏ ଗ୍ରନ୍ଥଟି ସଂପୂର୍ଣ୍ଣ ଭାବେ ବୈଜ୍ଞାନିକ ରୀତିରେ ଲିଖିତ ହୋଇଅଛି ।

ଏ ଦୁଇଟି ପୁସ୍ତକ ବ୍ୟତୀତ ଓ୍ୱାର୍ଡସ ଓ୍ୱାର୍ଥ, ଶେଲି ଓ କୀଟ୍‌ସଙ୍କ "କାବ୍ୟତତ୍ତ୍ୱ" ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ରଚିତ ସାହିତ୍ୟାଦର୍ଶ ଓ ସାହିତ୍ୟର ଆବେଦନ ଉପରେ ଖଣ୍ଡିଏ ଅତି ଉପାଦେୟ ଗ୍ରନ୍ଥ । ଏହି ଗ୍ରନ୍ଥଟି ଓ୍ୱାର୍ଡସଓ୍ୱାର୍ଥ ଓ କଲେରିଜ୍‌ଙ୍କ ପ୍ରସିଦ୍ଧ କବିତା ଗ୍ରନ୍ଥ "ଲିରିକାଲ ବାଲାଡ୍" ର ମୁଖବନ୍ଧ ଏବଂ ଶେଲିଙ୍କର "ଏ ଡ଼ିଫେନସ ଅଫ୍ ପୋଏଟ୍ରି ଏବଂ କୀଟ୍‌ସଙ୍କର ଚିଠିଗୁଡ଼ିକର ଅନୁବାଦ ଓ ଟୀକା ସହ ପ୍ରସ୍ତୁତ ହୋଇଅଛି" । କହିବା ବାହୁଲ୍ୟ, ଏହି କାବ୍ୟତତ୍ତ୍ୱ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ଓ ଊନବିଂଶ ଶତାବ୍ଦୀର ପ୍ରାରମ୍ଭ କାଳୀନ ରୋମାଣ୍ଟିକ୍ କାବ୍ୟାଦର୍ଶ ଉପରେ ଆଧାରିତ । ଏ ପୁସ୍ତକଟି ପାଠକଲେ କବି ଓ କବିତା ସଂପର୍କରେ ଗୁରୁତ୍ୱ ପୂର୍ଣ୍ଣ ତାତ୍ତ୍ୱିକ ଆଲୋଚନା ସହ ସମକାଳୀନ ପାଶ୍ଚାତ୍ୟ ସାଂସ୍କୃତିକ ପରିସ୍ଥିତି ସଂପର୍କରେ ମଧ୍ୟ ପାଠକ ଅବହିତ ହୋଇ ପାରିବେ ଏହା ସଙ୍ଗେ ସଙ୍ଗେ ବ୍ୟକ୍ତି ଓ ସାମାଜିକ ଚେତନା ଗଠନ ସାହିତ୍ୟର ପ୍ରଭାବ, ସଭ୍ୟତାର ବିକାଶ ଲାଗି ସାହିତ୍ୟ କାବ୍ୟର ଅବଦାନ କଣ ତାହା ମଧ୍ୟ ଏ ଗ୍ରନ୍ଥ ପାଠରେ ସ୍ପଷ୍ଟ ବୁଝାପଡ଼ିବ । ମନୁଷ୍ୟ ପକ୍ଷରେ ତାର ଜୀବ ବେଦନାମୟ କି ଆନନ୍ଦମୟ—ଏବଂ ବେଦନା ଓ ଆ ଭିତରେ ସମତା ବା ପାର୍ଥକ୍ୟ କେତେଦୂର—ପୁଣି ମନୁ ତାର ପରିବେଶ ସଙ୍ଗେ ପ୍ରକୃତି ସଙ୍ଗେ ଓ ପ୍ରକୃତି ଭିତ ଅନ୍ତର୍ନିହିତ ସଚ୍ଚିଦାନନ୍ଦ ପୁରୁଷର ଚେତନା ସଙ୍ଗେ କି ଭାବେ ଓ କେଉଁ ମାଧ୍ୟମରେ ଜଡ଼ିତ ହୋଇପାରେ ଏ ସବୁ ଗୂଢ଼ ତତ୍ତ୍ୱମାନ ଏ ଗ୍ରନ୍ଥରେ ତିନିଜଣ ବିଶ୍ୱ ଲେଖନୀରେ ପରିସ୍ଫୁଟ ହୋଇଅଛି । ଅଧ୍ୟାପକ ଯତୀ ମୋହନ ଏହି ସବୁ ଜଟୀଳ ଗୂଢ଼ ବିଷୟବସ୍ତୁକୁ ଭାଷା ସରଳ ଓ ସାଧାରଣକ୍ଷମ ଶୈଳୀରେ ନିଜ ଭାଷାରେ ସୁନ୍ଦର ଭାବେ ଅନୁବାଦ ଓ ସ୍ଥଳ ବିଶେଷରେ ବ୍ୟାଖ୍ୟା ଓଡ଼ିଆ କାବ୍ୟ ତତ୍ତ୍ୱ ବିଳାସୀମାନଙ୍କର ପ୍ରଶଂସାର୍ହ ଅଛନ୍ତି । ଓଡ଼ିଆ ଭାଷାରେ କାବ୍ୟତତ୍ତ୍ୱ ସଂପର୍କ ଗଭୀର ଆଲୋଚନା ପୁସ୍ତକ ବେଶୀ ନଥିବା ସ୍ଥଳେ ଏ ପୁସ୍ତ ସାହିତ୍ୟ ଛାତ୍ର, ଶିକ୍ଷକ ଓ ଗବେଷକମାନଙ୍କଦ୍ୱାରା ଯେ ଆଦୃତ ହେବ—ସର୍ବସାଧାରଣଙ୍କ ପକ୍ଷରେ ଏହା ଯେ ସୁବୋଧ୍ୟ ତତ୍ତ୍ୱ ସମ୍ଭାରୀ ପୁସ୍ତକ ହିସାବରେ ମଧ୍ୟ ସର୍ବ ଆଦୃତ ହୋଇ ପାରିବବୋଲି ଆମେ ଆଶାକରୁ ।

ଶେଷରେ ଆମେ ଏହି ପ୍ରକାଶନ ସଂସ୍ଥାର ନିର୍ଦ୍ଦେ ଡ଼କ୍ଟର ଗଦାଧର ମିଶ୍ରଙ୍କୁ ଏଇସବୁ ସୁନ୍ଦର ଉପଯୋ ପ୍ରକାଶନଗୁଡ଼ିକଲାଗି ସାଧୁବାଦ ଜଣାଇବା ସଙ୍ଗେ ସଙ୍ଗେ ଏତିକି ଅନୁରୋଧ କରୁଅଛୁ କି ଯଦିଓ ଏହିସବୁ ଉପଯୋ ପୁସ୍ତକଗୁଡ଼ିକର ମୂଲ୍ୟ ଅତିକମ୍—ଦେଶଟଙ୍କା ଭିତରେ ତଥାପି ପୁସ୍ତକ ଗୁଡ଼ିକର ପ୍ରଚ୍ଛଦପଟର ସୌଷ୍ଠବ ଦିଗ ସେ ମହାଶୟ ଟିକିଏ ଅଧିକ ଦୃଷ୍ଟି ଦେବେ ।

ଆମେ ଏହି ପୁସ୍ତକଗୁଡ଼ିକର ବହୁଳ ପ୍ରସାର କାମ କରୁଅଛୁ ।



# ଓଡ଼ିଶା ବିଧାନ ସଭାରେ
# ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର୍‌ଙ୍କ ଅଭିଭାଷଣ

ଅଧ୍ୟକ୍ଷ ମହାଶୟ ଏବଂ ସମ୍ମାନାସ୍ପଦ ସଦସ୍ୟବୃନ୍ଦ :

ଏହି ପବିତ୍ର ଗୃହକୁ ନୂଆକରି ନିର୍ବାଚିତ ହୋଇ ଆସିଥିବା ସଦସ୍ୟମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇବାର ସୁଯୋଗ ପାଇଥିବାରୁ ମୁଁ ବିଶେଷ ଆନନ୍ଦିତ । ଓଡ଼ିଶାବାସୀ ଅଭୂତପୂର୍ବ ଭାବେ ନିରଙ୍କୁଶ ସଂଖ୍ୟାଗରିଷ୍ଠ କରି ମୋ ସରକାରଙ୍କୁ ନିର୍ବାଚିତ କରିଛନ୍ତି । ଗଣତନ୍ତ୍ର ସପକ୍ଷରେ, ଏ ଦେଶର ଚିରାଚରିତ ଆଇନର ପ୍ରତିଷ୍ଠା ଦିଗରେ ଏବଂ ବ୍ୟକ୍ତି ସ୍ୱାଧୀନତା ଯୁଗକୁ ଫେରାଇ ଆଣିବା ନିମନ୍ତେ ଏହା ଜନସାଧାରଣଙ୍କର ଏକ ସୁସ୍ପଷ୍ଟ ରାୟ । ଏହା ରାଜ୍ୟ ପକ୍ଷରେ ଏକ ଶୁଭ ସଙ୍କେତ । ବର୍ତ୍ତମାନ ଏହି ନୂତନ ସରକାର ସାହସ ଓ ବିଶ୍ୱାସର ସହିତ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଓ ନୀତିକୁ କାର୍ଯ୍ୟକାରୀ କରିବେ ବୋଲି ଓଡ଼ିଶାବାସୀ ଓ ରାଜ୍ୟର ଶାସନକଳ ଭରସା ରଖି ପାରିବେ । ରାଜ୍ୟବାସୀଙ୍କର ଏବଂ ବିଶେଷକରି ଦୁର୍ବଳଶ୍ରେଣୀ ଲୋକଙ୍କ କଲ୍ୟାଣ ପାଇଁ ମୋର ନୂଆ ସରକାର ପୂର୍ଣ୍ଣପ୍ରାଣରେ କାର୍ଯ୍ୟ କରିବେ ବୋଲି ବ୍ୟଗ୍ରତା ଓ ଆକାଂକ୍ଷା ପ୍ରକାଶ କରିଛନ୍ତି । ମୁଁ ନିଃସନ୍ଦେହ ଯେ ମୋ ସରକାର ତାଙ୍କର ଏହି ଉଦ୍ୟମରେ ବହୁଳ ସଂଖ୍ୟାଗରିଷ୍ଠ ସମର୍ଥନ ପାଇ ବିପୁଳ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏ ରାଜ୍ୟର ଦ୍ରୁତ ତଥା ସର୍ବାଙ୍ଗୀନ ବିକାଶସାଧନ ଦିଗରେ ସମର୍ଥ ହେବେ । ଆହୁରି ମଧ୍ୟ ମୁଁ ନିଃସନ୍ଦେହ ଯେ ଲୋକଙ୍କ କଲ୍ୟାଣପାଇଁ ଉଦ୍ଦିଷ୍ଟ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଅନ୍ୟାନ୍ୟ ରାଜନୈତିକଦଳର ମାନ୍ୟବର ସଦସ୍ୟମାନେ ମୋ ସରକାରଙ୍କୁ ସେମାନଙ୍କର ପୂର୍ଣ୍ଣ ସହଯୋଗ ଓ ସମର୍ଥନ ଜଣାଇବେ ।

୨ । ଲୋକଙ୍କ ମଧ୍ୟରେ ଆତଙ୍କ, ସରକାରରେ ପ୍ରଭୁତ୍ୱବାଦର ଲକ୍ଷଣ ଏବଂ ଅନ୍ୟାନ୍ୟ ଅସ୍ୱାସ୍ଥ୍ୟକର ପରିବେଶର ପୃଷ୍ଠଭୂମିରୁ ପାରମ୍ପରିକ ରୀତିନୀତି ଏବଂ ବହୁଳଭାବେ ଉପସ୍ଥିତ ଗାନ୍ଧୀବାଦ ଆଦର୍ଶରେ ଅନୁପ୍ରାଣିତ ଏବଂ ବ୍ୟକ୍ତି ତଥା ସମାଜ ନିମନ୍ତେ ସମୃଦ୍ଧି ଓ ପୂର୍ଣ୍ଣତା ଆଣିଦେବା ଲକ୍ଷ୍ୟରେ ଏକ ନୂତନ ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥା ପ୍ରତିଷ୍ଠା କରିବାପାଇଁ ସଂକଳ୍ପବଦ୍ଧ ଗୋଟିଏ ସରକାରର ଆବିର୍ଭାବ ଆମେ ବର୍ତ୍ତମାନ ଦେଖୁଅଛୁଁ ।

୩ । ଓଡ଼ିଶାରାଜ୍ୟ ଖଣିଜପଦାର୍ଥ, ଜଙ୍ଗଲ, ଭୂମି ଓ ସାମୁଦ୍ରିକ ସମ୍ପଦରେ ସମୃଦ୍ଧ ହୋଇଥିଲେ ହେଁ ପୂର୍ବରୁ ଏହାର ଯଥାଯଥ ବିକାଶସାଧନ ଦିଗରେ ଅବହେଳା କରାଯାଇଥିବା ଯୋଗୁଁ ଏହା ଦେଶର ଅନ୍ୟତମ ଗରିବରାଜ୍ୟ ରୂପେ ଅଦ୍ୟାବଧି ରହି ଆସିଛି । ବାତ୍ୟା, ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଅନବରତ ଲାଗି ରହିଥିବା ଯୋଗୁଁ କର୍ମସଂସ୍ଥାନ, ଶିଳ୍ପ, ସାକ୍ଷରତା, ସ୍ୱାସ୍ଥ୍ୟ, ବାସଗୃହ ବା କୃଷି ଦିଗରେ ତଥା ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସାମାନ୍ୟତମ ସାହାଯ୍ୟ ଯୋଗାଇ ଦେବା ଦିଗରେ କିଛି କରାଯାଇ ପାରିନାହିଁ । ମୋ ସରକାର ରାଜ୍ୟକୁ ପତନ ଅବସ୍ଥାରୁ ବିକାଶଶୀଳ ଓ ଦାରିଦ୍ର୍ୟରୁ ସମୃଦ୍ଧିଶାଳୀ କରି ଗଢ଼ି ତୋଳିବା ଲାଗି ସାହସ ଓ ଦୃଢ଼ତାର ସହିତ ଅନେକଗୁଡ଼ିଏ ଦୂରଦୃଷ୍ଟିସମ୍ପନ୍ନ ନୀତି ଉପସ୍ଥାପିତ କରି ସେଗୁଡ଼ିକୁ କାର୍ଯ୍ୟରେ ରୂପାନ୍ତରିତ କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ରାଜ୍ୟରେ ଉପଯୋଗ ହୋଇ ନଥିବା ବା ଆଂଶିକ ଭାବରେ ଉପଯୋଗ ହୋଇଥିବା ଯେଉଁ ବିପୁଳ ପ୍ରାକୃତିକ ସଂପଦ ରହିଛି, ସେଥିରେ ଆଶାବାଦୀ ହେବାର ଯଥାର୍ଥତା ଅଛି ।

୪ । ଦାରିଦ୍ର୍ୟ ଦୂରୀକରଣ ଏବଂ ଅବହେଳିତ ଲୋକଙ୍କୁ ଉଚିତ ନ୍ୟାୟ ଦେବାର ଦୃଢ଼ ଲକ୍ଷ୍ୟ ନେଇ ଯୋଜନାର ପଦ୍ଧତିରେ ନୂଆ ଆଭିମୁଖ୍ୟ ଓ ନୂଆ ବିସ୍ତାର ଧାରା ଆଣିବାକୁ ହେବ ଏବଂ ଏଥିପାଇଁ ଯୋଜନାବୋର୍ଡକୁ ନୂଆରୂପ ଦିଆଯିବ । ନୀତିଗତ ଢାଞ୍ଚାକୁ ଯଥାଯଥ ଭାବରେ ସୁସଂଗଠିତ କରି, ହାସଲ କରିବା ଭଳି ଲକ୍ଷ୍ୟ ନେଇ ଏବଂ ଯେଉଁ କାର୍ଯ୍ୟଗୁଡ଼ିକ ପ୍ରତି ଅଗ୍ରପ୍ରାଧାନ୍ୟ ଦିଆଯିବ ସେଥିପ୍ରତି ଦୃଷ୍ଟି ରଖି ରାଜ୍ୟ ଯୋଜନାକୁ ଅଧିକ ବାସ୍ତବାଭିମୁଖୀ ଏବଂ ଫଳପ୍ରଦାୟକ କରାଯିବ । କେବଳ ଯେ ପ୍ରଚଳିତ ଯୋଜନାଗୁଡ଼ିକୁ ସଚଳ କରାଯିବ ତା' ନୁହେଁ, ବରଂ ବାସ୍ତବ କଳ୍ପନା ନେଇ ନୂଆ ନୂଆ ଯୋଜନା ଓ ପ୍ରୋଜେକ୍ଟ ହାତକୁ ନିଆଯିବ । ଏହି କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକ ନିର୍ଦ୍ଧାରିତ ସମୟ ଓ ବ୍ୟୟ ପରିସର ମଧ୍ୟରେ ସଂପାଦିତ ହେବ ।

୫। ମୋ ସରକାର ଯେ କେବଳ କୃଷି ଓ ଗ୍ରାମାଞ୍ଚଳ ବିକାଶସାଧନ ଦିଗରେ ଅଧିକ ଗୁରୁତ୍ୱ ଦେବେ ତାହା ନୁହେଁ, ପରନ୍ତୁ ସ୍ଥାପନରେ କାମ କିପରି ହେଉଛି ଓ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହାଦି ଯୋଗାଇବାରେ ଉତ୍ପାଦନ କିପରି ସହାୟକ ହେଉଛି, ତାହା ପରୀକ୍ଷା କରି ଦେଖିବେ। ଏହି ସଂଗେ ସଂଗେ ମଧ୍ୟ ଅଣବିକଶିତ ଅଂଚଳଗୁଡ଼ିକୁ ସରକାର ଚିହ୍ନଟ କରିବେ ଏବଂ ସ୍ଥାନୀୟ ଧନ୍ଦା ଓ ଉପାର୍ଜନ ପନ୍ଥା ଉତ୍ସାହିତ କରି ଅର୍ଥନୈତିକ କୋଣ ଓ ଉନ୍ନତର ଭାରସାମ୍ୟ ବଜାୟ ରଖିବା ସଂଗେ ସଂଗେ ତାରତମ୍ୟ ଦୂରକରି ଅର୍ଥନୈତିକ ଓ ସାମାଜିକ ନ୍ୟାୟ ଦେବାକୁ ସମର୍ଥ ହେବେ।

୬। ଯେହେତୁ ସଂସ୍ଥାଗୁଡ଼ିକୁ ଅଧିକ କାର୍ଯ୍ୟଭାର ଦିଆଯିବ ଏବଂ ସଚିବାଳୟରେ କେନ୍ଦ୍ରୀଭୂତ କ୍ଷମତାର ହ୍ରାସ କରାଯିବ। ନୂତନ ସରକାର ଏକ ଗ୍ରାମାଭିମୁଖୀ ଯୋଜନା ଦୃଷ୍ଟିରେ ରଖି ଗ୍ରାମ ଓ ପଲ୍ଲୀ ଅଂଚଳରେ ଉନ୍ନୟନମୂଳକ ସଂସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବେ। ଯୋଜନାଧାରା ଗ୍ରାମାଞ୍ଚଳରେ ହିଁ ଆରମ୍ଭ ହେବ ଏବଂ କେନ୍ଦ୍ର ସରକାର ପ୍ରତିଷ୍ଠା କରି ଗଣତାନ୍ତ୍ରିକ ପଦ୍ଧତିର ପୁନଃପ୍ରବର୍ତ୍ତନ ଦିଗରେ ଯେଉଁଭଳି କାର୍ଯ୍ୟ କରାଯାଇଥିଲା, ସେହିଭଳି ଏହି କାର୍ଯ୍ୟରେ ମୋ ସରକାର ଆମର ଜାତୀୟ ନେତା ଶ୍ରୀ ଜୟପ୍ରକାଶ ନାରାୟଣଙ୍କ ଦିଗ୍‌ଦର୍ଶନକୁ ଅଙ୍ଗୀକାରରେ ରଖି କାର୍ଯ୍ୟ କରିବେ।

୭। ଉଚ୍ଛେଦ ସଂପର୍କ, ଜମି ଉପରେ ସ୍ୱତ୍ୱ ନିୟନ୍ତ୍ରଣ ଏବଂ ଚକବନ୍ଦୀ ବ୍ୟବସ୍ଥା ପ୍ରଭୃତିକୁ ନେଇ କୃଷିର ସଂସ୍କାର କରିବା ନିମନ୍ତେ ମୋ ସରକାର ସଂକଳ୍ପବଦ୍ଧ। ଅତୀତରେ ହୋଇଥିବା ଜମିଜମା ସିଲିଂ ଆଇନକୁ ସଂସ୍କାର କରିବା ନିମନ୍ତେ ମୋ ସରକାର ସଂକଳ୍ପବଦ୍ଧ। ଆନ୍ତରିକତାବିହୀନ ଭାବରେ ଅତି ମନ୍ଥର ଗତିରେ କାର୍ଯ୍ୟକାରୀ କରାଯାଇଥିବା ହେତୁ, ଯେତେ ଜମି ବଳକା ବୋଲି ଘୋଷଣା କରାଯାଇଛି, ତାହା ନଗଣ୍ୟ! ଏଥିରୁ ମଧ୍ୟ ଅତି କମ୍ ଜମି ବଣ୍ଟନ କରାଯାଇଛି। ମୋ ସରକାର ଭୂସଂସ୍କାର ବ୍ୟବସ୍ଥାକୁ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟକାରୀ କରିବେ ଏବଂ ଆବଶ୍ୟକସ୍ଥଳେ ପ୍ରଚଳିତ ଆଇନରେ ଉପଯୁକ୍ତ ସଂଶୋଧନ କରିବେ ଏବଂ ବେନାମି ହସ୍ତାନ୍ତର ଓ ବେଆଇନ ଦଖଲ ପ୍ରଭୃତି ଯେଉଁସବୁ ବାଧାବିଘ୍ନ ଦେଖା ଦେଇଛି, ସେଗୁଡ଼ିକ ଦୂରୀଭୂତ କରିବା ନିମନ୍ତେ ପ୍ରଶାସନିକ ବ୍ୟବସ୍ଥାକୁ ଦୃଢ଼ କରିବେ। ବଳକା ଜମି ଏବଂ ଅନ୍ୟାନ୍ୟ ଚାଷୋପଯୋଗୀ ସରକାରୀ ଜମି ଭୂମିହୀନଙ୍କ ମଧ୍ୟରେ, ବିଶେଷ କରି ଆଦିବାସୀ ଓ ହରିଜନମାନଙ୍କ ମଧ୍ୟରେ ଅଧିକ ତତ୍ପରତାର ସହ ବଣ୍ଟନ କରାଯିବ। ଏହି ସବୁ ଜମି ଚାଷ କରିବା ନିମନ୍ତେ ସେମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯିବ।

୮। ଓଡ଼ିଶା ଭଳି ରାଜ୍ୟରେ କୃଷିର ପ୍ରାଧାନ୍ୟ କହିଲେ, କୃଷି ପାଇଁ ଅର୍ଥ ବ୍ୟବସ୍ଥା ଉପରେ ସର୍ବୋଚ୍ଚ ଗୁରୁତ୍ୱ ଦେବା କଥାକୁ ବୁଝାଏ। ଜଳ ସଂପଦର ସଂପୂର୍ଣ୍ଣ ବିନିଯୋଗ ନିମନ୍ତେ ଅଧିକ ଉତ୍ପାଦନ ଲକ୍ଷ୍ୟରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାଗୁଡ଼ିକୁ ଯୋଜନାବଦ୍ଧ ଭାବରେ କାର୍ଯ୍ୟକାରୀ କରାଯିବ। ସେହିଭଳି ଗ୍ରାମାଞ୍ଚଳ ଭିତ୍ତିଭୂମି ଯଥା—ରାସ୍ତା, ଡାକ୍ତରୀ ବ୍ୟବସ୍ଥା, ଶିକ୍ଷାର ସୁବିଧା, ପାନୀୟ ଜଳ ବ୍ୟବସ୍ଥା ଓ ଯୋଗାଯୋଗ ଇତ୍ୟାଦିର ବିକାଶ କରିବା ନିମନ୍ତେ ଅଧିକ ପୁଞ୍ଜି ଖଟାଯିବ।

୯। କୃଷି ଉନ୍ନୟନ କାର୍ଯ୍ୟକ୍ରମର ଯେଉଁ ପରିକଳ୍ପନା କରାଯାଇଛି ତାହା କେବଳ କୃଷି ଉତ୍ପାଦନ ବୃଦ୍ଧି ନିମିତ୍ତ ନୁହେଁ, ପରନ୍ତୁ କୁକୁଡ଼ା ପାଳନ, ଗୋପାଳନ, ମାଛଚାଷ, ଜଙ୍ଗଲ ଓ ଫଳବଗିଚା ଇତ୍ୟାଦି ଆନୁଷଙ୍ଗିକ କାର୍ଯ୍ୟକ୍ରମ ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଏହି ସଂଗେ ସଂଗେ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ସଂଗ୍ରହ, ସଂରକ୍ଷଣ ଏବଂ ବିକ୍ରି କରିବା ନିମନ୍ତେ ବିଭିନ୍ନ ସଂସ୍ଥା ମଧ୍ୟ ଗଠନ କରାଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକମାନଙ୍କ ଆବଶ୍ୟକତା ପ୍ରତି ଅଗ୍ରାଧିକାର ଦିଆଯିବ। କୃଷି ଅର୍ଥନୀତିର ରୂପାନ୍ତର ନିମନ୍ତେ ବନ୍ଧ ନିର୍ମାଣ, କୂପ ଓ ନଳକୂପ ଖନନ, ଗ୍ରାମାଞ୍ଚଳରେ ଦ୍ରୁତ ବିଦ୍ୟୁତ୍‌କରଣ, ଜଳସେଚନ ଓ ଜମିଜମା ବ୍ୟବସ୍ଥାର ସୁପରିଚାଳନା, ସାର, କୀଟନାଶକ ଔଷଧ ତଥା ବିହନର ସମୟୋପଯୋଗୀ ଯୋଗାଣ ପ୍ରଭୃତି କାର୍ଯ୍ୟକ୍ରମ ଉପରେ ବିଶେଷ ଧ୍ୟାନ ଦିଆଯିବ।

୧୦। ଦ୍ରୁତ ଶିଳ୍ପ ବିକାଶପାଇଁ ମୋ ସରକାର ଯେଉଁ ବିଚାର କରିଛନ୍ତି, ତାହା ଫଳରେ ନୂତନ ସହର ଗଢ଼ି ଉଠିବା ଦିଗରେ ଦୃଷ୍ଟି ଦିଆଯିବ। ଏହା ସଙ୍ଗେ ସଙ୍ଗେ ସହରଗୁଡ଼ିକୁ ଅଧିକ ନିର୍ମଳ ଓ ସୁନ୍ଦର କରି ଗଢ଼ିବାର ବ୍ୟବସ୍ଥା କରାଯିବ ଏବଂ ଏଥିନିମନ୍ତେ ଅତୀତରେ ଲୋକମାନେ ଯେଉଁଭଳି ଅସୁବିଧାର ସମ୍ମୁଖୀନ ହୋଇଥିଲେ

ତାହା ହେବାକୁ ଦିଆଯିବ ନାହିଁ । ରାଜ୍ୟର ଖଣିଜ, ଜଙ୍ଗଲ ଏବଂ ସାମୁଦ୍ରିକ ସମ୍ପଦର ଦ୍ରୁତ ବିକାଶ ଘଟାଇ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଆଣାଯିବ । ରାଜ୍ୟରେ ଗୋଟିଏ ଇସ୍ପାତ କାରଖାନା, ଗୋଟିଏ ଜାହାଜ ତିଆରି କାରଖାନା ଏବଂ ଅନ୍ୟାନ୍ୟ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ମୋ ସରକାର କେନ୍ଦ୍ରସରକାରଙ୍କ ଉପରେ ପ୍ରଭାବ ପକାଇବେ ଓ ସବୁପ୍ରକାର ସହଯୋଗ କରିବେ ।

୧୧ । ସରକାରୀ ଉଦ୍ୟୋଗ କ୍ଷେତ୍ରରେ ମୋ ସରକାର ଅଧିକ ବିକାଶମୂଳକ ବ୍ୟବସ୍ଥା ଅବଲମ୍ବନ କରିବେ ଏବଂ ସେଗୁଡ଼ିକୁ ଅଧିକ ଦକ୍ଷତାସମ୍ପନ୍ନ କରି ଯଥାଯଥ କାର୍ଯ୍ୟକାରିତା ଦିଗରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବେ । ଏହି ସଙ୍ଗେ ସଙ୍ଗେ ମୋ ସରକାର ଗୃହୀତ ନୀତିର ପରିସର ଭିତରେ ବେସରକାରୀ ଉଦ୍ୟୋଗ, ଯୁଗ୍ମ ଉଦ୍ୟୋଗ କ୍ଷେତ୍ରରେ ଏବଂ ଯୁବ ଶିଳ୍ପୋଦ୍ୟୋଗୀମାନଙ୍କୁ ଶିଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ସବୁପ୍ରକାର ପ୍ରୋତ୍ସାହନ, ସୁବିଧା-ସୁଯୋଗ ଓ ସାହାଯ୍ୟ ଦେବେ । ସେହିଭଳି ଆତ୍ମନିଯୁକ୍ତି ଲକ୍ଷ୍ୟରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ସ୍ଥାପନ ନିମନ୍ତେ ଶିକ୍ଷିତ ବେକାର ଯୁବକମାନଙ୍କୁ ସୁବିଧାସୁଯୋଗ ଓ ପ୍ରୋତ୍ସାହନ ଦିଆଯିବ । ପଞ୍ଚାୟତ ଶିଳ୍ପଗୁଡ଼ିକୁ ସୁଦୃଢ଼ କରାଯିବ ଏବଂ ବନ୍ଦ ହୋଇଯାଇଥିବା ସଂସ୍ଥାଗୁଡ଼ିକୁ ଯଥାସମ୍ଭବ ପୁଣି କାର୍ଯ୍ୟକାରୀ କରାଯିବ ।

୧୨ । ଦ୍ରୁତ ଆର୍ଥନୀତିକ ବିକାଶପାଇଁ ଜରୁରୀ ଭାବରେ ଆବଶ୍ୟକ ହେଉଥିବା ବିଦ୍ୟୁତ୍ ଶକ୍ତିର ବିକାଶ ନିମନ୍ତେ ମୋ ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏକ ଦ୍ରୁତ କାର୍ଯ୍ୟକ୍ରମ ଗ୍ରହଣ କରିବେ । ଆଦିବାସୀ କ୍ଷେତ୍ରମାନଙ୍କରେ ବିଦ୍ୟୁତ୍‌ଶକ୍ତିର ଦ୍ରୁତ ପ୍ରସାର ନିମନ୍ତେ ସବୁପ୍ରକାର ଉଦ୍ୟମ କରାଯିବ ।

୧୩ । ବେକାରୀ କ୍ରମାଗତଭାବେ ଏକ ସମସ୍ୟା ହୋଇଥିବା ହେତୁ କେବଳ ଶିଳ୍ପବିକାଶ ଦ୍ୱାରା ଏହାର ସମାଧାନ ହୋଇପାରିବ ନାହିଁ । ଉଭୟ ସହର ଓ ଗ୍ରାମାଞ୍ଚଳରେ ଏହି ସମସ୍ୟାର ସମାଧାନ ଦିଗରେ କୃଷି ଉତ୍ପାଦନର ଅଭିବୃଦ୍ଧି ସହିତ କେତେକ ଆନୁଷଙ୍ଗିକ ବ୍ୟବସ୍ଥା ଯଥା—କୃଷି ଯନ୍ତ୍ରପାତିର ମରାମତି ଓ ରକ୍ଷଣାବେକ୍ଷଣ ଓ ପରିବହନ ବ୍ୟବସ୍ଥାପ୍ରଭୃତି ଏଥିରେ ସହାୟକ ହୋଇପାରିବେ । ଗାନ୍ଧୀଜୀଙ୍କର ପରିକଳ୍ପିତ ଏକ ଆତ୍ମନିର୍ଭରଶୀଳ ପଲ୍ଲୀ ସମାଜ ଗଠନର ଚିନ୍ତାଧାରାକୁ ମୋ ସରକାର ବାସ୍ତବ ରୂପରେଖ ଦେବେ ଏବଂ ଗ୍ରାମାଞ୍ଚଳରେ ଥିବା ବେକାରୀ ଓ ଅର୍ଦ୍ଧବେକାରୀ ସମସ୍ୟାର ଉପଯୁକ୍ତ ମୁକାବିଲା କରିବେ ।

୧୪ । ଉପରୋକ୍ତ ବ୍ୟବସ୍ଥାଗୁଡ଼ିକ ସଂଗେ ସଂଗେ ଜୋରଜବରଦସ୍ତି ନକରି ଲୋକଙ୍କୁ ବୁଝାଇ ସୁଝାଇ ଜନସଂଖ୍ୟା ନିୟନ୍ତ୍ରଣ କରିବା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ । ଅତଏବ ଜାତୀୟ ସଂଚୟ ବ୍ୟବସ୍ଥାକୁ ବ୍ୟାପକ କରାଯିବା ଦିଗରେ ଉତ୍ସାହିତ କରାଯିବ ଏବଂ ଏହା ଫଳରେ ମୁଦ୍ରାସ୍ଫୀତି ରୋକାଯିବା ସଂଗେ ସଂଗେ ଜାତୀୟ ଆୟ ବଢ଼ାଇ ଦିଆଯାଇ ପାରିବ ।

୧୫ । ଖର୍ଚ୍ଚକାଟ ଓ ମିତବ୍ୟୟିତାକୁ ଜାତୀୟ ବିକାଶର ମେରୁଦଣ୍ଡ ସଦୃଶ ଗ୍ରହଣ କରି ଯଦିଓ ଯଥେଷ୍ଟ ଆର୍ଥିକ ନିୟନ୍ତ୍ରଣର ବ୍ୟବସ୍ଥା କରାଯିବ ତଥାପି ମୋ ସରକାର ଅଞ୍ଚଳ ଉନ୍ନୟନ ଓ ଜନଜୀବନ ପରିସରକୁ ଆଖି ଆଗରେ ରଖି ଅତ୍ୟାବଶ୍ୟକ ବାଣିଜ୍ୟ ଏବଂ କୃଷିଭିତ୍ତିକ ଉଦ୍ୟୋଗ କ୍ଷେତ୍ରରେ ଆର୍ଥିକ ଓ କୃଷି ସମ୍ବନ୍ଧୀୟ ସଂସ୍କାର ଆଣିବାପାଇଁ ଦୁଃସାହସିକ ପଦକ୍ଷେପ ନେବାରେ ପଶ୍ଚାତ୍‌ପଦ ହେବେ ନାହିଁ । ସ୍ଥାୟୀଭିତ୍ତିରେ ଅଣଚିଳସ ବାବଦ ସ୍ୱଳ୍ପ ସଞ୍ଚୟର ଅଭିବୃଦ୍ଧି ନିମନ୍ତେ ସବୁମତେ ଉଦ୍ୟମ କରାଯିବ । ସାଧାରଣ ଲୋକଙ୍କ ଦୁଃଖକଷ୍ଟ ଲାଘବ କରିବା-ପାଇଁ ଦରଦାମ ନିୟନ୍ତ୍ରଣ କରାଯିବ ଏବଂ ଏହି ଲକ୍ଷ୍ୟ ନେଇ ଅସାଧୁ ବ୍ୟବସାୟୀ, ମହଜୁଦ୍‌କାରୀ ଏବଂ ଲାଭଖୋର ବ୍ୟକ୍ତିମାନଙ୍କ ପ୍ରତି ଆଇନାନୁଯାୟୀ ବିହିତ ବ୍ୟବସ୍ଥା ଗ୍ରହଣ କରିବାରେ ମୋ ସରକାର ପଛାଇବେ ନାହିଁ ।

୧୬ । ରାଜ୍ୟର ଏହି ପୁନର୍ଗଠନ କାର୍ଯ୍ୟରେ ମୋ ସରକାର ସର୍ବଦା ରାଜ୍ୟବାସୀଙ୍କ ସକ୍ରିୟ ସହଯୋଗ କାମନା କରିବେ । ଶାସନ ଓ ନାଗରିକ ମାନଙ୍କ ମଧ୍ୟରେ ଥିବା ସଂପର୍କକୁ ନୂଆରୂପ ଦିଆଯିବ ଏବଂ ଅଧିକ ଦୃଢ଼ୀଭୂତ କରାଯିବ । ଗ୍ରାମ୍ୟ ଏବଂ ଜିଲ୍ଲା ସମ୍ପର୍କିତ ଯୋଜନାରେ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରାଯିବ, ଯାହାଫଳରେ କି ଉନ୍ନୟନ କାର୍ଯ୍ୟ ସମସ୍ତଙ୍କର ବୋଲି ହୃଦ୍‌ବୋଧ ହୋଇପାରିବ । ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ଲୋକମାନେ ଯେପରି ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବେ, ସେଥିନିମନ୍ତେ ମୋ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୁନର୍ଗଠନ କରିବାକୁ ସ୍ଥିରକଲେଣି ଏବଂ ଏହା ଫଳରେ ଜିଲ୍ଲା ପରିଷଦଗୁଡ଼ିକୁ ପୁନର୍ଜୀବିତ କରାଯିବ । ଭଙ୍ଗିଦିଆଯାଇଥିବା ଅଥବା ମିଆଦ ବଢ଼ାଇ ଦିଆଯାଇଥିବା ପୌର ସ୍ୱାୟତ୍ତ ସଂସ୍ଥାମାନଙ୍କରେ ତୁରନ୍ତ ନିର୍ବାଚନ ହେବ ।

୧୭ । ମୋ ସରକାର ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ କେତେଦିନ ମଧ୍ୟରେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିସାରିଲେଣି । ତନ୍ମଧ୍ୟରେ ଭୂ-ରାଜସ୍ୱ ଉଚ୍ଛେଦ, ରାଜନୈତିକ କାରଣରୁ ଦିଆଯାଇଥିବା ଦଣ୍ଡର ପ୍ରତ୍ୟାହାର, ଧାନ ଚାଉଳ ଲେଭି ଆଦେଶନାମା କାର୍ଯ୍ୟକାରୀ କରିବା ସମ୍ପର୍କରେ ବିଭିନ୍ନ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ରୁଜୁ କରାଯାଇଥିବା ମାମଲାଗୁଡ଼ିକର ପ୍ରତ୍ୟାହାର, ଲେଭି ଆଦେଶନାମା କାର୍ଯ୍ୟକାରୀ କରିବା ସମୟରେ ମୃତ୍ୟୁବରଣ କରିଥିବା କିମ୍ବା ଗୁରୁତର ଭାବରେ ଆହତ ହୋଇଥିବା ପରିବାରବର୍ଗଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ, ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା ଆଇନ ବଳରେ ଅଟକ ରହିଥିବା ପରିବାରବର୍ଗଙ୍କ ଭରଣପୋଷଣ ଭତ୍ତା ପ୍ରଦାନ ବ୍ୟବସ୍ଥା ଓ ଦୋଷୀ ସାବ୍ୟସ୍ତ ହୋଇଥିବା ରାଜନୈତିକ ବନ୍ଦୀମାନଙ୍କ ମାମଲାଗୁଡ଼ିକୁ ପୁନର୍ବିଚାର କରିବା ସଂଗେ ସଂଗେ ସେମାନଙ୍କୁ ଖଲାସ କରିବା ଏବଂ ଗତ ସରକାରଙ୍କଦ୍ୱାରା ବସାଯାଇଥିବା ଶାହା କମିଶନ ଭଳି ଏକ କମିଶନ ବସାଇବା ପ୍ରଭୃତି ପଦକ୍ଷେପମାନ ଅନ୍ତର୍ଭୁକ୍ତ । ମୌଳିକ ସ୍ୱାଧୀନତା ଓ ନାଗରିକ ଅଧିକାର, ଆଇନର ଶାସନର ପୁନଃପ୍ରତିଷ୍ଠା ଏବଂ ସ୍ୱାଧୀନ ମତବ୍ୟକ୍ତ ଉପରେ ଆମେମାନେ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରି କରିବା ଦିଗରେ ମୋ ସରକାର ଯେଉଁସବୁ ପଦକ୍ଷେପ ନେଇଛନ୍ତି ଏହସବୁ ତହିଁର ଆରମ୍ଭମାତ୍ର ମାତ୍ର । ସଂବିଧାନ ଓ ଅତୀତରେ ଘୋଷଣା କରାଯାଇଥିବା ବିଭିନ୍ନ 'କଳା ଆଇନ' ସଂଶୋଧନ କରିବା ସଂଗେ ସଂଗେ ଅନ୍ୟାୟ ତଥା ସ୍ୱେଚ୍ଛାଚାରିତା ଯେପରି ପୁନରାୟ ଆତ୍ମପ୍ରକାଶ ନକରିବ ଓ ଜନସାଧାରଣ ଯେପରି ଅବାଧରେ ସେମାନଙ୍କ ଭବିଷ୍ୟତ ଗଠନ ଦିଗରେ ସମର୍ଥ ହୋଇପାରିବେ, ସେଥିନିମନ୍ତେ ମୋ ସରକାର ମଧ୍ୟ କେନ୍ଦ୍ର ସରକାରଙ୍କ ସହ ସହଯୋଗ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ।

୧୮ । ସଂପ୍ରତି ବିଧାନ ସଭା ନିର୍ବାଚନ ସମୟରେ ଦେଶ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରଧାନ ବିଷୟଗୁଡ଼ିକୁ ଭୋଟଦାତାମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା, ସେହି ପରିପ୍ରେକ୍ଷୀରେ ଚଳିତ ଆର୍ଥିକବର୍ଷର ଉନ୍ନୟନ କାର୍ଯ୍ୟକ୍ରମଜନିତ ଯୋଜନାକୁ ନୂଆ ରୂପ ଦେବା ପାଇଁ ମୋର ନୂତନ ସରକାରଙ୍କୁ କିଛି ସମୟ ଲାଗିବା ସ୍ୱାଭାବିକ । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ପରିକଳ୍ପନାଗୁଡ଼ିକ ଯେପରି ଅର୍ଥାଭାବରୁ ବାଧାପ୍ରାପ୍ତ ନ ହୁଏ, ସେଥିନିମନ୍ତେ ୧୯୭୭ ମସିହା ଅଗଷ୍ଟ ଓ ସେପ୍‌ଟେମ୍ବର ଦୁଇମାସ ପାଇଁ ଉକ୍ତ ପରିକଳ୍ପନାଗୁଡ଼ିକର ବ୍ୟୟଭାର ତୁଲାଇବାଲାଗି ଏହି ଗୃହରେ ଏକ ଲାମଚଳା ବଜେଟ ଉପସ୍ଥାପିତ କରିବା ସକାଶେ ମୋ ସରକାର ସ୍ଥିର କରିଛନ୍ତି । ଏପରିକି ବର୍ତ୍ତମାନ ପରିସ୍ଥିତିରେ ମଧ୍ୟ ଯୋଜନା ବାବଦ ଖର୍ଚ୍ଚ ତୁଲାଇବାକୁ ଆର୍ଥିକ ସମ୍ବଳ ଉପରେ ଅତ୍ୟଧିକ ଚାପ ସତ୍ତ୍ୱେ ରାଜ୍ୟର ଚଳିତ ବାର୍ଷିକ ଯୋଜନାରେ ଅଟକଳ ହୋଇଥିବା ୧୫୦ କୋଟି ଟଙ୍କାରୁ କିଛି କଟାଯିବ ନାହିଁ ବୋଲି ମୋ ସରକାରଙ୍କ ନୀତି ସୁସ୍ପଷ୍ଟ । ମୋ ସରକାର ଆଖିଆଗରେ ରଖିଥିବା ଲକ୍ଷ୍ୟକୁ ସୁହାଇଲାଭଳି ଯୋଜନା ସିଲିଂ ଭିତରେ ଆବଶ୍ୟକ ପରିବର୍ତ୍ତନ କରାଯିବ । ଏହି ଯୋଜନାକୁ ଅର୍ଥ ଯୋଗାଇବା ନିମନ୍ତେ ମୋ ସରକାର ଅତିରିକ୍ତ ସମ୍ବଳ ଯୋଗାଡ଼ କରିବା ଦିଗରେ ସବୁପ୍ରକାର ଉଦ୍ୟମ କରିବେ । ଭଲଭାବରେ ରାଜସ୍ୱ ଆଦାୟ କରି, ଅନାବଶ୍ୟକ ଖର୍ଚ୍ଚକାଟ କରି ଓ ଅତିରିକ୍ତ ରାଜସ୍ୱ ଦେଇପାରିବାର ସାମର୍ଥ୍ୟ ଥିବା ହେତୁରୁ ରାଜସ୍ୱ ଆଦାୟ ବୃଦ୍ଧିକରି ଅତିରିକ୍ତ ସମ୍ବଳ ଉଠାଯାଇ ପାରିବ ।

୧୯ । ଆପଣମାନଙ୍କୁ ଆଲୋଚନା କରିବାକୁ ଅବସର ଦେଇ ଗଠନମୂଳକ ସମାଲୋଚନା, ଯୁକ୍ତି ତଥା ଆପଣମାନଙ୍କର ମୂଲ୍ୟବାନ ପରାମର୍ଶ ଦ୍ୱାରା ମୋ ସରକାରଙ୍କ ସହିତ ସହଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ ଜଣାଇ ମୁଁ ବର୍ତ୍ତମାନ ବିଦାୟ ନେଉଛି ।

ଜୟହିନ୍ଦ୍

# ସାକ୍ଷାତକାର

[ ୧୯୭୭ ନିର୍ବାଚନ ପରେ କେନ୍ଦ୍ରରେ ତଥା ଓଡ଼ିଶାରେ ଜନତା ସରକାର ଶାସନାସୀନ ହୋଇଛି—ଜନସାଧାରଣଙ୍କର ଆଶା, ଆକାଂକ୍ଷାକୁ ସାର୍ଥକ ରୂପ ଦେବା ପାଇଁ ଶାସକବର୍ଗ ସଂକଳ୍ପବଦ୍ଧ—ଏଇ ପରିପ୍ରେକ୍ଷୀରେ ଭାବରେ ଇତିହାସରେ ସ୍ୱର୍ଣ୍ଣଯୁଗର ଅଭ୍ୟୁଦୟ ପାଇଁ ଆମର ମାନ୍ୟବର ମନ୍ତ୍ରୀମାନେ ଯେଉଁ ରାଜ୍ୟ-ସ୍ୱପ୍ନ ଦେଖୁଛନ୍ତି, ସେମାନଙ୍କ ସହିତ 'ଉତ୍କଳ ପ୍ରସଙ୍ଗ' ସମ୍ପାଦକଙ୍କ ସାକ୍ଷାତକାର ବିବରଣୀ ନିମ୍ନରେ ଦିଆଗଲା । ]



ମାନ୍ୟବର ମନ୍ତ୍ରୀ

## ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି

ପ୍ରଶ୍ନ– ଆପଣଙ୍କ ସରକାରର ମୂଳ ଆଭିମୁଖ୍ୟ ଟି କ'ଣ ପଚାରି ପାରେ କି ?

ଉତ୍ତର–ଓଡ଼ିଶା ଏକ ଗ୍ରାମବହୁଳ ରାଜ୍ୟ । ସେହି ଗ୍ରାମାଞ୍ଚଳର ସମୂହ ଉନ୍ନତି ଏହି ସରକାରର ପ୍ରଧାନ ଆଭିମୁଖ୍ୟ ହେବ ।

ପ୍ରଶ୍ନ– ଓଡ଼ିଶାର ରାଜସ୍ୱ ବିଭାଗ ଆପଣଙ୍କ ହାତରେ । ଆପଣ ସେ ଦିଗରେ କି ନୂତନ ପଦକ୍ଷେପ ନେବାକୁ ଭାବିଛନ୍ତି ?

ଉତ୍ତର–ଓଡ଼ିଶାର ଅଧିକାଂଶ କୃଷକ ଦାରିଦ୍ର୍ୟ ସୀମାରେଖାର ତଳେ ଅଛନ୍ତି । ତେଣୁ, ରାଜସ୍ୱ ବୃଦ୍ଧିଲାଗି ସେମାନଙ୍କ ଉପରେ ଅଧିକ କରଭାର ଲଦିବା, ଏ ସରକାରର ଉଦ୍ଦେଶ୍ୟ ନୁହେଁ । ସେଥିଲାଗି, ଭୂରାଜସ୍ୱ ଉଠାଇ ଦେବା ପାଇଁ ଏ ସରକାର ଶାସନଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ନିଷ୍ପତ୍ତି କରିଛି । ତେଣୁ, ଓଡ଼ିଶାର ରାଜସ୍ୱ ବୃଦ୍ଧି ମୁଖ୍ୟତଃ ଏହାର ବିସ୍ତୀର୍ଣ୍ଣ ଜଙ୍ଗଲ ଏବଂ ଖଣିଜ ସଂପଦର ଫଳପ୍ରଦ ବିନିଯୋଗ ଦ୍ୱାରା ହିଁ କରିବାକୁ ହେବ ।

୧୨ । ୭ । ୧୯୭୭



ମାନ୍ୟବର ମନ୍ତ୍ରୀ

## ଶ୍ରୀ ପ୍ରହ୍ଲାଦ ମଲ୍ଲିକ

ପ୍ରଶ୍ନ– ରାଜ୍ୟର କୃଷି ବ୍ୟବସ୍ଥାର ଉନ୍ନତି ଲାଗି ଆପଣ ପ୍ରଥମେ କାହା ଉପରେ ଦୃଷ୍ଟି ଦେବେ ?

ଉତ୍ତର–ପ୍ରଥମେ ଜଳସେଚନ ଓ ସମବାୟ ବ୍ୟବସ୍ଥା । ଆପଣ ଜାଣନ୍ତି–ଗୋଟିଏ ଗ୍ରାମର ଉତ୍ପାଦନର କିଛି ଅଂଶ ବାହାରକୁ ଚାଲିଯାଏ ଏବଂ ସେ ଗ୍ରାମର କେତେକ ଲୋକ ପୁଣି ଉପାସରେ ବା ଅର୍ଦ୍ଧାହାରରେ ରହନ୍ତି । ପୂର୍ବ ସରକାରଙ୍କ ବ୍ୟବସ୍ଥା ଫଳରେ ଗାଁ ଗାଁରେ ବର୍ତ୍ତମାନ କେବଳ ଗଣ୍ଡଗୋଳହିଁ ଲାଗିରହିଛି । ଭୂମି-ବଣ୍ଟନ ବା ଉତ୍ପାଦନ କୌଣସି ସମସ୍ୟା ସମାଧାନ ହୋଇପାରି ନାହିଁ । ଫଳରେ ଉତ୍ପାଦନ ମଧ୍ୟ କମିଯାଉଛି । ମୁଁ ଭାବୁଛି ଗାନ୍ଧିଜୀ ଓ ବିନୋବାଜୀଙ୍କ ପ୍ରଦର୍ଶିତ ମାର୍ଗରେ ଜମିବାଲା, ଭାଗଚାଷୀ ଓ ଭୂମିହୀନଙ୍କ ମଧ୍ୟରେ ଏକ ବାସ୍ତବ ଓ ବିଶ୍ୱସ୍ତ ସ୍ନେହ ସଂପର୍କ ଅଣାଯାଇ ପାରିବ । ଗାଁର ସମସ୍ତ ଜମି ସମସ୍ତେ ମିଳି ଚାଷ କରିବେ ଏବଂ ହାର୍ଦ୍ଦିକ ସୌହାର୍ଦ୍ଦ୍ୟ ଭିତରେ ଉତ୍ପାଦନର ଯଥା ବଣ୍ଟନ ବ୍ୟବସ୍ଥା ମଧ୍ୟ କରିପାରିବେ । ଏ କ୍ଷେତ୍ରରେ ସରକାର ସମସ୍ତ ପ୍ରକାର (ସାର, ଜଳ, ଯନ୍ତ୍ରପାତି ଇତ୍ୟାଦି) ସାହାଯ୍ୟ କରିବେ । ଏତଦ୍ୱାରା ଉତ୍ପାଦନ ବଢ଼ିବ–ଜମିର ମାଲିକାନା ରହିବ–ଶ୍ରମ ଦେଉଥିବାଲୋକର ସ୍ୱାର୍ଥ ମଧ୍ୟ ସଂରକ୍ଷିତ ରହିବ । ବଣ୍ଟନ ବ୍ୟବସ୍ଥା ମଧ୍ୟ ସୁଗମ ହେବ । ...... ଅବଶ୍ୟ ଏଥିଲାଗି ଗ୍ରାମ ନେତୃତ୍ୱକୁ ତିଆରି କରିବାକୁ ପଡ଼ିବ । ଆମ ଦଳର କର୍ମୀମାନେ ମଧ୍ୟ ଗାଁଗହଳରେ ଯାଇ କାର୍ଯ୍ୟ କରିବେ । ଏ ଚାଷ ଏକ ପ୍ରକାର ସମବାୟ ଚାଷ ଭଳି ହେବ । ପ୍ରଥମେ ଆମେ କେତୋଟି ଗ୍ରାମ ନେଇ ଏହା ପରୀକ୍ଷା କରିବୁ ବୋଲି ଭାବିଛୁ ।

ପ୍ରଶ୍ନ– ଆପଣଙ୍କ ସରକାରର ମୂଳ ଆଭିମୁଖ୍ୟଟି କ'ଣ ?

ଉତ୍ତର–ଆମର ମୂଳ ଆଭିମୁଖ୍ୟଟି ହେଲା–ସମାଜରେ ତଳିଆ ଲୋକର ଭୂୟୋ ବିକାଶ । ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗହିଁ ଆମର ମାର୍ଗ । ମାନବିକ ଅଧିକାର ଓ ଗଣତନ୍ତ୍ରର ପ୍ରତିଷ୍ଠା ଆମର ପ୍ରଥମ କର୍ତ୍ତବ୍ୟ ।

ତା ୧୨ । ୭ । ୧୯୭୭



ମାନ୍ୟବର ମନ୍ତ୍ରୀ

## ଶ୍ରୀ ପ୍ରଦୀପ୍ତ କିଶୋର ଦାସ

ପ୍ରଶ୍ନ– ଆପଣଙ୍କ ସରକାରର ମୌଳିକ ଆଭିମୁଖ୍ୟ କ'ଣ ?

ଉତ୍ତର–ଏ ପର୍ଯ୍ୟନ୍ତ ଶାସନ ଓ ଜନସାଧାରଣଙ୍କ ମଧ୍ୟରେ ବହୁତ ବ୍ୟବଧାନ ରହି ଆସିଛି । ଏହି ବ୍ୟବଧାନକୁ କମାଇ ଶାସନକୁ ଜନସାଧାରଣଙ୍କ ନିକଟତର କରିବା ଏବଂ ସମସ୍ତ କାର୍ଯ୍ୟକୁ ଜନସାଧାରଣଙ୍କ ସ୍ୱାର୍ଥ ଅଭିମୁଖୀ କରିବା ଏହି ସରକାରର ମୌଳିକ ଉଦ୍ଦେଶ୍ୟ ।

ପ୍ରଶ୍ନ– ଶିକ୍ଷା କ୍ଷେତ୍ରରେ ରାଜ୍ୟ ସ୍ତରରେ ଆପଣ ବର୍ତ୍ତମାନ କେଉଁ ପ୍ରକାର ପରିବର୍ତ୍ତନ ଆଣିବାକୁ ଚାହାନ୍ତି ?

ଉତ୍ତର–ଶିକ୍ଷା କ୍ଷେତ୍ରରେ ରାଜ୍ୟ ସ୍ତରରେ ପରିବର୍ତ୍ତନ କରିବାକୁ ଜନତା ସରକାର ଚାହେଁ ଏବଂ ଏହି ପରିବର୍ତ୍ତନ ଜାତୀୟ ସ୍ତରରେ ହେଉଥିବା ପରିବର୍ତ୍ତନର ଅଙ୍ଗ ହୋଇ ରହିବ । ଏ ପର୍ଯ୍ୟନ୍ତ ସେ ପରିବର୍ତ୍ତନର ରୂପରେଖ ପ୍ରସ୍ତୁତ ହୋଇ ନାହିଁ । କୌଣସି ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଗଲେ ପ୍ରଥମେ କେତେଗୁଡ଼ିଏ ପ୍ରାରମ୍ଭିକ କାର୍ଯ୍ୟ କରିବାକୁ ହେବ । ତା ହେଉଛି–ପୂର୍ବରୁ ଶିକ୍ଷା କ୍ଷେତ୍ରରେ ଯେଉଁ ଧାରା ଚାଲି ଆସିଛି– ତା'ର ଏକ ସମୀକ୍ଷା କରିବାକୁ ହେବ । ତା ସଙ୍ଗେ ସଙ୍ଗେ ବାସ୍ତବ ସ୍ଥିତିର ମଧ୍ୟ ମୂଲ୍ୟାୟନ କରିବାକୁ ହେବ । ତାହାରି ଉପରେ ପରିବର୍ତ୍ତନର ଦିଗ ଏବଂ ସ୍ୱରୂପ ସ୍ଥିର କରିବାକୁ ହେବ । ପ୍ରାରମ୍ଭିକ ଅବସ୍ଥାରେ ଶିକ୍ଷା ପଦ୍ଧତି ଓ ପରିଚାଳନାର ଦୋଷ ତ୍ରୁଟି ଦୂର କରିବାକୁ ବ୍ୟବସ୍ଥା କରାଯିବ– ଯେପରିକି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନର ଏକ ଭିତ୍ତି ସ୍ଥାପନ କରାଯାଇ ପାରିବ । ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା ଓ ଆଧୁନିକ ଶିକ୍ଷାର ଧାରାରେ ସମନ୍ୱୟ ଆଣି ଶିକ୍ଷାକୁ ବାସ୍ତବ, କର୍ମାଭିମୁଖୀ ଓ ସମାଜ ପରିବର୍ତ୍ତନ ଲାଗି ଅନୁକୂଳ କରିବାକୁ ହେବ ।

ତା ୧୨ । ୭ । ୧୯୭୭



ମାନ୍ୟବର ମନ୍ତ୍ରୀ

**ଡକ୍‌ଟର ଶ୍ରୀ ରାମପ୍ରସାଦ ମିଶ୍ର**

ପ୍ରଶ୍ନ– ଆପଣଙ୍କ ସରକାରର ମୌଳିକ ଆଭିମୁଖ୍ୟଟି କ'ଣ ?

ଉତ୍ତର–ଲୋକଙ୍କ ଆଶା ଆକାଂକ୍ଷାକୁ ସରକାରରେ ପ୍ରତିଫଳିତ କରି ସେମାନଙ୍କ ଉନ୍ନତିକଳ୍ପେ କାର୍ଯ୍ୟ କରିବା । ଜନସାଧାରଣଙ୍କ ସାମୂହିକ ଉନ୍ନତି ହିଁ ସବୁ ପ୍ରକାର ସରକାରୀ ଉଦ୍ୟମର ପରିମାପକ ହେବା ଉଚିତ ବୋଲି ମୁଁ ମନେକରେ ।

ପ୍ରଶ୍ନ– ରାଜ୍ୟର ଅର୍ଥ ବିଭାଗରେ ଆପଣ କେଉଁ ପ୍ରକାର ଉନ୍ନତି ଆଣିବାକୁ ଚାହାନ୍ତି ?

ଉତ୍ତର–ଯେତେଦୂର ସମ୍ଭବ, ଆୟ ଓ ବ୍ୟୟ ସମତୁଲ କରିବା ପାଇଁ ଚେଷ୍ଟା କରିବା ଓ ଆବଶ୍ୟକ ମତେ ଅର୍ଥର ବଣ୍ଟନ କରି ସରକାରୀ ସମସ୍ତ ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଯେପରି ସରକାରୀ ବିଭାଗଗୁଡ଼ିକ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସମର୍ଥ ହୋଇ ପାରିବେ– ସେଥିପ୍ରତି ଦୃଷ୍ଟି ଦେବା ।

ତା ୧୩ । ୭ । ୧୯୭୭



ମାନ୍ୟବର ମନ୍ତ୍ରୀ

## ଶ୍ରୀ ନଟବର ପ୍ରଧାନ


**ପ୍ରଶ୍ନ—** ଆପଣଙ୍କ ସରକାରର ପ୍ରଧାନ ଆଭିମୁଖ୍ୟଟି କ'ଣ ବୋଲି ଆପଣ ବିଚାରୁଛନ୍ତି ?

**ଉତ୍ତର—**ଆମର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି—ମନ୍ତ୍ରୀମଣ୍ଡଳ ତଥା ଆମର ପ୍ରଶାସକ ଗୋଷ୍ଠୀ ନିଜନିଜର ଛବି ଜନତା ମଧ୍ୟରେ ଏପରି ପ୍ରତିଫଳିତ କରିବେ, ଯେପରିକି ଦେଶର ପ୍ରତ୍ୟେକ ନାଗରିକ ଅନୁଭବ କରିବେ ଯେ ଏମାନେ ସମସ୍ତେ ତାଙ୍କର ସେବକ—ପ୍ରଭୁ ନୁହନ୍ତି ଏବଂ ସେମାନେ ଅର୍ଥାତ୍ ସର୍ବସାଧାରଣ ଯଥାର୍ଥରେ ଏହି ପ୍ରଭୁତ୍ୱର ଅଧିକାରୀ । ନିକଟ ଅତୀତରେ କଂଗ୍ରେସର କଳଙ୍କିତ ଭୂମିକା ଏହି ମନୋବୃତ୍ତିକୁ ପୂରାପୂରି ନଷ୍ଟ କରି ଦେଇଛି । ଏହା କିନ୍ତୁ ଜାତୀୟ ଜୀବନର ଉନ୍ନତି ପକ୍ଷରେ ଅନ୍ତରାୟ ଏବଂ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ଅମଙ୍ଗଳ ନିଦର୍ଶନ ହୋଇଉଠିଥିଲା । କାରଣ, ଜୀବନରେ ବା କୌଣସି କ୍ଷେତ୍ରରେ ଭୀରୁ ବ୍ୟକ୍ତି ବା ଭୀରୁ ଜାତି ଯଥାର୍ଥ ଭାବେ ଅଗ୍ରଗତି ବା ବିକାଶ ଲାଭ କରି ପାରିବ ନାହିଁ । ଆମେ ଜନମାନସରୁ ସବୁ ପ୍ରକାର ଭୟ ତ୍ରାସ ଆତଙ୍କାଦି ଦୂରକରି ଏକ ସ୍ୱାଧୀନ ଚେତା ଜାତି ଗଢିବା ପାଇଁ ଅଯମାରମ୍ଭ କରି ନଷ୍ଟଭୂମିକାର ପୁନରୁଦ୍ଧାର କରିବୁ ।

**ପ୍ରଶ୍ନ—** ଏହି ବର୍ଷକ ମଧ୍ୟରେ ଆଖିଦୃଶିଆ କିଛି ସଫଳତା ଲାଗି ଆପଣ ଆପଣଙ୍କ ବିଭାଗରେ କିଛି ଉଦ୍ୟମ ଆରମ୍ଭ କରୁଛନ୍ତି କି ?

**ଉତ୍ତର—**ଏ ପ୍ରଶ୍ନର ଉତ୍ତର ଦେବାଲାଗି ବର୍ତ୍ତମାନତକ ସମୟ ହୋଇ ନାହିଁ । ତଥାପି—ମୁଁ ପରିବହନ ବିଭାଗରେ କିଛି ଗୋଟାଏ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବି । ଏ ବିଭାଗରୁ ଆମ ରାଜ୍ୟ ବହୁ ରାଜସ୍ୱ ପାଇ ପାରନ୍ତା । ମାତ୍ର ତାହା ଏ ପର୍ଯ୍ୟନ୍ତ ସେପରି ସଫଳତା ଅର୍ଜନ କରି ନାହିଁ । ଅରଣ୍ୟର ସୁରକ୍ଷା କରି ଏବଂ ଅରଣ୍ୟ ସଂପଦର ବୃଦ୍ଧି ଫଳରେ ଆମେ ଅଧିକ ରାଜସ୍ୱ ଅର୍ଜନ ଲାଗି କାମ ଆରମ୍ଭ କରିଦେବୁ । ଅନେକ ନିର୍ଦ୍ଦିଷ୍ଟ ଆବଶ୍ୟକୀୟ ବୃକ୍ଷ (ନଡିଆ, ଜଡା, ପୋଲଙ୍ଗ, ପଣସ, ଆମ୍ବ, ବାଉଁଶ, ତାଳ, ଇତ୍ୟାଦି ଇତ୍ୟାଦି ଯେପରି ଲୋକେ ନିଜନିଜ ଜାଗାରେ ଲଗାଇବେ ଏବଂ ଅରଣ୍ୟ ପ୍ରତି ଲୋକଙ୍କ ମନୋଭାବ ବଦଳାଇ, ସେମାନେ ଯେପରି ଏହାକୁ ଜାତୀୟ ସଂପଦ ମନେ କରିବେ ସେ ଦିଗରେ ପ୍ରଶିକ୍ଷଣ ପାଇଁ ପଦକ୍ଷେପ ନିଆଯିବ । ମଦ୍ଧ୍ୟ ଖଣ୍ଡରେ ପ୍ରତିଟି ଗ୍ରାମ ଯେପରି ସ୍ୱୟଂସମ୍ପୂର୍ଣ୍ଣ ହେବ ତା ଚେଷ୍ଟା କରିବୁ । ପୂର୍ତ୍ତ ବିଭାଗର ଅଗ୍ରଗତି ଲାଗି ଆମେ କେନ୍ଦ୍ରରୁ ଅର୍ଥ ସାହାଯ୍ୟ ଆଣି ଆହୁରି ଅଧିକ କାର୍ଯ୍ୟ ଆରମ୍ଭ କରିଦେବୁ ।

ତା ୧୬ । ୭ । ୧୯୬୭



ମାନ୍ୟବର ମନ୍ତ୍ରୀ

## ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ

ପ୍ରଶ୍ନ– ଆପଣଙ୍କ ସରକାରର ମୂଳ ଆଭିମୁଖ୍ୟ କଣ ହେବ ବୋଲି ଆପଣ ଭାବନ୍ତି ?.....

ଉତ୍ତର–ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଓ ସାଧାରଣ ଜନତାର ରାଜନୈତିକ ଓ ଆର୍ଥନୀତିକ ମାନ ବୃଦ୍ଧି କରିବା ଓ ରାଜ୍ୟର ସାମୂହିକ ଉନ୍ନତି ସାଧନ କରିବା, ଏ ସରକାରର ମୂଳ ଆଭିମୁଖ୍ୟ । ଦୁର୍ନୀତି ନିବାରଣ ଓ ଖାଦ୍ୟଦ୍ରବ୍ୟର ସୁଷମ ବଣ୍ଟନ ପାଇଁ ସମସ୍ତ ଚେଷ୍ଟା କରିବା ।

ପ୍ରଶ୍ନ– ରାଜ୍ୟର ସାଂସ୍କୃତିକ ଉତ୍କର୍ଷ ଲାଗି ପ୍ରଥମେ ଆପଣ କେଉଁ ପଦକ୍ଷେପ ନେବାକୁ ଭାବିଛନ୍ତି ?

ଉତ୍ତର–ପ୍ରଥମେ ମୁଁ ସମଗ୍ର ବିଭାଗଟିର ଆମୂଳ ସଂସ୍କାର ଚାହେଁ । ସାହିତ୍ୟକ, କଳାକାର, ଶିଳ୍ପୀ, ଓ କବି, ଏମାନେ ଯେଉଁ ଭଳି ଅବହେଳିତ ଅବସ୍ଥାରେ ଅଛନ୍ତି, ତାହା ଦୂର କରି ସମାଜରେ ସେମାନେ ଯେପରି ଉପଯୁକ୍ତ ଭାବେ ସମ୍ମାନିତ ହେବେ, ସେଥିପାଇଁ ବ୍ୟବସ୍ଥା ଗ୍ରହଣ କରିବି ।

୧୨-୭-୭୭



ମାନ୍ୟବର ମନ୍ତ୍ରୀ

## ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର

ପ୍ରଶ୍ନ– ଆପଣଙ୍କ ସରକାରର ମୂଳ ଆଭିମୁଖ୍ୟଟି କଣ—ତାହା ଦୟାକରି କହିବେ କି ?

ଉତ୍ତର–ସମୃଦ୍ଧିଶାଳୀ ଓଡ଼ିଶା ଗଠନ ଏବଂ ସେହି କାର୍ଯ୍ୟରେ ଓଡ଼ିଶାର ଜନତାଙ୍କୁ ସଂପୃକ୍ତ କରିବା । ଗ୍ରାମାଞ୍ଚଳ ଓ ଗ୍ରାମଅର୍ଥନୀତିକୁ ଉନ୍ନତ କରିବା । ଓଡ଼ିଆଙ୍କ ଜାତୀୟତାବୋଧକୁ ଉତ୍ସାହିତ କରିବା ।

ପ୍ରଶ୍ନ– ରାଜ୍ୟରେ ଶିଳ୍ପ ବିସ୍ତାର ଲାଗି ଆପଣ ପ୍ରଥମେ କି ପଦକ୍ଷେପ ନେବାକୁ ଚାହାନ୍ତି ?

ଉତ୍ତର–ଶିଳ୍ପ ବିକାଶ ପାଇଁ ସରକାରୀ ସଂସ୍ଥାମାନଙ୍କର ଯେଉଁ କର୍ତ୍ତବ୍ୟ ରହିଛି ତାକୁ ସଚ୍ଚୋଟ ଭାବରେ ପୂରଣ କରିବା ଦିଗରେ ସରକାରୀ କଳକୁ ନିୟୋଜିତ କରିବା । ଓଡ଼ିଶାର ଗ୍ରାମାଞ୍ଚଳରେ ଜଙ୍ଗଲଜାତ ଦ୍ରବ୍ୟ ଏବଂ କୃଷି ଭିତ୍ତିକ ଛୋଟ ଏବଂ କୁଟୀରଶିଳ୍ପ ଗଢ଼ି ତୋଳିବା ପାଇଁ ଏକ ବାସ୍ତବ ପଦକ୍ଷେପ ନେବା । ଓଡ଼ିଶାର ଯୁବଗୋଷ୍ଠୀକୁ ଶିଳ୍ପମୁଖୀ କରିବା ।

ଏ ସବୁ କରିବାର ପ୍ରଥମ ସୋପାନ ହେବ—ଆମ ସମ୍ବଳ ଓ ସମ୍ଭାବନାକୁ ଆଖି ଆଗରେ ରଖି—ନିର୍ଦ୍ଧାରିତ ସମୟ ଭିତରେ ଶିଳ୍ପ ବିକାଶର ଏକ କର୍ମସୂଚୀ ଠିକ୍ କରି କାର୍ଯ୍ୟାରମ୍ଭ କରିବା ।

୧୨-୭-୭୭



ମାନ୍ୟବର ମନ୍ତ୍ରୀ

## ଡକ୍ଟର ଶ୍ରୀ ଝସକେତନ ସାହୁ

ପ୍ରଶ୍ନ—ଆପଣଙ୍କ ସରକାରର ମୂଳ ଆଭିମୁଖ୍ୟ କ'ଣ, ତାହା ଜାଣିବାକୁ ଇଚ୍ଛା କରୁଛି ।

ଉତ୍ତର—ଜନତା ଜନାର୍ଦ୍ଦନର ସେବା ।

ପ୍ରଶ୍ନ—ଗ୍ରାମ ଓ ନଗର ଉନ୍ନୟନ ପରିକଳ୍ପନାରେ ଆପଣ ପ୍ରଥମେ କେଉଁ ପଦକ୍ଷେପ ନେବାକୁ ଚାହାନ୍ତି ?

ଉତ୍ତର—ଗ୍ରାମ ଓ ନଗରରେ ପାନୀୟ ଜଳର ଅଭାବ ପୂରଣ ମୋର ପ୍ରଥମ କାର୍ଯ୍ୟ ହେବ ।

୧୨-୭-୭୭



ମାନ୍ୟବର ରାଷ୍ଟ୍ରମନ୍ତ୍ରୀ

## ଶ୍ରୀ ବୀରଭଦ୍ର ସିଂହ

ପ୍ରଶ୍ନ—ସ୍ୱାଧୀନତାର ଅର୍ଥ ଆପଣ କ'ଣ ବୁଝନ୍ତି ପଚାରି ପାରେକି ?

ଉତ୍ତର—ସ୍ୱାଧୀନତାର' ଯଥାର୍ଥ ସଂଜ୍ଞା ନିରୂପଣ କରିବା ଖୁବ୍ କଷ୍ଟକର । ଆଧ୍ୟାତ୍ମ ସ୍ୱାଧୀନତା ହିଁ ଯଥାର୍ଥ ସ୍ୱାଧୀନତା । ମାତ୍ର ମୋ ମତରେ ସାମାଜିକ ଦୃଷ୍ଟିରୁ କଥାଟିକୁ ବିଚାର କଲେ ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତା ଅର୍ଜନ ନକଲେ କେହି ଯଥାର୍ଥ ସ୍ୱାଧୀନ ହୋଇ ପାରିବ ନାହିଁ । ସ୍ୱାଧୀନତା ଉପଭୋଗ ସେଇ କରି ପାରିବ, ସେ ନିର୍ଭିକ ହେବା ଲାଗି ନୈତିକତା ଅର୍ଜନ କରିଥିବ—ଅଧିକାର ଜାହିର କରିବା ଲାଗି କର୍ତ୍ତବ୍ୟପରାୟଣତା ହାସଲ କରିଥିବ ।

ପ୍ରଶ୍ନ—ଗ୍ରାମ ମଙ୍ଗଳ ବିଭାଗରେ ଆପଣ କିଛି ନୂଆ କଥା କରିବେ ବୋଲି ମନସ୍ଥ କରିଛନ୍ତି କି ? ଆଦିବାସୀଙ୍କ ସାଂସ୍କୃତିକ ଚେତନା ବୃଦ୍ଧି କରିବାରେ ଆପଣ କିଛି ନୂଆ ପଦକ୍ଷେପ ନେବେ କି ?

ଉତ୍ତର—ଗ୍ରାମବାସୀ ଓ ଆଦିବାସୀଙ୍କ ଆର୍ଥିକ ଅବସ୍ଥାର ସ୍ୱଚ୍ଛଳତା କିପରି ହୋଇପାରିବ, ସେ ଦିଗରେ ପ୍ରଥମେ ଦୃଷ୍ଟି ଦିଆଯିବ । ଆଇ. ଟି. ଡ଼ି. ପି. ଜରିଆରେ କୃଷିଭିତ୍ତିକ ଯୋଜନା ମାଧ୍ୟମରେ ଏହା ହୋଇପାରିବ । ଆପଣଙ୍କ ଦ୍ୱିତୀୟ ପ୍ରଶ୍ନଟିର ଉତ୍ତର ହେଲା—ଆଦିବାସୀଙ୍କ ମୌଳିକ ସଂସ୍କୃତି ଯଦି ଆଧୁନିକତାର ସ୍ପର୍ଶ ପାଇପାରନ୍ତା, ତା'ହେଲେ ତା'ର ଯଥାର୍ଥ ସମୃଦ୍ଧି ହୋଇ ପାରନ୍ତା । ଏ କ୍ଷେତ୍ରରେ ଆଦିବାସୀ ଓ ଅଣ ଆଦିବାସୀଙ୍କ ଭିତରେ ସାଂସ୍କୃତିକ ବିନିମୟ ନିତାନ୍ତ ଆବଶ୍ୟକ । ଏ ବିନିମୟ ଫଳରେ ଯେଉଁ ନୂତନ ସଂସ୍କୃତିର ଅଭ୍ୟୁଦୟ ହେବ, ତାହାହିଁ ହେବ ଯଥାର୍ଥ ଜାତୀୟ ସଂସ୍କୃତି ।

ତା ୧୬-୭-୭୭



ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ

ଶ୍ରୀ ଘାସିରାମ ମାଝୀ

ପ୍ରଶ୍ନ—ସ୍ୱାଧୀନତାର ଅର୍ଥ ଆପଣ କ'ଣ ବୁଝନ୍ତି ?

ଉତ୍ତର—ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାର ନୁହେଁ । ଏହା ଆତ୍ମ ସଂଯମ ଉପରେ ପ୍ରତିଷ୍ଠିତ । କଠିନ ପରିଶ୍ରମ କରି ସମାଜକୁ ସୁସ୍ଥ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ, ବ୍ୟକ୍ତି ନିଜର ସ୍ୱାଧୀନତା ରକ୍ଷା କରିପାରେ । ଅନ୍ୟର ସ୍ୱାଧୀନତା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହୁଏ ।

ପ୍ରଶ୍ନ—ଗଣତନ୍ତ୍ରର ମୂଳଭିତ୍ତି କଣ ହେବା ଉଚିତ ?

ଉତ୍ତର—ବ୍ୟକ୍ତି ସ୍ୱାଧୀନତା ହିଁ ଏହାର ମୂଳଭିତ୍ତି । ଆଇନ୍ ଦୃଷ୍ଟିରେ ପ୍ରତ୍ୟେକ କ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦେବା ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମୁଖ୍ୟ କର୍ତ୍ତବ୍ୟ ।

ତା ୧୩-୭-୭୭



ମାନ୍ୟବର ରାଷ୍ଟ୍ରମନ୍ତ୍ରୀ

## ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ

ପ୍ରଶ୍ନ–ସ୍ୱାଧୀନତାର ଅର୍ଥ ଆପଣ କ'ଣ ବୁଝନ୍ତି ?

ଉତ୍ତର–ନାଗରିକ ଅଧିକାର, ବ୍ୟକ୍ତି ସ୍ୱାଧୀନତା, ସମ୍ବାଦପତ୍ରର ସ୍ୱାଧୀନତା, ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତାକୁ ପ୍ରଥମେ ବୁଝାଏ ।

ପ୍ରଶ୍ନ–ଜନମଙ୍ଗଳ ରାଷ୍ଟ୍ରରେ ଜଣେ ନାଗରିକ ରାଷ୍ଟ୍ରଠାରୁ କେଉଁ ପ୍ରଧାନ ବିଷୟଟି ପ୍ରଥମେ କାମନା କରିଥାଏ ?

ଉତ୍ତର–ବଞ୍ଚି ରହିବାର ଅଧିକାର

– ତା ୧୨-୭-୧୯୭୭



ମାନ୍ୟବର ବସ୍ତ୍ରମନ୍ତ୍ରୀ

ଶ୍ରୀ ସହରାଇ ଓରାମ୍

ପ୍ରଶ୍ନ—ସ୍ୱାଧୀନତା କହିଲେ ଆପଣ ପ୍ରଥମେ କ'ଣ ବୁଝନ୍ତି ?

ଉତ୍ତର—ଶୃଂଖଳିତ ଭାବେ ଯେ ନିଜର ଦାୟିତ୍ୱକୁ ଚଳାଇ ପାରେ, ସେହି ଯଥାର୍ଥରେ ସ୍ୱାଧୀନତା ଉପଭୋଗ କରେ । ଅବଶ୍ୟ ସେ ଶୃଂଖଳାଟି ମାନବୀୟତା ରକ୍ଷା ଦିଗରେ ଶୃଂଖଳା ।

ପ୍ରଶ୍ନ—ବ୍ୟକ୍ତି କିପରିଭାବେ ରାଷ୍ଟ୍ର ସଙ୍ଗେ ସହଯୋଗ କରିପାରିବ ?

ଉତ୍ତର—ସର୍ବ ଧର୍ମ ନିର୍ବିଶେଷରେ ତନ୍ ମନ୍ ଧନ୍ ଦେଇ ସେ ରାଷ୍ଟ୍ର ସଙ୍ଗେ ସହଯୋଗ କରିବା ଉଚିତ ।

ତା ୧୨-୭-୧୯୭୭



ମାନ୍ୟବର ରାଷ୍ଟ୍ରମନ୍ତ୍ରୀ

## ଶ୍ରୀ ଇଟେମ୍ନଶ ମାଝି

ପ୍ରଶ୍ନ–ସ୍ୱାଧୀନତାର ଅର୍ଥ ଆପଣ କିପରି ବୁଝନ୍ତି ?

ଉତ୍ତର–ସ୍ୱାଧୀନତା ଶବ୍ଦ ବଡ଼ ବ୍ୟାପକ । ଏହା କେବଳ ରାଜନୈତିକ ସ୍ୱାଧୀନତାକୁ ବୁଝାଏ ନାହିଁ । ଏହା ଅର୍ଥ ନୈତିକ ଓ ସାମାଜିକ ସ୍ୱାଧୀନତା ସହ ନୈତିକ ଓ ଆଧ୍ୟାତ୍ମିକ ସ୍ୱାଧୀନତାକୁ ମଧ୍ୟ ବୁଝାଏ । ଏହି ସମସ୍ତ କ୍ଷେତ୍ରରେ ସ୍ୱାଧୀନତା ଅର୍ଜନ ନ କଲା ପର୍ଯ୍ୟନ୍ତ, ଯଥାର୍ଥ ପୂର୍ଣ୍ଣାଙ୍ଗ ସ୍ୱାଧୀନତା ଅର୍ଜନ କରା ଯାଇପାରେନା ।

ପ୍ରଶ୍ନ–ଜନସାଧାରଣ କିପରି ଭାବେ ସରକାର ସଙ୍ଗେ ସହଯୋଗ କରିପାରିବେ ବୋଲି ଆପଣ ଭାବୁଛନ୍ତି ?

ଉତ୍ତର–ନାଗରିକତାର ମୂଲ୍ୟବୋଧ ଉପରେ ସଚେତନ ହୋଇ, କେବଳ ଅଧିକାରକୁ ସାବ୍ୟସ୍ତ ନ କରି, ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ସଂପାଦନ କରିବା ଦ୍ୱାରା ଜନସାଧାରଣ ସରକାର ସଙ୍ଗେ ପ୍ରକୃତ ସହଯୋଗ ରଖି କରିପାରିବେ

ତା ୨୩-୨-୧୯୭୬



ମାନ୍ୟବର ରାଷ୍ଟ୍ରମନ୍ତ୍ରୀ

## ଶ୍ରୀ ହରହର ସ୍ୱାଇଁ

ପ୍ରଶ୍ନ—ଗଣତନ୍ତ୍ର ଶାସନରେ ବିରୋଧୀ ଦଳର ଭୂମିକା କ'ଣ ହେବା ଉଚିତ ?

ଉତ୍ତର—ବଳବାନ୍ ଘୋଡ଼ା ଯଦି କାହା କଥା ନଶୁଣି ଅପଥରେ ଗଲେ, ତାକୁ ଯେପରି ଚାବୁକ୍ ଦେଇ ସଇସ ସୁପଥକୁ ଆଣେ, ସେହିପରି ସରକାର ବିପଥକୁ ଯିବାର ଉପକ୍ରମ କଲେ, ବିରୋଧୀ ଦଳ ତାକୁ ଯଥାବିଧି ସଂହତ କରି (ସଦୁଦ୍ଦେଶ୍ୟମୂଳକ ସମାଲୋଚନା ଦ୍ୱାରା) ସୁପଥରେ ପରିଚାଳିତ ହେବାରେ ସାହାଯ୍ୟ କରେ । ସମସ୍ତେ ଗଠନମୂଳକ କାର୍ଯ୍ୟରେ ବିରୋଧୀ ଦଳର ସହଯୋଗ, ସରକାରୀ କଳକୁ ଅଧିକ ସକ୍ରିୟ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।

ପ୍ରଶ୍ନ—ସ୍ୱାଧୀନତାର ଯଥାର୍ଥ ବ୍ୟବହାର କିପରି ହୋଇପାରେ ?

ଉତ୍ତର—ନିଜକୁ ଓ ସମାଜକୁ ଆହୁରି, ସୁନ୍ଦର, ସଙ୍ଗଠିତ, ଓ ସମୃଦ୍ଧ କରିବାରେ ଯେଉଁ ସବୁ କର୍ତ୍ତବ୍ୟ ରହିଛି—ତାକୁ ଯଥାଯଥ ପାଳନ କରିବାରେ ଓ ଭଲ କାମରେ ଅନ୍ୟ ସଙ୍ଗେ କେବଳ ବିରୋଧ ନକରି ସହଯୋଗ କରିବାରେ ଏବଂ ନିର୍ଭୀକ ଅଥଚ ଶୃଙ୍ଖଳିତ ଭଦ୍ର ଆଚରଣ ପ୍ରକାଶ କରିବାରେ ଜଣେ ନିଜ ସ୍ୱାଧୀନତାର ଯଥାର୍ଥ ବ୍ୟବବହାର କରିପାରେ ।

ତା ୧୨-୭-୧୯୭୭

# ୧୯୭୭-୭୮ ମସିହା ନିମନ୍ତେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସନ୍ତାନସନ୍ତତିମାନଙ୍କୁ ଶିକ୍ଷା ବୃତ୍ତି ପ୍ରଦାନ୍

୧୯୭୭-୭୮ ମସିହା ନିମନ୍ତେ ସ୍ୱାଧୀନତା ସଂଗ୍ରାମୀଙ୍କ ସନ୍ତାନସନ୍ତତିମାନଙ୍କୁ ଶିକ୍ଷା ବୃତ୍ତି ଦିଆଯିବାର ବ୍ୟବସ୍ଥା ରହିଛି । ଓଡ଼ିଶାରେ ସ୍ଥାୟୀ ଭାବେ ବାସ କରୁଥିବା ସ୍ୱାଧୀନତା ସଂଗ୍ରାମୀ କିମ୍ବା ପାକିସ୍ଥାନରୁ ଆସିଥିବା ଶରଣାର୍ଥୀମାନଙ୍କର ସନ୍ତାନସନ୍ତତି ଯେଉଁମାନେ କି ରାଜ୍ୟ ଅଥବା ରାଜ୍ୟ ବାହାରେ ଥିବା କୌଣସି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନିୟମିତ ଭାବେ ଅଧ୍ୟୟନ କରୁଛନ୍ତି, ସେମାନଙ୍କୁ ୧୯୭୭-୭୮ ମସିହା ସକାଶେ ଶିକ୍ଷାବୃତ୍ତି ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ମିଳୁଥିବା 'କ' ଓ 'ଖ' ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଦେବାପାଇଁ ପରାମର୍ଶ ଦିଆଯାଉଛି । ଯେଉଁ ଛାତ୍ରଛାତ୍ରୀମାନେ ଗତ ହାଇ ସ୍କୁଲ ସାର୍ଟିଫିକେଟ ପରୀକ୍ଷା/ଏଚ୍. ଏସ୍. ଏସ୍. ସି./ପ୍ରାକ୍ ବିଶ୍ୱବିଦ୍ୟାଳୟ କଳା ବିଜ୍ଞାନ ଓ ବାଣିଜ୍ୟ/ପ୍ରଥମ ବାର୍ଷିକ ଡିଗ୍ରୀ-କଳା/ବିଜ୍ଞାନ ଓ ବାଣିଜ୍ୟ/ଆଇ. ଏ./ଆଇ. ଏସ୍. ସି./ଆଇ.-କମ୍/ବି. ଏ./ବି. ଏସ୍. ସି. ଓ ବି. କମ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଛନ୍ତି, ସେମାନେ ଏହି ଶିକ୍ଷାବୃତ୍ତି ପରିକଳ୍ପନା ଅନୁଯାୟୀ ଆବେଦନ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ନୂତନ ଛାତ୍ରଛାତ୍ରୀମାନେ ଏହି ଶିକ୍ଷାବୃତ୍ତି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ । ଅର୍ଥାତ୍ ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବରୁ ଅଧ୍ୟୟନ କରୁଥିବା ସମୟରେ ଛାତ୍ରବୃତ୍ତି ପାଉ ନ ଥିଲେ, ସେମାନେ ଏହି ବୃତ୍ତି ପାଇବା ପାଇଁ ଯୋଗ୍ୟ ନୁହଁନ୍ତି । 'କ' ଚିହ୍ନିତ ଦରଖାସ୍ତ ଫର୍ମ ଉପରେ "ସ୍ୱାଧୀନତା ସଂଗ୍ରାମୀ"ର ସଂଜ୍ଞା ନିରୂପଣ କରାଯାଇଛି ।

ଏହି ପରିକଳ୍ପନାରେ ଥିବା ସମସ୍ତ ସୁବିଧା ସୁଯୋଗ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସନ୍ତାନସନ୍ତତି, ପୋଷ୍ୟପୁତ୍ର ଓ ସାବତ ସନ୍ତାନ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପୁତ୍ର ମୃତ୍ୟୁବରଣ କରିଥିଲେ ତାଙ୍କର ନାତି ନାତୁଣୀମାନଙ୍କୁ ମିଳିବ । ପ୍ରକାଶ ଥାଉକି ସେମାନଙ୍କର ମାସିକ ଆୟ ୩୦୦ ଟଙ୍କାରୁ ଅଧିକ ହୋଇ ନ ଥିବ । ତେଣେ ପୋଷ୍ୟ ସନ୍ତାନ ଛାତ୍ରବୃତ୍ତି ପାଇଁ ଆବେଦନ କରିବା ସମୟରେ ସ୍କୁଲ ପ୍ରବେଶିକା ବହିରେ ତାଙ୍କର ପୋଷ୍ୟ ପିତାଙ୍କ ନାମ ଦର୍ଜ କରାଯାଇଛି କି ନାହିଁ, ସେ ସମ୍ବନ୍ଧୀୟ ଏକ ପ୍ରମାଣ ପତ୍ର ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କଠାରୁ ଆଣି ଆବେଦନ ପତ୍ରରେ ସଂଲଗ୍ନ କରିବା ଆବଶ୍ୟକ ।

ଶିକ୍ଷାବୃତ୍ତି ପାଇବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କର ଦରଖାସ୍ତ 'କ' ଫର୍ମରେ ଯଥାଯଥ ଭାବେ ପୂରଣ କରି ଆବଶ୍ୟକ ସ୍ଥଳେ କୌଣସି ପାର୍ଲିଆମେଣ୍ଟ ସଦସ୍ୟ/ବିଧାନ ସଭା ସଦସ୍ୟ/ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାରୁ 'ଖ' ଫର୍ମରେ ଏକ ପ୍ରମାଣ ପତ୍ର ସହ ୧୯୭୭ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଶିକ୍ଷା ବିଭାଗ ନିର୍ଦ୍ଦେଶାଳୟକୁ ପଠାଇବା ଆବଶ୍ୟକ । ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରିବା ପରେ ଓ ଯଥାଯଥ ଭାବେ ପୂରଣ ନ ହୋଇ ମିଳିଥିବା ଦରଖାସ୍ତଗୁଡ଼ିକୁ ନାକଚ କରି ଦିଆଯିବ ।

ଯଦି କୌଣସି ଛାତ୍ରଛାତ୍ରୀ ଆବେଦନ ପତ୍ରରେ ଭୁଲ ତଥ୍ୟ ପରିବେଷଣ କରି ଶିକ୍ଷାବୃତ୍ତି ପାଉଥାନ୍ତି, ତେବେ ସେମାନଙ୍କୁ ମିଳିଥିବା ଶିକ୍ଷାବୃତ୍ତି ଫେରସ୍ତ ଦେବାକୁ ପଡ଼ିବ ଏବଂ ସେମାନଙ୍କ ନାମ କଳା ତାଲିକାଭୁକ୍ତ କରାଯିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ସେମାନଙ୍କୁ ଅନ୍ୟ ଯେ କୌଣସି ପରିକଳ୍ପନାରେ ଦିଆଯାଉଥିବା ଶିକ୍ଷାବୃତ୍ତିରୁ ବଞ୍ଚିତ କରାଯିବ । ତେଣୁ ଉଭୟ ପ୍ରାର୍ଥୀ ତଥା ସ୍ୱାଧୀନତା ସଂଗ୍ରାମୀ ଯେପରି ଦରଖାସ୍ତ ଫର୍ମଗୁଡ଼ିକ ନିର୍ଭୁଲ ଭାବେ ପୂରଣ କରାଯାଏ ଓ ଉପରୋକ୍ତ ବ୍ୟକ୍ତିମାନଙ୍କଠାରୁ 'ଖ' ଫର୍ମରେ ସଠିକ୍ ପ୍ରମାଣ ପତ୍ର ମିଳେ ଏବଂ ତହିଁରେ କୌଣସି ପ୍ରକାରର ଅସମ୍ପୂର୍ଣ୍ଣ ତଥ୍ୟ ପରିବେଷଣ କରା ନ ଯାଏ, ସେଥିପ୍ରତି ବିଶେଷ ଧ୍ୟାନ ଦେବେ ।

ହାଇ ସ୍କୁଲ ସାର୍ଟିଫିକେଟ/ପ୍ରାକ୍ ବିଶ୍ୱ ବିଦ୍ୟାଳୟ/ପ୍ରଥମ ବାର୍ଷିକ ଡିଗ୍ରୀ/ଆଇ. ଏ./ଆଇ. ଏସ୍. ସି./ଆଇ.-କମ୍/ଏବଂ ବି. ଏ./ବି. ଏସ. ସି./ବି. କମ୍ ପରୀକ୍ଷାର ଫଳାଫଳକୁ ଭିତ୍ତି କରି ଗତ ବର୍ଷ ଯେଉଁ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାବୃତ୍ତି ଦିଆଯାଇଥିବ, ସେମାନେ ଅନ୍ୟ କୌଣସି ପାଠ୍ୟକ୍ରମ ପରିବର୍ତ୍ତନ ନ କରି ଯଦି ଶିକ୍ଷାର ସେହି ସ୍ତରରେ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥାନ୍ତି, ତେବେ ଏଭଳି ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ଶିକ୍ଷାବୃତ୍ତି ନବୀକରଣ କରାଯିବ । ଚଳିତ ବର୍ଷ ସକାଶେ ଏହି ଶିକ୍ଷାବୃତ୍ତିର ନବୀକରଣ ପାଇଁ ଆବଶ୍ୟକ ତଥ୍ୟ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଜରିଆରେ ଯୋଗାଇବା ଲାଗି ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦେଶନାମା ଦିଆଯାଇ ସାରିଲାଣି । ଏଭଳି ଛାତ୍ରଛାତ୍ରୀମାନଙ୍କ ଉଭୟ 'କ' ଓ 'ଖ' ଫର୍ମରେ ଦରଖାସ୍ତ ଦେବା ଅନାବଶ୍ୟକ ।

ଶିକ୍ଷାବୃତ୍ତି ନିମନ୍ତେ ଦରଖାସ୍ତ ଫର୍ମ ପୂରଣ କରିବା ପୂର୍ବରୁ "ସ୍ୱାଧୀନତା ସଂଗ୍ରାମୀ"ର ସଂଜ୍ଞା ସମ୍ପର୍କରେ ଅଧିକ ଧ୍ୟାନ ଦେବାପାଇଁ ପ୍ରତ୍ୟେକଙ୍କୁ ବିଶେଷ ସତର୍କ କରି ଦିଆଯାଉଛି ।

# ଘଟଣା ପ୍ରବାହ

( ଜୁନ୍ ୧୯୭୭ )

୧-୬-୧୯୭୭ ଓଡ଼ିଶା ସରକାର ଜୁନ୍ ପହିଲାରୁ ରାଜ୍ୟ ସରକାରୀ କର୍ମଚାରୀମାନଙ୍କର ମହଙ୍ଗା ଭତ୍ତା ଶତକଡ଼ା ଅଢ଼େଇ ଭାଗ ଓ ସାଢ଼େ ତିନି ଭାଗ ବୃଦ୍ଧି ଘୋଷଣା କଲେ ।

୨-୬-୧୯୭୭ ପୂର୍ବତନ କେନ୍ଦ୍ର ବାଣିଜ୍ୟ ଓ ପୁନର୍ବସତି ମନ୍ତ୍ରୀ ଶ୍ରୀ କେ. ସି. ନିୟୋଗୀଙ୍କ ପରଲୋକ ।

୨-୬-୧୯୭୭ ଭାରତ ଆଣବିକ ଅସ୍ତ୍ର ପ୍ରସ୍ତୁତ କରିବ ନାହିଁ ବୋଲି ପ୍ରଧାନ ମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ଘୋଷଣା କଲେ ।

୧୦-୬-୧୯୭୭ ଓଡ଼ିଶା ବିଧାନ ସଭାର ୧୪୭ ଆସନଲାଗି ପ୍ରତିନିଧି ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଗଲା ।

୧୬-୬-୧୯୭୭ ରେଳ ମାଶୁଲ ବା ଯାତ୍ରୀ ଭଡ଼ା ବୃଦ୍ଧିର କୌଣସି ନୂଆ ପ୍ରସ୍ତାବ ନ ଥାଇ ୩୨ କୋଟି ୭ଲକ୍ଷ ଟଙ୍କାର ଏକ ବଳକା ରେଳବାଇ ବଜେଟ୍ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ମଧୁ ଦଣ୍ଡବତେ ଲୋକ ସଭାରେ ଆଗତ କଲେ ।

ଶ୍ରୀ ସଂଜୟ ଗାନ୍ଧୀ ଓ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟ ମନ୍ତ୍ରୀ ଶ୍ରୀ ନାରାୟଣ ଦତ୍ତ ତିୱାରୀଙ୍କ ବିରୁଦ୍ଧରେ ଦିଲ୍ଲୀର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଗିରଫ୍ ପରୱାନା ଜାରୀ-କଲେ ।

୧୫-୬-୧୯୭୭ ପୂର୍ବତନ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ବଂଶୀଲାଲଙ୍କ ବିରୁଦ୍ଧରେ ସୁପ୍ରିମକୋର୍ଟର ପୂର୍ବତନ ଜଜ୍ ଶ୍ରୀ ପି. ଜଗମୋହନ ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଏକ ଜଣିକିଆ ତଦନ୍ତ କମିଶନ ନିଯୁକ୍ତି ବିଷୟ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଚରଣ ସିଂହ ଘୋଷଣାକଲେ ।

୧୯୭୭ ମସିହାରେ ଅନୁଷ୍ଠିତ ବିଧାନ ସଭା ନିର୍ବାଚନରେ ଉତ୍ତରପ୍ରଦେଶ, ବିହାର, ହରିଆନା, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ଓଡ଼ିଶା ବିଧାନ ସଭାରେ ଜନତା ଦଳ ସଂଖ୍ୟାଗରିଷ୍ଠ ସ୍ଥାନ ହାସଲ କଲେ । ପଞ୍ଜାବରେ ଜନତା-ଅକାଳୀ ମିଳିତ ଦଳ, ତାମିଲନାଡୁରେ ଏବଂ ପଣ୍ଡିଚେରୀରେ ଆନ୍ନା ଡି. ଏମ୍. କେ. ଦଳ, ପଶ୍ଚିମ ବଙ୍ଗରେ ମାର୍କସପନ୍ଥୀ କମ୍ୟୁନିଷ୍ଟ ଦଳ ଏବଂ ଦିଲ୍ଲୀ ମେଟ୍ରୋପଲିଟାନ୍ କାଉନସିଲ୍‌ରେ ଜନତାଦଳ ସର୍ବାଧିକ ସ୍ଥାନ ପାଇଲେ ।

ପୁରୀର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କର ନବକଳେବର ଉତ୍ସବ ମଧ୍ୟସ୍ତରରେ ସଂପନ୍ନ ହେଲା ।

୧୬-୬-୧୯୭୭ ଶ୍ରୀ ଲିଓନାର୍ଡ ବ୍ରେଜନେଭ୍ ସୋଭିଏତ୍ ୟୁନିୟନ୍‌ର ରାଷ୍ଟ୍ରପତି ହେଲେ ।

୧୭-୬-୧୯୭୭ ଗ୍ରାମାଞ୍ଚଳ ଉନ୍ନୟନ ଉପରେ ଗୁରୁତ୍ୱ ଦେଇ ଭାରତ ସରକାର ନୂଆ ବଜେଟ୍ ପ୍ରସ୍ତୁତ କଲେ ।

୧୮-୬-୧୯୭୭ ଶ୍ରୀ ସୁରଜିତ ସିଂହ ବରନାଲା କେନ୍ଦ୍ର ମନ୍ତ୍ରୀ ପରିଷଦରେ କ୍ୟାବିନେଟ୍ ପାହ୍ୟା ମନ୍ତ୍
କୃଷି ଓ ଜଳସେଚନ ମନ୍ତ୍ରଣାଳୟ ଦାୟିତ୍ୱ ନେଲେ ।

୨୦-୬-୧୯୭୭ ୧୯୭୭-୭୮ ମସିହାର ରେଳବାଇ ବଜେଟ ଲୋକ ସଭାରେ ଗୃହୀତ ହେଲା ।
ଶ୍ରୀ ପ୍ରକାଶ ସିଂହ ବାଦଲ ପଞ୍ଜାବର ମୁଖ୍ୟ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ।

ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ୨୬-ଜଣିଆ ଓଡ଼ିଶା କଂଗ୍ରେସ ବିଧାୟକ ଦଳର
ହେଲେ ।

୨୧-୬-୧୯୭୭ ପଶ୍ଚିମ ବଂଗର ମୁଖ୍ୟ ମନ୍ତ୍ରୀ ଭାବେ ଶ୍ରୀ ଜ୍ୟୋତିବସୁ ଶପଥ ନେଲେ ।

ଶ୍ରୀ ନୀଳମଣି ରାଉତ ରାୟ ଓଡ଼ିଶା ଜନତା ବିଧାୟକ ଦଳର ସର୍ବସମ୍ମତ ନେତା
ନିର୍ବାଚିତ ହେଲେ ।

ଶ୍ରୀ ଦେବୀଲାଲ ହରିଆନାର ମୁଖ୍ୟ ମନ୍ତ୍ରୀ ହେଲେ ।

୨୨-୬-୧୯୭୭ ଶ୍ରୀ ଭୈରସିଂ ସେଖାଓ୍ୱତ ରାଜସ୍ଥାନର ମୁଖ୍ୟ ମନ୍ତ୍ରୀ ହେଲେ ଏବଂ ଶ୍ରୀ ଶାନ୍ତାକୁମାର
ପ୍ରଦେଶର ମୁଖ୍ୟ ମନ୍ତ୍ରୀ ଦାୟିତ୍ୱ ନେଲେ ।

୨୩-୬-୧୯୭୭ ଶ୍ରୀ ରାମ ନରେଶ ସିଂ ଯାଦବ ଉତ୍ତର ପ୍ରଦେଶର ଏବଂ ଶ୍ରୀ କୈଳାସ ଯୋଶୀ ମଧ୍ୟ ପ୍ର
ମୁଖ୍ୟ ମନ୍ତ୍ରୀ ହେଲେ ।

ବିଷାକ୍ତ ମଦ୍ୟ ପାନକରି କଟକ ଠାରେ ୧୧ ଜଣ ବ୍ୟକ୍ତିଙ୍କର ପରଲୋକ ।

୨୪-୬-୧୯୭୭ ଶ୍ରୀ କର୍ପୁରୀ ଠାକୁର ବିହାରର ମୁଖ୍ୟ ମନ୍ତ୍ରୀ ଭାବେ ଶପଥ ନେଲେ । ଭାରତର ସୁପ୍ରି
ପୂର୍ବତନ ବିଚାରପତି ଶ୍ରୀ ଜେ. ଏମ. ସେଲତଙ୍କ ଅଧ୍ୟକ୍ଷତାରେ ୭ମ ଅର୍
ଗଠିତ ହେଲା ।

୨୬-୬-୧୯୭୭ ଓଡ଼ିଶାରେ ଜନତା ଦଳର ୧୫ ଜଣିଆ ମନ୍ତ୍ରୀମଣ୍ଡଳ ଶ୍ରୀ ନୀଳମଣି ରାଉତରାୟଙ୍କ
ଶାସନ ଦାୟିତ୍ୱ ଗ୍ରହଣ କଲେ ।

ପ୍ରତ୍ୟକ୍ଷ କର ଆଇନର ସରଳୀକରଣ ନିମନ୍ତେ ଶ୍ରୀ ଏନ୍. ଏ. ପାଲକିବାଲାଙ୍କ ଅଧ୍ୟ
କମିଟି କେନ୍ଦ୍ର ସରକାର ନିଯୁକ୍ତ କଲେ ।

୨୮-୬-୧୯୭୭ ଜରୁରିକାଳୀନ ପରିସ୍ଥିତି ବେଳେ କ୍ଷମତାର ଅପବ୍ୟବହାର ଘେନି ଘଟିଥିବା ଘ
ତଦନ୍ତ ନିମନ୍ତେ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏ
କମିଶନ ରାଜ୍ୟ ସରକାର ନିଯୁକ୍ତ କରିବେ ବୋଲି ଓଡ଼ିଶା ମନ୍ତ୍ରୀ ସଭା ନିଷ୍ପତ୍ତି କଲେ ।

ରାଜ୍ୟରୁ ଭୂ-ସ୍ୱତ୍ୱ ଉଚ୍ଛେଦ ଓ ବ୍ୟବସ୍ଥାପକଙ୍କ ପେନସନ୍ ବିଲ୍ ବାତିଲ କରିବା ନିଷ୍
ମନ୍ତ୍ରୀ ପରିଷଦ ଗ୍ରହଣ କଲେ ।

୨୯-୬-୧୯୭୭ ଶ୍ରୀ ଓ୍ୱାଇ. ସାଇଡା ମଣିପୁରର ମୁଖ୍ୟମନ୍ତ୍ରୀ ହେଲେ ।

ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ଓଡ଼ିଶା ବିଧାନ ସଭାର ବିରୋଧି ଦଳ ନେତା ରୂପେ ସ୍ୱୀକୃତ

୩୦-୬-୧୯୭୭ ତାମିଲନାଡୁରେ ଆନା ଡି. ଏମ୍. କେ ଦଳର ଏକ ୧୪-ଜଣିଆ ମନ୍ତ୍ରୀ ପରିଷଦ ଶ୍
ରାମଚନ୍ଦ୍ରନଙ୍କ ଅଧ୍ୟକ୍ଷତାରେ ଶାସନ ଦାୟିତ୍ୱ ଗ୍ରହଣ କଲେ ।

# ORISSA STATE ELECTRICITY BOARD

## MARCHES AHEAD

### *TOWARDS MORE PROSPEROUS FUTURE OF ORISSA*

* It offers more power at attractive rates for Large, Medium and Small-scale Industries for exploiting Orissa's rich mineral and natural resources and for intensive agricultural pumping and extensive rural development through Rural Electrification.
* Orissa is one of the few States in India which is surplus in power.
* It has been extending power support to the neighbouring States of Bihar and Andhra Pradesh to meet their emergent power requirement.
* It has extended many attractive concession for growth and development of Small and Medium Scale Industries, particularly in rural areas.
* It has taken up massive programme for Rural Electrification and energisation of Lift Irrigation Pumps.
* It has implemented the Scheme on "Workers Participation in Management

**A Few Salient Features—**

| | |
|---|---|
| * Present installed capacity | 861·5 MW. |
| * **New Power Projects under execution—** | |
| Talcher Thermal Power Station Expansion | 220 MW. |
| Balimela Hydro Project (6th Unit) | 60 MW. |
| Rengali Hydro Project | 100 MW. |
| Upper Kolab Hydro Project | 240 MW. |
| * **New E. H. T. and Transmission Schemes under execution—** | |
| 220 K.V. and 132 K.V. Lines | 1,011·4 Kms. |
| * New E. H. T. Sub-station under execution | 395 MVA. capacity |
| * Villages electrified by the end of 1976-77 | 14,758 |
| * **Rural lines planned during 5th plan** | |
| 33 K.V. Line | 886 Kms. |
| 11 K. V. Line | 11,081 Kms. |
| L. T. Lines | 9,070 Kms. |
| * Power sold during 1976-77 | 2,500 Million Units (Approx.) |
| * Number of consumers by the end of 1976-77 | 3,00,000 (Approx.) |
| * Strength of employees | 28,000 (Approx.) |

**ELECTRICITY IS KEY TO PROSPERITY**
**HELP US TO SERVE YOU AT ALL TIMES**

Issued by—ORISSA STATE ELECTRICITY BOARD
BHUBANESWAR-751007

*With the best compliments of*

**HINDUSTAN AERONAUTICS LIMITED**

**KORAPUT DIVISION**

**SUNABEDA**

# ORISSA STATE FINANCIAL CORPORATION, CUTTACK-9

is committed to the development of backward regions of the State. The following are the concessions available to the entrepreneurs to set up industries in the Districts of Dhenkanal, Koraput, Keonjhar, Kalahandi, Mayurbhanj, Balangir, Phulbani and Balasore declared backward by the Government of India.

| | | |
|---|---|---|
| ❊ | Rate of Interest .. | 8½% p. a. after rebate of 2% p. a. for timely repayment and after refinance by Industrial Development Bank of India. |
| ❊ | Central Subsidy .. | To the extent of 15% of the cost of fixed assets. |

(not applicable to Phulbani & Balasore districts)

| | | |
|---|---|---|
| ❊ | Margin of Security .. | 10 to 15% in case of technician entrepreneurs, and 25 to 30% in case of others. |

❊ Longer moratorium period

❊ Longer repayment period

Soft loan carrying Interest at 1% p. a. to cover the shortfall in promotor's contribution in deserving cases.

* * *

* * *

# କଠିନ ପରିଶ୍ରମ, ଅଧିକ ଉତ୍ପାଦନ ଏବଂ ସଞ୍ଚୟ ଆତ୍ମନିର୍ଭରଶୀଳତାର ମୂଳମନ୍ତ୍ର

* ଆପଣ ନିଜପାଇଁ ନୂଆ ଘରଟିଏ ତୋଳିବାକୁ ଚାହାନ୍ତି କି ?
* ଆପଣଙ୍କ ପୁଅ ବା ଝିଅର ଶିକ୍ଷା ଶେଷ ପରେ ସ୍ୱାଧୀନ ଭାବରେ ଉପାର୍ଜନକ୍ଷମ ଯୋଜନାରେ ତାହାପାଇଁ ଅର୍ଥ ବିନିଯୋଗ କରିବାକୁ ଚାହାନ୍ତି କି ?
* ଆପଣଙ୍କ ଝିଅର ବିବାହ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବାକୁ ଚାହାନ୍ତି କି ?
* ଆପଣ ଅବସର ଗ୍ରହଣ ପରଠାରୁ ୮୪ ମାସ ଯାଏ ମାସିକ ୧୦୦ ଟଙ୍କା ଅଥବା ୨୦୦ ଟଙ୍କା ପାଇବାକୁ ଇଚ୍ଛା କରନ୍ତି କି ?

ତେବେ ଜାତୀୟ ସଞ୍ଚୟର ଏକ ନୂଆ ଆକର୍ଷଣୀୟ ଯୋଜନା "ଜାତୀୟ ସଞ୍ଚୟ ଆନୁଇଟି ସାର୍ଟିଫିକେଟ" ରେ ଅର୍ଥ ବିନିଯୋଗ କରନ୍ତୁ ।

ଯେଉଁମାନଙ୍କର ଅବସର ଗ୍ରହଣ କରିବା ପାଇଁ ଆଉ ୫ ବର୍ଷ ବା ୧୨ ବର୍ଷ ବାକୀ ଅଛି ବା ଯେଉଁମାନେ ଆଉ ୧୨ ବର୍ଷ ପରେ ପୁଅ ଝିଅଙ୍କ ଉଚ୍ଚ ଶିକ୍ଷାପାଇଁ କର୍ମସଂସ୍ଥାନ ବ୍ୟବସ୍ଥା ବା ବିବାହ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଉପାଦେୟ ଯୋଜନା । ଆପଣ ୬,୪୦୦ ଟଙ୍କା ମୂଲ୍ୟର ସାର୍ଟିଫିକେଟ କିଣିଲେ ମୋଟ୍ ୧୭,୦୪୦ ଟଙ୍କା, ୨୦,୪୧୨ ଟଙ୍କା, ୨୫,୪୪୦ ଟଙ୍କା ଅଥବା ୪୦,୮୨୪ ଟଙ୍କା କିପରି ପାଇପାରିବେ, ନିମ୍ନଲିଖିତ ବିବରଣୀରୁ ବୁଝିପାରିବେ । ଯେଉଁମାନେ ଟ ୩,୨୦୦ ବିନିଯୋଗ କରିବେ ସେମାନେ ଏହାର ଅର୍ଦ୍ଧେକ ପାଇପାରିବେ ।

(କ) ଆନୁଇଟି ସାର୍ଟିଫିକେଟ୍‌ରେ ୨ ବର୍ଷ ମଧ୍ୟରେ ୬,୪୦୦ ଟଙ୍କା ଜମା ଦେବାକୁ ପଡ଼େ । ଜମା ଦେବା ଆରମ୍ଭ କରିବା ଦିନଠାରୁ ଠିକ୍ ୫ ବର୍ଷ ପରେ ଆପଣ ୮୪ ମାସ ବା ୭ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦ ଟଙ୍କା ଲେଖାଏଁ ପାଇ ପାରିବେ । ଏହାପରେ ଆପଣ ମୂଳଧନ ଓ ବୋନସ ସମେତ ୮,୬୪୦ ଟଙ୍କା ଫେରି ପାଇବେ । (ଅର୍ଥାତ୍ ମୋଟ ୧୭,୦୪୦ ଟଙ୍କା ପାଇପାରିବେ) ।

(ଖ) ଯଦି ମାସକୁ ମାସ ମିଳୁଥିବା ଆନୁଇଟି ଟଙ୍କା ଖର୍ଚ୍ଚ କରିବା ଆପଣଙ୍କର ଦରକାର ନଥାଏ ଆପଣ ତାକୁ ପୋଷ୍ଟ ଅଫିସ ରେକରିଂ ଡିପୋଜିଟ୍‌ରେ ବିନିଯୋଗ କରିଦେଇ ପାରନ୍ତି । ଏ କ୍ଷେତ୍ରରେ ୭ ବର୍ଷ ପରେ ଏ ବାବଦରେ ୧୧,୭୭୨ ଟଙ୍କା ପାଇପାରିବେ ଅର୍ଥାତ୍ ୬,୪୦୦ ବିନିଯୋଗ କରି ଆପଣ ମୋଟ୍ (ଟ ୮,୬୪୦ + ଟ ୧୧,୭୭୨) = ୨୦,୪୧୨ ଟଙ୍କା ପାଇ ପାରିବେ । ଧରନ୍ତୁ ଆପଣଙ୍କ ଝିଅ ବିବାହ କରିବାକୁ କିମ୍ବା ପୁଅ ପାଠ ଶେଷ କରିବାକୁ ଆଉ ୬ ବର୍ଷ ଡେରି ଅଛି ତେବେ ୨୦,୪୧୨ ଟଙ୍କା N. S. C. V Issue ରେ ୬ ବର୍ଷ ପାଇଁ ଜମା କରି ୪୦,୮୨୪ ଟଙ୍କା ପାଇପାରିବେ ।

(ଗ) ମାସକୁ ମାସ ମିଳୁଥିବା ଆନୁଇଟି ଟଙ୍କାରେ ଯଦି ୬ ବର୍ଷିଆ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ (୭ମ ପ୍ରକାଶ) କିଣି ଦେଇ ପାରନ୍ତି ତାହାହେଲେ ପରବର୍ତ୍ତୀ ୭ ବର୍ଷ ଅର୍ଥାତ୍ ପ୍ରଥମ ଜମା ଦିନଠାରୁ ୧୨ ବର୍ଷ ପରଠୁଁ ପ୍ରତି ମାସ ୨୦୦ ଟଙ୍କା ଲେଖାଏଁ ପାଇପାରିବେ । ଏହିରୂପେ ଆପଣ ୬,୪୦୦ ଟଙ୍କା ବିନିଯୋଗ କରି (୬ ବର୍ଷ ପରେ ମୂଳଧନ ଓ ବୋନସ୍ ବାବଦ ୮,୬୪୦ ଟଙ୍କା) ପରବର୍ତ୍ତୀ ୭ ବର୍ଷ ମଧ୍ୟରେ (ଟ ୧୦୦ x ୮୪ x ୨) ୧୬,୮୦୦ ଟଙ୍କା ଏହିପରି ମୋଟ ୨୫,୪୪୦ ଟଙ୍କା ପାଇପାରିବେ । ଯେଉଁମାନେ ପ୍ରତ୍ୟେକ ବର୍ଷ ବୋନସ୍ ବାବଦ ମୋଟା ଅଙ୍କାରେ ଟଙ୍କା ପାଉଛନ୍ତି ସେମାନଙ୍କ ପକ୍ଷରେ ଏହା ଏକ ଉପାଦେୟ ଯୋଜନା ।

**ସଞ୍ଚୟୀ ପରିବାର ସୁଖୀ ପରିବାର**

**ଛୋଟ ପରିବାର ସୁଖୀ ପରିବାର**

ବିଶଦ ବିବରଣୀ ପାଇଁ ନିକଟସ୍ଥ ଡାକଘରେ ଅନୁସନ୍ଧାନ କରନ୍ତୁ ଅଥବା ଆପଣଙ୍କ ସବଡ଼ିଭିଜନ ବା ଜିଲ୍ଲା ସଦର ମହକୁମାରେ ଅବସ୍ଥାପିତ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ସଞ୍ଚୟ ଅଫିସରଙ୍କ ସହିତ ପରାମର୍ଶ କରନ୍ତୁ ଅଥବା ଶ୍ରୀ ସଦାନନ୍ଦ ପାଣିଗ୍ରାହୀ, ଡେପୁଟି ଡାଇରେକ୍ଟର, ସ୍ୱଳ୍ପ ସଞ୍ଚୟ, ଅର୍ଥ ବିଭାଗ, ଭୁବନେଶ୍ୱରଙ୍କ ସହିତ ପତ୍ରାଳାପ କରନ୍ତୁ ।

ନିର୍ଦ୍ଦେଶକ
**ସ୍ୱଳ୍ପ ସଞ୍ଚୟ ସଂଗଠନ**, ଅର୍ଥ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ଭାରତର ସ୍ୱାଧୀନତା ଲଢ଼େଇରେ ଅବିଶ୍ରାନ୍ତ ସୈନିକ ଓ ସ୍ୱାଧୀନ ଭାରତର
ଜନଗଣଙ୍କ ଏକ କର୍ତ୍ତବ୍ୟନିଷ୍ଠ ସେବକ

ଲୋକଙ୍କୁ ନିରପେକ୍ଷ ଓ ପ୍ରଗତିଶୀଳ ସଂବାଦ ପରିବେଷଣ କରୁଥିବା
ଓଡ଼ିଶାର ଏକମାତ୍ର ନିର୍ଭୀକ ସମ୍ବାଦପତ୍ର

# ପ୍ରଜାତନ୍ତ୍ର

(ପ୍ରଜାତନ୍ତ୍ର ପ୍ରଚାର ସମିତି କର୍ତ୍ତୃକ ପ୍ରକାଶିତ)

ଆପଣଙ୍କର ବିଜ୍ଞାପନପ୍ରଚାର ପାଇଁ ଏକ ବିଶ୍ୱସ୍ତ ଓ ଫଳପ୍ରଦ ମାଧ୍ୟମ

*ପ୍ରତିଷ୍ଠାତା ଓ ଚେୟାରମ୍ୟାନ :*

ଡକ୍ଟର ହରେକୃଷ୍ଣ ମହତାବ

*ସଂପାଦକ :*

ଶ୍ରୀ ଶ୍ରୀହର୍ଷ ମିଶ୍ର

ଏହା ବ୍ୟତୀତ ପାଠକରନ୍ତୁ ଓ ବିଜ୍ଞାପନ ଛାପନ୍ତୁ, ଓଡ଼ିଶାର ଏକମାତ୍ର
ପ୍ରାଚୀନତମ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା

# ଝଙ୍କାର

*ମୁଖ୍ୟ ସଂପାଦକ :*

ଡକ୍ଟର ହରେକୃଷ୍ଣ ମହତାବ

*ଯୋଗାଯୋଗ ପାଇଁ ଠିକଣା :*

ପ୍ରଜାତନ୍ତ୍ର ବିଲ୍ଡିଂସ
କଟକ—୭୫୩୦୦୨

ଟେଲିଗ୍ରାମ : ପ୍ରଜାତନ୍ତ୍ର

ଫୋନ : ୨୩୫୯୦—କଟକ

ସ୍ୱାଧୀନତା ଦିବସ ଓ ଆମ ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ସମ୍ବତ୍ସରରେ ଆମେ ଅନ୍ତରର ସହିତ ଦେଶ ତଥା ଦେଶବାସୀଙ୍କର ଉନ୍ନତି କାମନା କରୁଛୁ ।

# ସମାଜ

## ସର୍ବବୃହତ ଓ ସର୍ବଶ୍ରେଷ୍ଠ ଓଡ଼ିଆ ଦୈନିକ ସମ୍ବାଦପତ୍ର

ପ୍ରତିଷ୍ଠିତ : ୧୯୧୯

ଗୋପବନ୍ଧୁ ଭବନ
ବକ୍ସିବଜାର
କଟକ ୭୫୩୦୦୧
( ଓଡ଼ିଶା )

ଗ୍ରାମ : ସମାଜ

ଫୋନ : ୨୦୯୯୪ ଓ ୨୧୦୯୪

# ଓଡିଶା ମାପ ଓ ଓଜନ ବିଭାଗଦ୍ୱାରା

## ପ୍ରକାଶିତ ବିଜ୍ଞପ୍ତି

୧ । ଖାଉଟି ଭାଇମାନେ—(କ) ଜିନିଷପତ୍ର ଖର୍ଦ୍ଦ କଲାବେଳେ ମାପ ଓ ଓଜନ ଠିକ୍ ଅଛି କି ନାହିଁ ଦେଖିନେବା ଉଚିତ । ମାପ ଓ ଓଜନ ବିଭାଗଦ୍ୱାରା ବୁଲିଅନ ବଟକରୁ ବ୍ୟତୀତ ଅନ୍ୟସବୁ ଦୁଇବର୍ଷକୁ ଥରେ ଯାଞ୍ଚ ହୋଇ ମୋହର ଦିଆଯାଏ । ବୁଲିଅନ ବଟକରଗୁଡିକ ବର୍ଷକୁ ଥରେ ଯାଞ୍ଚ କରାଯାଏ ।

(ଖ) ପ୍ୟାକେଟରେ ଥିବା ଜିନିଷ ତା'ଉପରେ ଲେଖାଥିବା ପରିମାଣ ଅନୁସାରେ ଠିକ୍ ଅଛି କି ନାହିଁ ଦେଖିକରି ଖର୍ଦ୍ଦ କରନ୍ତୁ ।

(ଗ) ଦଣ୍ଡି, ବଟକର ଓ ମାପିବା ଜିନିଷଗୁଡିକ ସରକାରଙ୍କ ମାପ ଓ ଓଜନ ବିଭାଗ ୧୯୭୭ ବର୍ଷପାଇଁ ଯାଞ୍ଚ ହୋଇଛି କି ନାହିଁ ପରଖି ନେଇ କିଣା ବିକା କରିବା ଉଚିତ । ଏଥିରେ କୌଣସି ବ୍ୟତିକ୍ରମ ଘଟିଲେ ସ୍ଥାନୀୟ ମାପ ଓ ଓଜନ ଆସିଷ୍ଟାଣ୍ଟ କଣ୍ଟ୍ରୋଲର କିମ୍ବା ଇନ୍‌ସପେକ୍ଟରଙ୍କୁ ଜଣାନ୍ତୁ ।

୨ । ବ୍ୟବସାୟୀ ଭାଇମାନେ—(କ) ଆପଣ ବ୍ୟବହାର କରୁଥିବା ମାପ ଓ ଓଜନ ସମ୍ବନ୍ଧୀୟ ସମସ୍ତ ଜିନିଷପତ୍ରଗୁଡିକ ଯାହାକି ଯାଞ୍ଚ ହୋଇନାହିଁ କିମ୍ବା କୌଣସି ତ୍ରୁଟି ରହିଛି ତାହା ୧୯୭୭ରେ ଯାଞ୍ଚ କରାଇ ନିଅନ୍ତୁ ।

୩ । ପେଟ୍ରୋଲ ବ୍ୟବସାୟୀ—ପେଟ୍ରୋଲ ଟ୍ୟାଙ୍କ ଲରି ଓ ପମ୍ପଗୁଡ଼ିକ ଯଦି short delivery ଦେଉଥାଏ ସେଗୁଡ଼ିକୁ ମଧ୍ୟ ଯାଞ୍ଚ କରିନିଅନ୍ତୁ ।

୪ । ହାଟ ବାଟର ବ୍ୟବସାୟୀ ଭାଇମାନେ—ସରକାରଙ୍କଦ୍ୱାରା ଅନୁମୋଦିତ (କିଲୋଗ୍ରାମ, ଲିଟର, କଣ୍ଟା ଦଣ୍ଡି) ବ୍ୟବହାର କରନ୍ତୁ ।

୫ । ସିଲେଇ କରୁଥିବା ଭାଇମାନେ—କେବଳ ମିଟର ଫିତା ବ୍ୟବହାର କରନ୍ତୁ ।

୬ । ଔଷଧ ଓ ତତ୍‌ସମ୍ପର୍କୀୟ ବ୍ୟବସାୟୀ ଓ ଡାକ୍ତର ଭାଇମାନେ—ଫାରେନ୍‌ହିଟ୍ ଥର୍ମୋମିଟର ବ୍ୟବହାର ନ କରି ସେଣ୍ଟିଗ୍ରେଡ ଥର୍ମୋମିଟର ବ୍ୟବହାର କରନ୍ତୁ ।

ଓଜନ ଓ ମାପ ବିଭାଗ

ଓଡ଼ିଶା, ଭୁବନେଶ୍ୱର

# THE ANDHRA BANK LTD.

## KALPATARUVU DEPOSIT

A UNIQUE SCHEME TO MULTIPLY YOUR SAVINGS UP TO 20 TIMES

An ideal scheme to save for specific purposes such as—

* DAUGHTER'S WEDDING
* HOUSE BUILDING
* CHILDREN'S HIGHER EDUCATION

JOIN OUR SCHEME AND SEE HOW YOUR MONEY MULTIPLIES WITH TIME

| Invest | Receive | In months |
|---|---|---|
| Rs. | Rs. | |
| 4,999·39 | 1,00,000 | 361 |
| 8,294·07 | 1,00,000 | 300 |
| 13,646·27 | 1,00,000 | 240 |
| 36,941·00 | 1,00,000 | 120 |

**THE ANDHRA BANK LTD.**

CENTRAL OFFICE : HYDERABAD

K. GOPALAKRISHNA MURTY
GENERAL MANAGER

D. SWAMINATHA REDDY
CHAIRMAN

## To Get Independent Opinion

**CURRENT NEWS**

**IMPARTIAL VIEWS**

Read :

# NEWS OF THE WORLD

Address:—

KALIGALI, CUTTACK-2,
ORISSA


OGP—MP-VI [Home (P. R.)[ 23—15,500—9-8-1977

Vol. XXXIV No. 1 UTKAL PRASANGA Regd. No. O-24?
Licence No. C. R. N. P. 5—Licensed to post without Pre-Payment


# ସତେ! ଏକ ଇସ୍ପାତ କାରଖାନାରୁ! ସୋନା ସାର

ଦେଶର ସର୍ବାଧିକ ଲୋକପ୍ରିୟ ସାର

[illegible]



SONA
ସୋନା
ଆଦର୍ଶ କୃଷକର ସାଥୀ

ରାଉରକେଲା ଇସ୍ପାତ କାରଖାନା


Printed at Orissa Govt. Press, Cuttack-10

